

## ‘ଛାବା’ ଭିକି ନେଇଛନ୍ତି ୧୦ କୋଟି

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-237 ◆BHUBANESWAR ◆SATURDAY ◆22 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୩୭ ◆ଭୁବନେଶ୍ୱର ◆ଶନିବାର ◆୨୨ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ଦିଲ୍ଲୀ ଷ୍ଟେସନରେ ଦଳାଚକଟା ଭିଡିଓ ହଟାଇବାକୁ ‘ଏକ୍ସ’କୁ ନିର୍ଦ୍ଦେଶ



■ ନୂଆଦିଲ୍ଲୀ, ୨୧।୨ (ଏଜେନ୍ସି): ଗତ ୧୫ ତାରିଖରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଦଳାଚକଟା ହୋଇଥିଲା। ଏଥିରେ ୧୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଏପର୍ଯ୍ୟନ୍ତ ଅଘଟଣର ତଦନ୍ତ ରିପୋର୍ଟ ସାମ୍ନାକୁ ଆସିନାହିଁ। ତେବେ ଏହାର ଭିଡିଓ ଗୁଡିକ ଭାଇରାଲ ହୋଇଚାଲିଛି। ଏଥିରେ କିଛି ଅଶାନ୍ତ କଲା ଭଳି ଦୃଶ୍ୟ ରହିଛି। ଏଭଳି ଭିଡିଓକୁ ହଟାଇବା ଲାଗି ଭାରତୀୟ ରେଳବାଇ ଉଦ୍ୟମ ଆରମ୍ଭ କରିଛି। ପ୍ରଥମ ପଦକ୍ଷେପ ସ୍ୱରୂପ ସୋସିଆଲ ମିଡିଆ ସାଇଟ ‘ଏକ୍ସ’କୁ ନିର୍ଦ୍ଦେଶ ଜାରି କରିଛି ବିଭାଗ। ସାମାଜିକ ଗଣମାଧ୍ୟମରୁ ୨୮୮ ଭିଡିଓ ହଟାଇବାକୁ କୁହାଯାଇଛି। ରେଳ ମନ୍ତ୍ରାଳୟ ଗତ ୧୭ ତାରିଖରେ ଏହି ନୋଟିସ୍ ଜାରି କରିଥିଲା। ୩୬ ଘଣ୍ଟା ମଧ୍ୟରେ ଦଳାଚକଟା ଘଟଣା ସମ୍ବନ୍ଧିତ ଭିଡିଓର ଲିଙ୍କ୍ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲା। ▶ପୃଷ୍ଠା-୭

## ୨୪ ଘଣ୍ଟା ପର୍ଯ୍ୟନ୍ତ ନୃତ୍ୟ କରି ବିଶ୍ୱ ରେକର୍ଡ କଲେ ୧୩୧୯ କଳାକାର

■ ଖଜୁରାହୋ, ୨୧।୨ (ଏଜେନ୍ସି): ମଧ୍ୟପ୍ରଦେଶ ଖଜୁରାହୋରେ ୫୧ତମ ନୃତ୍ୟ ମହୋତ୍ସବ ଚାଲିଛି। ଏହାର ପ୍ରଥମ ଦିନରେ ବିଶ୍ୱ ରେକର୍ଡ ସୃଷ୍ଟି ହୋଇଛି। ୧୩୧୯ ଜଣ କଳାକାର କ୍ରମାଗତ ୨୪ ଘଣ୍ଟା ୯ ମିନିଟ ୨୬ ସେକେଣ୍ଡ ପର୍ଯ୍ୟନ୍ତ ନୃତ୍ୟ କରି ଇତିହାସ ରଚିଛନ୍ତି। ଏହି ସମୟରେ କଳାକାରମାନେ ଗୋଟିଏ ନୁହେଁ, ବରଂ ବିଭିନ୍ନ ଶୈଳୀରେ ନାଚିଥିଲେ। କଥକ, ଭାରତନାଟ୍ୟମ, କୁଚିପୁଡ଼ି, ମୋହିନୀଅଟ୍ଟମ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ‘ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ’ରେ ଏହି ନୃତ୍ୟ ସ୍ଥାନ ପାଇଛି। ଏହି ୱାର୍ଲ୍ଡ ରେକର୍ଡର ଅଧିକାରୀ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନୃତ୍ୟଶିଳ୍ପୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଅନୁଯାୟୀ ▶ପୃଷ୍ଠା-୭



## ସରକାରଙ୍କୁ ନବୀନଙ୍କ ଶାଣିତ କଟାକ୍ଷ

# ବସ୍ତାନୀ ବଡ଼; ପାଠ ଘର ଶୂନ

◆ ବଡ଼ ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିବା ସରକାର ଡବଲ ଦୁର୍ଦ୍ଦଶା ଦେଇଛି
◆ ସମସ୍ୟାରୁ ନଜର ହଟାଇବାକୁ ବଜେଟରେ ପୁଳା ପୁଳା ସ୍ଲୋଗାନ୍
◆ ବିଜେଡି ଶାସନରେ ରୂପାନ୍ତରଣ ପାଇଁ ଓଡ଼ିଶାର ପ୍ରସିଦ୍ଧି ଥିଲା
◆ ଏବେ ସରକାର ରଙ୍ଗ ଓ ନାମ ବଦଳା ପାଇଁ ପରିଚିତ ହେଉଛନ୍ତି
◆ ଏମିତି ଆର୍ଥିକ ପରିଚାଳନା କଲେ ବିକାଶ କାମ ପାଇଁ ଟଙ୍କା ନ ଥିବ
◆ ବଜେଟର ଅର୍ଦ୍ଧାଧିକ ଭାଗ ରାଜ୍ୟର ନିଜସ୍ୱ ଟିକସରୁ ଆସିଛି



■ ଭୁବନେଶ୍ୱର,୨୧।୨(ସମିସ): କିଛି ଦିନ ତଳେ ରୂପାନ୍ତରଣ ଓଡିଶାର ପରିଚୟ ଥିଲା; କିନ୍ତୁ ଆଜି ଆମ ରାଜ୍ୟ କେବଳ ନାମ ଓ ରଙ୍ଗ ପରିବର୍ତ୍ତନ ପାଇଁ ପରିଚିତ। ଆମ ରାଜ୍ୟର ବିକାଶ ହାର କମିଛି, ମୁଣ୍ଡ ଉପରେ ଋଣ ଭାର ବଢ଼ିଛି। ବଜେଟ୍ ବଢ଼ିଛି, ତା ସହ ତାଳ ଦେଇ ଦରଦାମ ବୃଦ୍ଧି ପାଇଛି। ସେପଟେ କେନ୍ଦ୍ର ସରକାରଙ୍କ ଠାରୁ ଅନୁଦାନ ମଧ୍ୟ ହ୍ରାସ ପାଇଛି। ଗାଁ ଗହଳିରେ ମା’ ମାନଙ୍କ ହାତରୁ କାମ ଛଡ଼ାଇ ନିଆଯାଇଛି। ବଡ଼ ବଡ଼ ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିବା ଡବଲ ଇଞ୍ଜିନ୍ ସରକାର କେବଳ ଡବଲ ଦୁର୍ଦ୍ଦଶା ହିଁ ଦେଇଛି। ବଜେଟରେ କେବଳ ପୁଳା ପୁଳା ସ୍ଲୋଗାନ୍ ରହିଛି, ଯାହାର ଆଢୁଆଳରେ ରାଜ୍ୟ ସମ୍ମୁଖୀନ ହେଉଥିବା ସମସ୍ୟାରୁ ଲୋକଙ୍କ ନଜର ହଟାଯାଇ ପାରିବ। ଡବଲ ଇଞ୍ଜିନ୍ ଆଗକୁ ବଢୁନି, ପଛକୁ ପଛକୁ ଯାଉଛି। ଏହାକୁ କୁହାଯାଏ ବସ୍ତାନୀ ବଡ଼, ପାଠଘର ଶୂନ। ବିଧାନସଭାରେ ରାଜ୍ୟ ବଜେଟ୍ ବରାଦ ଉପରେ ମନ୍ତବ୍ୟ ରଖି ରାଜ୍ୟ ସରକାରଙ୍କୁ ଏପରି ଶାଣିତ କଟାକ୍ଷ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ବରାଦ ସଂକ୍ରାନ୍ତ ଉପରେ ମନ୍ତବ୍ୟ ରଖି ବିରୋଧୀଦଳ ନେତା ରାଜ୍ୟର ପୂର୍ବ ସ୍ଥିତି ଓ ବର୍ତ୍ତମାନର ଅବସ୍ଥାକୁ ନେଇ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଛନ୍ତି। ନବୀନ କହିଛନ୍ତି ଯେ ବିଜୁ ଜନତା ଦଳ ସରକାର ସମୟରେ ଓଡିଶା ସବୁ କ୍ଷେତ୍ରରେ କେବଳ ବିକାଶ ହାସଲ କରୁଥିଲା। ଲକ୍ଷ ଲକ୍ଷ ଲୋକ ଦାରିଦ୍ର୍ୟରୁ ବାହାରି ଥିଲେ। ଏହାକୁ ଅନେକ କେନ୍ଦ୍ରୀୟ ଅନୁଷ୍ଠାନ ସ୍ୱୀକାର କରିଛନ୍ତି; କିନ୍ତୁ ଡବଲ ଇଞ୍ଜିନ୍ ସରକାର ଏହି ବର୍ଷ ଆମର ବିକାଶ ହାରକୁ ୧୦ ପ୍ରତିଶତରୁ ୮ ପ୍ରତିଶତକୁ ଖସାଇ ଆଣିଲେ। ବାସ୍ତବିକତା ଦେଖିବାକୁ ଗଲେ ଗତବର୍ଷ ତୁଳନାରେ ଚଳିତ ବର୍ଷ ବଜେଟ ସଂକୁଚିତ ହୋଇଛି। ଆମେ ମୁଦ୍ରାସ୍ଫୀତି କଥା କହୁଥିବା ବେଳେ ବଜେଟ ୨.୬୭ ଲକ୍ଷ କୋଟିରୁ ୨.୯୦ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ଏଥିରୁ ଜଣାପଡୁଛି ବଜେଟ ବୃଦ୍ଧି କେତେ କମ୍। ରାଜ୍ୟରେ ରାଜସ୍ୱ ବୃଦ୍ଧି ପାଇଁ ସରକାରଙ୍କର କୌଣସି ଯୋଜନା ନାହିଁ। ଡବଲ ଇଞ୍ଜିନ୍ ସରକାରରେ ଖୋଲା ବଜାରରୁ ଋଣ ଭାର ୪୬ ହଜାର କୋଟି ଟଙ୍କା ଟପିଗଲାଣି। ବର୍ଷକୁ ବର୍ଷ ମୁଣ୍ଡପିଛା ଋଣ ଭାର ବଢୁଛି। ଏହା ଆମ ଟ୍ରେଜେରୀ ଖାଲି କରିଦେବ ଏବଂ ବିକାଶ ତଥା ଜନମଙ୍ଗଳ ଯୋଜନା ପାଇଁ ହାତରେ ଆଉ ଟଙ୍କା ନ ଥିବ। ନିର୍ବାଚନ ସମୟରେ ବିଜେପି ପ୍ରତିଶ୍ରୁତି ଦେଇଥିଲା ଡବଲ ଇଞ୍ଜିନ୍ ସରକାର ଆସିଲେ ଡବଲ ଲାଭ ମିଳିବ। ହେଲେ ଓଡିଶାବାସୀଙ୍କୁ କେବଳ ମିଳିଲା ଡବଲ ଦୁର୍ଦ୍ଦଶା। ଗତ ବର୍ଷ ତୁଳନାରେ ▶ପୃଷ୍ଠା-୭

■ ମହାରାଷ୍ଟ୍ର ଶାସକ ମେଣ୍ଟ ‘ମହାଯୁକ୍ତି’ରେ ଫାଟ

## ବିଜେପିକୁ ସିନ୍ଦେଙ୍କ ଚେତାବନୀ



■ ମୁମ୍ବଇ, ୨୧।୨(ଏଜେନ୍ସି): ମହାରାଷ୍ଟ୍ର ଶାସକ ବିଜେପି-ଶିବସେନା ମେଣ୍ଟରେ ଫାଟକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ସେନା ମୁଖ୍ୟ ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ତାଙ୍କର ପ୍ରତିପକ୍ଷମାନଙ୍କ ଉଦ୍ଦେଶ୍ୟରେ ଚେତାବନୀ ଶୁଣାଇଛନ୍ତି। ସେ କହିଛନ୍ତ, ମୁଁ ହେଉଛି ସେନା ପ୍ରତିଷ୍ଠାତା ବାଲ ଠାକେରଙ୍କ ଶିଷ୍ୟ। ମୋତେ ହାଲ୍କା ଭାବେ ନିଅନି। ଯେଉଁମାନେ ମୋତେ ହାଲକା ଭାବେ ନେଇଥିଲେ, ୨୦୨୨ରେ ସେମାନଙ୍କ ସରକାରର ପତନ ଘଟାଇଥିଲି। ତାଙ୍କର ଏଭଳି ଚେତାବନୀ ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି କରିଛି।

### ମୋତେ ହାଲ୍କା ନିଅନି; ୨୦୨୨ରେ ବଦଳାଇ ଦେଇଥିଲି ସରକାର

ତାଙ୍କୁ ମିଳିଥିବା ଆକ୍ରମଣ ଧମକ ସଂପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ସିନ୍ଦେ ଏଭଳି ପ୍ରତିକ୍ରିୟା ଦେଇଛନ୍ତି। କିନ୍ତୁ ଏହାସହିତ ରାଜନୀତିକୁ ଯୋଡ଼ିବା ଲାଗି ସେ ପଛାଇ ନାହାନ୍ତି। ସେ କହିଛନ୍ତି, ମୋତେ ପୂର୍ବରୁ ଅନେକ ଧମକ ମିଳିଛି। କିନ୍ତୁ ମୁଁ ଡରିବା ଲୋକ ନୁହେଁ। ମୁଁ ହେଉଛି ଶିବ ସେନା କର୍ମୀ ଏବଂ ବାଲ୍ ଠାକରେଙ୍କ ଶିଷ୍ୟ। ତେଣୁ ମୋତେ ହାଲ୍କା ଭାବେ ନିଆଯିବା ଉଚିତ ନୁହେଁ। ସମସ୍ତେ ଏକଥା ବୁଝିବା ଉଚିତ। ୨୦୨୨ରେ ତାଙ୍କ ବିଦ୍ରୋହ ଯୋଗୁଁ ଉଦ୍ଧବ ଠାକ୍‌ରେ ସରକାରର ପତନ କଥା ମନେ ପକାଇ ସିନ୍ଦେ କହିଲେ, ସେମାନେ ମୋତେ ହାଲକା ଭାବେ ନେଲେ ଏବଂ ମୁଁ ସରକାର ବଦଳାଇ ଦେଇଥିଲି। ୨୦୨୪ ନିର୍ବାଚନ ପୂର୍ବରୁ ମୁଁ ▶ପୃଷ୍ଠା-୭

## ଓଡ଼ିଶାର ବିତ୍ତୀୟ ପରିଚାଳନା ସର୍ବୋତ୍ତମ, ଆମେ ଏହାକୁ ବଜାୟ ରଖିବୁ: ମୁଖ୍ୟମନ୍ତ୍ରୀ

ରାଜ୍ୟର ଋଣଭାର ପୋଷଣୀୟ, ଚିନ୍ତାର ଆବଶ୍ୟକତା ନାହିଁ

ଆର୍ଥିକ ସୁପରିଚାଳନାକୁ ବଜାୟ ରଖିବାକୁ ଦେଲେ ପ୍ରତିଶ୍ରୁତି

ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀଙ୍କ କକ୍ଷତ୍ୟାଗ



■ ଭୁବନେଶ୍ୱର, ୨୧।୨ (ସମିସ): ରାଜ୍ୟରେ ବିଜେପି ସରକାରଙ୍କ ଋଣଭାରକୁ ନେଇ ସାଧାରଣରେ ସଂଶୟ ବୃଦ୍ଧି ପାଉଥିବା ବେଳେ ଆଜି ଗୃହରେ ଏ ନେଇ ଆଶ୍ୱାସନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟର ଋଣକୁ ନେଇ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି ଉଲ୍ଲେଖ କରି ଚଳିତ ବର୍ଷ ଶେଷ ବେଳକୁ ରାଜ୍ୟର ଋଣ ୧.୩୪ ଲକ୍ଷ କୋଟି ହେବ, ଯାହା ରାଜ୍ୟ ସକଳ ଘରୋଇ ଉତ୍ପାଦର ଅନୁପାତ(ଜିଏସଡିପି) ମାତ୍ର ୧୨.୬୮ ପ୍ରତିଶତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଫଆରବିଏମ୍ ଅଧିନିୟମ ଅନୁଯାୟୀ ଜିଏସଡିପିର ୨୫ ପ୍ରତିଶତ ପର୍ଯ୍ୟନ୍ତ ଋଣ ଅନୁମତି ରହିଛି, ମାତ୍ର ଆମର ଋଣ ଏହି ସୀମାଠାରୁ ଯଥେଷ୍ଟ କମ। ଓଡ଼ିଶାର ବିତ୍ତୀୟ ପରିଚାଳନା ସାରା ଦେଶରେ ସର୍ବୋତ୍ତମ ଓ ରାଜ୍ୟର ଏହି ଆର୍ଥିକ ସୁପରିଚାଳନାକୁ ଆମେ ବଜାୟ ରଖିବୁ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୨୩-୨୪ ବର୍ଷ ଶେଷରେ ରାଜ୍ୟରେ ଋଣ ଭାର ୯୬,୩୧୦ କୋଟି ଟଙ୍କା ଥିଲା। ଗତ ୭ ମାସ ମଧ୍ୟରେ ରାଜ୍ୟ ସରକାର ୧୨୮୯୮ କୋଟି ଟଙ୍କା ଋଣ କରିଛନ୍ତି ଓ ୧୨୪୦୪ କୋଟି ଋଣ ପରିଶୋଧ କରିଛନ୍ତି। ୨୦୨୫-୨୬ ବଜେଟ ଆକଳନ ଅନୁଯାୟୀ ବର୍ଷ ଶେଷରେ ଋଣ ଭାର ଜିଏସଡିପିର ୧୨.୬୮ ପ୍ରତିଶତ ଏବଂ ସୁଧଦେୟ ଓ ରାଜସ୍ୱ ▶ପୃଷ୍ଠା-୭

## ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଶେଷ

### ମାର୍ଚ୍ଚ ୭ ଯାଏ ଗୃହ ମୁଲତବୀ

■ ଭୁବନେଶ୍ୱର,୨୧।୨(ସମିସ): ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ସପ୍ତଦଶ ବିଧାନସଭାର ତୃତୀୟ ତଥା ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଗତ ବଜେଟ ଉପରେ ସାଧାରଣ ଆଲୋଚନା ଶେଷ ହେବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଆସନ୍ତା ୭ ତାରିଖ ଯାଏଁ ମୁଲତବୀ ରଖିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୋଟ ୮ଟି କାର୍ଯ୍ୟଦିବସ ହୋଇଛି। ଏଥିରେ ରାଜ୍ୟପାଳଙ୍କ ଅଭିଭାଷଣଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ବଜେଟ ଆଗତ ଏବଂ ବଜେଟ ଉପରେ ସାଧାରଣ ଆଲୋଚନା ସମାପ୍ତ ହୋଇଛି। ଆଇନଶୃଙ୍ଖଳା, ଦରଦାମ ବୃଦ୍ଧି, କଟନୀ ଛଟନୀ, କିଟରେ ନେପାଳ ଛାତ୍ରୀଙ୍କ ଆତ୍ମହତ୍ୟା ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ପ୍ରଥମ ପର୍ଯ୍ୟାୟରେ ସରକାରଙ୍କୁ ପ୍ରବଳ ଘେରିଥିଲେ। ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ସମାନ ଭାବେ ଗୃହ ବେଶ୍ ସରଗରମ୍ ରହିବ ବୋଲି ଅନୁମାନ କରାଯାଉଛି। ଆସନ୍ତା ମାର୍ଚ୍ଚ ୨୯ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ।

## ମହିଳାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା

■ ପାଲଲହଡ଼ା, ୨୧।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ୨୪ଘଣ୍ଟା ନ ପୂରୁଣୁ ଆଜି ଅନୁଗୋଳ ଜିଲ୍ଲା ପାଲଲହଡ଼ାରୁ ପୁଣି ସମାନ ଧରଣର ଏକ ଘଟଣା ପଦାକୁ ଆସିଛି। ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମହିଳାଙ୍କ ଶବ ଏକ ନବନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ରରୁ ଉଦ୍ଧାର ହୋଇଛି। ମହିଳାଙ୍କ ଯୌନାଙ୍ଗରେ ଗଭୀର କ୍ଷତ ରହିଛି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### ଅଙ୍ଗନବାଡ଼ି କେନ୍ଦ୍ରରୁ କ୍ଷତବିକ୍ଷତ ଶବ ଉଦ୍ଧାର

ମୃତ ମହିଳା ଓ ତାଙ୍କ ସ୍ୱାମୀ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଡେରାପଥର ଗାଁରେ ବିଭିନ୍ନ ଲୋକଙ୍କ ଗାଈ ଚରାଇ ନିଜ ପରିବାର ପ୍ରତିପୋଷଣ କରନ୍ତି। ଗୁରୁବାର ବିପିଏଲ ଚାଉଳ ଉଠାଇବା ପାଇଁ ମହିଳାଜଣଙ୍କ ନିଜ ଗାଁରୁ ଏକୁଟିଆ ଆସିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରୁ ୩୫ କେଜି ଚାଉଳ ଧରି ଘରକୁ ଯାଇଥିଲେ। ତେବେ ଶୁକ୍ରବାର ସନ୍ଧ୍ୟାରେ ଗାଁର ପିଲାମାନେ ନିର୍ମାଣଧୀନ ଅଙ୍ଗନବାଡ଼ି କେନ୍ଦ୍ର ସାମନାରେ ଖେଳୁଥିବା ବେଳେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ବାରଣ୍ଡାରେ ପଡ଼ିଥିବା ଦେଖିଥିଲେ। ମହିଳାଙ୍କ ଶାଶୂ ଓ ଶଶୁର ସେହି ଗାଁରେ ଅଲଗା ଘରେ ରହୁଥିବା ବେଳେ ମହିଳାଙ୍କ ପରିବାର ଅଙ୍ଗନବାଡ଼ି କେନ୍ଦ୍ର ▶ପୃଷ୍ଠା-୭






# ମାଣ୍ଡିଆ, ଯଅ, ବାଜରାରୁ ପ୍ରସ୍ତୁତ ହେବ ମଦ

### ମିଲେଟ୍ ମଦ ପ୍ରସ୍ତୁତିକୁ ପ୍ରୋତ୍ସାହନ ଦେବେ ସରକାର

■ ଭୁବନେଶ୍ୱର, ୨୧।୨ (ସମିସ): ମାଣ୍ଡିଆ, ଯଅ ଓ ବାଜରାରୁ ପ୍ରସ୍ତୁତ ହେବ ‘ମିଲେଟ୍ ମଦ’। ଏହି ମଦ ପ୍ରସ୍ତୁତି ନିମନ୍ତେ ସରକାର ପ୍ରୋତ୍ସାହନ ଯୋଗାଇବେ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଅବକାରୀ ନୀତି ଚିଠା ପ୍ରସ୍ତାବ ଆଲୋଚନା କାଳରେ ସରକାର ନେଇଛନ୍ତି ଏପରି ନିଷ୍ପତ୍ତି। କେବଳ ମିଲେଟ ମଦ ନୁହେଁ, ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବହୁଳ ଭାବରେ ବ୍ୟବହାର ହେଉଥିବା ମହୁଲି ମଦର ପ୍ରକ୍ରିୟାକରଣ କରାଯିବା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି।

### ରାଜ୍ୟ ବାହାରକୁ ରପ୍ତାନୀ ହେବ ପ୍ରକ୍ରିୟାକୃତ ମହୁଲି



ଅବକାରୀ ବିଭାଗର ୨୦୨୫-୨୬ ନୀତି ପ୍ରଣୟନ ପାଇଁ ଚିଠା ପ୍ରସ୍ତାବ ଉପରେ ଅଂଶୀଦାରମାନଙ୍କ ମତାମତ ସଂକ୍ରାନ୍ତ ଏକ ବୈଠକ ଆଜି ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ଉତ୍ପାଦିତ ମାଣ୍ଡିଆ ଓ ଅନ୍ୟ କ୍ଷୁଦ୍ରଶସ୍ୟରୁ ମଦ ପ୍ରସ୍ତୁତି ପାଇଁ ସରକାର ବ୍ୟବସାୟିକ ପ୍ରୋତ୍ସାହନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଅନୁରୂପ ଭାବରେ ଜନଜାତି ବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହୁଲ ଫୁଲ ସଂଗ୍ରହ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଏଥିପାଇଁ ସଂପୃକ୍ତ ବ୍ୟକ୍ତି ଆବଶ୍ୟକ ଅର୍ଥ ଯେପରି ପାଇପାରିବେ, ସେଥିନେଇ ବୈଠକରେ ବ୍ୟାପକ ଆଲୋଚନା କରାଯିବା ସହ ସଂପୃକ୍ତ ବିଭାଗଗୁଡ଼ିକ ସେମାନଙ୍କର ମତାମତ ପ୍ରଦାନ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ବହୁଳ ପରିମାଣରେ ମାଣ୍ଡିଆ ଉତ୍ପାଦନ ହେଉଥିବାରୁ ଏହାକୁ ବ୍ୟବହାର କରି ମଦ ପ୍ରସ୍ତୁତ କରାଯାଇ ପାରିଲେ ମାଣ୍ଡିଆ ଚାଷୀମାନେ ଉପକୃତ ହୋଇ ପାରିବେ ବୋଲି ବୈଠକରେ ମତପ୍ରକାଶ ପାଇଛି। ▶ପୃଷ୍ଠା-୭



# ସମ୍ପୂର୍ଣ୍ଣା



ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ। ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ।

**ବୃଷ:** ଭାଇ ଭଉଣୀଙ୍କଠାରୁ ଉପହାର ମିଳିବ। ଧାର କରଜରୁ ଦୂରେଇ ରହିବେ। ଲେଖକ ଲେଖିକାଙ୍କୁ ସଫଳତା ମିଳିବ। ଖର୍ଚ୍ଚ ବୃଦ୍ଧି ପାଇବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ମିଥୁନ:** ଶୁଭ ଖବର ପ୍ରାପ୍ତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ନୂଆ ଯୋଜନା ସହ କାର୍ଯ୍ୟ କରିବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ସଂଗୀତ କ୍ଷେତ୍ର ପ୍ରତି ରୁଚି ବଢ଼ିବ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ନୂଆ ପରିକଳ୍ପନା ସହ ବ୍ୟବସାୟ ଆରମ୍ଭ କରିବେ। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ।

**କନ୍ୟା:** ବନ୍ଧୁ ମିଳନରେ ଯୋଗ ଦେବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଅଫିସ୍ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଗ, ବ୍ୟାୟାମ ପ୍ରତି ଆଗ୍ରହ ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଠିନ କାମକୁ ସଫଳତାପୂର୍ବକ ଶେଷ କରିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନ ସୁଖ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ।

**ବିଛା:** ଯାନବାହନ କିଣିବା ଯୋଗ ଅଛି। ସମାଜରେ ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ।

**ଧନୁ:** କର୍ମଚଞ୍ଚଳ ରହିବେ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ। ବୈବାହିକ ଜୀବନ ସୁଖମୟ ହେବ।

**ମକର:** ଧାର କରଜରୁ ଦୂରେଇ ରହିବେ। ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଘରକୁ ଅତିଥିଙ୍କ ଆଗମନ ହେବ। ଦୀର୍ଘଦିନର କାମ ପୂରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ। ସମସ୍ୟାରେ ପଡ଼ିବା ସମ୍ଭାବନା ଅଧିକ।

**ମୀନ:** ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିବେ। ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ। କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ।

## ଆଜିର ଇତିହାସ

- ୧୯୪୪: କସ୍ତୁରବା ଗାନ୍ଧୀଙ୍କ ଦେହାନ୍ତ।
- ୧୯୫୮: ଦେଶର ପ୍ରଥମ ଶିକ୍ଷା ମନ୍ତ୍ରୀ ମୌଲାନା ଅବୁଲ୍ କଲାମ ଆଜାଦଙ୍କ ଦେହାନ୍ତ।
- ୧୯୯୭: କ୍ଲୋନିଂ (କୃତ୍ରିମ ଉପାୟ)ରେ ମେଣ୍ଢାର ପ୍ରତିରୂପ 'ଡଲି'ର ସଫଳ ସୃଷ୍ଟି ହୋଇଥିବା ନେଇ ବ୍ରିଟିଶ୍ ବୈଜ୍ଞାନିକଙ୍କ ଘୋଷଣା।
- ୨୦୦୫-ଇରାନ୍‌ରେ ଭୂମିକମ୍ପ ଯୋଗୁ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି।

## 'ଛାବା' ଭିକି ନେଇଛନ୍ତି ୧୦ କୋଟି

ବଲିଉଡ୍ ଅଭିନେତା ଭିକି କୌଶଲଙ୍କ ଫିଲ୍ମ 'ଛାବା' ଭାଲେଣ୍ଟାଇନ୍ସ ଡେ' ଅବସରରେ ମୁକ୍ତିଲାଭ କରିଥିଲା। ଏହା ବକ୍ସ ଅଫିସ୍‌ରେ ବେଶ୍ ଭଲ ପ୍ରଦର୍ଶନ କରିଚାଲିଛି। ଫିଲ୍ମ ସମୀକ୍ଷକମାନଙ୍କୁ ମଧ୍ୟ ଫିଲ୍ମଟି ପସନ୍ଦ ଆସିଛି। ଏହି ଫିଲ୍ମ ପାଇଁ ଭିକି ଘୋଡ଼ା ଚଢ଼ା ଠାରୁ ଆରମ୍ଭ କରି ତଲୱାର ଚାଳନା ଶିଖିଥିଲେ। ଦର୍ଶକଙ୍କୁ ତାଙ୍କ ଅଭିନୟ ବେଶ୍ ପସନ୍ଦ ଆସିଛି। ଫିଲ୍ମଟିର ବଜେଟ୍ ଥିଲା ୧୩୦ କୋଟି। ଏବେ ଏହି ଫିଲ୍ମର କଳାକାରମାନେ କେତେ ପାରିଶ୍ରମିକ ନେଇଛନ୍ତି ସେନଇ ଖବର ଆସିଛି। ଭିକି, ସମ୍ଭାଜି ମହାରାଜ ଭୂମିକା ପାଇଁ ୧୦ କୋଟି ନେଇଛନ୍ତି। ରଶ୍ମିକା ମନ୍ଦାନା ୟେସୁଭାଇ ଭୋସଁଲେ ଭୂମିକା ନିମନ୍ତେ ୪ କୋଟି ନେଇଛନ୍ତି। ସେହିଭଳି ଔରଙ୍ଗଜେବ୍ ଭୂମିକାରେ ନଜର ଆସିଥିବା ଅଭିନେତା ଅକ୍ଷୟ ଖାନ୍ନା ପାରିଶ୍ରମିକ ବାବଦରେ ଦୁଇ କୋଟି ନେଇଛନ୍ତି। ଆଶୁତୋଷ ରାଣା ୮୦ ଲକ୍ଷ ଓ ଦିବ୍ୟା ଦତ୍ତା ୪୫ ଲକ୍ଷ ନେଇଛନ୍ତି।



## ଦାମ୍ପତ୍ୟ ଜୀବନର ୮୪ଟି ବସନ୍ତ



ବ୍ରାଜିଲର ୧୦୫ ବର୍ଷୀୟ ମାନୋଏଲ ଏବଂ ୧୦୧ ବର୍ଷୀୟା ମାରିୟା ୮୪ ବର୍ଷର ବୈବାହିକ ଜୀବନ ଅତିବାହିତ କରି ସବୁଠୁ ଦୀର୍ଘକାଳୀନ ବିବାହର ବିଶ୍ୱ ରେକର୍ଡ କରିଛନ୍ତି। ଆଜିକାଲି ଅତି ସାମାନ୍ୟ କଥାରୁ ପତିପତ୍ନୀଙ୍କ ମଧ୍ୟରେ ଛାଡ଼ପତ୍ର ହୋଇ ଯାଉଥିବାବେଳେ ଏକ୍ଷେତ୍ରରେ ଏହି ଦମ୍ପତି ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ୧୯୪୦ ମସିହାରେ ବିବାହ କରିଥିବା ମାନୋଏଲ ଓ ମାରିଆଙ୍କର ୧୦୦ରୁ ଅଧିକ ନାତିନାତୁଣୀ ଅଛନ୍ତି। ଦୁହେଁ ପ୍ରେମ ବିବାହ କରିଥିଲେ। ୧୯୩୬ ମସିହାରେ ସେମାନଙ୍କ ପ୍ରେମ କାହାଣୀ ଆରମ୍ଭ ହୋଇଥିଲା। ପ୍ରଥମ ଦେଖାରେ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠି ନ ଥିଲା। ୧୯୪୦ ମସିହାରେ ପୁଣି ଥରେ ପରସ୍ପର ସହିତ ପରିଚିତ ହେଲେ। ଏଇଠୁ ହିଁ ମାନୋଏଲ ବିଶ୍ୱାସ କଲେ ଯେ, ମାରିୟା ହିଁ ତାଙ୍କ ପାଇଁ ଉପଯୁକ୍ତ ଜୀବନସାଥୀ। ସେଇଠୁ ସେ ମାରିୟାଙ୍କୁ ପ୍ରେମ ନିବେଦନ କଲେ। ମାରିୟା ମାନୋଏଲଙ୍କ ପ୍ରେମକୁ ସ୍ୱୀକାର କଲେ ଓ ସେମାନଙ୍କ ସମ୍ପର୍କ ଆଗକୁ ବଢ଼ିଲା। ମାରିୟାଙ୍କ ମା' ମଧ୍ୟ ଦୁହିଁଙ୍କ ସମ୍ପର୍କକୁ ପସନ୍ଦ କରୁଥିଲେ। ପରିବାରର ଅନୁମତି କ୍ରମେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେଲେ। ସେହିପରି ସେମାନଙ୍କର ୧୩ ଜଣ ସନ୍ତାନ ଥିବା ବେଳେ ୫୫ ନାତି ନାତୁଣୀ ଏବଂ ୫୪ ଅଣନାତି ନାତୁଣୀ ଓ ୧୨ ଜଣ ପଣ ନାତିନାତୁଣୀଙ୍କୁ ନେଇ ଏକ ବିଶାଳ ପରିବାର। ଦୁହିଁଙ୍କ ବୟସ ୧୦୦ ବର୍ଷରୁ ଅଧିକ ହୋଇଥିବାବେଳେ ବୃଦ୍ଧାବସ୍ଥାରେ ଦୁହେଁ ଶାନ୍ତିରେ ଜୀବନ ଅତିବାହିତ କରୁଛନ୍ତି। ବୟସାଧିକ ଯୋଗୁଁ ମାନୋଏଲ ଦିନରେ ବିଶ୍ରାମ ନେଉଛନ୍ତି ଏବଂ ନିତିଦିନ ସନ୍ଧ୍ୟାରେ ସେ ମାରିୟାଙ୍କ ସହିତ ରେଡିଓରେ ଧାର୍ମିକ ପ୍ରାର୍ଥନା ଶୁଣନ୍ତି। ସେହିପରି ଦୀର୍ଘ ଓ ସୁଖୀ ବୈବାହିକ ଜୀବନର ରହସ୍ୟ ପ୍ରେମ ବୋଲି କହିଛନ୍ତି। ଅନ୍ୟପଟେ ଗିନିଜ୍ ବିଶ୍ୱ ରେକର୍ଡ ଏହାକୁ ଦୀର୍ଘ ଜୀବିତ ବିବାହ ରେକର୍ଡର ଆଖ୍ୟା ଦେଇଛି।

## ସବୁଠୁ ବୁଦ୍ଧିମାନ ଦେଶ

ବିଶ୍ୱର କେଉଁ ଦେଶରେ ସବୁଠୁ ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ ଲୋକ ରହନ୍ତି, ସେକଥା ଅନେକେ ଜାଣି ନ ଥିବେ। ତେବେ ମସ୍ତିଷ୍କର ତୀକ୍ଷ୍ଣତାକୁ ଆଇକ୍ୟୁରେ ମପାଯାଏ। ଆଇକ୍ୟୁ ସ୍ତର ଯାହାର ଯେତେ ଅଧିକ, ମସ୍ତିଷ୍କ ସେତେ ବେଶି ତୀକ୍ଷ୍ଣ ହେବ। ଆଇକ୍ୟୁ ହେଉଛି ଗୋଟିଏ ନମ୍ବର। ଯାହାକି ଜଣେ ବ୍ୟକ୍ତି କେତେ ଭଲ ଭାବେ ଚିନ୍ତା କରିପାରିବ, ତର୍କ କରିପାରିବ ଏବଂ ସମସ୍ୟା ସମାଧାନ କରିପାରିବ, ସେକଥା ଜଣାଏ। ତେବେ Wiqtom Inc ହେଉଛି ଫିନ୍‌ଲାଣ୍ଡ ସ୍ଥିତ ଏକ ସଂଗଠନ। ଯାହାକି ବିଭିନ୍ନ ଦେଶ ଲୋକଙ୍କର ଆଇକ୍ୟୁ ସ୍ତରକୁ ପରୀକ୍ଷା କରେ, ତଥ୍ୟ ଏକତ୍ର ପରେ ଏବଂ ତାହାର ବିଶ୍ଳେଷଣ ଆଧାରରେ ଦେଶର ବୁଦ୍ଧିମତ୍ତାର ର୍‍ୟାଙ୍କିଂ ସ୍ଥିର କରେ। ଉକ୍ତ ସଂଗଠନର ଏକ ଅଧ୍ୟୟନ ଅନୁସାରେ, ଜାପାନ, ହଙ୍ଗେରୀ, ଇରାନ, ଇଟାଲୀ ଏବଂ ଦକ୍ଷିଣ କୋରିଆର ଆଇକ୍ୟୁ ସ୍ତର ସବୁଠୁ ଅଧିକ। ତେବେ ଜାପାନର ଆଇକ୍ୟୁ ସବୁଠୁ ବେଶି। ଜାପାନବାସୀ ଏହି ମାମଲାରେ ୧୧୨.୩୦ ନମ୍ବର ହାସଲ କରିଛନ୍ତି। ସେମାନଙ୍କଠାରେ ସମସ୍ୟା ସମାଧାନ କରିବାର କଳା କୌଶଳ ଅଧିକ। ଏପରିକି ଅନ୍ୟମାନଙ୍କ ତୁଳନାରେ ଜଟିଳ ସମସ୍ୟା ସମାଧାନ କରିବାରେ ଜାପାନୀମାନେ ଧୁରନ୍ଧର। ତେଣୁ ଅନ୍ୟ ଦେଶ ତୁଳନାରେ ଜାପାନର ଟେକ୍ନିକ୍‌କୁ ଅଧିକ ଉନ୍ନତ ବୋଲି ବିବେଚନା କରାଯାଏ।



## ଛୁଇଁଲେ ଦୋହଲିଯାଏ ବିଶାଳ ପଥର



ବିଶ୍ୱରେ ଅନେକ ରହସ୍ୟମୟ ଜିନିଷ ରହିଛି। ଯାହାର କାରଣ ଖୋଜିବାରେ ବୈଜ୍ଞାନିକମାନେ ମଧ୍ୟ ଅସମର୍ଥ। ଏହି କ୍ରମରେ ଫ୍ରାନ୍ସରେ ଏକ ବିଶାଳକାୟ ପଥର ରହିଛି। ଏହାର ଓଜନ ହାତୀଠାରୁ ମଧ୍ୟ ଅଧିକ। ହେଲେ ରୋଚକ କଥାଟି ହେଲା, ଏହି ପଥରଟିକୁ ଜଣେ ହାତରେ ମଧ୍ୟ ଦୋହଲାଇ ଦେଇ ପାରିବେ। ଫ୍ରାନ୍ସର ହ୍ୟୁଏଲ ଗୋଟ ଜଙ୍ଗଲ ମଧ୍ୟରେ ଗ୍ରାନାଇଟ୍‌ର ଏହି ବିଶାଳକାୟ ପଥର ରହିଛି। ଏହି ପଥରର ଓଜନ ୧୩୨ ଟନ୍। ଟ୍ରେମ୍ବ୍ଲିଂ ଷ୍ଟୋନ୍ ନାମରେ ଜଣାଶୁଣା ଏହି ପଥରଟିକୁ ହଲାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଛୁଇଁବାକୁ ହୋଇଥାଏ। ଯଦିଓ ଏହାକୁ ଲୋକେ ଚମତ୍କାର ବୋଲି କୁହନ୍ତି, ପ୍ରକୃତରେ ଏହା ବିଜ୍ଞାନ ଉପରେ ଆଧାରିତ। ତେବେ ଏହି ପଥରଟି ଅନ୍ୟ ଏକ ପଥର ଉପରେ ଏମିତି ଢଳି ହୋଇ ରହିଛି ଯେ, ଏହାର ଏକ କୋଣ ଆଦୌ ସ୍ଥିର ହୋଇ ରହି ନ ଥାଏ। ତେଣୁ ପଥରର ଗୋଟିଏ କୋଣକୁ ସ୍ପର୍ଶ କରିବା ମାତ୍ରେ ତାହା ଦୋହଲିଥାଏ।

# ସୁମନ

### ସକାଳ ଶିଶୁ କୁଇଜ୍-୧୫୪

(୧) ପ୍ରଥମ ବୌଦ୍ଧସଭା କେଉଁଠାରେ ଆୟୋଜିତ ହୋଇଥିଲା?
ଉତ୍ତର: ______

(୨) ଅଗ୍ନି ନିର୍ବାପକ ଯନ୍ତ୍ରରେ କେଉଁ ଗ୍ୟାସ୍ ବ୍ୟବହାର କରାଯାଏ?
ଉତ୍ତର: ______

(୩) 'ବୈଦେହୀଶ ବିଳାସ' କାବ୍ୟର ରଚୟିତା କିଏ?
ଉତ୍ତର: ______

(୪) ଖାଇବା ସୋଡ଼ାର ରାସାୟନିକ ନାମ କ'ଣ?
ଉତ୍ତର: ______

(୫) କେଉଁ ପର୍ବତକୁ ସମୁଦ୍ର ମନ୍ଥନ ସମୟରେ ଦଣ୍ଡ ରୂପରେ ବ୍ୟବହାର କରାଯାଇଥିଲା?
ଉତ୍ତର: ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଅଂଶୁମାନ ପ୍ରଧାନ, ଲୋହାରପାଲି, ପଦ୍ମପୁର, ବରଗଡ଼
- ଗୋପୀନାଥ ରାଉଳ, ବିନାୟକପୁର, ଭଦ୍ରକ
- ରୀତାଞ୍ଜଳି ମହାରଣା, ଘଷିପୁରା, କେନ୍ଦୁଝର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ମହାଶିବରାତ୍ରୀ



ସୁଧାକର ରାଉତ



ଆସୁଛି ଜାଗର ହୋଇ ଉଜାଗର
ପୂଜିବା ଶିବ ଶଙ୍କର
ଭକ୍ତି ଭରେ ତାଙ୍କୁ ସୁମରଣା କଲେ
ମିଳିବ କୃପା ଅପାର।
ସିଏ ମହାଯତି ପାର୍ବତୀଙ୍କ ପତି
ସେ ଆଶୁତୋଷ ତ୍ରିନାଥ
ତାଙ୍କ ସୁଦୟାରୁ କ୍ଲେଶ ହୁଏ ଦୂର
ସୁଖ୍ୟାତି ଲଭେ ଅନାଥ।
ଅଜ୍ଞାନ ଅନ୍ଧାର ଘୋଟିଛି ଧରାରେ
ତାଙ୍କର କରୁଣା ଆଲୋକ
ଉଜ୍ଜ୍ୱଳ କରିବ ପ୍ରତି ହୃଦୟକୁ
ମିଳିବ ଦିବ୍ୟ ପୁଲକ।
ଯୋଗେଶ୍ୱର ସିଏ ଜଗତ କଲ୍ୟାଣେ
ହଳାହଳ କରି ପାନ
ନୀଳକଣ୍ଠ ସାଜିଣ ଯୋଗ ମୁଦ୍ରାରେ
ସଦା କରୁଛନ୍ତି ଧ୍ୟାନ।
ପରହିତ କରିବାକୁ ସେ ଆମକୁ
ଦେଇଥାନ୍ତି ତ ବାରତା
ତାଙ୍କ ଭଳି ଜଗତ ମଙ୍ଗଳ କରି
ହେବା ଭାଗ୍ୟର ବିଧାତା।
ସବୁ ଶୈବପୀଠେ ଭକ୍ତଙ୍କର ଭିଡ଼
ଜମଇ ଆଜ ଦିନରେ
ଗୁହାରି ସରବେ ଜଣାନ୍ତି ପ୍ରଭୁଙ୍କୁ
ଭକ୍ତି ପୂର୍ଣ୍ଣ ହୃଦରେ।
ଆମେ କ୍ଷୁଦ୍ର ଅତି ଓ କୋମଳ ମତି
ନ ଜାଣୁ ତୁମ ବନ୍ଦନା
ହେ ଆଶୁତୋଷ ନ ଜାଣୁ ଆରାଧନା
ପୂଜା ବିଧି ବି ଅଜଣା।
ଏତିକି ମାଗୁଛୁ ଆହେ ମହେଶ୍ୱର
ଶାନ୍ତି ବିରାଜୁ ମହୀରେ
ହିଂସା, ଦ୍ୱେଷ,ଭେଦଭାବ ଭୁଲି ମନୁ
ସର୍ବେ ରହନ୍ତୁ ସୁଖରେ।■

ପ୍ରତାପ ନଗରୀ, କଟକ
ମୋ – ୮୨୪୯୯୩୨୭୯୨

## ମହାଦେବ ଓ ହରିଣୀ





ଶିବ ପ୍ରସାଦ ରାଉତ

ଗହନ ବନରେ ହରିଣୀଟିଏ ଘାସ ଚରୁଥାଏ। ଶିକାରୀଟିଏ ତାକୁ ଲକ୍ଷ୍ୟକରି ଶର ସନ୍ଧାନ କରୁଥାଏ। ଶୁଖିଲାପତ୍ର ମାଡ଼ି ହୋଇ ଶବ୍ଦ ହେବାରୁ ହରିଣୀଟି ସତର୍କ ହୋଇଗଲା। ସେତେବେଳକୁ ଶିକାରୀ ଧନୁରୁ ତୀର ଛାଡ଼ି ଦେଇଥାଏ। ହରିଣୀ ପ୍ରାଣ ବିକଳରେ ଗୋଟିଏ ଗଛର ଆଢୁଆଳରେ ଆତ୍ମଗୋପନ କରୁକରୁ ତୀର ସେହି ଗଛର ଗଣ୍ଡିରେ ଭେଦକଲା। ହରିଣୀ ବଞ୍ଚିଗଲା, ଶିକାରୀ ଫେରିଗଲା। ଗଛରେ ତୀର ଗଣ୍ଡିକୁ ଏପରି ଫୁଟେଇ ରଖିଥାଏ ଯେ, ସେଥିରୁ ଝରଝର କ୍ଷୀର ବହି ଯାଉଥାଏ। କିଛିଦିନ ପରେ ସେ କ୍ଷୀର ବହୁଥିବା ସ୍ଥାନରେ କ୍ଷୀର ପରିବର୍ତ୍ତେ ଅଠା ଥଲଥଲ ବାହାରିଲା। ତା'ର କିଛିଦିନ ପରେ କ୍ଷତ ସ୍ଥାନ ଦେଇ କାଠପୋକ ପଶି ଗଛକୁ କୋରି ପକାଇଲା। ଗଛ ରୋଗାକ୍ରାନ୍ତ ହୋଇ ପତ୍ର, ଫୁଲ ଆଦି ଝଡ଼ିବାକୁ ଲାଗିଲା ଓ ଶୁଖିଶୁଖି ଆସିଲା। ଏପରି ସମୟ ଆସିଲା ଗଛଟି ଥୁଣ୍ଟା ହୋଇ ଶୁଖିଗଲା। ଗଛର ଏ ଅବସ୍ଥା ହରିଣୀ ଲକ୍ଷ୍ୟ କରୁଥାଏ। ହରିଣୀ ନିଜକୁ ଧିକ୍କାର କରି କହିଲା, ମୋରି ପାଇଁ ଗଛର ଏ ଅବସ୍ଥା। ମୋ ଜୀବନ ବଞ୍ଚେଇ ଦେଲା, ହେଲେ ସେ ଆଜି ମରିବାକୁ ଯାଉଛି। ସେହି ବନରେ ଥିବା ପଶୁପତି ଶିବଙ୍କ ମନ୍ଦିରରେ ହରିଣୀଟି ବାରମ୍ବାର ପ୍ରାର୍ଥନା କରିବାକୁ ଲାଗିଲା। ଶିବ ହରିଣୀର ଡାକ ଶୁଣୁ ନ ଥାନ୍ତି। ଏଣେ ଗଛ ଦେହରେ ତୀରଟା ସେମିତି ଭେଦ କରି ରହିଥାଏ। ଦିନେ ସେଇ ଶିକାରୀଟି ପୁଣି ଆସିଲା। ବୁଲି ବୁଲି ଶିକାର ନ ପାଇ ଘରକୁ ଫେରି ଯାଉଥାଏ। ହରିଣୀଟି ଶିକାରୀ ପାଖକୁ ଯାଇ କହିଲା- 'ମୋତେ ଧରିନିଅ, ହେଲେ ଏ ଗଛରେ ଭେଦ କରିଥିବା ତୀରଟି ବାହାର କରିଦିଅ'। ଶିକାରୀ ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହେଲା। ସେ କହିଲା –'ଏ ଗଛରୁ ତୀର କାଢ଼ିବା ପାଇଁ ମୋତେ ବହୁତ କଷ୍ଟ ହେବ। ତୋର କେତେ ମାଂସ ହେବ କି ? ମୁଁ କାଢ଼ି ପାରିବିନି'। ହରିଣୀ କହିଲା, "ମୋ ସହିତ ମୋ ପିଲା ଦୁଇଟିକୁ ନିଅ ହେଲେ ଗଛକୁ ବଞ୍ଚେଇ ଦିଅ। ଶିକାରୀ ଗଛରୁ ତୀରଟାକୁ ବାହାର କରିଦେଲା ଓ ମା' ଛୁଆ ତିନିଟାକୁ ବାନ୍ଧି ନେଇଗଲା। ଏଇ ଘଟଣା ଦେଖି ବନଭୂମିର ଗଛପତ୍ର, ଜୀବଜନ୍ତୁ ସମ୍ବେଦନଶୀଳ ହୋଇ ଉଠିଲେ। ଶିକାରୀଟି ପୋଖରୀ କୂଳରେ ହରିଣୀ ଓ ତା' ଛୁଆଙ୍କୁ ପାଣି ପିଇବାକୁ କହିଲା। ହରିଣୀ କହିଲା – "କାହିଁକିରେ ଭାଇ ! ଆମେ ତ ମରିବୁ, ପାଣି ପୁଣି କାହିଁକି"? ଶିକାରୀ କହିଲା–"ଯିଏ ଅନ୍ୟର ଜୀବନ ବଞ୍ଚାଇବାକୁ ନିଜର ଜୀବନ ଦେବାକୁ ପଛାଏ ନାହିଁ। ତାକୁ ମାରିବା ପାଇଁ ସ୍ୱୟଂ ଯମରାଜ ମଧ୍ୟ ପ୍ରସ୍ତୁତ ନୁହଁନ୍ତି । ତୁ ନିଜ ସହିତ ତୋ ପିଲାଙ୍କୁ ମଧ୍ୟ ବଳି ଚଢ଼େଇ ଗଛର ଜୀବନ ରଖିଲୁ । ଏବେ ଦେଖ ମୁଁ କିଏ "? ହରିଣୀ ଶିକାରୀ ବେଶଧାରୀ ଶିବ ଠାକୁରଙ୍କୁ ଦେଖି ଶିହରି ଉଠିଲା । ଠାକୁରଙ୍କ ଦୟାରୁ ଗଛ ମଧ୍ୟ ନୂଆ ଜୀବନ ପାଇଲା ।■

ବଚ୍ଛଦା, ବାସୁଦେବପୁର, ଭଦ୍ରକ
ମୋ- ୮୧୪୪୨୨୮୧୧୫

## ଚିତ୍ର ଅଙ୍କନ





**ମାନସ ରଞ୍ଜନ ଆଚାର୍ଯ୍ୟ**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





**ପ୍ରିୟଲ ଶାହ**
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ସ୍ୱସ୍ତିତପା ମେକାପ**
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

## ପ୍ରହେଳିକା



- ଫଗୁଣ କୃଷ୍ଣ ଚତୁର୍ଦ୍ଦଶୀରେ
ପର୍ବଟିଏ ଆସେ ଆମ ଦେଶରେ
ଉପବାସ ରଖି ଶ୍ରଦ୍ଧାଳୁ ଜନେ
ପ୍ରଭୁ ମହେଶଙ୍କୁ ପୂଜନ୍ତି ଧ୍ୟାନେ
ଶୈବପୀଠ ହୁଏ ଜନ ଗହଳି
ରାତିରେ ଜାଳନ୍ତି ଜନେ ଦୀପାଳି
ମହାନ ପରବଟିଏ
ନିଶାର୍ଦ୍ଧରେ ଉଠେ ପୁଣ୍ୟ ମହାଦୀପ
ନାଆଁ କହିଦେବ କିଏ।
ଉତ୍ତର-ମହାଶିବରାତ୍ରୀ

- ଦେବଙ୍କର ଦେବ ନାମେ ସେ ଖ୍ୟାତ
ଶ୍ରଦ୍ଧାରେ ପୂଜନ୍ତି ତାଙ୍କୁ ଭକତ
ସମୁଦ୍ର ମନ୍ଥନେ ମିଳିଲା ବିଷ
ପିଇଥିଲେ ସିଏ ହୋଇ ହରଷ
ସର୍ପ ଶୋଭାପାଏ ତାଙ୍କ ଗଳାରେ
ପୁଣ୍ୟ ଗଙ୍ଗାଜଳ ଜଟାରୁ ଝରେ
ମହା ପରାକ୍ରମୀ ସିଏ
ପ୍ରଭୁ ଗଜାନନ ତାଙ୍କରି ସନ୍ତାନ
ଏବେ କୁହ ସିଏ କିଏ।
ଉତ୍ତର-ମହାଦେବ

- ମହା ଶିବରାତ୍ରୀ ନିଶାର୍ଦ୍ଧ କାଳେ
ଶିବ ମନ୍ଦିରର ଶୀର୍ଷରେ ଜଳେ
ସେ ପବିତ୍ର ଦୃଶ୍ୟ ଦେଖିବା ପାଇଁ
ସାରା ରାଜ୍ୟବାସୀ ରୁହନ୍ତି ଚେଇଁ
ଶଙ୍ଖ ହୁଳହୁଳି ଧ୍ୱନି ଶୁଭଇ
ତା'ର ଦରଶନେ ପୁଣ୍ୟ ମିଳଇ
ଦୀପଟିଏ ସିଏ ଭାରି ପବିତ୍ର
କହିପାରିବ କି ତା'ନାମ ମିତ।
ଉତ୍ତର-ମହାଦୀପ

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ମାହାଙ୍ଗା ଘଟଣାରେ ଗୃହ ଗରମ

# ହିମାଳୟ ପରି ବଜେଟ, ଟଙ୍କା ଖର୍ଚ୍ଚ କରିପାରୁ ନାହାନ୍ତି: ଅରୁଣ

**ଶାନ୍ତିପୂର୍ଣ୍ଣ ପ୍ରତିବାଦ କଲେ ଗୁଣ୍ଡା ଲଗାଇ ପିଟୁଛନ୍ତି ବିଧାୟକ**

**ଭୁବନେଶ୍ୱର,୨୧।୨(ସମିସ):** ରାଜ୍ୟରେ ଆଇନ୍ ଶୃଙ୍ଖଳା ଥିବା ପରି ଲାଗୁ ନାହିଁ। କେଉଁଠାରେ ବି କାମ ହେଉ ନାହିଁ। ହିମାଳୟ ପରି ବଜେଟ ଆଣୁଥିବା ସରକାର ଟଙ୍କା ଖର୍ଚ୍ଚ କରିପାରୁ ନାହାନ୍ତି। ଏହାର ପ୍ରତିବାଦ କଲେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଗୁଣ୍ଡା ଲଗାଇ ମାଡ଼ ମରାଯାଉଛି। ପୁଲିସ ଅଧିକାରୀ ବି ସେମାନଙ୍କ ଆକ୍ରମଣରୁ ବାଦ୍ ପଡୁ ନାହାନ୍ତି। ଆଜି ବିଧାନସଭା ଶୂନ୍ୟକାଳରେ ମାହାଙ୍ଗା ପ୍ରସଙ୍ଗ ଉଠାଇ ଏପରି କହିଛନ୍ତି ବିଜେଡି ବିଧାୟକ ଅରୁଣ କୁମାର ସାହୁ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କଲେ ମାଡ଼ ହେବ ନା ସେମାନଙ୍କୁ ସୁରକ୍ଷା ଦିଆଯିବ ତାହା ସରକାର ସ୍ପଷ୍ଟ କରନ୍ତୁ। ବଜେଟ ଟଙ୍କା ଖର୍ଚ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି।

ଅରୁଣ କହିଛନ୍ତି ଯେ ନୂଆ ସରକାର ଆସିବା ପରଠାରୁ ସାରା ରାଜ୍ୟରେ କାମ ବନ୍ଦ ହୋଇଯାଇଛି। ଅନେକ ପ୍ରକଳ୍ପ ଅଧାପନ୍ତରିଆ; କିନ୍ତୁ ଏହାର ପ୍ରତିବାଦରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ପଞ୍ଚାୟତରାଜ ଅନୁଷ୍ଠାନର ସଦସ୍ୟଙ୍କୁ ମାଡ଼ ମରାଯାଉଛି। ମାଡ଼ ଖାଇ ଡିଏସ୍‌ପିଙ୍କ ମୁଣ୍ଡ ଓ ଆଖି ଫାଟିଛି। ସ୍ଥାନୀୟ ବିଧାୟକଙ୍କ ସମର୍ଥକମାନେ ସରକାରୀ ଗୁଣ୍ଡା ସାଜି ମାଡ ମାରିଲେ। ପୁଲିସର ମନୋବଳ ଭାଙ୍ଗିଲାଣି, ଆଇନଶୃଙ୍ଖଳା ଭୁଶୁଡିଛି। ତେଣୁ ଏହାପ୍ରତି ସରକାର ଦୃଷ୍ଟି ଦେଇ ଜନ ପ୍ରତିନିଧିଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ଶ୍ରୀ ସାହୁ କହିଛନ୍ତି। ସେ ପୁଣି କହିଛନ୍ତି ଯେ ମାହାଙ୍ଗାରେ ଯଦି ଦୁର୍ନୀତି ହେଉଛି ତେବେ ଦୁର୍ନୀତିଗ୍ରସ୍ତଙ୍କୁ ସରକାର ବାନ୍ଧନ୍ତୁ। କିନ୍ତୁ କାମ ଯଦି ହେଉଛି ବିଲ୍ ଦିଆଯାଉ।। ରାଜ୍ୟରେ ଆଇନଶୃଙ୍ଖଳା ବିଗିଡି ଗଲାଣି। ସବୁ ପଞ୍ଚାୟତରେ କାମ ବନ୍ଦ; ଯଦି କାମ ବନ୍ଦ ଅଛି, ତେବେ ଖର୍ଚ୍ଚ କେତେବେଳେ କରିବେ ବୋଲି ପ୍ରଶ୍ନ କରିବା ସହ ଅରୁଣ ବାଚସ୍ପତିଙ୍କ ରୁଲିଂ ଦାବି କରିଛନ୍ତି। ଯେଉଁମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଛନ୍ତି, ସେମାନଙ୍କୁ ସରକାର ସୁରକ୍ଷା ଦିଅନ୍ତୁ। ପୋଲିସର ମନୋବଳ ଭାଙ୍ଗି ଦିଅନ୍ତୁ ନାହିଁ ବୋଲି ଶ୍ରୀ ସାହୁ କହିଛନ୍ତି।

# ସବୁ ନିର୍ବାଚନମଣ୍ଡଳୀରେ ବିଜୁ ଜୟନ୍ତୀ, ମହିଳା ଦିବସ

## ବିଜେଡି ନେତାଙ୍କୁ ଚିଠି ଲେଖି କାର୍ଯ୍ୟକ୍ରମର ସଫଳତା କାମନା କଲେ ନବୀନ



**ଭୁବନେଶ୍ୱର,୨୧।୨(ସମିସ):** ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ମାର୍ଚ୍ଚ ୫ ତାରିଖରେ ପ୍ରବାଦ ପୁରୁଷ ତଥା ସ୍ୱାଧୀନୋତ୍ତର ଓଡିଶା ନିର୍ମାଣର ସ୍ଥପତି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ୧୦୯ତମ ଜନ୍ମ ଦିବସ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପାଳନ କରାଯିବ। ଏହି ସ୍ମରଣୀୟ ଦିବସ ପାଳନର ମାର୍ଗଦର୍ଶିକା ସହ ଏହାର ସଫଳତା କାମନା କରି ଦଳର ନେତା ଓ କର୍ମୀମାନଙ୍କୁ ଚିଠି ଲେଖିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ।

ମହାନ ଜନନାୟକ ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ଦଳର ସମସ୍ତ ନେତୃବୃନ୍ଦ, ନିର୍ବାଚିତ ଜନପ୍ରତିନିଧି, ସକ୍ରିୟ ସଦସ୍ୟ, ବିଜୁ ଯୁବ ଜନତା ଦଳ, ବିଜୁ ଛାତ୍ର ଜନତା ଦଳ ଏବଂ ବିଜୁ ମହିଳା ଜନତା ତଥା ସାମୁଖ୍ୟର ଆଗୁଆ ସାଥୀମାନେ ଜୟନ୍ତୀ ସଭା ଓ ଆଲୋଚନା ଚକ୍ର ମାଧ୍ୟମରେ 'ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଅବଦାନ' ସମ୍ପର୍କରେ ଆଲୋଚନା କରିବେ। ଏଥିସହ କ୍ଷେତ୍ର ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିପରି ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମହିଳା ପ୍ରତିନିଧି ଓ ଅଗ୍ରଣୀ ମହିଳା ସଂଗଠନ ମାନଙ୍କୁ ସମ୍ପୃକ୍ତ କରି ବିଜୁ ମହିଳା ଜନତା ଦଳ ନିର୍ବାଚନମଣ୍ଡଳୀ, ବ୍ଲକ୍ ଓ ପୌରାଞ୍ଚଳ ସ୍ତରରେ ପାଳନ କରିବେ। ମହିଳା ମାନଙ୍କୁ ସଶକ୍ତ କରିବାରେ ବିଜୁ ଜନତା ଦଳ ନେଇଥିବା ପଦକ୍ଷେପ ଓ ମହିଳାଙ୍କ ବିକାଶ ପାଇଁ ବିଜେଡିର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯିବ। ଏହି ପରିପ୍ରେକ୍ଷୀରେ ଦଳର ସଭାପତି ଦୁଇ କାର୍ଯ୍ୟକ୍ରମର ଅପାର ସଫଳତା କାମନା କରିଛନ୍ତି। ପରେ ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଦେଇଛନ୍ତି। ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ରାଜ୍ୟର ମହିଳାମାନେ କିପରି ଭାବେ ସାମାଜିକ ଓ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ଓ ସୁଦୃଢ଼ ହେବେ ସେହି ଲକ୍ଷ୍ୟରେ ବିଜୁ ଜନତା ଦଳ କାର୍ଯ୍ୟ କରିବ। ଏହି ଅବସରରେ, ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳା ମାନଙ୍କୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ସମୟରେ ସମ୍ବର୍ଦ୍ଧିତ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ ଉପସ୍ଥିତ ଥିଲେ।

**ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳାଙ୍କୁ ସମ୍ମାନିତ କରିବ ଦଳ**

# ବିଧାନସଭାରେ 'କିଟ୍' ତାତି

- ନିରପେକ୍ଷ ତଦନ୍ତ ନିମନ୍ତେ ଶାସକ-ବିରୋଧୀଙ୍କ ଦାବି
- ସରକାର ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି: ମନ୍ତ୍ରୀ

**ଭୁବନେଶ୍ୱର,୨୧।୨(ସମିସ):** କିଟ୍ ଏକ ଘରୋଇ ବିଶ୍ୱବିଦ୍ୟାଳୟ, କିନ୍ତୁ ସେଠାରେ ଯେଉଁ ଅଘଟଣ ହେଲା ସେଥିରେ ସରକାରଙ୍କ ଅବହେଳା ସ୍ପଷ୍ଟ ଦେଖାଯାଉଛି। କେବଳ କିଟ୍ କର୍ତ୍ତୃପକ୍ଷ ନୁହନ୍ତି, ସରକାର ମଧ୍ୟ ଅନୁରୂପ ଦାୟୀ। ଏହା ସରକାରଙ୍କ ପାଇଁ ଏକ ଶିକ୍ଷା ହେଉ। ଭବିଷ୍ୟତରେ ରାଜ୍ୟର କୌଣସି ଶିକ୍ଷାନୁଷ୍ଠାନରେ ଯେପରି ଅନୁରୂପ ଘଟଣାର ଯେପରି ପୁନରାବୃତ୍ତି ନ ଘଟେ ତାହା ସରକାର ସୁନିଶ୍ଚିତ କରିବା ଆବଶ୍ୟକ। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବା ଆବଶ୍ୟକ ବୋଲି ଆଜି ବିଧାନସଭାରେ ଦାବି କରିଛନ୍ତି ଉଭୟ ଶାସକ ଓ ବିରୋଧୀ ସଦସ୍ୟ। ଆଜି କଂଗ୍ରେସ୍ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ, ସିଏସ୍ ରାଜନ୍ ଏକ୍କା ଏବଂ ଅଶୋକ କୁମାର ଦାସ ମୁଲତବୀ ପ୍ରସ୍ତାବ ଆଗତ କରି ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

କଂଗ୍ରେସ୍ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ନେପାଳ-ଓଡିଶା ମଧ୍ୟରେ ସମ୍ପର୍କ ଆତ୍ମା ସହିତ ଜଡିତ। ସେହି ଦେଶ ପ୍ରତି ଆମର ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ ରହିଛି; କିନ୍ତୁ ନେପାଳୀ ଛାତ୍ରଛାତ୍ରୀଙ୍କ ସହିତ ଯାହା ଘଟିଲା ତାହା କଦାପି ଗ୍ରହଣୀୟ ନୁହେଁ। ଏହାକୁ ଆମେ କଡ଼ା ଭାଷାରେ ନିନ୍ଦା କରୁଛୁ। ଆମ ଦେଶ ଓ ଆମ ରାଜ୍ୟ ପ୍ରତି ବହୁତ ଖରାପ ଧାରଣା ସୃଷ୍ଟି କରିଛି। ଏହି ଛବିକୁ ସୁଧାରିବାକୁ ପଡିବ। କେବଳ ନେପାଳ ନୁହେଁ, ଓଡିଶାରେ ପାଠ ପଢୁଥିବା ଶତାଧିକ ଦେଶର ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସମ୍ମାନ ସରକାର ସୁନିଶ୍ଚିତ କରନ୍ତୁ। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ହେବା ଆବଶ୍ୟକ ବୋଲି ଶ୍ରୀ ବାହିନୀପତି କହିଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ କିଟ୍ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ପାଇଁ ଆଜି ଏପରି ଘଟଣା ଘଟିଲା। ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ସୁସମ୍ପର୍କରେ ଆଞ୍ଚ ଆସିଲା। ତେବେ ଏତେ ବଡ଼ ଘଟଣାରେ ରାଜ୍ୟ ସରକାରଙ୍କର ଭୂମିକା ଉପରେ ପ୍ରଶ୍ନବାଚୀ ଲାଗିଛି। ସ୍ଥିତି ସୁଧାରିବାରେ ସରକାରଙ୍କର ବଡ଼ ଭୂମିକା ରହିଛି। ଅପରାଧୀ ଦଣ୍ଡ ପାଉ, ମାତ୍ର ବିଶ୍ୱବିଦ୍ୟାଳୟ ନୁହେଁ। ସରକାର ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ମନରେ ଆତ୍ମବିଶ୍ୱାସ ଫେରାନ୍ତୁ ବୋଲି ଶ୍ରୀ ବେହେରା କହିଛନ୍ତି।

ବିଜେଡି ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି ଯେ ସରକାରଙ୍କ ଅବହେଳା ପାଇଁ ପୂରା ଘଟଣା ଘଟିଲା। ଓଡିଆ ଅସ୍ମିତାକୁ ନେଇ ସରକାର ଡିଣ୍ଡିମ ପିଟୁଛନ୍ତି, କିନ୍ତୁ ଅସ୍ମିତା ଆଜି ତଳେ ଗଡୁଛି। ସରକାର ଚାପରେ କାମ ନ କରନ୍ତୁ। ସତ୍ୟ ଲୋକ ଲୋଚନକୁ ଆସୁ। କଳିକେଶ ନାରାୟଣ ସିଂଦେଓ କହିଛନ୍ତି ଯେ ଏହି ଘଟଣାର ପ୍ରଭାବକୁ ସରକାର ଆକଳନ କରିପାରିଲେ ନାହିଁ। ପ୍ରତିକାର ବ୍ୟବସ୍ଥା କରିବାରେ ବି ସରକାର ବିଫଳ ହେଲେ। ଭବିଷ୍ୟତରେ ଏପରି ଘଟଣା ଯେପରି ନ ଘଟେ ସେଥିପାଇଁ ସରକାର କ'ଣ ଯୋଜନା କରିଛନ୍ତି ତାହା ପ୍ରକାଶ କରନ୍ତୁ ବୋଲି ଶ୍ରୀ ସିଂଦେଓ କହିଥିଲେ। ଅନୁରୂପ ଭାବେ କଂଗ୍ରେସ୍ ବିଧାୟକ ଅଶୋକ କୁମାର ଦାସ ଶିକ୍ଷାନୁଷ୍ଠାନର ଆଖ ପାଖ ଅଞ୍ଚଳକୁ ନିଶାମୁକ୍ତ କରିବା ନିମନ୍ତେ ମାର୍ଗଦର୍ଶିକା ଜାରି କରିବାକୁ କହିଛନ୍ତି। ସରକାର ଏହି ଘଟଣାରୁ ଶିକ୍ଷା ଲାଭ କରି ଭବିଷ୍ୟତ ପାଇଁ ମାର୍ଗଦର୍ଶୀକା ପ୍ରସ୍ତୁତ କରନ୍ତୁ। ବିଜେପି ବିଧାୟକ ବାବୁ ସିଂ ଏହି ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ବେଳେ ଶାସକ ଦଳର ବିଧାୟକ ମାନସ ଦତ୍ତ ଆଲୋଚନାରେ ଭାଗ ନେଇଥିଲେ। ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, କିଟ୍‌ରେ ଘଟିଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଓ ନିନ୍ଦନୀୟ। ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ସରକାର ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ଏହାର ତଦନ୍ତ ପାଇଁ ସରକାର ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ସେହିପରି ଆମେ ନେପାଳର ବୈଦେଶିକ ମନ୍ତ୍ରୀ ଓ ଦୂତାବାସ ଅଧିକାରୀଙ୍କ ସହ ଆଲୋଚନା କରି ସବୁ ପ୍ରକାର ସହଯୋଗ ଆଶ୍ୱାସନା ଦେଇଛୁ ବୋଲି ମନ୍ତ୍ରୀ କହିଛନ୍ତି।

**■ ପୁଣି ମୁଣ୍ଡ ନେଲା ଅନ୍ଧବିଶ୍ୱାସ**

# ଗୁଣି ସନ୍ଦେହରେ ମହିଳାଙ୍କୁ ହତ୍ୟା

**ଉମରକୋଟ, ୨୧।୨(ସମିସ):** ଅନ୍ଧବିଶ୍ୱାସ ଆଜି ପୁଣି ଗୋଟିଏ ମୁଣ୍ଡ ନେଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅନ୍ତର୍ଗତ ତେଲନଦୀ ପଞ୍ଚାୟତ ଅଧୀନ ନାଙ୍ଗଲସିଲ ଗ୍ରାମରେ ଗୁଣି ସନ୍ଦେହରେ ଜଣେ ମହିଳାଙ୍କୁ ଟାଙ୍ଗିଆରେ ହାଣି ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଏହି ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ସେହି ଗ୍ରାମର ବାର୍ସେ ସାନ୍ତା (୩୫)। ଏ ସଂପର୍କରେ ବାର୍ସଙ୍କ ସ୍ୱାମୀ ପଲାଦୁ ସାନ୍ତା ଅଭିଯୋଗ କରିବା ପରେ ଉମରକୋଟ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ମନ୍ଦ ସାନ୍ତାକୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଗାଁରେ ଜଣେ ୧୨ ବର୍ଷର ବାଳକର ଆଜି ମୃତ୍ୟୁ ହୋଇଥିଲା। ବାର୍ସେ ତାଙ୍କ ଘରେ ପହଞ୍ଚି କାନ୍ଦୁଥିବା ବେଳେ ସେହି ଗ୍ରାମର ମନ୍ଦ ସାନ୍ତା ସେଠାରେ ପହଞ୍ଚି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ପରେ ସେ ବାର୍ସଙ୍କ ମୁଣ୍ଡ ପଛପଟକୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ବାର୍ସଙ୍କ ମୃତ୍ୟୁ ଘଟିଥିଲା। ତେବେ ଗୁଣି ସନ୍ଦେହରେ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ବାର୍ସଙ୍କ ସ୍ୱାମୀ ପଲାଦୁ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ମନ୍ଦକୁ ଗ୍ରାମବାସୀ ଅଟକ ରଖିଥିଲେ। ଖବରପାଇ ଉମରକୋଟ ଥାନାର ସବ ଇନ୍ସପେକ୍ଟର ଶିବଜୀ ପଣ୍ଡା, ଅକ୍ଷୟ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି।

## ବଜେଟ୍ ଆଲୋଚନା ବେଳେ ବିରୋଧୀଙ୍କ କଟାକ୍ଷ

# ହେଡଲାଇନ୍ ମ୍ୟାନେଜମେଣ୍ଟ ପାଇଁ ବଡ଼ ବଜେଟ

- ଆଗାମୀ ୫ ବର୍ଷରେ ମୁଣ୍ଡ ପିଛା ଋଣ ହେବ ୪୦ ହଜାର ଟଙ୍କା: ବିରୋଧୀ
- ରାଜ୍ୟର ସାମଗ୍ରିକ ବିକାଶ ପାଇଁ ବଜେଟ ପକାଇବ ମୂଳଦୁଆ : ଶାସକ

**ଭୁବନେଶ୍ୱର,୨୧।୨(ସମିସ):** ବଜେଟ ଉପରେ ଆଲୋଚନାର ଦ୍ୱିତୀୟ ଦିନରେ ସରକାରଙ୍କୁ ଶାଣିତ ଆକ୍ରମଣ କରିଛନ୍ତି ବିରୋଧୀ। ସରକାର ୨.୯ ଲକ୍ଷ କୋଟିର ବଜେଟ ଆଣିଛନ୍ତି ବୋଲି କହି ନିଜ ପିଠି ନିଜେ ଥାପୁଡ଼ାଉଛନ୍ତି। ମାତ୍ର ବାସ୍ତବରେ ଗଣମାଧ୍ୟମରେ ହେଡ ଲାଇନ୍ ମ୍ୟାନେଜମେଣ୍ଟ ପାଇଁ ଏହି ବଡ଼ ବଜେଟ ଉଦ୍ଦିଷ୍ଟ ବୋଲି ସମାଲୋଚନା କରିଛନ୍ତି ବିରୋଧୀ।

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ବିଜେପି ସରକାର ଆଣିଥିବା ବଜେଟ ବାହାରୁ ଦେଖିଲେ ସୁନ୍ଦର ଲାଗୁଛି, ହେଲେ ପାଖରୁ ଦେଖିଲେ ମହାକାଳ ଫଳ ପରି ହୋଇଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଲେ କେନ୍ଦ୍ର ସରକାରଙ୍କ ଅନୁଦାନର ବର୍ଷା ହେବ ବୋଲି ଲୋକେ ଆଶା ବାନ୍ଧି ବସିଥିଲେ। ମାତ୍ର ହେଲା ବେଳକୁ ନିଅଣ୍ଟିଆ ବର୍ଷା। ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ବିଜେପି ସରକାର ବାରବାଟୀକୁ ଅନ୍ଧାର କରି ଓ ନେପାଳୀ ଛାତ୍ରଛାତ୍ରୀଙ୍କୁ ମାଡମରା ଘଟଣାରେ ଓଡ଼ିଆ ଅସ୍ମିତାର ବାନା କେତେ ଉଡ଼ିଲା? ପ୍ରଧାନମନ୍ତ୍ରୀ ନିଜେ ୨୦୨୨ ସୁଦ୍ଧା ଅମୃତବର୍ଷ ହେବ ବୋଲି କହିଲେ। ଚାଷୀଙ୍କ ଆୟ ଦୁଇଗୁଣା ସହ ୨ କୋଟି ଚାକିରୀ ଦେବେ ବୋଲି କହିଥିଲେ। କେନ୍ଦ୍ରରେ ତାଙ୍କ ନେତା ଭାରତକୁ ବିଶ୍ୱଗୁରୁ କରିବେ ବୋଲି ବାହାସ୍ଫୋଟ ମାରୁଛନ୍ତି। ପୋଲାଭରମ ଓ ମହାନଦୀ ଜଳ ବିବାଦରେ ରାଜ୍ୟର ସ୍ୱାର୍ଥହାନୀରୁ ବଞ୍ଚାଇବା ପାଇଁ ଡବଲ ଇଞ୍ଜିନ ସରକାର କିଛି କରିନାହାନ୍ତି। ଓଡ଼ିଶାରୁ ବିଜେପିର ୨୦ ଜଣ ସାଂସଦ ନିର୍ବାଚିତ ହୋଇଯାଇଛନ୍ତି। ସେମାନେ ପାଟି ଫିଟାଉନାହାନ୍ତି। ଅମୃତ କାଳରେ ହେଉଥିବା ଅମୃତ ବର୍ଷାକୁ ଆଦାନୀ ଅମ୍ବାନୀ ନେଇ ଯାଉଛନ୍ତି। ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଖର୍ଚ୍ଚ କାଟ କରୁଛନ୍ତି। ରାଜ୍ୟରେ ମାତ୍ର ୩ ଲକ୍ଷ ଲୋକେ ଆୟକର ଦିଅନ୍ତି। ମାତ୍ର ଏହାକୁ ଆଳ କରି ଲୋକଙ୍କୁ ରାସନ କାର୍ଡରୁ ବାଦ୍ ଦିଆଯାଉଛି। ତମକୁ ଲଣ୍ଡା କରିବା ପାଇଁ ଭଣ୍ଡାରୀ ଦରକାର ପଡ଼ିବ ନାହିଁ। ଲୋକେ ନିଜେ ଲଣ୍ଡା କରିଦେବେ ବୋଲି ରଣେନ୍ଦ୍ର କଟାକ୍ଷ କରିଛନ୍ତି। କଂଗ୍ରେସ ବିଧାୟକ ସିଏସ ରାଜନ ଏକ୍କା କହିଥିଲେ ଯେ ଚଳିତ ଆର୍ଥିକ ବର୍ଷରେ ସରକାର ୪୭୪୦୦ କୋଟି ଟଙ୍କା ଋଣ କରିବାକୁ ଯୋଜନା କରିଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଋଣଭାର ୧,୩୪,୯୧୪ କୋଟି ଟଙ୍କା ରହିବା ନେଇ ଆକଳନ କରାଯାଉଛି। ସେହିପରି ମୁଣ୍ଡପିଛା ଋଣ ୨୮ ହଜାର ଟଙ୍କାରେ ପହଞ୍ଚିବ। ଏହି ଧାରା ଯଦି ଲାଗି ରୁହେ, ତାହେଲେ ଆଗାମୀ ୫ ବର୍ଷରେ ମୁଣ୍ଡପିଛା ଋଣ ୪୦ ହଜାର ଟଙ୍କା ଛୁଇଁବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଆଲୋଚନାରେ ଭାଗ ନେଇ ବିଜେପି ବିଧାୟକ ସନାତନ ବିଜୁଳି କହିଥିଲେ ଯେ ବିଜେପି ସରକାର ଆସିବା ପରେ ରାଜ୍ୟର ମହିଳା, ଚାଷୀ ଏବେ ଖୁସୀ। ବିଜେଡି ସରକାର କରିଥିବା ମିଶନ ଶକ୍ତି ପାଇଁ ମଧ୍ୟ ବର୍ତ୍ତମାନର ରାଜ୍ୟ ସରକାର ଅର୍ଥ ବ୍ୟବସ୍ଥା କରିଛନ୍ତି। ବିଜେପି ସରକାର ରାଜ୍ୟର ସାମଗ୍ରିକ ବିକାଶ ଏବଂ ସବୁ ବର୍ଗର ବିକାଶ କରିବା ପାଇଁ ମୂଳଦୂଆ ପକାଇଛି। ଆଉ ଆଗାମୀ ଦିନରେ ଏହା ସଫଳ ହେବ ବୋଲି ଶ୍ରୀ ବିଜୁଳି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଅଶୋକ ଦାସ, ବିଜେପି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ଗର୍ଭପାତ ପାଇଁ ହାଇକୋର୍ଟରେ ଆବେଦନ

**ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ରିପୋର୍ଟ ଦେବ ମେଡିକାଲ ବୋର୍ଡ**

**କଟକ,୨୧।୨(ସମିସ):** ଜନୈକା ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ଗର୍ଭପାତ ପାଇଁ ଅନୁମତି ଲୋଡି ହାଇକୋର୍ଟରେ ଏକ ଆବେଦନ ଦାୟର କରାଯାଇଛି। ଏହି ପ୍ରସଙ୍ଗରେ ଶୁଣାଣି କରି ତିନି ଦିନ ଭିତରେ ମେଡିକାଲ ବୋର୍ଡ ବୈଠକ ଡାକିବାକୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ମେଡିକାଲ ଅଧୀକ୍ଷକଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ଗର୍ଭପାତ କରାଯାଇପାରିବ କି ନାହିଁ, ସେ ପ୍ରସଙ୍ଗରେ ଅନୁଧ୍ୟାନ କରାଯିବ। ପରବର୍ତ୍ତୀ ଶୁଣାଣି ପୂର୍ବରୁ ହାଇକୋର୍ଟରେ ଏହି ରିପୋର୍ଟ ଦାଖଲ କରିବ ମେଡିକାଲ ବୋର୍ଡ। ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ। ଫେବ୍ରୁଆରୀ ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୧୩ବର୍ଷିୟା ଅନୁସୂଚିତ ଜନଜାତି ନାବାଳିକାଜଣକ ସିକିଲ ସେଲ ଆନେମିଆ ସହିତ ଅପସ୍ମାରରେ ଆକ୍ରାନ୍ତ। ଦୁଷ୍କର୍ମ ପାଇଁ ସେ ଗର୍ଭବତୀ ହୋଇଛନ୍ତି। ଘଟଣା ଜଣାପଡ଼ିବା ବେଳକୁ ନାବାଳିକା ୨୪ସପ୍ତାହରୁ ଅଧିକ ଗର୍ଭବତୀ ହୋଇସାରିଥିଲେ। ନାବାଳିକାଙ୍କ ସ୍ଥିତିର ଆକଳନ ସହ ଗର୍ଭପାତ ପାଇଁ ବ୍ୟବସ୍ଥା କରିବାକୁ ମେଡିକାଲ ବୋର୍ଡ ଗଠନ ଲାଗି ଏମ୍‌କେସିଜି ମେଡିକାଲର ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଦର୍ଶାଯାଇଥିଲା। ଉପସ୍ଥାପିତ ତଥ୍ୟ ଓ ଯୁକ୍ତିକୁ ନେଇ ହାଇକୋର୍ଟ ମେଡିକାଲ ବୋର୍ଡ ବୈଠକ ଡାକି ପୀଡ଼ିତାଙ୍କ ଗର୍ଭର ସ୍ଥିତି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଦାୟିତ୍ୱ ନେବା ପରେ ପିସିସି ସଭାପତିଙ୍କ ସାମ୍ବାଦିକ ସମ୍ମିଳନୀ

# ସରକାର ବିରୋଧରେ କଂଗ୍ରେସର ରଣହୁଙ୍କାର



- ଓଡ଼ିଶାର ଜନସାଧାରଣଙ୍କ ପାଖକୁ ଯିବୁ, ସେମାନଙ୍କର ବିଶ୍ୱାସ ଜିତିବୁ
- ହିଂସା ଓ ଭେଦଭାବର ଡବଲ ଇଞ୍ଜିନ ସରକାରକୁ ହଟାଇବା ପ୍ରଥମ କାମ
- ସରକାର ବିରୋଧରେ ବିଧାନସଭାରୁ ରାଜରାସ୍ତା ଯାଏ ଲଢ଼େଇ ହେବ

**ଭୁବନେଶ୍ୱର,୨୧।୨(ସମିସ):** ଭୁବନେଶ୍ୱରରୁ ପୁରୀ ଯିବା ବାଟରେ କଂଗ୍ରେସକୁ ଭଲ ପାଉଥିବା ସାଧାରଣ ଜନତାଙ୍କ କଂଗ୍ରେସକୁ ଭଲପାଇବା ଓ ବିପୁଳସମର୍ଥନଆମସମସ୍ତଙ୍କମନୋବଳବଢ଼ାଇବାରେସହାୟକହୋଇଛି। ମହାପ୍ରଭୁ ଜଗନ୍ନାଥଙ୍କ କୃପା କରୁଣା କଂଗ୍ରେସ ଉପରେ ରହିଛି। ଓଡ଼ିଶା ଜନସାଧାରଣଙ୍କ ପାଖକୁ ଯାଇ ସେମାନଙ୍କ ବିଶ୍ୱାସ ଜିତିବା ଆମର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ନୂଆ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଦାୟତ୍ୱ ଗ୍ରହଣ ପରେ ଶ୍ରୀ ଦାସ ପ୍ରଥମ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସମସ୍ତଙ୍କୁ ସାଥିରେ ନେଇ କଂଗ୍ରେସକୁ ରାଜ୍ୟରେ ଏକ ଶକ୍ତିଶାଳୀ ଦଳ ରୂପେ ଗଢ଼ିବା ହେଉଛି ମୋର ପ୍ରଥମ କାମ। ମୁଖ୍ୟମନ୍ତ୍ରୀ ହେବା ମୋର ଅଭିଳାଷ ନାହିଁ, ଦଳକୁ ଗଢ଼ି କ୍ଷମତାକୁ ଆଣିଲେ ମୋର ଜୀବନର ସମସ୍ତ ଇଚ୍ଛା ପୂରଣ ହେବ । ଆସନ୍ତା ଦିନରେ ଓଡ଼ିଶାରେ ସାଢ଼େ ଚାରିକୋଟି ଓଡ଼ିଆଙ୍କ ଆଶା, ଭାରସା ଓ ଆଶୀର୍ବାଦକୁ ପାଥେୟ କରି ଅହଙ୍କାରୀ, ଜନବିରୋଧୀ, ଗଣତନ୍ତ୍ରବିରୋଧୀ ସରକାର ବିରୋଧରେ ବିଧାନସଭାରୁ ଆରମ୍ଭ କରି ରାଜରାସ୍ତାରେ ଲଢ଼େଇ କରିବ କଂଗ୍ରେସ। ଆଗାମୀ ଦିନରେ ଛାତ୍ରକଂଗ୍ରେସ, ଯୁବ କଂଗ୍ରେସ ଓ ମହିଳା କଂଗ୍ରେସଠାରୁ ଆରମ୍ଭ କରି ସମସ୍ତ ଛାମୁଆଁ ସଂଗଠନକୁ ନେଇ ସାରା ରାଜ୍ୟରେ ଲଢ଼େଇର ଡକରା ଦିଆଯିବ ବୋଲି ସେ କହିଛନ୍ତି।

ନବନିଯୁକ୍ତ ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି ଯେ କେନ୍ଦ୍ର ଓ ରାଜ୍ୟରେ ଚାଲିଥିବା ଘୃଣା, ହିଂସା ଓ ଭେଦ ଭାବର ଡବଲ ଇଞ୍ଜିନ ସରକାର ପତନ କରାଇବା ଆମର ପ୍ରଥମ କାମ। ଏ ରାଜ୍ୟର ଆଦିବାସୀ, ଅନୁସୂଚିତ ଜାତି ଓ ପଛୁଆବର୍ଗଙ୍କ ପ୍ରତି ଘୋର ଅନ୍ୟାୟ କରାଯାଉଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ସାଂଘାତିକ ସ୍ଥିତିରେ ଅଛି। ଏ ସରକାର ଆସିବା ପରେ ପାଖାପାଖି ୧୧ଜଣରୁ ଅଧିକ କୃଷକ ଆତ୍ମହତ୍ୟା କରିଛନ୍ତି, ବିଭିନ୍ନ ଅଂଚଳରେ ଆଦିବାସୀ ମହିଳାମାନଙ୍କ ପ୍ରତି ପାଶବିକ ଅତ୍ୟାଚାର କରାଯାଉଛି। ଏହାକୁ କଂଗ୍ରେସ ବରଦାସ୍ତ କରିବ ନାହିଁ। ସଡ଼କରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନଜାରି ରହିବ। ସାମାଜିକ ନ୍ୟାୟ, ଚାଷୀମାନଙ୍କ ସମସ୍ୟା, ଶ୍ରମିକ ମାନଙ୍କ ଅଧିକାର, ମହିଳାମାନଙ୍କ ପ୍ରଗତି ଓ ଯୁବକମାନଙ୍କ ନିଯୁକ୍ତି ପାଇଁ ତଥା ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନ ପାଇଁ ଦଳ ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ଲଲ୍ଲୁ ପ୍ରକାଶ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଡ. ଗିରିଧର ଗମାଙ୍ଗୋ, ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଣ୍ଟିଆ ଏବଂ ଦଳର ବହୁ ପ୍ରମୁଖ ନେତା ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଘଣ୍ଟାଘଣ୍ଟା ଛଟପଟ ଯୁବତୀ

## କାଜୁଆଲିଟିରେ ପଡ଼ି ରହିଲେ, କେହି ଶୁଣିଲେନି

**ଅପହରଣ ପରେ ମରଣାନ୍ତକ ଆକ୍ରମଣ କରିଥିଲା ଧରମଭାଇ**

**କଟକ,୨୧।୨(ସମିସ):** ବିଶାଖାପାଟଣାରୁ ଉଦ୍ଧାର ହୋଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିବା ପୀଡ଼ିତାଙ୍କୁ ସଠିକ୍ ସମୟରେ ଚିକିତ୍ସା ମିଳିପାରିଲା ନାହିଁ। ଗୁରୁବାର ସେ ବଡ଼ ମେଡିକାଲର କାଜୁଆଲଟିରେ ଭର୍ତ୍ତି ହୋଇଥିଲେ। ଘଣ୍ଟାଘଣ୍ଟା ପଡ଼ି ରହିବା ପରେ ମଧ୍ୟ ଡାକ୍ତରଙ୍କ ଦେଖାନଥିଲା। ପ୍ରାରମ୍ଭିକ ଚିକିତ୍ସା କରାଯାଇ ଆଜି ପୀଡ଼ିତାଙ୍କୁ ଅର୍ଥୋପେଡିକ୍ ବିଭାଗକୁ ସ୍ଥାନାନ୍ତର କରାଯାଇଛି। ତେବେ ଗୁରୁତର ଅବସ୍ଥାରେ ଜଣେ ପୀଡ଼ିତାଙ୍କ ପ୍ରତି ଏଭଳି ଆଚରଣକୁ ନିନ୍ଦା କରାଯାଇଛି। ଯୁବତୀଜଣଙ୍କ ବାଲେଶ୍ୱର ସୋର ଅଞ୍ଚଳର। ତାଙ୍କ ବୟସ ୧୮ ବର୍ଷ। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କୁ ଧରମ ଭଉଣୀ କରିଥିଲେ ଏବଂ ସେ ହିଁ ଅମାନବିକ କାଣ୍ଡ ଘଟାଇଛନ୍ତି। କିଛି ଦିନ ପୂର୍ବେ ଯୁବତୀ ବ୍ୟକ୍ତିଗତ କାର୍ଯ୍ୟରେ ସୋର ବଜାର ଆସିଥିଲେ। ଧରମ ଭାଇ ବୋଲାଉଥିବା ଉକ୍ତ ଯୁବକ ଫୋନ୍ କରି ତାଙ୍କୁ ଦେଖା କରିବାକୁ କହିଥିଲେ। ଉଭୟଙ୍କ ସୋର ବଜାରରେ ଭେଟ ହୋଇଥିଲା। ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ, ଯୁବକଜଣଙ୍କ ତାଙ୍କୁ ଏକ ମୃଦୁ ପାନୀୟ ପିଇବାକୁ ଦେଇଥିଲେ। ସେ ଅଚେତ ହୋଇଯିବାରୁ ତାଙ୍କୁ ଅପହରଣ କରି ବିଶାଖାପାଟଣା ନେଇଯାଇଥିଲା। ସେଠାରେ ଧରମ ଭାଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ପୀଡ଼ିତାଙ୍କ ପଞ୍ଜରା, ଅଣ୍ଟା ହାଡ଼ ଭାଙ୍ଗିବା ସହ ଶରୀରର ଏକାଧିକ ସ୍ଥାନରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ତାଙ୍କୁ ବିଶାଖାପାଟଣାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ପରିବାରଲୋକ ତାଙ୍କୁ କଟକ ଏସ୍‌ସିବିକୁ ଆଣିଥିଲେ।

# ଏଏସ୍‌ଆଇଙ୍କୁ ଛୁରାମାଡ଼

**ସୋହେଲା, ୨୧।୨(ସମିସ):** ଜୁଆ ଆଡ୍ଡାରେ ଚଢ଼ଉ ବେଳେ ପୁଲିସ୍‌କୁ ଛୁରାମାଡ଼। ବରଗଡ଼ ସଦର ଥାନା ସୀମା ଦଶମାଇଲ ଛକ ଅଞ୍ଚଳରେ ଆଜି ଏହି ଅଘଟଣ ଘଟିଛି। ଏଥିରେ ସୋହେଲା ଥାନା ଏଏସ୍‌ଆଇ ମନୋରଞ୍ଜନ ପାଣିଗ୍ରାହୀ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଆଜି ଅପରାହ୍ଣରେ କିଛି ଯୁବକ ଜୁଆ ଖେଳୁଥିବା ଖବର ପାଇ ସୋହେଲା ପୁଲିସ ଦଶମାଇଲ ନିକଟ ଏକ ନିଛାଟିଆ ସ୍ଥାନରେ ଚଢ଼ଉ କରିଥିଲା। ସୋହେଲା ଥାନା ଆଇଆଇସି ଶଶିଭୂଷଣ ମିଶ୍ର ସଦଳବଳେ ସେଠାରେ ପହଞ୍ଚିଥିଲେ। ତେବେ ପୁଲିସ୍‌କୁ ଦେଖି ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଏହି ସମୟରେ ଜଣେ ଅଭିଯୁକ୍ତର ଛୁରାମାଡ଼ରେ ସୋହେଲା ଥାନା ଏଏସ୍‌ଆଇ ମନୋରଞ୍ଜନ ପାଣିଗ୍ରାହୀ ଆହତ ହୋଇଥିଲେ। ପରେ ଚଢ଼ଉରେ ସାମିଲ ଥିବା ପୁଲିସ୍ କର୍ମଚାରୀମାନେ ସେମାନଙ୍କୁ ଘେରିଯାଇ ବରଗଡ଼ ଟାଉନ ଥାନା କେନାଲପଡ଼ାର ଚକାନୟନ ମେହେର, ଡାକ୍ତର ମେହେର ଏବଂ ସୋହେଲା ଥାନା ଦଶମାଇଲ ଛକର ରଣଜିତ ଭୁଏକୁ ଧରିଥିଲେ। ପୁଲିସ୍ ସେମାନଙ୍କ ନିକଟରୁ ଧାରୁଆ ଛୁରି, ନଗଦ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା, ସଟ୍ଟା ଖେଳରେ ବ୍ୟବହୃତ ହେଉଥିବା ୩ଟି ସ୍ମାର୍ଟଫୋନ, ଏକ ବାଇକ୍ ଜବତ କରିଛି। ଏହି ଘଟଣାକୁ ନେଇ ସୋହେଲା ଥାନାରେ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।





# ମାଟ୍ରିକ ପରୀକ୍ଷା ଦେଲେ ୨୦,୩୫୭ ଛାତ୍ରଛାତ୍ରୀ



**ପୁରୀ,୨୧।୨(ସମିସ):** ଶୁକ୍ରବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା । ଏଥର ପୁରୀ ଜିଲ୍ଲାରେ ୧୧୧ଟି କେନ୍ଦ୍ରରେ ମୋଟ ୨୦,୩୫୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ହାଇସ୍କୁଲ, ରାଜ୍ୟ ମୁକ୍ତ ବିଦ୍ୟାଳୟ ଏବଂ ମଧ୍ୟମାରେ ଜିଲ୍ଲାର ମୋଟ ୨୦,୬୪୨ ଜଣ ପିଲା ପରୀକ୍ଷା ଦେବା ପାଇଁ ଫର୍ମ ଫିଲପ୍ କରିଥିଲେ । ସେମାନଙ୍କ ମଧ୍ୟରେ ୨୦,୨୨୭ ଜଣ ହାଇସ୍କୁଲ ଛାତ୍ରଛାତ୍ରୀ ଥିବାବେଳେ ମଧ୍ୟମାରେ ୮୯ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୩୨୩ ଜଣ ଛାତ୍ରଛାତ୍ରୀ ରହିଥିଲେ । କିନ୍ତୁ ଶୁକ୍ରବାର ହାଇସ୍କୁଲର ୨୨୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବାବେଳେ ୨୦,୦୦୨ ଜଣ ପରୀକ୍ଷା ଦେଇଛନ୍ତି । ସେହିପରି ମଧ୍ୟମାରେ ଜଣେ ଅନୁପସ୍ଥିତ ଥିବାବେଳେ ୮୮ ଜଣ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୫୬ ଜଣ ଅନୁପସ୍ଥିତ ରହିଥିବା ବେଳେ ୨୬୭ ଜଣ ପରୀକ୍ଷା ଦେଇଛନ୍ତି । ମୋଟ ଉପରେ ୨୮୫ ଜଣ ଅନୁପସ୍ଥିତ ଥିବାବେଳେ ୨୦,୩୫୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଜିଲ୍ଲାର ପ୍ରାୟ ସବୁ କେନ୍ଦ୍ରରେ ପରୀକ୍ଷା ସୁଚାରୁରୂପେ ସମ୍ପାଦନ ହୋଇଥିବା ସୂଚନା ଦିଆଯାଇଛି । ସୂଚନାଥାଉ କି, ଜିଲ୍ଲାର ୧୧ଟି ବ୍ଲକ ଏବଂ ପୁରୀ ପୌରସଂସ୍ଥାରେ ଗୋଟିଏ ଲେଖାଏ ମୋଟ ୧୨ଟି ନୋଡାଲ ସେଣ୍ଟର କରାଯାଇଛି ।

# ଗାଡ଼ି ଚଳାଇ ନାବାଳକ ଅଟକ

**ପୁରୀ,୨୧।୨(ସମିସ):** ତାଳବଣିଆ ଛକଠାରେ ୨୦ ତାରିଖରେ ତାଳବଣିଆ ପୋଲିସ ତରଫରୁ ବାଇକ ଯାଞ୍ଚ ଚାଲିଥିଲା । ଜୈନିକ ନାବାଳକଙ୍କ ବାଇକ ଯାଞ୍ଚ କରାଯାଇଥିଲା । ବାଇକର ଯାଞ୍ଚ ସମୟରେ କାଗଜପତ୍ର ନାବାଳକକୁ ମଗା ଯାଇଥିଲା । ନାବାଳକ ବାଇକର କାଗଜପତ୍ର ପ୍ରମାଣ ଦେଇପାରି ନ ଥିଲେ । ପୁଲିସ ଏନେଇ ଅଧିକ ଯାଞ୍ଚ ପରେ ନାବାଳକ ଠାରୁ ୪ଟି ବାଇକ ଜବତ କରିଥିଲେ । ଏନେଇ ତାଳବଣିଆ ପୁଲିସ ଏକ ମାମଲା ରୁଜୁ କରି ନାବାଳକକୁ ଅଟକ ରଖି ପଚାରଉଚରା କରୁଛି ।

# ସଚେତନ ହେଲେ ମାତୃଭାଷା ସମୃଦ୍ଧ ହେବ

**ପୁରୀ,୨୧।୨(ସମିସ):** ବଡ଼ଦାଣ୍ଡସ୍ଥିତ ଭକ୍ତ ସାଲବେଗ ପୀଠରେ ଶୁକ୍ରବାର ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ଅନୁଷ୍ଠାନର ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମେଳା କମିଟିର ସମ୍ପାଦକ ଚକ୍ରଧର ମହାପାତ୍ର ଦିବସ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଆମ ମାତୃଭାଷାର ସୁରକ୍ଷା ଓ ତହିଁରେ ଆମ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ । ବଦ୍ରି ମିଶ୍ର, ହରିଶଙ୍କର ମିଶ୍ର, ସୁରେଶ ପଟ୍ଟନାୟକ, ଡ. ଅଶୋକ ମହାନ୍ତି, ଡ. ଅଶୋକ ମିଶ୍ର, ଡ. ହେମନ୍ତ ଛୋଟରାୟ, ପୂଜା ପ୍ରଧାନ, ରଚିତା ରାଉତରାୟ, ଚନ୍ଦ୍ରଶେଖର ନାୟକ, ଦେବରାଜ ପ୍ରଧାନ, ଅନନ୍ତ ପ୍ରଧାନ, ଚନ୍ଦ୍ରଶେଖର ମହାରାଣା, ଚିନ୍ମୟୀ ଗଜେନ୍ଦ୍ର, ଜାନକୀ ବଲ୍ଲଭ ଦାଶ, ପ୍ରବାସିନୀ ମିଶ୍ର, କରୁଣାକର ଭୋଳ, ସହଦେବ ସାହୁ, ସୁରେନ୍ଦ୍ର ନାଥ ଗୁରୁ, ଯୋଗେଶ୍ୱର ନାୟକ, ସତ୍ୟଭାମା ନାୟକ, ଶ୍ୟାମପ୍ରକାଶ ସେନାପତି, ସନ୍ତୋଷ ସେଠୀ ପ୍ରମୁଖ ଆମେ ସଚେତନ ହେଲେ ଆମ ମାତୃଭାଷା ସମୃଦ୍ଧ ହେବା ସହିତ ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି କହିଥିଲେ । ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ରକ୍ତ ପୃଥକୀକରଣ ୟୁନିଟ୍ ସ୍ଥାପନ ନେଇ ସ୍ୱାଗତ

**ପୁରୀ,୨୧।୨(ସମିସ):** ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ପୃଥକୀକରଣ ୟୁନିଟ୍ ସ୍ଥାପନ କରାଯିବା ଲାଗି ସ୍ୱାସ୍ଥ୍ୟ ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଛି । ଏହାକୁ ସ୍ୱାଗତ କରିଛି ଓଡ଼ିଶା ଯୁବ ଚେତନା ସଂଗଠନ । ଦୀର୍ଘବର୍ଷ ଧରି ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ମିଶନ ଓଡ଼ିଶା ତଥା ସେଣ୍ଟଜନ୍ ଆମ୍ବୁଲାନ୍ସ ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର, କେଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ଗୋବିନ୍ଦ ପାତ୍ର, ରଶ୍ମିରଞ୍ଜନ ଦାଶ, ଅଧିବକ୍ତା ଦେବାଶିଷ ଦାସ ଓ ଶିବରାମ ପ୍ରଧାନ ପ୍ରମୁଖ ବିଭିନ୍ନ ସମୟରେ ରାଜ୍ୟ ରେଡ୍‌କ୍ରସ ସଭାପତି ତଥା ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସାଂସଦଙ୍କ ସହ ଆଲୋଚନା କରିଛନ୍ତି । ଧର୍ମ ଓ ପର୍ଯ୍ୟଟନ ସହର ପୁରୀରେ ରକ୍ତର ବ୍ୟାପକ ଆବଶ୍ୟକତା ହେତୁ ଏହା ଜରୁରୀ ବୋଲି ଦାବି ରହିଥିଲା । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହାକୁ ବିଚାର କରି ପୁରୀ ସମେତ ଝାରସୁଗୁଡ଼ା, ଭଦ୍ରକ ଓ ଭବାନୀପାଟଣା ହସ୍ପିଟାଲରେ ଏହି ୟୁନିଟ୍ ବସାଇବା ଲାଗି ଆଲୋଚନା କରିଛି । ଏହା ଅବସ୍ଥାପିତ ହେଲେ ଗୋଟିଏ ରକ୍ତ ୟୁନିଟ୍ ବିଭକ୍ତ ହୋଇ ତନ୍ମଧ୍ୟରୁ ପ୍ଲାଜମା ଓ ଲୋହିତ ରକ୍ତକଣିକା ଅଲଗା ଅଲଗା ହୋଇ ସଂଖ୍ୟାଧିକ ଓ ବିଭିନ୍ନ ବର୍ଗର ରୋଗୀଙ୍କୁ ସହାୟତା ଦେବ ବୋଲି କହିଛନ୍ତି ଶତକ ରକ୍ତଦାତା ଶ୍ରୀ ମିଶ୍ର ।

# ‘ବାଲ୍ୟ ବିବାହ ଶିଶୁ ହିଂସା ସଦୃଶ’

**ପୁରୀ,୨୧।୨(ସମିସ)**



ବାଲ୍ୟ ବିବାହ ସଭ୍ୟ ସମାଜରେ ଏକ ଘୃଣ୍ୟ କାର୍ଯ୍ୟ । ଏହା ପ୍ରତ୍ୟେକ ଶିଶୁମାନଙ୍କ ପାଇଁ ହିଂସା ସଦୃଶ । ଏହାଦ୍ୱାରା ଶିଶୁଟି ତା'ର ଶିକ୍ଷା ଓ ସ୍ୱାସ୍ଥ୍ୟ ଅଧିକାରରୁ ବଞ୍ଚିତ ହୋଇଥାଏ ଓ ଅନେକ ଅସୁବିଧାଜନକ ପରିସ୍ଥିତି ଦେଇ ଗତି କରିଥାଏ ବୋଲି ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ ଗୁରୁବାର ତାଙ୍କ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ବୈଠକରେ ଅଧକ୍ଷତା କରିବା ଅବସରରେ କହିଛନ୍ତି । ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର କୌଣସି ସ୍ଥାନରେ ବାଲ୍ୟ ବିବାହ ହେଉଛି ବୋଲି ଅବଗତ ହେଲେ ଦାୟିତ୍ୱରେ ଥିବା ଅଧିକାରୀ ବା ବ୍ୟକ୍ତିବିଶେଷ ବାଲ୍ୟ ବିବାହରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ନିକଟସ୍ଥ ପୁଲିସ ଥାନାରେ ଅଭିଯୋଗ ଦାଖଲ କରାଗଲେ ଏହା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ବାଲ୍ୟ ବିବାହ ନିଷେଧ ଆଇନ ସମ୍ପର୍କିତ ସମୀକ୍ଷା ବୈଠକ ପ୍ରାରମ୍ଭରେ ଆକ୍ସନ ଏଡ ସଂଗଠନର ଜିଲ୍ଲା ସଂଯୋଜକ ରଞ୍ଜିତା ଦାଶ ଏହି ବୈଠକର ଉଦ୍ଦେଶ୍ୟ ଆଲୋକପାତ କରିଥିଲେ । ୧୮ ଦିନ ପାଇଁ ଏକ ଖସଡ଼ା ପ୍ରସ୍ତୁତ ସହ ସମସ୍ତଙ୍କ ଭାଗିଦାରୀ ବାଲ୍ୟ ବିବାହକୁ ରୋକି ଆମ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ଜିଲ୍ଲା କରାଯାଇ ପାରିବ ବୋଲି ସେ ଆଶା କରିଥିଲେ । ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିଶୁ ସୁରକ୍ଷା ଆଇନ ପରାମର୍ଶଦାତା ସନ୍ତୋଷ କୁମାର ପ୍ରତ୍ୟକ ବିଦ୍ୟାଳୟରେ କିଶୋର କିଶୋରୀମାନଙ୍କୁ ଉଚିତ ପରାମର୍ଶ ଦିଆଯିବା, ଅଦ୍ୱିକା କାର୍ଯ୍ୟକ୍ରମ ବିଷୟରେ ପିଲାମାନଙ୍କୁ ଅବଗତ କରାଯିବା, ଗାଁ କଲ୍ୟାଣ ସମିତି ବୈଠକରେ ଶିଶୁ ସୁରକ୍ଷା ଓ ଅଧିକାର ଉପରେ ବିଶେଷ ଆଲୋଚନା କରିଥିଲେ ।

ପ୍ରତି ପଞ୍ଚାୟତକୁ ଶିଶୁ ଅନୁକୂଳ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଏହାସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ବାଲ୍ୟବିବାହ ନିଷେଧ ଆଇନ ସମ୍ପର୍କିତ ପୋଷ୍ଟର ଲାଗିବ ଓ ୱାଲ ପେଣ୍ଟିଂ କରାଯିବ । ସରକାର ପଞ୍ଚାୟତସ୍ତରରେ ପିଇଓ, ସ୍କୁଲ ପ୍ରଧାନ ଶିକ୍ଷକ ଓ ଆବାସିକ ବିଦ୍ୟାଳୟର ୱାର୍ଡେନମାନଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ରୂପେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ତେଣୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ବାଲ୍ୟ ବିବାହ ସମ୍ପର୍କିତ ନିର୍ଦ୍ଦେଶାବଳୀ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ଅଂଶୀଦାର ସମୂହ ଅନୁପାଳନ କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

- କଡ଼ାକଡ଼ି ହେବ ନିଷେଧ ଆଇନ
- ଥାନାରେ ପଞ୍ଜିକୃତ ହେବ ଅଭିଯୋଗ

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

# ଆପ୍ ପକ୍ଷରୁ ଶିଶୁ ବିଭାଗର ଲିଫ୍ଟ ମରାମତି ଦାବି



**ପୁରୀ,୨୧।୨(ସମିସ):** ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ଲାଗି ରହିଛି । ପ୍ରତି ବିଭାଗରେ କୌଣସି ନା କୌଣସି ସମସ୍ୟାରେ ଜୁଝି ହେଉଛନ୍ତି ରୋଗୀ । ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ପରେ ବି କୌଣସି ପ୍ରକାର ସମାଧାନ ହେଉନି । ବିଭିନ୍ନ ସମୟରେ ସ୍ୱାସ୍ଥ୍ୟସେବାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ଏହାସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗର ଚେତା ପଶୁନି । ବାରମ୍ବାର ଅତ୍ୟନ୍ତ ସମ୍ବେଦନଶୀଳ ଶିଶୁ ବିଭାଗ ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗର ଲିଫ୍ଟ ଅଚଳ ହେଉଛି । ହେଲେ କର୍ତ୍ତୃପକ୍ଷଙ୍କ ନିଘା ନାହିଁ । ତେବେ ମୁଖ୍ୟ ଚିକିତ୍ସାଳୟରେ ସମ୍ପ୍ରତି ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଦାବିପତ୍ର ଦେଇଛନ୍ତି ପୁରୀ ଜିଲ୍ଲା ଆପ୍ ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି ।

ସେ ଉଲ୍ଲେଖ କରିଛନ୍ତି ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଏହାର ସମାଧାନ ପାଇଁ ପ୍ରଶାସନ କିମ୍ବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ଦେଖିବାକୁ ମିଳୁନି । କେତେବେଳେ ଏକ୍ସ-ରେ ମେଶିନ କାମ ଦେଉନି ତ ପୁଣି କେତେବେଳେ ସିଟି ସ୍କାନ ଆଉ ଏମ୍‌ଆରଆଇ ପାଇଁ ରୋଗୀଙ୍କୁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଛି । ଏପରି କି ବର୍ଷ ବର୍ଷ ଧରି ହ୍ୱିଲ ଚେୟାରର ବ୍ୟବସ୍ଥା ନାହିଁ । ବର୍ଣ୍ଣ ୟୁନିଟ୍ ତ ସାରା ରାଜ୍ୟ ଦେଖିଲା ନରେନ୍ଦ୍ର ପୋଖରୀ ବାଣ ବିସ୍ଫୋରଣ ଘଟଣାରେ । ପୁରୀ ମୁଖ୍ୟ ଚିକିତ୍ସାଳୟକୁ ଲୋକେ ମେଡିକାଲ କମ୍ ରେଫରାଲ୍ ମେଡିକାଲ ଅଧିକ କହୁଛନ୍ତି । ଏତେସବୁ ଅବ୍ୟବସ୍ଥା ମଧ୍ୟରେ ଏଭଳି ଏକ ଅବ୍ୟବସ୍ଥା ନଜରକୁ ଆସିଛି ଯାହା ସ୍ୱାସ୍ଥ୍ୟ ବିଭାଗର ଅପାରଗତାକୁ ଦର୍ଶାଉଛି । ଶିଶୁ ବିଭାଗ ୬ ମହଲା ବିଶିଷ୍ଟ କୋଠା ପାଇଁ କୌଣସି ଗୋଟିଏ ବି ଲିଫ୍ଟ କାମ କରୁନି । ବର୍ଷ ବର୍ଷ ଧରି ଗୋଟିଏ ଲିଫ୍ଟ ଖରାପ ଥିବାବେଳେ ଗତ ୬ ଦିନ ହେବ ଆଉ ଏକ ଲିଫ୍ଟ ଅଚଳ ହୋଇପଡିଛି । ଛୋଟଶିଶୁ ଏବଂ ମା'ମାନଙ୍କ ପ୍ରତି ସ୍ୱାସ୍ଥ୍ୟ ବିଭାଗ କିଭଳି ଏମିତି ଦାୟିତ୍ୱହୀନ ହୋଇପଡିଛି ବୋଲି ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସତ୍ୟଜିତ । ନିଜର ଦାୟିତ୍ୱ ଭାବି ୨୪ ଘଣ୍ଟା ମଧ୍ୟରେ ଏହାର ସମାଧାନ କରିବେ; ନଚେତ୍ ରାସ୍ତା ଘାଟରେ ଆପ୍‌ର ବିରୋଧ ଦେଖିବାକୁ ପଡିବ ବୋଲି ଦାବିପତ୍ରରେ ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ସ୍ପଷ୍ଟ କରିଛନ୍ତି ସତ୍ୟଜିତ୍ ।

# ମାର୍ଚ୍ଚ ୧ରେ ପୁରୀରେ ଅଟୋ ଚାଳକଙ୍କ ହରତାଳ



**ପୁରୀ,୨୧।୨(ସମିସ):** ଆସନ୍ତା ମାର୍ଚ୍ଚ ୧ ତାରିଖରେ ପୁରୀରେ ଅଟୋ ଏବଂ ଟୋଟ ଚାଳକ ହରତାଳ କରିବେ । ପୌରସଂସ୍ଥାର ମନୋମୁଖୀ ନିଷ୍ପତ୍ତି ବିରୋଧରେ ଏହି ହରତାଳ କରାଯିବ ବୋଲି ଶୁକ୍ରବାର ଭକ୍ତ ସାଲବେଗ ପୀଠରେ ପୁରୀ ଧାମ ଅଟୋଚାଳକ ମହାସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ମହାସଂଘ ସଭାପତି ଶ୍ରୀକାନ୍ତ ପରିଜା କହିଛନ୍ତି, ମହାସଂଘ ସମେତ ସହରର ୨୦ରୁ ଊର୍ଦ୍ଧ୍ୱ ଅଟୋଚାଳକ ସଂଘ ଏବଂ ୫୦୦ରୁ ଊର୍ଦ୍ଧ୍ୱ ବ୍ୟାଟେରି ଚାଳିତ ଅଟୋରିକ୍ସା ଚାଳକ ଏହି ହରତାଳରେ ସାମିଲ ହେବେ । ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବାରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ବିଗତ କିଛିଦିନ ହେବ ଜିଲ୍ଲା ପ୍ରଶାସନ ଏବଂ ପୌରସଂସ୍ଥା ତରଫରୁ କାଗଜପତ୍ର ଯାଞ୍ଚ କରାଯିବ ବୋଲି ଅଟୋଚାଳକଙ୍କୁ କୁହାଯାଇଥିଲା । ହଠାତ୍ ପୁରୀ ପୌରପାଳିକା ସମସ୍ତ ଅଟୋଚାଳକ ଏକ ଲୋଗୋ ଲଗାଇବ । ସମସ୍ତେ ୟୁଜର ଫି' ବାବଦକୁ ବାର୍ଷିକ ୧ ହଜାର ଟଙ୍କା ପଇଠ କରି ଏହି ଲୋଗୋ ଲଗାଇବେ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଯଦି ଏହା ଲଗା ନ ଯାଏ ତେବେ କୌଣସି ଅଟୋ ଓ ଟୋଟୋ ପୁରୀ ସହରରେ ଚାଲିପାରିବ ନାହିଁ ବୋଲି ମଧ୍ୟ ଆଦେଶନାମା ଜାରି କରିଛନ୍ତି, ଯାହାକି ବେଆଇନ ଏବଂ ଅଗଣତାନ୍ତ୍ରିକ ପଦ୍ଧତି । ଏହିଭଳି ଟଙ୍କା ଆଦାୟ ଓଡ଼ିଶାର କୌଣସି ମ୍ୟୁନିସିପାଲିଟି କିମ୍ବା ଏନ୍‌ଏସିରେ କରାଯାଉ ନାହିଁ । ଏହା ଏକ ବେଆଇନ୍ ନିର୍ଦ୍ଦେଶ । ଅଟୋଚାଳକମାନେ ଋଣ କରି ୫ ପ୍ରକାରର ଟିକସ ଆର୍‌ଟିଓ ଅଫିସ୍ ମାଧ୍ୟମରେ ସରକାରଙ୍କୁ ପ୍ରତିବର୍ଷ ପ୍ରଦାନ କରୁଛନ୍ତି । ଏଭଳି ସ୍ଥିତିରେ ଏବେ ବର୍ଷକୁ ୧ ହଜାର ଟଙ୍କା ପାଇଁ କୁହାଯାଉଛି । ଏହା ବିରୋଧରେ ଆସନ୍ତା ମାର୍ଚ୍ଚ ୧ ତାରିଖରେ ଅଟୋଚାଳକମାନେ ହରାତାଳ କରିବେ ବୋଲି ମହାସଂଘ ସଭାପତି ଶ୍ରୀ ପରିଜା କହିଥିଲେ ।

## ପୁରୀ-ସାକ୍ଷୀଗୋପାଳରେ ଅଭାବନୀୟ ଘଟଣା

# ରେଳଲାଇନ୍‌ରେ ଅଟକିଗଲା ବସ୍

**ପୁରୀ,୨୧।୨(ସମିସ)** ଯାନ୍ତ୍ରିକ ତ୍ରୁଟିରୁ ରେଳ ଲାଇନ୍‌ରେ ଅଟକିଗଲା ଯାତ୍ରୀବାହୀ ବସ । ଟ୍ରେନ ଆସିବା ସମୟ ହୋଇଯିବାରୁ ଭୟରେ ଡେଇଁ ପଡ଼ିଲେ ଯାତ୍ରୀ । ଫଳରେ ରେଳ ଫାଟକ ନିକଟରେ ଅଟକିଛି ଶହଶହ ଗାଡ଼ି । ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପୁରୀ-ସାକ୍ଷୀଗୋପାଳ ରେଳ ଲାଇନରେ ।

# ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଭାର ହୀରକ ଜୟନ୍ତୀ ଉଦ୍‌ଘାଟିତ




**ପୁରୀ,୨୧।୨(ସମିସ):** ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଭା ଓ ଅଖିଳ ଉତ୍କଳ ବିଶ୍ୱକର୍ମା ସମିତିର ମିଳିତ ସହଯୋଗରେ ଶୁକ୍ରବାର ଟାଉନ ହଲ୍‌ଠାରେ ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମହାସଭାର ରାଷ୍ଟ୍ରୀୟ ସଭାପତି ଛେଦିଲାଲ ଶର୍ମା ବିଶ୍ୱକର୍ମା ଏହାକୁ ଉଦ୍‌ଘାଟନ କରି କହିଥିଲେ ଯେ ଜାତିର ଉନ୍ନତି ପାଇଁ ସମସ୍ତେ ଏକ ହୋଇ ଦାବି ଉପସ୍ଥାପନ କଲେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରସଙ୍ଗକୁ ବିଚାରକୁ ନେବେ । ଏଥିରେ କୂଳର ରାଜନୈତିକ, ସାମାଜିକ ଓ ଆର୍ଥିକ ଉନ୍ନତି ସମ୍ପର୍କରେ ଆଲୋଚନା ହୋଇଥିଲା । ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦିନେଶ ଶର୍ମା, ଜାତୀୟ କାର୍ଯ୍ୟକାରୀ ସଭାପତି ପାଇଲେଶ କୁମାର ସିଦ୍ଧପୁର, ସୁରେନ୍ଦ୍ରା ଦେବୀ, ଏମ୍.ଏମ୍. ଶର୍ମା, ଜେପି ବିଶ୍ୱକର୍ମା, ଉପସଭାପତି ରବିନ୍ଦ୍ର ବିଶ୍ୱକର୍ମା, ପ୍ରମିଲେଶ ଶର୍ମା, ଭି.ରାଜଶେଖର, ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା, ମୁଖ୍ୟ ସମ୍ପାଦକ ମନୋରଞ୍ଜନ ମହାରଣା, ବଟକୃଷ୍ଣ ଓଝା ପ୍ରମୁଖ ବିଶ୍ୱକର୍ମାଙ୍କ ଉନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ । ଦ୍ୱିତୀୟ ଅଧିବେଶନରେ ସମିତିର ରାଜ୍ୟ ସଭାପତି, କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାରଣା, ମୁଖ୍ୟ ସମ୍ପାଦକ, ଉପସଭାପତି ଭାଗିରଥୀ ବିନ୍ଧାଣୀ, ଯୁଗ୍ମ ସମ୍ପାଦକ ଭାଗିରଥୀ ମହାରଣା, ପ୍ରମୋଦ ରଞ୍ଜନ ମହାରଣା, ସହ ସମ୍ପାଦକ ପ୍ରସନ୍ନ ମହାରଣା ଓ ପ୍ରଶାନ୍ତ କୁମାର ଓଝା, ସଙ୍ଗଠନ ସମ୍ପାଦକ ଗୋବର୍ଦ୍ଧନ ମହାରଣା, ପ୍ରତାପ ମହାରଣା ଓ ପ୍ରଶାନ୍ତ କୁମାର ମହାରଣା, କୋଷାଧକ୍ଷ ଗୁରୁପ୍ରସାଦ ସୂତାର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଓଡ଼ିଶା ସମେତ ଅନ୍ୟ ରାଜ୍ୟରୁ ୫୦୦ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ । ଏହି ଉତ୍ସବ ରବିବାର ଉଦ୍‌ଯାପିତ ହେବ ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

# ମାତୃଭାଷା ଜାତିର ପରିଚୟ

**ପୁରୀ,୨୧।୨(ସମିସ)**

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ଶୁକ୍ରବାର ନିର୍ଦ୍ଦେଶକ ପ୍ରଫେସର ବନମାଳି ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ପରିସରର ଛାତ୍ର ରୁଦ୍ରପ୍ରସାଦ ରଥଙ୍କ ଦ୍ୱାରା ବେଦଧ୍ୱନିରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ତଥା ପରିସରର ପ୍ରାକ୍ତନ ଅଧ୍ୟାପକ ଡ. ନୃସିଂହ ଚରଣ ସାହୁ, ମୁଖ୍ୟବକ୍ତା ଭାବେ ସାମନ୍ତଚନ୍ଦ୍ର ଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବିଭାଗ ମୁଖ୍ୟ ତଥା ସୁସାହିତ୍ୟିକ ଦିଲ୍ଲୀପ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ପରିସରର ବରିଷ୍ଠ ପ୍ରଫେସର ତଥା ଧର୍ମ ଶାସ୍ତ୍ର ବିଭାଗର ବିଭାଗ ମୁଖ୍ୟ ପ୍ରଫେସର ଲଳିତ ସାହୁ ପ୍ରମୁଖ ମାତୃଭାଷା ଗୋଟେ ଜାତିର ପରିଚୟ, ଯାହାର ମାତୃଭାଷା ଯେତେ ସମୃଦ୍ଧ ସେ ଜାତି ସେତେ ସବଳ ବୋଲି ମତ ପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ ଯଥାକ୍ରମେ ଓଡ଼ିଆ ବିଭାଗର ଅଧ୍ୟାପିକା ତଥା କାର୍ଯ୍ୟକ୍ରମର ସଂଯୋଜକ ଡ. ସ୍ୱାଗତିକା ମହାନ୍ତି, ଏବଂ ସହ ସଂଯୋଜକ ଅଧ୍ୟାପକ ଡ. ରୁଦ୍ରପ୍ରସାଦ ମିଶ୍ର । ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ଦେଇଥିଲେ ପରିସରର ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ପରିସରର ଅଧ୍ୟାପକ ଡ. ଶକ୍ତିପ୍ରସାଦ ଦ୍ୱିବେଦୀ । ମାତୃଭାଷା ଦିବସ ଉପଲକ୍ଷେ କରାଯାଇଥିବା ବକ୍ତୃତା ପ୍ରତିଯୋଗିତାରକୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ସ୍ୱରୂପ ପୁସ୍ତକ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

ସେହିପରି ମାରୁତି ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶୁକ୍ରବାର “ଅନ୍ତର୍ଜାତୀୟ ମାତୃଭାଷା ଦିବସ’ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଫେସର ଡାକ୍ତର ମହେଶ୍ୱର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ପଲ୍ଲୀପ୍ରାଣ ଆର୍ତ୍ତତ୍ରାଣ ମାନସିଂହ ଯୋଗ ଦେଇଥିଲେ । ପ୍ରଧାନାଚାର୍ଯ୍ୟ ବିନୋଦ କୁମାର ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟା ଲକ୍ଷ୍ମୀପ୍ରିୟା ରଥ ମଞ୍ଚ ପରିଚାଳନା କରିଥିବା ବେଳେ ବିଶିଷ୍ଟ ସାହିତ୍ୟିକ ଆଲୋକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶିଶୁମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

## ବେଙ୍ଗଲ ଫୁଡ୍ ଫେଷ୍ଟିଭାଲ

# ସୁସ୍ୱାଦୁ ଖାଦ୍ୟର ମଜା ନେଉଛନ୍ତି ପର୍ଯ୍ୟଟକ

**ପୁରୀ,୨୧।୨(ସମିସ):** ପୁରୀରେ ଖୋଲିଛି ବେଙ୍ଗଲ ଫୁଡ୍ ଫେଷ୍ଟିଭାଲ ‘ବଙ୍ଗୀୟ ଆହାର’ । ପ୍ରମୋଦ କନ୍‌ଭେନସନ ଆଣ୍ଡ ବିଚ୍ ରିସର୍ଟ୍ସ ପକ୍ଷରୁ ପ୍ରଥମଥର ପାଇଁ ବଙ୍ଗୀୟ ପର୍ଯ୍ୟଟକ ଏବଂ ପୁରୀବାସୀଙ୍କ ଉଦ୍ଦେଶ୍ୟରେ ହୋଟେଲର ସ୍ମୋକୀ ହାଉସ୍‌ରେ ମହକୁଛି ଭଳିକି ଭଳି ସୁସ୍ୱାଦୁଯୁକ୍ତ ଖାଦ୍ୟ ପସରା । ଏ ସମ୍ପର୍କରେ ପ୍ରମୋଦର ଜେନେରାଲ ମ୍ୟାନେଜର ଗୌତମ ରେଡ୍ଡୀ, ଫୁଡ୍ ଆଣ୍ଡ ବ୍ରିଭରେଜସ ମ୍ୟାନେଜର ସୁଶାନ୍ତ ସ୍ୱାଇଁ, ମ୍ୟାନେଜର ସୁବୋଧ ମିଶ୍ର କହିଛନ୍ତି, ଗ୍ରାହକଙ୍କୁ ୪୦ରୁ ୪୨ ପ୍ରକାର ସୁସ୍ୱାଦୁଯୁକ୍ତ ଖାଦ୍ୟ ପରଷିଦେବା ପାଇଁ ପ୍ରଥମଥର ଏହି ଫେଷ୍ଟିଭାଲ ଆୟୋଜନ କରାଯାଇଛି । ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଖାଦ୍ୟ ଉତ୍ସବରେ ମାତ୍ର ୧,୨୯୯ ଟଙ୍କାରେ ପର୍ଯ୍ୟଟକମାନେ ବିଭିନ୍ନ ପ୍ରକାର ଆମିଷ ଯେପରି କି ଚିକେନ, ମଟନ, ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଆଦି ୪୦ରୁ ୪୨ ପ୍ରକାର ଖାଦ୍ୟର ମଜା ନେଇପାରିବେ । ସେହିପରି ଟେବୁଲରେ ମାଟିର ପାତ୍ର, କଦଳୀପତ୍ର ବ୍ୟବହାର କରାଯାଉଥିବା ବେଳେ ୱେଲକମ୍ ଡ୍ରିଙ୍କସ, ଷ୍ଟାର୍ଟର ସମେତ ସ୍ୱତନ୍ତ୍ର ଭାବେ ପଶ୍ଚିମବଙ୍ଗର କିଛି ଖାଦ୍ୟ ରହିଛି । ଏ ସବୁ ଖାଦ୍ୟ ଶେଫ୍ ହିକ୍‌ମତ ପ୍ରସ୍ତୁତ କରିଛନ୍ତି ।

# ଶିଳ୍ପମନ୍ତ୍ରୀ ଓ ସହଯୋଗୀଙ୍କ ନାମରେ ଏତଲା

**ପାରାଦୀପ,୨୧।୨(ସମିସ):** ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ନାମରେ ପାରାଦୀପ ଆଦର୍ଶ ଥାନାରେ ଏତଲା ହୋଇଛି। ୬୦୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ତାଙ୍କ ନାଁରେ ଏତଲା ଦେଇଛନ୍ତି। କାର୍ଯ୍ୟାନୁଷ୍ଠାନ ନିଆନଗଲେ, ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଶ୍ରମିକମାନେ କହିଛନ୍ତି।



ପାରାଦୀପ ପୋର୍ଟ ଡିଏଲଆର୍ସ ଆଣ୍ଡ କଣ୍ଟ୍ରାକ୍ଟ ୱାର୍କମେନ ଆସୋସିଏସନ୍‌ର ସଦସ୍ୟମାନଙ୍କ ଅଭିଯୋଗ ଅନୁସାରେ, ପାରାଦୀପ ପୋର୍ଟ ଡିଏଲଆର୍ସ ଆଣ୍ଡ କଣ୍ଟ୍ରାକ୍ଟ ୱାର୍କମେନ ଆସୋସିଏସନ୍‌ରେ ନିଜକୁ ସଭାପତି ବୋଲାଉଥିବା ପ୍ରକାଶ ତ୍ରିପାଠୀ ବିଭିନ୍ନ ଗଣମାଧ୍ୟମରେ ଭିତ୍ତିହୀନ ମନ୍ତବ୍ୟ ଦେଉଛନ୍ତି। ଶ୍ରୀ ତ୍ରିପାଠୀ ସଂଘର ସଭାପତି ବାପି ସର୍ଖେଲ ଓ ସାଧାରଣ ସମ୍ପାଦକ ସମୀର ବିଶ୍ୱାଳଙ୍କ ନାମର ଥାନାରେ ଏକ ମିଥ୍ୟା ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗର କୌଣସି ସତ୍ୟତା ନାହିଁ। ପ୍ରଶାସନ ସମ୍ମୁଖରେ କିଛି ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରି ତାଙ୍କ ସଂଘକୁ ବଦନାମ କରିବା ପାଇଁ ଶ୍ରୀ ତ୍ରିପାଠୀ ଅନବରତ ଚେଷ୍ଟା କରିଚାଲିଛନ୍ତି। ବିଗତ ଦିନରେ ତାଙ୍କ ସଂଘ ନାମରେ ବିଭିନ୍ନ ପ୍ରକାର କାଗଜପତ୍ର ଓ ଲେଟର୍ ପ୍ୟାଡ୍‌କୁ ନକଲ କରି ସେମାନଙ୍କର ଫାଇଦା ହାସଲ ପାଇଁ ଟିକେ ମଧ୍ୟ କୁଣ୍ଠାବୋଧ କରୁନାହାନ୍ତି। କିନ୍ତୁ ସଂଘ ପ୍ରତିଷ୍ଠାର ମୂଳମନ୍ତ୍ର ଏହା ଥିଲା କି ପାରାଦୀପ ବନ୍ଦରରେ କାର୍ଯ୍ୟରତ ୧୦୦୦ ରୁ ଅଧିକ ଡିଏଲଆର ଠିକା ଶ୍ରମିକ ଓ କର୍ମଚାରୀ ମାନଙ୍କର ପ୍ରକୃତ ସମସ୍ୟାର ସମାଧାନ କରି ଯଥା ସମୟରେ ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା। କିଛି ମନ୍ଦ ଉଦ୍ଦେଶ୍ୟର ବ୍ୟକ୍ତିବିଶେଷ ସଂଘର ଲେଟରପ୍ୟାଡ୍ ଅପବ୍ୟବହାର କରୁଥିବାର ନଜିର ଆସିବାରୁ ୨୦୨୪ ଅକ୍ଟୋବର ୧ ତାରିଖରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଏକ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ପ୍ରତିବର୍ଷ ସଂଘର ବାର୍ଷିକ ରିଟର୍ଣ୍ଣ ଫାଇଲ କରାଯାଇଥିବା ବେଳେ ଏହାର ଏକକିତା ନକଲ ବନ୍ଦରର ସଚିବଙ୍କୁ ପ୍ରଦାନ କରାଯାଇଛି। ଶ୍ରମିକ ନେତା ବାପି ସର୍ଖେଲଙ୍କ ନେତୃତ୍ୱ ପାଇଁ ୧୧ଶହରୁ ଅଧିକ ଡିଏଲଆର ଠିକା ଶ୍ରମିକ ଓ କର୍ମଚାରୀସଂଘରେ ଯୋଡି ହୋଇଛନ୍ତି। ପାରାଦୀପର ବିଧାୟକ ତଥା ରାଜ୍ୟର ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଇଙ୍ଗିତରେ ପ୍ରକାଶ ତ୍ରିପାଠୀ ଏବେ ପାରାଦୀପରେ ଆଇନ ଶୃଙ୍ଖଳାପରିସ୍ଥିତି ସୃଷ୍ଟି କରିବା ସହିତ ଜୋରଜବରଦସ୍ତ ଧମକପୂର୍ଣ୍ଣ ଭାବେ ସମସ୍ତ କାର୍ଯ୍ୟକୁ ହାସଲ କରିବା ପାଇଁ ଚେଷ୍ଟା କରୁଛନ୍ତି। ବାରମ୍ବାର ସଂଘର ଲେଟରପ୍ୟାଡ୍‌କୁ ଦୁରୁପଯୋଗ କରୁଥିବା ପ୍ରକାଶ ତ୍ରିପାଠୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି।



ପୁରୀ ବେଳାଭୂମିରେ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ (ଫଟୋ:- ଅନିଲ)

### ମହାନତା ଦେଖାଇଲେ ତିନି ଭଉଣୀ

## ପଞ୍ଚୁଦୋଳ ମେଳଣକୁ ୩ କୋଟିର ଜମି ଦାନ



**ପିପିଲି, ୨୧।୨(ସମିସ):** ମହାନତା ଦେଖାଇଲେ ତିନି ଭଉଣୀ। ଲକ୍ଷେ କି ଦୁଇ ଲକ୍ଷ ନୁହେଁ, ପିପିଲି ବଜାର ପଞ୍ଚୁଦୋଳ ମେଳଣ କମିଟିକୁ ପ୍ରାୟ ୩କୋଟି ଟଙ୍କାର ଜମି ଦାନ କରିଛନ୍ତି। ତିନି ଭଉଣୀ ଏପରି ମହାନ କାର୍ଯ୍ୟ କରି ସମସ୍ତଙ୍କ ପାଇଁ ଉଦାହରଣ ସାଜିଥିବା ବେଳେ ସେମାନଙ୍କ ନିଃସ୍ୱାର୍ଥପର ମନୋବୃତ୍ତି ପାଇଁ ସବୁ ମହଲରେ ପ୍ରଶଂସାର ସୁଅ ଛୁଟିଛି। ଶହେ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ପିପିଲି ବଜାରସ୍ଥିତ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ଜମି ସମସ୍ୟାର ସମାଧାନ କରିଛନ୍ତି ଏହି ତିନି ଭଉଣୀ। ନିଜ ପୈତୃକ ସମ୍ପତ୍ତି ୩୫ ଡ଼ିସିମିଲ ଜମିକୁ ହସିହସି ଦାନ କରି ଦେଇଛନ୍ତି। ପିପିଲି ଅଞ୍ଚଳର ସୁଶୀଳ ଆଡ଼ିଆଙ୍କ ତିନି ଝିଅ ରୀନା ପାଲ, ସ୍ମିତା ଭଟ୍ଟାଚାର୍ଯ୍ୟ ଓ ଅନିତା ଦେ ନିଜର ସମ୍ପତ୍ତିକୁ ପଞ୍ଚୁଦୋଳ ମେଳଣ କମିଟିକୁ ଦାନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଏନେଇ ଶୁକ୍ରବାର ପଞ୍ଚୁଦୋଳ ମେଳଣ କମିଟି ପକ୍ଷରୁ ଏହି ତିନି ଭଉଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କମିଟିର ସଭାପତି ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଚାନ୍ଦୁଆ ଶିଳ୍ପୀ ଜବାର ଖାଁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଆଇନଜୀବୀ ନିରଞ୍ଜନ ପତିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଉପସ୍ଥିତ ଉକ୍ତ ତିନି ଭଉଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସର୍ବପୁରାତନ ପିପିଲି ବଜାର ପଞ୍ଚୁଦୋଳ ମେଳଣ ପାଇଁ ସେମାନଙ୍କ ଅବଦାନକୁ ବହୁ ପ୍ରଶଂସା କରିଥିଲେ।

ସୂଚନା ଥାଉକି ପିପିଲି ପଞ୍ଚୁଦୋଳ କମିଟି ପ୍ରାୟ ଦେଢ଼ ଶହ ବର୍ଷ ପୁରୁଣା ହୋଇଥିଲା ବେଳେ ଏହି ମେଳଣ ପଡିଆ ଉକ୍ତ ତିନି ଭଉଣୀଙ୍କର ପୈତୃକ ସମ୍ପତ୍ତି ରହିଥିଲା। ବହୁ ପୁରାତନ ଏହି ପଞ୍ଚୁଦୋଳ ମେଳଣର ଭବିଷ୍ୟତ କାମନା କରି ତିନି ଭଉଣୀଙ୍କ ଏଭଳି ନିଆରା ଉଦ୍ୟମ କରିଥିବା ସମସ୍ତେ କହିଥିବା ବେଳେ ଓଡ଼ିଆ କଳା ସଂସ୍କୃତିକୁ ବଜାୟ ରଖିବାରେ ଏହି ମେଳଣ ସହାୟକ ହେଉଛି ବୋଲି ସାମୂହିକ ପ୍ରଶଂସା କରାଯାଇଛି।

### କାହା ସ୍ୱାର୍ଥ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଚୁପ୍

# ୬ ବର୍ଷ ବିତିଲା; ଧାର୍ଯ୍ୟ ହୋଇପାରୁନି ଅବଢ଼ା ଦର

**ପୁରୀ,୨୧।୨(ସମିସ):** ବର୍ଷେ କି ଦୁଇବର୍ଷ ନୁହେଁ; ଶ୍ରୀମନ୍ଦିରରେ ଶୃଙ୍ଖଳା ପାଇଁ ନିଆଯାଇଥିବା ଏକ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନି। କ'ଣ ପାଇଁ ଅବଢ଼ା ଦରଧାର୍ଯ୍ୟ କ୍ଷେତ୍ରରେ ଚୁପ୍ ହୋଇଯାଇଛି ଶ୍ରୀମନ୍ଦିର ପ୍ରଶାସନ। କାହା ସ୍ୱାର୍ଥ ପାଇଁ ମହାପ୍ରସାଦ ଦର ଧାର୍ଯ୍ୟ ହୋଇପାରୁନି, ଏହି ପ୍ରଶ୍ନ ଏବେ ଅନେକଙ୍କ ମନରେ। ହେଲେ ବର୍ଷ ପରେ ବର୍ଷ ଗଡ଼ୁଛି କିନ୍ତୁ ଆନନ୍ଦବଜାରରେ ଶୃଙ୍ଖଳା ପାଇଁ ନିଆଯାଇଥିବା ଏହି ନିଷ୍ପତ୍ତି ଆଜି ବି ଝୁଲି ରହିଛି। ସେବାୟତଙ୍କ ଆଗରେ ମନ୍ଦିର ପ୍ରଶାସନ ଅସହାୟ ହୋଇପଡିଛି କି ବୋଲି ଅନେକ ଶ୍ରଦ୍ଧାଳୁ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ଶୃଙ୍ଖଳିତ ହେବ ଆନନ୍ଦ ବଜାର। କୌଣସି ଭକ୍ତ ଶୋଷଣର ଶିକାର ହେବେ ନାହିଁ। ମହାପ୍ରସାଦ କିଣିବା ବେଳେ ଦରକୁ ନେଇ କାହା ମନରେ ଯେପରି କୌଣସି ପ୍ରକାର ଭାବନା ନ ଆସିବ ତାକୁ ଗୁରୁତ୍ୱ ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ତେଣୁ ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯାଇ ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏପରି ହେଲେ ଅବଢ଼ା କିଣିବାକୁ ନେଇ ସୁଆରଙ୍କ ସହ କାହାକୁ ମୂଲଚାଲ



କରିବାକୁ ପଡ଼ିବନାହିଁ କି କେହି ଦୁର୍ବ୍ୟବହାରର ଶିକାର ହେବେ ନାହିଁ। ୨୦୧୮ ରେ ସୁଆର ମହାସୁଆର ନିଯୋଗ ସହ ତତ୍କାଳୀନ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ବୈଠକ କରି ଏହି ନିଷ୍ପତ୍ତି ନେଇଥିଲେ। ଏହାବ୍ୟତୀତ ଆନନ୍ଦ ବଜାରରେ କିଭଳି ଶୃଙ୍ଖଳା ରକ୍ଷା କରାଯିବ, ମହାପ୍ରସାଦ ବିକ୍ରି କେଉଁଭଳି ସୁବ୍ୟବସ୍ଥିତ ହେବ ସେଥିପାଇଁ ମଧ୍ୟ ଏକାଧିକ ନିଷ୍ପତ୍ତି ନିଆଯାଇଥିଲା। ଏଭଳି ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଥିଲେ। ଏହାକୁ ନେଇ ପ୍ରକ୍ରିୟା ବି ଜୋର୍‌ଦାର ଆରମ୍ଭ ହେଲା। ସେହିବର୍ଷ ଅକ୍ଟୋବରରେ ପୁନଶ୍ଚ ବୈଠକ ବସି ଏଥିପାଇଁ ଥରେ ଅବଢ଼ା ପ୍ରସ୍ତୁତ କରାଯିବ। ଏଥିଲାଗି ଆବଶ୍ୟକ ଚାଉଳ, ଡାଲି, କୁଡୁଆ ଇତ୍ୟାଦି ମନ୍ଦିର ପ୍ରଶାସନ ଯୋଗାଇଦେବ। କୋଠ ରୋଷରେ ଏହା ରୋଷେଇ ହେବ। ଦେଉଳକରଣ ଏବଂ ସୁପରଭାଇଜର ନିରୀକ୍ଷଣ କରିବେ। ରୋଷେଇ ସରିବା ପରେ ସାମଗ୍ରୀ କିଣାରେ କେତେ ଖର୍ଚ୍ଚ ହେଉଛି ଏବଂ ସୁଆର ସେବକ କେତେ ଲାଭ ପାଇବେ ତାହା ଶ୍ରୀମନ୍ଦିର ପ୍ରଶାସନ ସ୍ଥିର କରିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ରୋଷେଇ ଲାଗି ଏକାଧିକ ତାରିଖ ସ୍ଥିର କରାଯାଇ ସମୟ ଗଡ଼ିଥିଲା।

ଶେଷରେ ୨୦୧୮ ଡିସେମ୍ବର ୪ରେ ମହାପ୍ରସାଦ ଦର ନିର୍ଦ୍ଧାରଣ ଲାଗି ରୋଷେଇ ହୋଇଥିଲା। ଖୁବ୍‌ଶୀଘ୍ର ଦର ତାଲିକା ଚୂଡ଼ାନ୍ତ କରାଯାଇ ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ତତ୍କାଳୀନ ମୁଖ୍ୟ ପ୍ରଶାସକ କହିଥିଲେ। ରୋଷେଇ ହେବାର ୬ ବର୍ଷ ବିତିଗଲାଣି, ହେଲେ ଏ ପର୍ଯ୍ୟନ୍ତ ମହାପ୍ରସାଦ ଦର ନିର୍ଦ୍ଧାରଣ ହୋଇପାରିଲା ନାହିଁ। ନିଷ୍ପତ୍ତି ନିଆଯିବା ପରେ ଅନେକଥର ଶ୍ରୀମନ୍ଦିରରେ ଅବଢ଼ା ଦରକୁ ନେଇ ଭକ୍ତ-ସେବକ ମୁହାଁମୁହିଁ ହୋଇଛନ୍ତି। ଏପରିକି, ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର ଏବଂ ଆକ୍ରମଣ ମଧ୍ୟ କରାଯାଇଛି। ନିଷ୍ପତ୍ତି ନେଇଥିବା ମୁଖ୍ୟ ପ୍ରଶାସକଙ୍କ ପରେ ଆଉ କେତେଜଣ ମନ୍ଦିରର ମୁଖିଆ ଭାବେ ଆସି ଏଠାରୁ ବଦଳି ହୋଇଗଲେଣି। କିନ୍ତୁ ଅବଢ଼ା ଦର ଧାର୍ଯ୍ୟ ହୋଇପାରୁନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ପ୍ରଶାସନ କାହିଁକି ନିଷ୍ପତ୍ତି ନେଇପାରୁନି? କାହା ସ୍ୱାର୍ଥ ପାଇଁ ପ୍ରଶାସନ ଚୁପ୍ ବସିଛି? ଆନନ୍ଦ ବଜାରରେ ଶୃଙ୍ଖଳା ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ମହାପ୍ରସାଦ ଦର ନିର୍ଦ୍ଧାରଣ କାହିଁକି କରାଯାଉନାହିଁ ବୋଲି ଭକ୍ତଙ୍କ ମହଲରେ ପ୍ରଶ୍ନ ଉଙ୍କି ମାରିଛି।

## ଗୋଟିଏ ପଥରରେ ୧୫ ଫୁଟ୍‌ର ଶିବମୂର୍ତ୍ତି

**ବଲଙ୍ଗା,୨୧।୨(ସମିସ):** ବଲଙ୍ଗା ଥାନା ଅନ୍ତର୍ଗତ ରୂପଦେଇପୁର ପଞ୍ଚାୟତର ମୈଢ଼ୁବେଗ ଗ୍ରାମର ଅକ୍ଷୟ ମହାରଣା ୧୫ ଫୁଟ୍ ଉଚ୍ଚ ଓ ୫ ଫୁଟ୍ ଓସାରର ଏକ ଶିବମୂର୍ତ୍ତି ମଧ୍ୟପ୍ରଦେଶର ଉଜ୍ଜୟିନୀସ୍ଥିତ ମହାକାଳେଶ୍ୱର ମନ୍ଦିର ନିକଟରେ ତିଆରି କରିଛନ୍ତି। ଏଥିପାଇଁ ମଧ୍ୟପ୍ରଦେଶ ସରକାର ଅକ୍ଷୟଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ଅପରପକ୍ଷେ, ଏହି ନିଖୁଣ କାରିଗରୀ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅକ୍ଷୟଙ୍କୁ ସମ୍ମାନିତ କରିଛନ୍ତି। ଏହି ମୂର୍ତ୍ତି ଗଢ଼ିବାରେ ଦୁଇ ପୁଅ ତାଙ୍କୁ ସହାୟତା କରିଥିବା ଅକ୍ଷୟ କହିଛନ୍ତି। ମୂର୍ତ୍ତି ତିଆରି କରିବା ପାଇଁ ପ୍ରାୟ ପାଞ୍ଚ ମାସ ସମୟ ଲାଗିଥିଲା। ଆଶ୍ଚର୍ଯ୍ୟର କଥା ହେଲା, ଗୋଟିଏ ପଥରରେ ଏହି ଧ୍ୟାନମଗ୍ନ ଶିବମୂର୍ତ୍ତି ତିଆରି ହୋଇଛି। ଆଗରୁ ଅକ୍ଷୟଙ୍କ ହାତତିଆରି ଏକ ଗଣେଶ ମୂର୍ତ୍ତି ରାଷ୍ଟ୍ରପତି ଭବନରେ ଶୋଭାବର୍ଦ୍ଧନ କରୁଛି। କେବଳ ଅର୍ଥ ଓ ବ୍ୟବସାୟ ନୁହେଁ; ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ କଳାକୁ ବଞ୍ଚାଇ ରଖିବା ମହତ୍ତ୍ୱପୂର୍ଣ୍ଣ ବୋଲି ଅକ୍ଷୟ ପ୍ରକାଶ କରିଛନ୍ତି।

**ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତରଶିଳ୍ପୀ ଅକ୍ଷୟ ସମ୍ମାନିତ**



## କୂଅ ଭିତରୁ ଗାଡ଼ଭାଲୁ ଉଦ୍ଧାର



**ଦିଗପହଣ୍ଡି,୨୧।୨(ସମିସ):** ଦିଗପହଣ୍ଡି ବ୍ଲକ୍ ଫାଶିଗୁଡ଼ା ଗ୍ରାମ ସାଗର ସାହିର ବଳରାମ ପ୍ରଧାନଙ୍କ କୂଅରେ ଗଳି ପଡ଼ିଥିବା ଏକ ବିରଳ ପ୍ରଜାତିର ଗାଡ଼ଭାଲୁକୁ ଶୁକ୍ରବାର ସକାଳେ ସାନଖେମୁଣ୍ଡି ଅଗ୍ନିଶମବାହିନୀ ଉଦ୍ଧାର କରିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଭାଲୁଟି ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଜଙ୍ଗଲରୁ ଗାଁ ମଧ୍ୟକୁ ଚାଲିଆସିଥିଲା। ପରେ ଅନ୍ଧାର ରାତିରେ ବାଟବଣା ହୋଇ କୂଅ ଭିତରେ ଗଳି ପଡ଼ିଥିଲା। ଭୋର୍‌ରେ କିଛି ବ୍ୟକ୍ତି ସେହି ରାସ୍ତାରେ ଯାଉଥିବା ବେଳେ କୂଅ ଭିତରେ ଭାଲୁଟିକୁ ଦେଖିଥିଲେ। ସାନଖେମୁଣ୍ଡି ଦମକଳ ବାହିନୀ ଏବଂ ଚନ୍ଦ୍ରଗିରି ବନାଞ୍ଚଳ ଭୀଷ୍ମଗିରି ସେକ୍ସନ ବନପାଳ ଦେବାଶିଷ ଶତପଥୀ, ପୋଡ଼ାମାରି ଡେପୁଟି ରେଞ୍ଜର ରୂପକ ପ୍ରଧାନ, ବନପାଳ ସୁନୀଲ ମଣ୍ଡଳ ଏବଂ ବନବିଭାଗ ରାପିଡ ଆକ୍ସନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଭାଲୁକୁ ଉଦ୍ଧାର କରିଥିଲେ।

# ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

**କଟକ,୨୧।୨(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ (ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ) ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ସଂସ୍କୃତ ମଧ୍ୟମା ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ଏହି ପରୀକ୍ଷା ଆସନ୍ତା ମାର୍ଚ୍ଚ ୬ ପର୍ଯ୍ୟନ୍ତ ଚାଲିବ। ତେବେ ପ୍ରଥମ ଦିନରେ ମାତୃଭାଷା ବିଷୟରେ ପରୀକ୍ଷା ଶୃଙ୍ଖଳିତ ଭାବେ ଶେଷ ହୋଇଛି। ପରୀକ୍ଷାରେ ସହଜ ପ୍ରଶ୍ନ ଆସିଥିବାରୁ ପରୀକ୍ଷାର୍ଥୀମାନେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ତେବେ



### ପ୍ରଥମ ଦିନରେ କପି କରି ଧରାପଡ଼ିଲେ ୪

୪ଜଣ କପି କରି ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ବୋର୍ଡ ପକ୍ଷରୁ କରାଯାଇଥିବା କମାଣ୍ଡ କଣ୍ଟ୍ରୋଲରୁମ୍‌ର ନିରୀକ୍ଷଣ ବ୍ୟବସ୍ଥାରେ ଧରାପଡ଼ିଥିଲେ। ମୋଟ ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ୫ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। କେତେଜଣ ପରୀକ୍ଷାର୍ଥୀ ପ୍ରଥମ ଦିନରେ ଅନୁପସ୍ଥିତ ଥିଲେ, ତାହାର ସଠିକ୍ ସୂଚନା ବୋର୍ଡ ପକ୍ଷରୁ ଦିଆଯାଇନାହିଁ।

ଆଜି ପରୀକ୍ଷାର ପ୍ରାୟ ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିଥିଲେ। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ମିନିଟରେ ଶେଷ ହୋଇଥିଲା। ପରୀକ୍ଷା ଶେଷ ପରେ ଉତ୍ତରଖାତାକୁ ୩୧୪ଟି ନୋଡାଲ କେନ୍ଦ୍ରରେ କଡ଼ା ସୁରକ୍ଷାବଳୟରେ ରଖାଯାଇଛି। ଆସନ୍ତା ୨୪ ତାରିଖରେ ଦ୍ୱିତୀୟ ଭାଷା ଇଂରାଜୀ ବିଷୟରେ ପରୀକ୍ଷା ହେବ। ବିଗତ ବର୍ଷମାନଙ୍କରେ ହୋଇଥିବା ପ୍ରଶ୍ନପତ୍ର ଭାଇରାଲକୁ ରୋକିବା ପାଇଁ ଏଥର ବୋର୍ଡ ପକ୍ଷରୁ ପ୍ରଥମ କରି ପ୍ରଶ୍ନପତ୍ରଗୁଡ଼ିକରେ କ୍ୟୁଆର୍ କୋଡ୍ ଓ ୱାଟର୍ ମାର୍କ ରହିଥିଲା। ନୋଡାଲ କେନ୍ଦ୍ରଗୁଡ଼ିକରୁ ଆଜି ସକାଳ ୭ଟା୩୦ରୁ ୮ଟା୩୦ ମଧ୍ୟରେ ପ୍ରଥମ ଦିନର ପ୍ରଶ୍ନପତ୍ରକୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଯାଇଥିଲା। ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କ ବ୍ୟତିରେକ କାହାରିକୁ ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଫୋନ ନେବା ବାରଣ କରାଯାଇଥିଲା। କପି ରୋକିବା ପାଇଁ ଗଠନ କରାଯାଇଥିବା ୪ସ୍ତରୀୟ ସ୍କ୍ୱାଡ୍ ବିଭିନ୍ନ ପରୀକ୍ଷା କେନ୍ଦ୍ରଗୁଡ଼ିକ ବୁଲି ଯାଞ୍ଚ କରିଥିଲେ। ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଥିବା ବେଳେ ୬୦୦ କେନ୍ଦ୍ରରେ ଲାଇଭ ଷ୍ଟ୍ରିମିଂ (ସିଧାପ୍ରସାରଣ) ର ବ୍ୟବସ୍ଥା କରାଯାଇ ବୋର୍ଡର କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ଅନୁଧ୍ୟାନ କରାଯାଇଛି। କମାଣ୍ଡ କଣ୍ଟ୍ରୋଲ ରୁମ୍‌ରେ ୩୦ଜଣ ବୈଷୟିକ କର୍ମଚାରୀ ଉପସ୍ଥିତ ରହି ଲାଇଭଷ୍ଟ୍ରିମିଂ ଜରିଆରେ ତ୍ରୁଟି ବିଚ୍ୟୁତିକୁ ନିରୀକ୍ଷଣ କରିଥିଲେ।

### 'ମାଟ୍ରିକ' ଅଘଟଣ

## ଘରୁ ବାହାରିବାବେଳେ ଟଳିପଡ଼ିଲେ ଚନ୍ଦ୍ରଶେଖର

**ବାହାନଗା,୨୧।୨ (ସମିସ) :** ଚଳିତ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ଜଣେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ବରିପଦା ଗାଁର କୈଳାଶ ଚନ୍ଦ୍ର ମାଝୀଙ୍କ ପୁଅ ଚନ୍ଦ୍ରଶେଖର ମାଝୀ (୧୫)। ଚନ୍ଦ୍ରଶେଖର ସ୍ଥାନୀୟ ଆରୁହାବାଡ଼ସ୍ଥିତ ଉଦୟ ନାରାୟଣ ହାଇସ୍କୁଲରେ ପଢ଼ନ୍ତି। ୩ ଦିନ ତଳେ ସେ ଗାଁରେ ଏକ ଭୋଜି ଖାଇଥିଲେ। ପରେ ତାଙ୍କ ପେଟରେ ଯନ୍ତ୍ରଣା ହେବାରୁ ପରିବାରଲୋକ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ହେବାରୁ ଘରକୁ ଫେରିଥିଲେ। ହେଲେ ଯନ୍ତ୍ରଣା କମିନଥିଲା। ତେବେ ଆଜି ସେ ମାଟ୍ରିକ୍ ପରୀକ୍ଷା ଦେବାକୁ ଘରୁ ବାହାରିବା ବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ପରିବାରଲୋକ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ସୋର ପୁଲିସ୍ ପହଞ୍ଚି ମୃତଦେହ ଜବତ କରିବା ସହ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସେପଟେ ଛାତ୍ରଙ୍କ ମୃତ୍ୟୁରେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସହପାଠୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ଓଲଟିଲା ବଲେରୋ; ୧୧ ପରୀକ୍ଷାର୍ଥୀ ଆହତ

**ରାଜନଗର,୨୧।୨(ସମିସ):** ଆଜି ସକାଳୁ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ନେଇ ଆସୁଥିବା ଏକ ବଲେରୋ ଜଣେ ସାଇକଲ୍ ଆରୋହୀଙ୍କୁ ଧକ୍କା ଦେଇ ରାସ୍ତାକଡ଼ କେନାଲ୍ ଭିତରକୁ ଓଲଟି ପଡ଼ିଛି। ଏଥିରେ ସାଇକଲ ଚାଳକଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ ପରୀକ୍ଷାର୍ଥୀ ଆହତ ହୋଇଛନ୍ତି। ଆହତ ଅବସ୍ଥାରେ ସେମାନେ ପରୀକ୍ଷା ଦେଇଛନ୍ତି।



- ସାଇକଲ୍ ଚାଳକ ମୃତ
- ଆହତ ଅବସ୍ଥାରେ ପରୀକ୍ଷା ଦେଲେ
- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ସୂଚନା ଅନୁସାରେ, ବାଘମାରୀସ୍ଥିତ ବିବେକାନନ୍ଦ ବିଦ୍ୟାପୀଠ ପରୀକ୍ଷାର୍ଥୀଙ୍କ ପରୀକ୍ଷା କେନ୍ଦ୍ର ଖମାରସାହିସ୍ଥିତ ନାଗା ନାରାୟଣ ହାଇସ୍କୁଲ ହୋଇଛି। ୧୫ କିମି ଦୂରରୁ ୧୧ଜଣ ପରୀକ୍ଷାର୍ଥୀ ଏକ ବଲେରୋରେ ପରୀକ୍ଷା କେନ୍ଦ୍ରକୁ ଆସୁଥିଲେ। ଡେରି ହୋଇଯାଉଥିବାରୁ ବଲେରୋଟି ଦ୍ରୁତ ଗତିରେ ଆସୁଥିଲା। କୃଷ୍ଣନଗର ଛକରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା କୃଷ୍ଣନଗର ଗାଁର ସୁବୋଧ ମଣ୍ଡଳଙ୍କୁ ଧକ୍କା ଦେଇ ଗାଡ଼ିଟି କେନାଲ ମଧ୍ୟକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ସୁବୋଧଙ୍କର ମୃତ୍ୟୁ ଘଟିଥିଲା। ବଲେରୋରେ ଥିବା ପରୀକ୍ଷାର୍ଥୀଙ୍କୁ ସ୍ଥାନୀୟ ଲୋକେ କାଚ ଭାଙ୍ଗି କାଦୁଅ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ। ୧୧ଜଣ ପରୀକ୍ଷାର୍ଥୀଙ୍କୁ ନିକଟସ୍ଥ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନେ ଡ୍ରେସ ବଦଳାଇ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରେ ଉମାକାନ୍ତ ମାଇତି, ଦୟାନିଧି ଭୂୟାଁ ଘରକୁ ଫେରିଥିବା ବେଳେ ଆହତ ହୋଇଥିବା ସିଦ୍ଧାନ୍ତ ମାଇତି, ଅଭିଜ୍ଞାନ କୁଣ୍ଡ, ସନ୍ଦିପନ କୁଣ୍ଡ, ବୁଦ୍ଧଦେବ ଦାସ, ଶୁଭଙ୍କର ବାରିକ, ଏସ୍.କେ ବୈରୁଲ, ସାଇନା ଫାତୁନ, ସୁବାସ ଜେନା, ଆଜଦ ଅଲ୍ଲୀଖାନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

# ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁଁ: ପରୀକ୍ଷା କେନ୍ଦ୍ର ୨୪ କିମି ଦୂରରେ

କଣାସ,୨୧।୨(ସମିସ):

ଦଶ କିଲୋମିଟର ଦୂରତା ମଧ୍ୟରେ ପରୀକ୍ଷା କେନ୍ଦ୍ର ହେବାର ନିୟମ ଥିଲେ ମଧ୍ୟ କଣାସ ବ୍ଲକ ଅନ୍ତର୍ଗତ ନୀଳକଣ୍ଠଦେବ ବିଦ୍ୟାପୀଠ ତେନ୍ତୁଳିମୂଳର ୭୭ ଜଣ ପରୀକ୍ଷାର୍ଥୀ ୨୪ କିଲୋମିଟର ଦୂର ଗଡସାନପୁଟ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ଏନେଇ ପରୀକ୍ଷାର୍ଥୀ ଓ ଅଭିଭାବକ ମହଲରେ ଅଶାନ୍ତି ଦେଖାଦେଇଛି। ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ କିପରି ଉକ୍ତ କେନ୍ଦ୍ର କରିବାକୁ ଓଡିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦକୁ ପ୍ରସ୍ତାବ ଦେଲେ ସେ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ୨୪ କିମି ଦୂରରେ ପରୀକ୍ଷା କେନ୍ଦ୍ର ହୋଇଥିବା ନେଇ ଏହାର ପୁନଃବିଚାର ନିମନ୍ତେ ବହୁ ପୂର୍ବରୁ ଅଭିଭାବକ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହିତ ଯୋଗାଯୋଗ କରି ବିଫଳ ହେବାରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଗଣଶିକ୍ଷା ମନ୍ତ୍ରୀ ଘଟଣା ସମ୍ପର୍କରେ ଅବଗତ ହୋଇ ତୁରନ୍ତ ଏହାର ସମାଧାନ କରିବାକୁ କଡା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କହିବାନୁଯାୟୀ ମୁଁ ଏଠାକୁ ନୂଆ ଆସିଥିବାରୁ ବିଦ୍ୟାଳୟମାନଙ୍କର ଅବସ୍ଥିତ ସମ୍ପର୍କରେ ଧାରଣା ନାହିଁ। ବିଜ୍ଞାନ ପର୍ଯ୍ୟବେକ୍ଷକଙ୍କ ରିପୋର୍ଟ ଆଧାରରେ କେନ୍ଦ୍ର ନିର୍ଦ୍ଦିଷ୍ଟ କରି ମାଧ୍ୟମିକ ଶିକ୍ଷା ପରିଷଦକୁ ପଠାଇଥିଲୁ। ତଥାପି ଜିଲ୍ଲା ଶିକ୍ଷା ଅଧିକାରୀ ଗଣଶିକ୍ଷା ମନ୍ତ୍ରୀଙ୍କ ଚାପରେ କଣାସ ବ୍ଲକର ବିଭିନ୍ନ ପ୍ରଧାନଶିକ୍ଷକଙ୍କ ଠାରୁ ଖବର ନେବାରେ ସେ ଜାଣିବାକୁ ପାଇଲେ ଯେ ବିଦ୍ୟାଳୟଠାରୁ ପରୀକ୍ଷା କେନ୍ଦ୍ରର ଦୂରତା ୨୦ କିଲୋମିଟରରୁ ଅଧିକ ହୋଇଛି। ମାତ୍ର ବିଜ୍ଞାନ ପର୍ଯ୍ୟବେକ୍ଷକ ଏହି ତଥ୍ୟକୁ ଏଡେଇ ଯିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ଏକ ସ୍ୱତନ୍ତ୍ର ଟିମ ପଠାଇ ଦୂରତା ୨୪ କିଲୋମିଟର ବୋଲି ଅବଗତ ହୋଇଥିଲେ। କିନ୍ତୁ ଫଳ କିଛି ହେଲା ନାହିଁ। ପରୀକ୍ଷାର୍ଥୀମାନେ ହଇରାଣ ହୋଇ ୨୪ କିଲୋମିଟର ଆସି ପରୀକ୍ଷା ଦେଉଛନ୍ତି। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଅଭିଭାବକମାନେ ଆଣି ପରୀକ୍ଷା କେନ୍ଦ୍ରରେ ଛାଡିବା ପରେ ତିନି ଘଣ୍ଟା ଧରି ରାସ୍ତାରେ ଖରାରେ ବସି ରହୁଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ୨୧୮୪ ପରୀକ୍ଷା ଦେଲେ



### ● ୪୦ ଛାତ୍ରଛାତ୍ରୀ ଅନୁପସ୍ଥିତ

କଣାସ,୨୧।୨(ସମିସ):

ପୁରୀ ଜିଲ୍ଲା କଣାସ ବ୍ଲକର ୧୩ ପରୀକ୍ଷା କେନ୍ଦ୍ରରେ ୨୨୨୪ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବାବେଳେ ୨୧୮୪ ଜଣ ଛାତ୍ରଛାତ୍ରୀ ୧୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିବା ଜଣାପଡିଛି। ୪୦ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ୧୦ ଜଣ ମଧ୍ୟମା ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବାବେଳେ ୧୦ ଜଣ ପରୀକ୍ଷା ଦେଇଛନ୍ତି।୧୫୯ ଜଣ ଓପନ ସ୍କୁଲ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବାବେଳେ ୧୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। କଣାସ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, ଅଭୟମୁଖୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ବରାଳ ପର୍ଯ୍ୟବେକ୍ଷକ ଭାବେ ସମସ୍ତ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ମହାପାତ୍ର ପରୀକ୍ଷା ଅଧିକ୍ଷକ ଭାବେ ସମସ୍ତ କେନ୍ଦ୍ରକୁ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନ ପତ୍ର ପଠାଇବା ସହ ପରୀକ୍ଷା ଶେଷରେ ଉତ୍ତର ଖାତା ଗୁଡିକ କଡା ସୁରକ୍ଷା ମଧ୍ୟରେ ନୋଡାଲ କେନ୍ଦ୍ରକୁ ଅଣାଯାଇଥିଲା। ଆଜି ୧୩ ଟି କେନ୍ଦ୍ରରେ ଶାନ୍ତିପୂର୍ଣ୍ଣ ଭାବେ ପରୀକ୍ଷା ଶେଷ ହୋଇଥିବା ନୋଡାଲ କେନ୍ଦ୍ରର ସୁପରିନଟେଣ୍ଡେଣ୍ଟ ଶ୍ରୀମତୀ ମହାପାତ୍ର ସୂଚନା ଦେଇଛନ୍ତି।

## ୭ଟି କେନ୍ଦ୍ରରେ ପରୀକ୍ଷା ଦେଲେ ୧୦୦୬ ଛାତ୍ରଛାତ୍ରୀ



ଡେଲାଙ୍ଗ,୨୧।୨(ସମିସ): ବିଦ୍ୟାର୍ଥୀ ଜୀବନର ସବୁଠୁ ମହତ୍ୱପୂର୍ଣ୍ଣ ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଡେଲାଙ୍ଗ ବ୍ଲକର ୭ଟି ପରୀକ୍ଷା କେନ୍ଦ୍ରରେ ୧୦୧୪ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୧୦୦୬ ଜଣ ଉପସ୍ଥିତ ରହି ପରୀକ୍ଷା ଦେଇଥିବା ବେଳେ ୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ଡେଲାଙ୍ଗ ହାଟ ବଜାରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୧୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ଜଣ, ସରକାରୀ ରାଧାକାନ୍ତ ବିଦ୍ୟାପୀଠରେ ୧୨୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ଜଣ, ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇରେ ୯୪ ପରୀକ୍ଷାର୍ଥୀ ମଧ୍ୟରୁ ୧, ମହତାବ ଉଚ୍ଚ ବିଦ୍ୟାଳୟରେ ୧୮୨ ପରୀକ୍ଷାର୍ଥୀ ମଧ୍ୟରୁ ୨, ସୋମନାଥଦେବ ବିଦ୍ୟାପୀଠ ହରିରାଜପୁରରେ ୧୮୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧, ଘୋରଡିଆ ଉଚ୍ଚ ବିଦ୍ୟାଳୟରେ ୧୫୫ ଓ ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତେ ପରୀକ୍ଷା ଦେଇଥିବା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଡେଲାଙ୍ଗ ହାଟ ବଜାରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳକୁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ଯଥା ସମୟରେ ଡେଲାଙ୍ଗ ତହସିଲଦାର ଅନୁପସ୍ଥିତ ରହିବାରୁ ଗୋଷ୍ଠୀ ସହ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ ପୋଲିସ କର୍ମୀଙ୍କ ଉପସ୍ଥିତିରେ ସକାଳ ୭ଟାରେ ସେଣ୍ଟର ଖୋଲିବା ସହିତ ପରୀକ୍ଷା କେନ୍ଦ୍ର ଗୁଡିକୁ ପ୍ରଶ୍ନପତ୍ର ପଠାଇଥିଲେ। ପିପିଲି ନୋଡାଲ ସେଣ୍ଟରରୁ ସୋମନାଥ ଦେବ ଉଚ୍ଚ ବିଦ୍ୟାଳୟକୁ ପ୍ରଶ୍ନପତ୍ର ଆସିଥିଲା। ସକାଳ ୯ଟା ସମୟରେ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ସହଜପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ମହାରଣା କେନ୍ଦ୍ର ଗୁଡିକୁ ପର୍ଯ୍ୟବେକ୍ଷଣ କରିଥିଲେ।

## ପ୍ରଥମ ଦିନରେ ୧୬ ଛାତ୍ରଛାତ୍ରୀ ଅନୁପସ୍ଥିତ

ସାକ୍ଷୀଗୋପାଳ,୨୧।୨(ସମିସ):

ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପରୀକ୍ଷାର ପ୍ରଥମ ଦିନରେ ପ୍ରଥମ ମାତୃଭାଷା ଓଡିଆ ରହିଥିଲା । ସତ୍ୟବାଦୀରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏ ବର୍ଷ ନୋଡାଲ ସେଣ୍ଟର କରାଯାଇଛି। ଏହି ନୋଡାଲ ସେଣ୍ଟର ଅଧିନରେ ୭ ଗୋଟି ପରୀକ୍ଷା କେନ୍ଦ୍ର ରହିଛି। ୧୦୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ପ୍ରଶ୍ନପତ୍ର ଓ ଖାତା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣ ବିଭିନ୍ନ କାରଣରୁ ଅନୁପସ୍ଥିତ ରହିଥବା କେନ୍ଦ୍ର ଦାୟିତ୍ୱରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାଶ ସୂଚନା ଦେଇଛନ୍ତି। ନୋଡାଲ ସେଣ୍ଟର ଅଧିନରେ ଥିବା ପରୀକ୍ଷା କେନ୍ଦ୍ର ଗୁଡିକ ମଧ୍ୟରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ୧୫୨ ଜଣ ପରୀକ୍ଷା ଦେବା ସ୍ଥଳେ ୧୪୯ ଜଣ ପରୀକ୍ଷା ଦେଇଛନ୍ତି। ୩ ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୭୪ ଜଣଙ୍କ ମଧ୍ୟରୁ ୧୭୧ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ରହିଛନ୍ତି। ରାୟଚକ୍ରଧରପୁର ହାଇସ୍କୁଲରେ ୧୩୨ଜଣଙ୍କ ମଧ୍ୟରୁ ୧୩୧ ଜଣ ପରୀକ୍ଷା ଦେଇଛନ୍ତି। ଜଣେ ଅନୁପସ୍ଥିତ ରହିଛନ୍ତି। ଯାଗେଶ୍ୱରୀ ବିଦ୍ୟାପୀଠରେ ୧୦୯ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୧୦୬ଜଣ ପରୀକ୍ଷା ଦେଇଛନ୍ତି ୩ଜଣ ଅନୁପସ୍ଥିତ ରହିଛନ୍ତି। ନୂଆସୋମେଶ୍ୱରପୁର ହାଇସ୍କୁଲରେ ୧୪୪ ଜଣ ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଥିବା ବେଳେ ୧୪୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ। ୪ ଜଣ ଅନୁପସ୍ଥିତ ରହିଛନ୍ତି। ଜୟଦୁର୍ଗା ନୋଡାଲ ପରୀକ୍ଷା କେନ୍ଦ୍ରରେ ୧୩୦ ଜଣଙ୍କ ମଧ୍ୟରୁ ୧୨୯ ଜଣ ପିଲା ପରୀକ୍ଷା ଦେଇଛନ୍ତି। ଜଣେ ଅନୁପସ୍ଥିତ ରହିଛନ୍ତି। ସେହିପରି ଗୋପୀନାଥ ବିଦ୍ୟାପୀଠ ବିଶ୍ୱନାଥପୁର ହାଇସ୍କୁଲରେ ୧୯୪ ଜଣ ପିଲା ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ୧୯୩ ଜଣ ପିଲା ପରୀକ୍ଷା ଦେଇଛନ୍ତି। ମାତ୍ର ଜଣେ ପିଲା ପରୀକ୍ଷା ଦେଇ ନ ଥିବା ଜଣାପଡିଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷାରେ ବ୍ଲକ୍ ଟପର ହେଲେ ରଜତରାଜ



ବାଙ୍ଗୁରିଗାଁ, ୨୧।୨(ସମିସ): ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ ଅଶିଜଙ୍ଗା ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ରଜତରାଜ ବେହେରା ଓଡିଶା ଆଦର୍ଶ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ନିମନ୍ତେ ପରୀକ୍ଷାରେ ସର୍ବାଧିକ ୫୨ ନମ୍ବର ରଖି କାକଟପୁର ବ୍ଲକରେ ଟପର ହୋଇଛନ୍ତି। ରଜତ ଅସିଜଙ୍ଗା ଗ୍ରାମର ସାମ୍ବାଦିକ ନୃସିଂହ ବେହେରାଙ୍କ ପୁତ୍ର ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ମାଧବାନନ୍ଦ ବେହେରାଙ୍କ ନାତି ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ରାମକୃଷ୍ଣ ଆଦର୍ଶ ବିଦ୍ୟାଳୟର ଗାଇଡ ଶିକ୍ଷୟିତ୍ରୀ, ଜେଜେମା ଓ ପରିବାରର ସମସ୍ତଙ୍କୁ ଶ୍ରେୟ ଦେଇଛନ୍ତି। ରଜତରାଜଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

## ଆଲୁଦଣ୍ଡା ପାଟଣାରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ନୟାହାଟ,୨୧।୨(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତ ଆଲୁଦଣ୍ଡା ପାଟଣା ଗ୍ରାମରେ ଗତ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ବାସୁଦେବଙ୍କ ପୀଠରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକର୍ମ ପ୍ରବଚନ ଦର୍ଶକ ମାନଙ୍କ ମନ ଜିଣିଥିଲା। ବୁଧବାର ସମାଜସେବୀ ଭାଗିରଥି ବେହେରା ଅସହାୟ ୪୦୦ ଲୋକଙ୍କୁ ନୂତନ ବସ୍ତ୍ର ସହିତ ୧୦୦ ଟଙ୍କା ଦକ୍ଷିଣା ପ୍ରଦାନ କରିଥିଲେ। ସମାଜସେବୀ ଶ୍ରୀ ବେହେରା ବିଗତ ୫ ବର୍ଷ ଧରି ଗରିବ ଲୋକଙ୍କୁ ଆର୍ଥିକ ସହାୟତା ଦେଉଥିବାରୁ ସେମାନେ ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

## ଗ୍ରାମ୍ୟ ଜଙ୍ଗଲରୁ ବୃଦ୍ଧଙ୍କ ଶବ ଉଦ୍ଧାର

ନିମାପଡ଼ା,୨୧।୨(ସମିସ):

ନିମାପଡ଼ା ଥାନା ଅନ୍ତର୍ଗତ ଏକ ଧାନ ଗହୀର ଜଙ୍ଗଲ ମଧ୍ୟରୁ ଜଣେ ବୃଦ୍ଧଙ୍କ ମୃତଦେହ ସ୍ଥାନୀୟ ପୁଲିସ ଉଦ୍ଧାର କରିଛି। ମୃତ୍ୟୁ ଘଟଣା ସନ୍ଦେହ ଘେରରେ ରହିଥିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଅନୁସନ୍ଧାନ ଜାରି ରଖିଛି। ବୃଦ୍ଧଙ୍କ ମୃତଦେହ ସମ୍ପୂର୍ଣ୍ଣର୍ ପଚି ଯାଇଥିବା ଜଣାପଡିଛି । ଜଙ୍ଗଲ ଭିତରେ ବୃଦ୍ଧ ଜଣଙ୍କ କିପରି ମଲେ ତାହାକୁ ନେଇ ପୁଲିସ ଛାନଭିନ୍ ଆରମ୍ଭ କରିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା କୁମାରପଡ଼ା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା (୭୫) ଗତ ୨୦ ଦିନ ତଳେ ଧାନ ଗହୀରକୁ ଘାସ କାଟିବାକୁ ଯାଇ ଆଉ ଘରକୁ ଫେରି ନଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନ ଖୋଜାଖୋଜି କରି ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ନିଖୋଜ ନେଇ ପୂର୍ଣ୍ଣଚନ୍ଦ୍ରଙ୍କ ପୁଅ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ । ପରିବାର ଲୋକ ମନସ୍ତାପରେ ଥିବା ବେଳେ ଜଙ୍ଗଲରୁ ଦୁର୍ଗନ୍ଧ ବାହାରିବାରୁ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ମୃତକଙ୍କ ପରିବାର ଲୋକ ଚିହ୍ନଟ କରିଥିବା ବେଳେ ନିମାପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା।

## ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ଯୋଗଦାନ

ନିମାପଡା,୨୧।୨(ସମିସ): ନିମାପଡା ବ୍ଲକର ନୂତନ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଭାବେ ଡା.ପ୍ରଦୀପ କୁମାର ଜେନା ଯୋଗଦାନ କରିଛନ୍ତି। ଶ୍ରୀ ଜେନା ପୂର୍ବରୁ ନାଉଗାଁ ବିଭିଓ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ବିଭିଓ ସ୍ନିଗ୍ଧା ସେନାପତିଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଶ୍ରୀ ଜେନା ଯୋଗଦେବା ପରେ ଅଫିସ କର୍ମଚାରୀମାନେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ନିମାପଡା ଅଞ୍ଚଳର ଗୃହପାଳିତ ପଶୁଙ୍କ ସୁରକ୍ଷା, ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗ ଯୋଜନା, କାମଧେନୁ ଯୋଜନା, ପ୍ରାଣୀଧନ ଚିକିତ୍ସକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



ଡେଲାଙ୍ଗ,୨୧।୨(ସମିସ): ଡେଲାଙ୍ଗ ବ୍ଲକ ହୁମରସ୍ଥିତ ଗଡେଶ୍ୱର ଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସମାବେଶରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରା ସଭାପତିତ୍ୱ କରିଥିଲେ। ଶିକ୍ଷକ ଦୀଲିପ କୁମାର ନାୟକ ମଞ୍ଚ ପରିଚାଳନା ଓ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷକ କୃପାସିନ୍ଧୁ ଦାସ, ଜଗବନ୍ଧୁ ବେହେରା, ସତ୍ୟନାରାୟଣ ସୋରେନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଓଡିଆ ଭାଷା ଏବଂ ସାହିତ୍ୟର ସମୃଦ୍ଧତାକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ ଏବଂ ପାଳନ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଦୈନନ୍ଦିନ ଜୀବନରେ ନିଜ ମାତୃଭାଷା ବ୍ୟବହାର କରିବା ସହିତ ଅନ୍ୟମାନଙ୍କୁ ଭାଷା ସହ ପରିଚିତ କରାଇବା। କାହାଣୀ, କବିତା ଏବଂ ପରମ୍ପରାର ଆଦାନ ପ୍ରଦାନ ମାଧ୍ୟମରେ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ଓଡିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର କରିବାରେ ସହଯୋଗ କରିବାକୁ ଶିକ୍ଷକ ମନୋରଞ୍ଜନ ଜେନା ପିଲାମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗଳ୍ପ କଥନ, ଅନ୍ତାକ୍ଷରୀ, ଶବ୍ଦ ଖେଳ, ପାରମ୍ପରିକ ଲୋକକଥା ଉପରେ କବିତା ଆଦିର ପ୍ରତିଯୋଗିତା କରାଯାଇଥିଲା। ପରିଚାଳନା କମିଟି ସହ ସଭାପତି ସନ୍ଧ୍ୟାରାଣୀ ପରିଡା, ସଦସ୍ୟ ଛେତ ପୂଜାରୀ, ପୂର୍ଣ୍ଣଚନ୍ଦ୍ର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲିକ, କବୟିତ୍ରୀ ଜୋସ୍ନାମୟୀ ସ୍ୱାଇଁ, ସାହିତ୍ୟ ଭାଷାପ୍ରେମୀ ଜିତେନ୍ଦ୍ର ନାଥ ପ୍ରଧାନ, ଶିକ୍ଷୟିତ୍ରୀ ପାପ୍ଲିନ ପ୍ରଧାନ, ସତ୍ୟଭାମା ବେହେରା, ରୋଜାଲିନ ମହାରଣା, ଶିକ୍ଷକ ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଓଡିଆ ଗଳ୍ପ କଥନ, ଭାଷା ଲିଖନ, ସୁନ୍ଦର ହସ୍ତାକ୍ଷର, ବକ୍ତୃତା ଆଦିର ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଚାର୍ଯ୍ୟ ହରିହର ଶିଶୁଭବନର ୪୬ତମ ପ୍ରତିଷ୍ଠା ଦିବସ




ସାକ୍ଷୀଗୋପାଳ,୨୧।୨(ସମିସ): ସାକ୍ଷୀଗୋପାଳ ମନ୍ଦିର ପଛପଟେ ଅବସ୍ଥିତ ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପରିସରରେ ଥିବା ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ଆଚାର୍ଯ୍ୟ ହରିହରଙ୍କ ନାମରେ ପ୍ରତିଷ୍ଠିତ ଅନୁଷ୍ଠାନ ଭଲ ମଣିଷ ତିଆରି କରିବା ସହ ଆଚାର୍ଯ୍ୟଙ୍କ ଚରିତ୍ର ଓ ଶୃଙ୍ଖଳାକୁ ଅନୁସରଣ କରିବାକୁ ସେ ମତବ୍ୟକ୍ତ କରିଥିଲେ । ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଅଜିତ ମହାପାତ୍ର କଠୋର ପରିଶ୍ରମ କରି ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହିତ ଭଲ ମଣିଷ ହେବାକୁ ଉପସ୍ଥିତ ଅନ୍ତେବାସୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସତ୍ୟବାଦୀ ବିକାଶ ପରିଷଦର ସଭାପତି ଗୁଣ୍ଡିଚା ବରାଳ ଯୋଗ ଦେଇ ପ୍ରତି ପିଲାଙ୍କ ମଧ୍ୟରେ ପ୍ରତିଭା ରହିଛି, ତାହାର ଉପଯୋଗ କରିବା ସହ ଆଚାର୍ଯ୍ୟ ହରିହରଙ୍କ ଆଦର୍ଶକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ସଭାରେ ଅନୁଷ୍ଠାନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ଅଧ୍ୟକ୍ଷତା କରିଥିଲେ । ବର୍ତ୍ତମାନ ୨୫ ଜଣ ଏଠାରେ ରହୁଥିବା ବେଳେ ଏହାକୁ ୫୦କୁ ବୃଦ୍ଧି କରିବାକୁ ଉପସଭାପତି ଦାବି କରିଥିଲେ । ଶ୍ୟାମ ପ୍ରକାଶ ସେନାପତି ସଭା ପରିଚାଳନା କରିଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟା ରାଜଲକ୍ଷ୍ମୀ ଦାଶ, ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ, ମୀନାକ୍ଷୀ ପାରିକ, ଶୁଭ୍ରଜିତା ଶୁଭଦର୍ଶନୀ, ଜ୍ୟୋତିରାଣୀ ମିଶ୍ର, ଶାନ୍ତନୁ କୁମାର ପାତ୍ର, ଲକ୍ଷ୍ମୀଧର ସାହୁ, ବିଭିନ୍ନ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ଅସମ୍ପୂର୍ଣ୍ଣ ଶୌଚାଳୟ; ବ୍ୟବହାର ପାଇଁ ଅନୁପଯୋଗୀ

ଚାରିଛକ,୨୧।୨ (ସମିସ):

ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗତ ୨ବର୍ଷ ତଳେ ଏକ ସୁଲଭ ଶୌଚାଳୟ ସ୍ଥାନୀୟ ପଞ୍ଚାୟତ ତରଫରୁ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଶୌଚାଳୟରେ ପାଣି ବ୍ୟବସ୍ଥା ନାହିଁ। ଏପରିକି ସେଠାକୁ ଯିବାକୁ ଭଲ ରାସ୍ତା ଖଣ୍ଡେ ମଧ୍ୟ ନାହିଁ। ଫଳରେ ଶୌଚାଳୟଟି ବ୍ୟବହାର ନ ହୋଇ ପଡିରହିଛି। ସରକାରଙ୍କ ରାଜକୋଷରୁ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଶୌଚାଳୟ ବର୍ତ୍ତମାନ ଲଟାବୁଦାରେ ପରିପୂର୍ଣ୍ଣ। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ଅନେକ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଶୌଚ ପାଇଁ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଶୌଚାଳୟଟିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ଜନସାଧାରଣଙ୍କ ବ୍ୟବହାରରେ ଲଗାଇବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।



### ■ ହରିଜନ ଶ୍ରମିକଙ୍କୁ ଆକ୍ରମଣ ଘଟଣା

## ୨୦ ଦିନ ବିତିଲା; ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନି ପୁଲିସ

ନୟାହାଟ,୨୧।୨(ସମିସ): ଜଣେ ହରିଜନ ଶ୍ରମିକ ରାଜିବ କୁମାର ଦାସଙ୍କୁ ମାଡ ମାରିବା ଘଟଣାର ୨୦ ଦିନ ବିତି ଯାଇଥିଲେ ମଧ୍ୟ ଅଦ୍ୟାବିଧି ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରିବାରେ ବିଫଳ ହୋଇଛି। ପ୍ରକାଶଥାଉକି ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତ ପଦ୍ମ ପୋଖରୀ ସାମିଲ ଦଳେଇ ସାହି ରାସ୍ତା କାମ କରିବାକୁ କେତେକ ଶ୍ରମିକ ଆସିଥିଲେ। ଦିଶୁଣ୍ଡୀ, ମହନୀପୁର ଦଳେଇ ସାହିର ୫ ଜଣ ବ୍ୟକ୍ତି ମିଳିତ ଭାବେ ରାଜୀବଙ୍କୁ ଆକ୍ରମଣ କରି ଜିନିଷପତ୍ର ଛଡେଇ ନେଇଥିଲେ। ଏସମ୍ପର୍କରେ ସେ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ପୁଲିସ ଗୋପ ଥାନାରେ ଏକ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ପୁରୀ ଅତିରିକ୍ତ ଏସପି ଓ ହେଡ଼କ୍ୱାର୍ଟର ଡ଼ିଏସପି କରି ସାକ୍ଷୀ ମାନଙ୍କ ବୟାନ ନେବାରେ ଘଟଣାଟି ସତ୍ୟ ବୋଲି ଜାଣିଥିଲେ। ୫ ଅଭିଯୁକ୍ତ ସର୍ବସାଧାରଣରେ ବୁଲୁଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଗିରଫ ନ କରିବା ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଦିଗରେ ପୁରୀ ଏସପି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଭିଲିଦେଉଳି ଗ୍ରାମରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ଦୀର୍ଘ ଦିନର ବିବାଦ ସମାଧାନ

ନିମାପଡା,୨୧।୨(ସମିସ):

ନିମାପଡା ବ୍ଲକ ଅନ୍ତର୍ଗତ ଭିଲି ପଞ୍ଚାୟତ ଭିଲିଦେଉଳି ଗ୍ରାମରେ ମନ୍ଦିର ପୂଜାକୁ ନେଇ ଗ୍ରାମର ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଲାଗିଥିବା ଦୀର୍ଘଦିନ ବିବାଦର ସମାଧାନ ହୋଇଛି ଶୁକ୍ରବାର ନିମାପଡା ବ୍ଲକ ସଭାଗୃହରେ ଆୟୋଜିତ ବୈଠକରେ ପୁରୀ ଉପ-ଜିଲ୍ଲାପାଳ ରାଜ କିଶୋର ଜେନା, ଡିଡବ୍ଲ୍ୟୁଓ ବିକାଶ କୁମାର ମହାନ୍ତି, ବିଡିଓ ଡଃ ଅଭିଜିତ୍ ଷଡଙ୍ଗୀ, ତହସିଲଦାର ବସନ୍ତ କୁମାର ହାତୀ, ଏସଡିପିଓ ଜନାର୍ଦ୍ଦନ ପାଢୀ, ଆଇଆଇସି ବାମଦେବ ସ୍ୱାଇଁ, ସଂଯୋଜକ ଅକ୍ଷୟ କୁମାର ସେନାପତି, କିଷାନ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଅରବିନ୍ଦ ମଲ୍ଲିକଙ୍କ ଉପସ୍ଥିତିରେ ଉଭୟ ସାହିର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ମୁରବୀ ବସି ଗ୍ରାମର ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠୀଙ୍କ ମଧ୍ୟରେ ପୂର୍ବରୁ ଲାଗିଥିବା ଦୀର୍ଘ ଦିନର ବିବାଦର ସମାଧାନ ହୋଇଛି ।



ସମାଧାନ ପରେ ଗ୍ରାମବାସୀମାନେ ଉପ-ଜିଲ୍ଲାପାଳଙ୍କ ସମେତ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦୀର୍ଘ ଦିନର ବିବାଦର ଅବସାନ ଘଟିଥିବାରୁ ଉପ ଜିଲ୍ଲାପାଳ ସମସ୍ତ ଗ୍ରାମବାସୀଙ୍କୁ ସାଧୁବାଦ ଜଣାଇଛନ୍ତି।

**ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁର ପର୍ଦ୍ଦାଫାସ୍**

# ଅନୈତିକ ସଂପର୍କରୁ ହତ୍ୟା



**ଅଭିଯୁକ୍ତ କଳା ଶିକ୍ଷକ ଗିରଫ**

**ଅଭିଯୁକ୍ତଙ୍କୁ ଧରି ସିନ୍ ରିକ୍ରିଏସନ୍ କରାଇଲା ପୁଲିସ୍**

କାମାକ୍ଷାନଗର,୨୧।୨(ସମିସ): ତୁମୁସିଙ୍ଗା ଗ୍ରାମ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ତୁମୁସିଙ୍ଗା ପୁଲିସ୍ ଏହାର ପର୍ଦ୍ଦାଫାସ୍ କରିଛି। ପ୍ରଭାତୀ ଆତ୍ମହତ୍ୟା କରିନାହାନ୍ତି, ବରଂ ତାଙ୍କୁ ହତ୍ୟା କରାଯାଇଛି ବୋଲି ପୁଲିସ୍ କହିଛି। ଏହି ଘଟଣାରେ ପୁଲିସ୍ ସେହି ସ୍କୁଲରେ କାର୍ଯ୍ୟରତ କଳା ଶିକ୍ଷକ ସୋମନାଥ ବିଶ୍ୱାଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଜି ପୁଲିସ୍ ଅଭିଯୁକ୍ତ ସୋମନାଥଙ୍କୁ ଧରି ଘଟଣାସ୍ଥଳରେ ସିନ୍-ରିକ୍ରିଏସନ୍ କରାଇଛି। ପ୍ରଭାତୀଙ୍କ ବେକକୁ ତାଙ୍କ ଓଢ଼ଣୀରେ ଚିପି ହତ୍ୟା କରିବା ପରେ ଶବକୁ ତାଙ୍କ ଗ୍ୟାରେଜ୍ ଘର ଭିତରେ ଫୋପାଡ଼ି ଦେଇ କିପରି ସେ ଫେରାର୍ ହୋଇଯାଇଥିଲା; ସୋମନାଥ ତାହାର ଡେମୋ ପୁଲିସ୍‌କୁ ଦେଖାଇଥିଲା। ଦୁହିଁଙ୍କ ମଧ୍ୟରେ ଅନୈତିକ ସଂପର୍କ ଥିଲା ଏବଂ ଏହା ହିଁ ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ତୁମୁସିଙ୍ଗା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଭିନବ ସୋନକର କହିଛନ୍ତି। ଏହାସହ ସୋମନାଥ ନେଇଯାଇଥିବା ପ୍ରଭାତୀଙ୍କ ଦୁଇଟି ମୋବାଇଲ ଫୋନ, ତାଙ୍କ ଝିଅର ମୋବାଇଲ ଫୋନ୍ ଓ ସୁନାହାରକୁ ପୁଲିସ୍ ଜବତ କରିଛି।

ସୂଚନାନୁସାରେ, ଗୁରୁବାର ସକାଳେ ପ୍ରଭାତୀଙ୍କ ମୃତଦେହ ଗୁନେଇବିଲିସ୍ଥିତ ତାଙ୍କ ଘର ସାମ୍ନା ଗ୍ୟାରେଜ୍ ଘରୁ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଥିଲା। ପରିବାରଲୋକଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଢେଙ୍କାନାଳ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା। ପ୍ରାରମ୍ଭିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ୍ ଜାଣିବାକୁ ପାଇଥିଲା। ପୁଲିସ୍ ସୂଚନାନୁଯାୟୀ, ୨୦୨୩ରୁ ପ୍ରଭାତୀ ଓ ସୋମନାଥଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। ବୁଧବାର ରାତିରେ ସୋମନାଥ ପ୍ରଭାତୀଙ୍କ ଘରକୁ ଯାଇଥିଲା। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ସୋମନାଥ ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରଭାତୀଙ୍କ ବେକକୁ ସେ ପିନ୍ଧିଥିବା ଓଢ଼ଣୀରେ ଚିପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ପ୍ରଭାତୀଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ସୋମନାଥ ମୃତଦେହକୁ ଉକ୍ତ ଗ୍ୟାରେଜ ଘରେ ପକାଇଦେଇ ବାହାରୁ ତାଲା ପକାଇ ଫେରାର୍ ହୋଇଯାଇଥିଲେ। ଆଜି ଡାକ୍ତରୀମାଇନା କରାଯିବା ପରେ ସୋମନାଥକୁ କୋର୍ଟଚାଲାଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର, ତୁମୁସିଙ୍ଗା ଥାନା ଆଇଆଇସି ମନସ୍ୱିନୀ ମହାନ୍ତି, ପଣ୍ଡୁଆ ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ, ମୀନକେତନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦିଲ୍ଲୀ ଷ୍ଟେସନରେ...

ମନ୍ତ୍ରାଳୟ ପକ୍ଷରୁ ଜାରି ନୋଟିସରେ କୁହାଯାଇଥିଲା ଯେ ଏହି ଭିଡିଓଗୁଡିକର ନୈତିକକତାର ବିରୋଧୀ। ଏହା ସହିତ 'ଏକ୍ସ'ର ବିଷୟବସ୍ତୁ ନୀତିର ମଧ୍ୟ ଉଲ୍ଲଙ୍ଘନ କରୁଛି। ସୋସିଆଲ ମିଡିଆରେ ଏଭଳି ଭିଡିଓ ସେୟାର ହେଲେ ଆଇନବ୍ୟବସ୍ଥା ବିଗିଡିପାରେ। ଏବେ ଟ୍ରେନ୍‌ରେ ପ୍ରବଳ ଗହଳି ଲାଗି ରହିଛି। ଏହି ସବୁ ଭିଡିଓ ରେଳବାଇର ପରିଚାଳନା ଉପରେ ମଧ୍ୟ ପ୍ରଭାବ ପକାଇପାରେ। ଡିସେମ୍ବରରେ ପ୍ରତ୍ୟକ୍ଷ ଭାବେ ଭିଡିଓ ହଟାଇବାକୁ ଅଧିକାର ମିଳିବା ପରେ ପ୍ରଥର ଥର ପାଇଁ ରେଳବାଇ ଏପରି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହା ପୂର୍ବରୁ ଜାନୁଆରୀରେ ୟୁଟ୍ୟୁବ ଏବଂ ଇନଷ୍ଟାଗ୍ରାମକୁ ନୋଟିସ ଜାରି କରି ଭ୍ରମାତ୍ମକ ଏବଂ ଉତ୍ତେଜନାସୃଷ୍ଟିକାରୀ ବିଷୟବସ୍ତୁକୁ ନେଇ ଚେତାବନୀ ଦିଆଯାଇଥିଲା। କିନ୍ତୁ ଏକ୍ସ ଏପର୍ଯ୍ୟନ୍ତ ଏହି ଭିଡିଓଗୁଡ଼ିକୁ ହଟାଇ ନାହିଁ।

### ୨୪ ଘଣ୍ଟା...

କନ୍ଦରିଆ ମହାଦେବ ଏବଂ ଦେବୀ ଜଗଦମ୍ବା ମନ୍ଦିର ମଧ୍ୟରେ ଏହି ନୃତ୍ୟ ମହୋତ୍ସବ ଚାଲିଛି। ଏହି ନୃତ୍ୟ ମାରାଥନ ଗତ ୧୯ ତାରିଖ ଦ୍ୱିପହର ୨ଟା ୩୪ରେ ଆରମ୍ଭ ହୋଇ ୨୦ ତାରିଖ ଦ୍ୱିପହର ୨ଟା ୪୩ ମିନିଟରେ ଶେଷ ହୋଇଥିଲା।

### ବସ୍ତାନୀ ବଡ଼...

କେନ୍ଦ୍ର ସରକାରଙ୍କ ଅନୁଦାନ ବଢ଼ିଲା ନାହିଁ। ବିଜେଡି ସରକାର ରାଜ୍ୟରେ ଯେଉଁ ସମୃଦ୍ଧ ଅର୍ଥନୀତି ଛାଡି ଯାଇଛନ୍ତି ସେଥିପାଇଁ ବିଜେପି ସରକାର ଆମକୁ ଧନ୍ୟବାଦ ଦେବା ଆବଶ୍ୟକ। ଫଳସ୍ୱରୂପ ବିକାଶମୂଳକ ପ୍ରକଳ୍ପ ପାଇଁ ଆଉ ରାଜ୍ୟକୁ କେନ୍ଦ୍ର ସରକାରଙ୍କ ହାତ୍ତୁ ଚାହିଁ ରହିବାକୁ ପଡିବନି। ଏହା ଜଳ ଜଳ ଦେଖା ଯାଉଛି ଯେ ବଜେଟର ଅର୍ଦ୍ଧାଧିକ ଭାଗ ଓଡିଶାର ନିଜସ୍ୱ ଟିକସ, ରାଜ୍ୟର ନିଜସ୍ୱ ଅଣ-ଟିକସ ଏବଂ ଭାଗ ଟିକସରୁ ଆସିଛି।

ନବୀନ ପୁଣି କହିଛନ୍ତି ଯେ ସରକାର ଭୁବନେଶ୍ୱର ଏବଂ ଅନ୍ୟ ସହରର ସଡ଼କ ଗୁଡିକୁ ଭିଡ଼ ମୁକ୍ତ କରିବା ପାଇଁ ବଜେଟରେ ବ୍ୟୟବରାଦ କରିଛନ୍ତି; କିନ୍ତୁ ଏଥର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଅର୍ଥ କାଟିଦେଲେ। ବିଜେଡି ସରକାରର ସ୍କିଲ୍‌ଇନ୍ ଓଡିଶାର ନାମ ପରିବର୍ତ୍ତନ କରି ସ୍କିଲଡ୍ ଇନ୍ ୱାର୍ଲ୍ଡକୁ ପରିବର୍ତ୍ତନ କରିବା ଦ୍ୱାରା ରାଜ୍ୟର କେତେ ଜଣ ଯୁବକ ଯୁବତୀ ଉପକୃତ ହେଲେ? ବାସ୍ତବିକତା ହେଉଛି ରାଜ୍ୟ ସରକାର ଯୁବକ ଯୁବତୀ ମାନଙ୍କୁ ଓଡିଶାରେ ପର୍ଯ୍ୟାପ୍ତ ନିଯୁକ୍ତି ଯୋଗାଇ ପାରିଲେ ନାହିଁ। ଆମର ମିଶନ୍ ଶକ୍ତି ମା' ମାନେ ଆଜି ରାଜରାସ୍ତାରେ ବସି ନ୍ୟାୟସଂଗତ ନିଜ ଦାବି ପୂରଣ ପାଇଁ ଗୁହାରି କରୁଛନ୍ତି।୨୦୨୭ ସୁଦ୍ଧା ବିଜେପି ସରକାର ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଗତ ବଜେଟ ବକ୍ତବ୍ୟ ସମୟରେ ମୁଁ ଦାବି କରିଥିଲି କେତେ ଜଣ ଲକ୍ଷପତି ଦିଦି ସୃଷ୍ଟି କଲେ ତାହାର ତାଲିକା ଦିଅନ୍ତୁ। କିନ୍ତୁ ସରକାର ବିଧାନସଭାରେ ଏହି ତାଲିକା ଉପସ୍ଥାପନ କଲେ ନାହିଁ ବରଂ ମିଶନ୍ ଶକ୍ତିକୁ ବଜେଟ ପାଣ୍ଠି କମାଇ ଦେଲେ ବୋଲି ନବୀନ କଟାକ୍ଷ କରିଛନ୍ତି।

### ବିଜେପିକୁ ସିନ୍ଦେଙ୍କ...

ଫଡ୍‌ନାଭିସଙ୍କୁ କହିଥିଲି ଯେ ବିଧାନସଭା ନିର୍ବାଚନରେ ଆମେ ୨୦୦ରୁ ଅଧିକ ଆସନ ଜିତିବୁ ଏବଂ ଆମକୁ ୨୩୨ ଆସନ ମିଳିଲା। ତେଣୁ ମୁଁ କହୁଛି ଯେ ମୋତେ କେହି ହାଲ୍‌କା ଭାବେ ନେବା ଠିକ୍ ନୁହେଁ। ଯେଉଁମାନେ ମୋତେ ବୁଝି ପାରି ନାହାନ୍ତ, ସେମାନଙ୍କ ଲାଗି ଏହା ହେଉଛି ମୋର ଚେତାବନୀ ବୋଲି ସେ କହିଛନ୍ତି। ନୂଆ ସରକାରରେ ତାଙ୍କୁ ଗୁରୁତ୍ୱ ମିଳୁନଥିବାରୁ ସହଯୋଗୀ ବିଜେପି ଉଦ୍ଦେଶ୍ୟରେ ସେ ଏଭଳି ଚେତାବନୀ ଦେଇଥିବା ତାଙ୍କ କଥାରୁ ସ୍ପଷ୍ଟ ହୋଇଯାଉଛି।

ମୁଖ୍ୟମନ୍ତ୍ରୀ ଫଡ୍‌ନାଭିସ ଏବଂ ଉପମୁଖ୍ୟମନ୍ତ୍ରୀ ସିନ୍ଦେଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥିବା ବେଳେ ସିନ୍ଦେଙ୍କର ଏଭଳି ମନ୍ତବ୍ୟ ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି କରିଛି।୨୦୨୨ରେ ଉଦ୍ଧବ ଠାକରେଙ୍କ ବିରୋଧରେ ବିଦ୍ରୋହ କରି ସିନ୍ଦେ ବିଜେପି ସହିତ ହାତ ମିଳାଇ ସରକାର ଗଠନ କରିଥିଲେ। କମ୍ ଆସନ ସତ୍ତ୍ୱେ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ବିଧାନସଭା ନିର୍ବାଚନ ପରେ ମଧ୍ୟ ସେ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବାକୁ ଆଶାୟୀ ଥିଲେ। କିନ୍ତୁ ଏଥିରେ ବିଜେପି ରାଜି ନହେବାରୁ ସେ ଭୀଷଣ କ୍ଷୁବ୍ଧ ଅଛନ୍ତି। କିନ୍ତୁ ସରକାର ଗଠନ ପରେ ବିଜେପି ନେତା ତଥା ମୁଖ୍ୟମନ୍ତ୍ରୀ ଫଡ୍‌ନାଭିସ ତାଙ୍କୁ ଆଉ ଗୁରୁତ୍ୱ ଦେଉ ନାହାନ୍ତି। ଅନ୍ୟପକ୍ଷରେ ତାଙ୍କର ପକ୍ଷଚ୍ଛେଦନ ଆରମ୍ଭ କରିଛନ୍ତି। ସି।।ନ୍ଦେଙ୍କୁ ଗୃହ ବିଭାଗ ତ ଦେଲେନି, ତାଙ୍କର ଅନେକ ସୁପାରିସକୁ ମଧ୍ୟ ଗ୍ରହଣ କରୁ ନାହାନ୍ତି। କେବଳ ଏତିକି ନୁହେଁ, ସିନ୍ଦେଙ୍କ ବିଧାୟକମାନଙ୍କୁ ମିଳୁଥିବା ୱାଇ-ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କାଢ଼ି ନେଇଛନ୍ତି ଫଡ୍‌ନାଭିସ। ତାଙ୍କ ସହ ଆଲୋଚନା ନକରି ମୁଖ୍ୟମନ୍ତ୍ରୀ ଏଭଳି ପଦକ୍ଷେପ ନେଇଥିବାରୁ ସିନ୍ଦେ ବିରକ୍ତି ପ୍ରକାଶ କରିଥିଲେ। ଏହାର ପ୍ରତିବାଦ ଜଣାଇ ସିନ୍ଦେ ମୁଖ୍ୟମନ୍ତ୍ରୀଙ୍କ ଅନେକ ବୈଠକକୁ ଯାଉ ନାହାନ୍ତି। ସେହିଦିନ ଠାରୁ ଦୁଇ ନେତାଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି।

### ଓଡ଼ିଶାର ବିତ୍ତୀୟ...

ଆୟ ଅନୁପାତ ୨.୮୦ ପ୍ରତିଶତରେ ସୀମିତ ରହିବ। ରାଜସ୍ୱ ବଳକା ସ୍ଥିତି ବଜାୟ ରହିବା ସହ ସମସ୍ତ ଋଣ ପୁଞ୍ଜି ଖର୍ଚ୍ଚ ପାଇଁ ବ୍ୟବହୃତ ହେବ। ଋଣ କରିବା ଖରାପ ନୁହେଁ, ମାତ୍ର ଋଣ ଯଦି ନିୟନ୍ତ୍ରଣ ବାହାରକୁ ଚାଲିଯାଏ, ତାହା ଚିନ୍ତା ଜନକ। ଓଡ଼ିଶାକୁ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓ ସଶକ୍ତ ରାଜ୍ୟ ଭାବେ ଗଢି ତୋଳିବାକୁ ଯାତ୍ରା ଆରମ୍ଭ କରିଛୁ। ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଓଡ଼ିଶାକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଏକ ଶକ୍ତିଶାଳୀ ଓ ନିର୍ଣ୍ଣାୟକ ପଦକ୍ଷେପ। ଏଥିପାଇଁ ଆମେ ଭିତ୍ତିଭୂମି, ନଗର ଉନ୍ନୟନ, କୃଷି ଓ ଜଳସେଚନ, ପୁଞ୍ଜି ନିବେଶ, ବନ୍ଦର ଭିତ୍ତିକ ବିକାଶ, ଶିଳ୍ପାୟନ ଏବଂ ସାର୍ବଜନୀନ କ୍ରୀଡା ଭଳି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ ଏହି ବଜେଟ୍ ପ୍ରସ୍ତୁତ କରିଛୁ ବୋଲି ସେ ଉତ୍ତର ରଖିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ବିଜେଡି ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ।

### ମହିଳାଙ୍କୁ ଗଣଦୁଷ୍କର୍ମ...

ନିକଟ ଏକ ଘରେ ରହୁଥିଲେ। ମିଳିଥିବା ସୂଚନାନୁସାରେ, ଗୁରୁବାର ସନ୍ଧ୍ୟାରେ ଗ୍ରାମର ଦୁଇଜଣ ଯୁବକ ମହିଳାଙ୍କୁ ଘରୁ ଡାକି ନେଇଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମହିଳା ଘରକୁ ନ ଫେରିବାରୁ ପରିବାରଲୋକେ ଖୋଜାଖୋଜି କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ମୃତଦେହ ପାଇଥିଲେ। ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

### ମାଣ୍ଡିଆ, ଯଅ...

ରାଜ୍ୟରେ ଏକ ସ୍ୱଚ୍ଛ ଅବକାରୀ ନୀତି ପ୍ରଣୟନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା ସଂପୃକ୍ତ ଅଂଶୀଦାରମାନଙ୍କ ସମେତ ରାଜ୍ୟବାସୀ ଉପକୃତ ହୋଇପାରିବେ। ରାଜ୍ୟରେ କୌଣସି ନୀତି ପ୍ରଣୟନ ପୂର୍ବରୁ ଜନସାଧାରଣ ଓ ଅଂଶୀଦାରମାନଙ୍କ ମତାମତ ଗ୍ରହଣ କରାଗଲେ ସଂପୃକ୍ତ ଆଇନ ଗ୍ରହଣୀୟ ହୋଇଥାଏ। ଏକ ଆଇନରେ ସମସ୍ତଙ୍କର ମତାମତ ସ୍ଥାନ ପାଇଲେ ଏହା ଉଭୟ ସରକାର ଓ ଜନସାଧାରଣଙ୍କ ପାଇଁ ଉତ୍ସାହପ୍ରଦ ହୋଇଥାଏ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଏହି ଅବକାରୀ ନୀତି ରାଜ୍ୟରେ ନୂତନ ପୁଞ୍ଜିନିବେଶ, ଇଜ୍ ଅଫ୍ ଡୁଇଂ ବିଜିନେସ୍, ବ୍ୟବସ୍ଥାରେ ସ୍ୱଚ୍ଛତା, ଉତ୍କର୍ଷ ଓଡ଼ିଶା ଅନୁପାଳନକୁ ପ୍ରୋତ୍ସାହନ ଦେବା ଆଦି ସଂପର୍କରେ ଆଲୋଚନା ହୋଇଛି। ଏଥିରେ ମଦ ପ୍ରସ୍ତୁତକାରୀ କମ୍ପାନୀର ପ୍ରତିନିଧି, ହୋଟେଲ ଓ ରେଷ୍ଟୋରାଁ ସଂଘର କର୍ମକର୍ତ୍ତା, ଲାଇସେନ୍ସ ପ୍ରାପ୍ତ ଖୁଚୁରା ବ୍ୟବସାୟୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଶିଳ୍ପ, ଅର୍ଥ, ଜଙ୍ଗଲ ଓ ପଞ୍ଚାୟତିରାଜ ବିଭାଗର ଅଧିକାରୀମାନଙ୍କ ସହ ପର୍ଯ୍ୟାୟଭିତ୍ତିକ ଆଲୋଚନା କରାଯାଇ ସେମାନଙ୍କର ମତାମତ ଲୋଡ଼ା ଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମଦ ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


**AFFIDAVIT**

By virtue of an affidavit No.3347 before the Executive Magistrate, Chandbali dt. 18/09/2025 have changed my name from Phakan Sankhua To Sakuntala Behera. Henceforth, I shall be known as Sakuntala Behera, W/o- Panchanan Behera, resident of Village: Patuli, PO: Baligan, PS: Chandabali, Dist: Bhadrak, Odisha for all future purposes.

**AFFIDAVIT**

I, **Muhammed Nahar Javad**, S/o.: Nazilima Hillir, resident of 1A, Wing-2, Block-4, Bhawani Enclave, Near BMC Mall, P.O /P.S.: Saheed Nagar, Bhubaneswar, Dist.: Khordha, PIN-751007, Odisha, declare by this affidavit No.: 6152, dated: 20/02/25, that now onwards I shall be known as **MUHAMMED NAHAR** for all future purposes.

**AFFIDAVIT**

I, Mahadev Panda, S/o- Late Banchhanidhi Panda resident of Deulasahi, Jubulitown, PS: Town, Dist: Dhenkanal , PIN: 759001, Odisha declared by this affidavit No. 352, dated-20/02/2025 that now onwards I shall be known as **MAHADEB PANDA** for all future purposes.

**AFFIDAVIT**

By virtue of an affidavit No. 554/2025, dtd. 19.02.2025 in the court of Executive Magistrate, Bhograi, Dist.- Balasore, I, Rukmini Patra have changed my name from Patra Rukmini to Rukmini Patra. Henceforth I shall be known as Rukmini Patra for all purposes.

Sd/- Rukmini Patra

**AFFIDAVIT**

I, Pankajini Sahu, W/o- Ratikanta Sahoo, resident of At- Unit-4, Baidyanath Nagar, Jajpur, PS- Jajpur Town, Dist- Jajpur, Pin-755001, Odisha declared by this affidavit No. 467, dtd- 20/02/2025 that now onwards I shall be known as **PANKAJINI SAHOO** for all future purposes.

**AFFIDAVIT**

I, Neetu Sharma, W/o- Bishnu Kumar Joshi, resident of At-Qr. No- A-3, Santh Bahal Basti, PHD Road, Barbil, Po/Ps- Barbil, Dist- Keonjhar, Odisha - 758035 declare by this affidavit No. 3282, dated 19.02.2025 that now onwards I shall be known as **NEETU JOSHI** for all future purposes.

**AFFIDAVIT**

By virtue of an affidavit No. 553/2025, dtd. 19.02.2025 in the court of Executive Magistrate, Bhograi, Dist.- Balasore, I, Prafulla Kumar Patra have changed my name from Patra Prafulla Kumar to Prafulla Kumar Patra. Henceforth I shall be known as Prafulla Kumar Patra for all purposes.

Sd/- Prafulla Kumar Patra

**AFFIDAVIT**

By virtue of an Affidavit sworn before the Executive Magistrate, Kanas, I, Champa Sahoo, D/o Bamana Sahoo, resident of Vill. Nuagaon, PO: Gadisagoda, PS: Gadisagoda, Dist - Puri, Odisha declare by this affidavit No- 257, Dated 24/01/2025, that now onwards I shall be known as **MAMATA PRADHAN**, W/o Manas Pradhan for all future purposes.

**AFFIDAVIT**

By Virtue of an affidavit sworn before Notary Public , Bhubaneswar ,dated 11.02.2025 , I , M.K. laxmi Prasad Sahoo , Address : Plot No. 121 , Sahidnagar , P.S- Sahidnagar ,Dist- Khordha , Bhubaneswar Odisha -751007 declare , I have changed my Name from M.K.Laxmi Prasad to M.K.L Laxmi Prasad Sahoo . Henceforth , I shall be known as M.K.Laxmi Prasad Sahoo for all Purposes.

Sd/- M.K.Laxmi Prasad Sahoo

**AFFIDAVIT**

I, Manasa Ranjan Sahoo, S/o- Makar Dhwaja Sahoo, resident of Plot No. 726/A, Nayapalli, Near Behera Sahi Chhak, Bhubaneswar, Dist- Khordha, Pin- 751012, Odisha declared by this affidavit No. 61, dtd- 18/02/2025 that now onwards I shall be known as **MANAS RANJAN SAHOO** for all future purposes.

**AFFIDAVIT**

I Saraswoti Samal, W/o.Late Sarat Kumar Samal, Vil/Po.Talagopabindha, Ps-Tihidi, Dist-Bhadrak, Declared Vide Affidavit No-9849, Before Executive Magistrate, Bhadrak, Dtd-26.11.24 That, My Husband opend one LIC Policy Bearing No-596572228 where Nomine Name mentioned as Sanjulata Samal, Wife but My Adhar, Pan & Bank Account Name is Saraswati Samal. Both Name is One & same person for all purposes.

**AFFIDAVIT**

By virtue of this affidavit Sl.No. 827 Dt. 12/02/25 sworn before Executive Magistrate, Baripada, Mayurbhanj, I Debendra Bentkar, Vill/PO-Kadualbandh, PS- Badasahi, Dist.: Mayurbhanj declare that my son's real name is "Abhimanyu Bentkar" according to his birth certificate but in his Aadhaar Card wrongly entered as "ABHIMANU BHANTKAR" who is one and same person & henceforth he will be known as Abhimanyu Bentkar.



**SBI**

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ମାଛଗାଁ ଶାଖା, ମାଛଗାଁ

**ସ୍ୱର୍ଣ୍ଣ ଅଳଙ୍କାର ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ଋଣ ଗ୍ରହୀତାଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ଋଣ ପରିଶୋଧ କରିନାହାନ୍ତି। ଯଦି ସେ ନିଲାମ ତାରିଖ ପୂର୍ବରୁ ତାଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର ଶାଖା ପରିସରରେ ତା. ୨୮.୦୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ତାଙ୍କର ବନ୍ଧକ ଥିବା ସୁନା ଅଳଙ୍କାର ଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାଙ୍କ କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବେ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ, ବ୍ୟାଙ୍କ ସେମାନଙ୍କ ବିରୋଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତା ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାର ଗୁଡିକ ନେଇପାରିବେ।

| କ୍ର.ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା ଆକାଉଣ୍ଟ ନମ୍ବର | ବକେୟା ଦେୟ + ସେବାବଦ ସୁଧ | ନେଟ ଓଜନ (ଗ୍ରାମରେ) |
|---|---|---|---|
| ୧ | ମାନସ ଚନ୍ଦ୍ର ଦାସ, ମାର୍ଫତ ଗୋକୁଳାନନ୍ଦ ଦାସ ଶ୍ରୀବତ୍ସପୁର, ଅପଣ୍ଡରା, ଜଗତସିଂହପୁର-୭୫୪୧୧୯ | ୫୭୬୯୮/-+ ସେବାବଦ ସୁଧ | ୧୬.୫୨୦ |

ଶାଖା ପ୍ରବନ୍ଧକ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ମାଛଗାଁ ଶାଖା, ମାଛଗାଁ



**OFFICE OF THE BASUDEVPUR MUNICIPALITY, BHADRAK**

No. 266 — **E-Procurement Notice** — Date 20.02.2025

BID Identification No. BM_TCN_08_2024-25

Bid Documents consisting of Work, Estimated Cost, Cost of Tender Paper, EMO, time of completion, Class of contractors and the set of terms and conditions of contract and other necessary documents can be seen in Govt. Website i.e. https://tendersodisha.gov.in/nicgep/app.

1. Name of the Work : Civil Const works as mentioned in DTCN
2. No. of works : 16 nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 23-02-2025(10am) to 02-03-2025
6. Last date and time for receipt : 02-03-2025 up to 5.00 pm
7. Bids received online shall be opened on : 03-03-2025 from 11 am onwards
8. Name and address of the Officer Inviting Bid : Executive Officer, Basudevpur Municipality

OIPR-13135/11/0013/2425 C-1714

*Executive Officer*
*Basudevpur Municipality*



**OFFICE OF THE EXECUTIVE ENGINEER, P.H. DIVISION, ANGUL**

Ph. (06764) 296431, Email-eephangul@yahoo.in

GOVERNMENT OF ODISHA

*Bid Identification No.SE PH Division Angul- 29 / 2024-25 dt.19.02.2025*

| | | | |
|---|---|---|---|
| 1. | Name of the work | : | 01 (one) no |
| 2. | Type of Bid | : | one no double bid system |
| 3. | Estimated Cost | : | ₹57.76 lakhs |
| 4. | Period of completion | : | 03 (three) months |
| 5. | Date & time of availability of bid document in the portal | : | From 11.00AM of 25.02.2025 to 5.00 PM of 06.03.2025 |
| 6. | Last date / time of receipt of bids in the portal | : | 5.00 PM of 06.03.2025 |
| 7. | Date & time of opening of technical bids | : | At 11.00 AM of 07.03.2025 |
| 8. | Name & address of the Officer Inviting Bid. | : | Superintending Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

OIPR-13056/11/0015/2425 C-1704

Er. Prasanta Behera
Superintending Engineer
R.H. Division, Angul



**ZILLA SWASTHYA SAMITI, KORAPUT** E-775

DISTRICT PROGRAMME MANAGEMENT UNIT

NATIONAL HEALTH MISSION

E-mail : nhmkpt@gmail.com Phone:06852-250242

Advt. No: 581 /DPMU/NHM/2025 Date:- 19 /02/2025

**CONTRACTUAL APPOINTMENT**

Application are invited from the eligible candidates for filling up the posts of MO Pediatrician-DEIC, AYUSH Doctor (RBSK) / AYUSH Doctor (Co-Located) / AYUSH Doctor ( MHU) / Block Accounts Manager/Accountant-DPMU / Block Data Manager (BDM) / NRC Counselor / STS-NTEP on contractual Basis for a period of 11 months and subject to renewal as per OSH&FW Society terms and conditions. Interested candidates fulfilling the criteria can log on to the Koraput district official website **koraput.odisha.gov.in** for details of vacancy, eligibility criteria, age, remuneration, application form and other terms and conditions. They can apply to the **CDM & PHO-cum-DMD, At/Po- Koraput, near jail road, Dist-Koraput, PIN-764020 through Regd. Post/Speed Post/ Courier only and the last date of submission of filled application is 12.03.2025, 5.00 PM.** The envelope containing the application should be superscribed clearly with the name of the post applied for..... , or else the application shall be rejected. Incomplete application in any form shall be rejected. Number of vacancies under this advertisement is provisional which may increase or decrease depending upon the requirement at the time of selection. The candidates are requested to log on district website **koraput.odisha.gov.in** regarding notification of selection process / shortlisted candidates / updated result / notification etc. The undersigned reserves the right to cancel / reject any or all the applications without assigning any reason thereof.

OIPR-10077/11/0014/2425

Sd/- CDM & PHO-cum-DMD, Koraput



**GOVERNMENT OF ODISHA**
**PANCHAYATI RAJ & DRINKING WATER DEPARTMENT**
**OFFICE OF THE PANCHAYAT SAMITI NANDAPUR, KORAPUT**
Email: ori-nandapur@nic.in
No. 797/2025, Dated 21.02.2025

**NOTICE INVITING TENDER**

Bid Identification No. - NDP03 of 2024-25 of B.D.O, Nandapur

The Block Development Officer, Nandapur, Dist- Koraput, Pin-764037(Odisha) invites **Percentage Rate Bids in Single Cover System** on behalf of Governor of Odisha in electronic tendering system **(www.tendersodisha.gov.in)** for the construction of **8 (Eight)** no's of works detailed in the table from the eligible civil contractors. The amount put to tender and bid security may be changed and confirmed at the time of available of tender documents. The bidders may participate for any bids or all the following works.

| Sl. No | Name of the Work | Amount put to Tender (Approx. In Rupees) | Class of Contractor | Cost of Tender Paper | E.M.D. (Bid Security) in Rs | Period of completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | CONSTRUCTION OF OFFICE BUILDING WITH MARKET COMPLEX FOR GPLF BUILDING AT KHURJI | 20,46,839/- | "C" & "B" | 6,000/- | 20,500/- | 06 Months |
| 2 | CONSTRUCTION OF OFFICE BUILDING WITH MARKET COMPLEX FOR GPLF BUILDING AT CHATWA | 20,73,589/- | "C" & "B" | 6,000/- | 20,800/- | 06 Months |
| 3 | CONSTRUCTION OF OFFICE BUILDING WITH MARKET COMPLEX FOR GPLF BUILDING AT KULABIR | 20,53,573/- | "C" & "B" | 6,000/- | 20,600/- | 06 Months |
| 4 | CONSTRUCTION OF OFFICE BUILDING WITH MARKET COMPLEX FOR GPLF BUILDING AT MALIBELGAON | 20,38,141/- | "C" & "B" | 6,000/- | 20,400/- | 06 Months |
| 5 | Construction of Additional class room at Primary School, Tankel | 11,92,394/- | "C" & "D" | 6,000/- | 12,000/- | 06 Months |
| 6 | Construction of Additional class room at Primary School, Nandigaon | 11,57,753/- | "C" & "D" | 6,000/- | 11,600/- | 06 Months |
| 7 | Construction of Additional class room at Primary School,Jarai | 12,02,703/- | "C" & "D" | 6,000/- | 12,000/- | 06 Months |
| 8 | CONSTRUCTION OF BT ROAD FROM PWD ROAD TO CHATWA | 25,28,210/- | "C" & "B" | 6,000/- | 26,000/- | 04 Months |

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | 24.02.2025 to 12.03.2025 up to 17.30 Hours |
| Bid clarification start date & closing date | 24.02.2025 to 12.03.2025 during office hours |
| Date, time and venue of opening of bid online | (18.03.2025 at 11.30 Hours),Office of the Block Development Officer, Panchayat Samiti, Nandapur |
| If stipulation arises the tender will be decided through Lottery System | (18.03.2025) Office of the Block Development Officer, Panchayat Samiti, Nandapur |

Block Development Officer, Nandapur



A-1086

Phone No.(0663)-2412791(Off.)
E-mail :-eemisbp@yahoo.co.in

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, SAMBALPUR.**
No. 561 / Date, 17.02.2025
e-PROCUREMENT NOTICE
BID REF No: SE,MID,SBP/13/2024-25

| | | |
|---|---|---|
| Name of work | : | Civil Construction Works |
| No. of works | : | 15 ( Fifteen) Nos. |
| Estimated cost: | : | Varies from approximately Rs. 3.02 lakh to Rs. 28.95 lakh for 15 Nos. of work (Rs. 132.86 Lakh) |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid through online | : | From dt. 24.02.2025 at 11.00 AM to dt. 06.03.2025 up to 05.30 PM in website(www.tendersorissa.gov.in) |
| Period of receipt of bid through online | : | From dt. 24.02.2025 at 11.00 AM to dt. 06.03.2025 up to 05.30 PM through online. |
| Date of opening of bid documents | : | On dt. 07.03.2025 at 11.00 AM. onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |

The detail tender call notice can also be seen in the DOWR website- http://dowrorissa.gov.in

| | | |
|---|---|---|
| Name & Address of the OIT | : | Superintending Engineer, M.I.Division, Sambalpur At-Motijharan,PO-B.S.S.Nagar,Dist:-Sambalpur PIN-768001, Ph-0663-2412791, E-mail ID-eemisbp@yahoo.co.in |
| Further details can be seen from the e-Procurement market place. | : | http://tendersorissa.gov.in |

OIPR-32036/11/0015/2425

Superintending Engineer
M.I. Division, Sambalpur



**OFFICE OF THE SUPERINTENDING ENGINEER** B-1006
**DHENKANAL (R&B) DIVISION, DHENKANAL**
Email – eedklpwd@gmail.com
**INVITATION FOR BIDS THROUGH e-Procurement**

Bid Identification No. SEDKL (R&B). 41 / 2024-25

Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | 2 Nos Building works |
| 3. | No. of work | : | 02 Nos. |
| 4. | Bid Cost. | : | ₹.10,000/- |
| 5. | Class of Contractor | : | 'B' Class |
| 6. | Availability of Bid Documents in the website | : | From 10.00 AM of 21.02.2025 to 5.00 PM of 07.03.2025 |
| 7. | Date of Opening of Bid | : | Dt. 10.03.2025 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Superintending Engineer
Dhenkanal (R&B) Division, Dhenkanal

OIPR-34016/11/0039/2425

ସକାଳ
THE SAKALA

# ସମ୍ପାଦକୀୟ



ମଣିଷ ମନର ସ୍ୱାଭାବିକ ପ୍ରତିକ୍ରିୟା ହେଉଛି ଅଧିକରୁ ଅଧିକ ହାସଲ କରିବାର ଇଚ୍ଛା।
-ପ୍ରଫେସର ୟୁଭାଲ୍ ନୋହ ହରାରି

## ୟୁଏସ୍‌ଏଡ୍ ରାଜନୀତି

ସମ୍ପ୍ରତି ଆମେରିକା ପ୍ରଦତ୍ତ ୟୁଏସ୍‌ଏଡ୍‌କୁ ଅଚଳ କରିଦିଆଯାଇଥିଲେ ହେଁ ଏହି ସଂସ୍ଥା ମାଧ୍ୟମରେ ଗତ ୪ ବର୍ଷ ଧରି ଦକ୍ଷିଣ ଓ କେନ୍ଦ୍ର-ଏସୀୟ ରାଷ୍ଟ୍ରରେ ଯୋଗାଇ ଦିଆଯାଇଥିବା ସହାୟତା ରାଶିକୁ ନେଇ ବିବାଦ କେନ୍ଦ୍ରୀଭୂତ ହୋଇଛି। ବିଶେଷକରି ଜୋ ବାଇଡେନ୍‌ଙ୍କ ପ୍ରଶାସନ ନେଇଥିବା ଏ ସମ୍ପର୍କିତ ନିଷ୍ପତ୍ତିକୁ ଟ୍ରମ୍ପ ସରକାରଙ୍କ ଦକ୍ଷତା ବିକାଶ ଦାୟିତ୍ୱରେ ଥିବା ଏଲନ୍ ମସ୍କ ରଦ୍ଦ କରିଛନ୍ତି। ଏହି ପ୍ରେକ୍ଷାପଟରେ ଭାରତରେ ମତଦାନ ହାର ବୃଦ୍ଧି ପାଇଁ ଯୋଗାଇ ଦିଆଯାଇଥିବା ୨୧ ନିୟୁତ ଡଲାର କାହାକୁ ଦିଆଯାଇଥିଲା, ତାହା ତଦନ୍ତ ପରିସରକୁ ଆସିଛି। ବିଜେପି ଏହାକୁ ଭାରତର ନିର୍ବାଚନ ପ୍ରକ୍ରିୟାରେ ବାହ୍ୟ ହସ୍ତକ୍ଷେପ ବୋଲି ବର୍ଣ୍ଣନା କରିଛି। ଆମର ଏଠାରେ କହିବାର କଥା ଯେ ୟୁଏସ୍‌ଏଡ୍ ମାଧ୍ୟମରେ ବାଇଡେନ୍ ପ୍ରଶାସନ ଭାରତକୁ ମୋଟ୍ ୭୨୦ ନିୟୁତ ଡଲାର ସହାୟତା ରାଶି ଗତ ୪ ବର୍ଷରେ ଯୋଗାଇ ଦେଇଛନ୍ତି। ତେବେ ଏହି ସାମଗ୍ରିକ ସହାୟତା ରାଶିରୁ କେବଳ ୨୧ ନିୟୁତ ଡଲାରକୁ ପୃଥକ ଭାବେ କାହିଁକି ଯାଞ୍ଚ ପରିସରକୁ ଅଣାଯାଇଛି ତାହାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଅବଶ୍ୟ ଏକଥା ସତ ଯେ ଏହି ରାଶି ସହ ଏନ୍‌ଜିଓ, ପ୍ରଭାବଶାଳୀ ବ୍ୟକ୍ତି, ସାମ୍ବାଦିକ ଓ ବୁଦ୍ଧିଜୀବୀ ଜଡ଼ିତ ଅଛନ୍ତି। ଆମେରିକା ଓ ଭାରତ ମଧ୍ୟରେ ଏହି ପାଣ୍ଠିର ହିତାଧିକାରୀଙ୍କ ଏକ ବଡ଼ ତାଲିକା ବିନିମୟ ହୋଇଛି।

ବିଶ୍ୱରେ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରସାର ଓ ପ୍ରଚାରରେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ବିଶେଷକରି ଡେମୋକ୍ରାଟିକ୍ ଦଳ କ୍ଷମତାରେ ଥିବାବେଳେ ଗଣତାନ୍ତ୍ରିକ ବ୍ୟବସ୍ଥାର ହନନ ଓ ଉଲ୍ଲଙ୍ଘନ କ୍ଷେତ୍ରରେ ଆମେରିକାର ହସ୍ତକ୍ଷେପ ସୁବିଦିତ। ତେଣୁ ନିର୍ବାଚନ ଓ ରାଜନୈତିକ ପ୍ରକ୍ରିୟାର ସୁଦୃଢ଼ୀକରଣ ସକାଶେ ୪୮୬ ନିୟୁତ ଡଲାର ଆମେରିକା ବଜେଟରେ ହୋଇଥିବା ବ୍ୟବସ୍ଥାର ଏହି ୨୧ ନିୟୁତ ଡଲାର ଅଂଶବିଶେଷ। ଏଠାରେ ଉଲ୍ଲେଖଯୋଗ୍ୟ ଆମେରିକା ଯୋଗାଉଥିବା ଏହି ୭୨୦ ନିୟୁତ ଡଲାରର ୬୪ ପ୍ରତିଶତ ସ୍ୱାସ୍ଥ୍ୟ ସେବା ପାଇଁ ଉଦ୍ଦିଷ୍ଟ। ସେଥିମଧ୍ୟରୁ କୋଭିଡ୍ ପରବର୍ତ୍ତୀ ସ୍ୱାସ୍ଥ୍ୟଗତ ସଚେତନତା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ପରିଚାଳନା ସକାଶେ ୨୫୦ ନିୟୁତ ଡଲାର ଏବଂ ଏଚ୍‌ଆଇଭି-ଏଡ୍ସ ଭଳି ଗୁରୁତର ରୋଗର ନିରାକରଣ ସକାଶେ ୪୬୨ ନିୟୁତ ଡଲାର ଭାରତ ପାଇଥିଲା। ଏହି ବିପୁଳ ରାଶିର କେଉଁଠି ଓ କିଭଳି ବିନିଯୋଗ ହୋଇଛି ଏବଂ ଏଥିସହ ସମ୍ପୃକ୍ତ ଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ କୌଣସି ଖୋଳତାଡ଼ ନଥିବା ବେଳେ ସରକାର କେବଳ ପ୍ରତିବର୍ଷ ରାଜନୀତିକୁ ବଦନାମ କରିବା ସକାଶେ ୨୧ ନିୟୁତ ଡଲାର ପ୍ରସଙ୍ଗକୁ ଜୋର ଦେଉଥିବା ଭଳି ମନେହୁଏ।

ଡୋନାଲ୍ଡ ଟ୍ରମ୍ପ କ୍ଷମତାସୀନ ହେବା ପରେ ତାଙ୍କ ଅରବପତି ସାଥୀ ଏଲନ୍ ମସ୍କଙ୍କ ନେତୃତ୍ୱରେ ଆମେରିକାରେ ସରକାରୀ ଦକ୍ଷତା ବିକାଶ ବିଭାଗ କାର୍ଯ୍ୟ କରୁଛି। ଫେଡେରାଲ୍ ଶାସନତନ୍ତ୍ରର ଆକାର ସଂକୁଚିତ କରିବା ଓ ଅପବ୍ୟୟ ରୋକିବା ଦିଗରେ ସେ ଆରମ୍ଭ କରିଥିବା କାର୍ଯ୍ୟର ଏହା ଅଂଶବିଶେଷ। ଏହି ସହାୟତା ରାଶି ପ୍ରଦାନ ବନ୍ଦ କରିବା ପାଇଁ ସେ ଦେଇଥିବା ପରାମର୍ଶକୁ ରାଷ୍ଟ୍ରପତି ଟ୍ରମ୍ପ ଗ୍ରହଣ କରିଥିବା ପ୍ରକାଶ। ସେ ଅତୀତରେ ୟୁଏସ୍‌ଏଡ୍‌କୁ ଏକ ଆପରାଧିକ ସଂଗଠନର ଆଖ୍ୟା ଦେଇଥିଲେ। ଅନ୍ୟପକ୍ଷରେ ଆମେରିକୀୟ ଟିକସଦାତାଙ୍କ ଅର୍ଥକୁ କାହିଁକି ଏ ଦିଗରେ ବ୍ୟୟ କରାଗଲା ବୋଲି ପ୍ରଶ୍ନ କରିଛନ୍ତି। ଟ୍ରମ୍ପଙ୍କ ମତରେ ବିଶ୍ୱର ସବୁଠାରୁ ଅଧିକ ଟିକସ ଆଦାୟ କରୁଥିବା ଦେଶ ମଧ୍ୟରେ ଭାରତ ଅନ୍ୟତମ। ସେହିଭଳି ବାଂଲାଦେଶର ରାଜନୈତିକ ଦୃଶ୍ୟପଟକୁ ସୁଦୃଢ଼ କରିବା ସକାଶେ ୨୯ ନିୟୁତ ଡଲାର ଏବଂ ନେପାଳକୁ ଆର୍ଥିକ ସଂଘବାଦ ଓ ଜୈବବିବିଧତା ସଂରକ୍ଷଣ ପାଇଁ ୩୯ ନିୟୁତ ଡଲାର ଦିଆଯାଇଥିଲା। ଭାରତ ସମେତ ଏହି ଦୁଇ ରାଷ୍ଟ୍ରର ସହାୟତା ରାଶିକୁ ମଧ୍ୟ ଆମେରିକା ବାତିଲ କରିଛି। ଏ ସଂକ୍ରାନ୍ତ ହସ୍ତଗତ ହୋଇଥିବା ଶେଷ ରିପୋର୍ଟ ଅନୁଯାୟୀ ୨୧ ନିୟୁତ ଡଲାର ମଧ୍ୟରୁ ୧୩.୨୫ ନିୟୁତ ଡଲାର ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୨୦୨୪ ନିର୍ବାଚନ ବର୍ଷରେ ୫.୫ ନିୟୁତ ଓ ୨୦୨୩ରେ ୬.୧ ନିୟୁତ ଡଲାର ଭାରତରେ ମତଦାନ ହାର ବୃଦ୍ଧି ପାଇଁ ଖର୍ଚ୍ଚ କରାଯାଇଛି। ଏହାର ସବିଶେଷ ବିବରଣୀ ସରକାରଙ୍କ ହସ୍ତଗତ ହେବା ପରେ ଏ ସଂକ୍ରାନ୍ତ ବିସ୍ତୃତ ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରାଯାଇଛି। ତେବେ ପ୍ରଥମ ପଦକ୍ଷେପ ସ୍ୱରୂପ ତାଲିକାରେ ଥିବା ଏନ୍‌ଜିଓଗୁଡ଼ିକର ଏଫ୍‌ସିଆଇଏ ଲାଇସେନ୍ସ ରଦ୍ଦ ପାଇଁ ପ୍ରସ୍ତୁତ ଆରମ୍ଭ ହୋଇଛି।

ଭାରତର ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରର ନୀତି ନିର୍ଦ୍ଧାରଣକୁ ପ୍ରଭାବିତ କରିବା ସକାଶେ ୟୁଏସ୍‌ଏଡ୍‌ର ଗୋପନ କାର୍ଯ୍ୟକ୍ରମ ଜାରି ରହିଥିଲା। ତେଣୁ ସରକାର ନିର୍ବାଚନ ପ୍ରସଙ୍ଗକୁ ଗୁରୁତ୍ୱ ଦେଇଥିବା ବେଳେ ଏହି ଦିଗ ପ୍ରତି ସମାନ ଭାବେ ଧ୍ୟାନ ଦେବା ଉଚିତ। ୨୦୨୪ ନିର୍ବାଚନରେ ବିଜେପି ୨୪୦ ଆସନରେ ସୀମିତ ରହିଯିବା ପଛରେ ଆମେରିକାର ଏହି ସହାୟତା ରାଶିର ଭୂମିକା ନେଇ ଦଳ ଭିତରେ ବିତର୍କ ଆରମ୍ଭ ହୋଇଯାଇଛି। ସରକାରଙ୍କ ନୀତି ଓ ଆଦର୍ଶକୁ ବିରୋଧ କରୁଥିବା ସାମାଜିକକର୍ମୀ, ବୁଦ୍ଧିଜୀବୀ ଓ ସାମ୍ବାଦିକଙ୍କୁ ଆମେରିକାରୁ ମିଳିଥିବା ସହାୟତା ରାଶିରେ ଅନୁଗୃହୀତ କରାଯାଇଥିବାର ଅଭିଯୋଗ ମଧ୍ୟ ମୁଣ୍ଡ ଟେକିଛି। ପ୍ରତ୍ୟକ୍ଷ ଭାବେ ସହାୟତା ପାଇଥିବା ବ୍ୟକ୍ତିବିଶେଷଙ୍କ ତାଲିକା ଆମେରିକା ସୂତ୍ରର ହସ୍ତଗତ ହେବା ପରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଶ୍ନାବଳୀ ସେମାନଙ୍କ ନିକଟକୁ ପଠାଯାଇ ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯିବାର ସୂଚନା ମିଳିଛି। ଅନ୍ୟପକ୍ଷରେ ୟୁଏସ୍‌ଏଡ୍‌ର ଭାରତୀୟ ସ୍ୱାସ୍ଥ୍ୟ ନୀତିରେ ହସ୍ତକ୍ଷେପ ସଂକ୍ରାନ୍ତରେ ମିଳିଥିବା ତଥ୍ୟ ଅନୁଯାୟୀ ୧୯୯୦ ରୁ ୨୦୨୨ ପର୍ଯ୍ୟନ୍ତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ସହ ସଂସ୍ଥା ସମ୍ପୃକ୍ତ ଥିଲା। ଏ କ୍ଷେତ୍ରରେ କିଛି ଏନ୍‌ଜିଓ ସହାୟତାର ହାତ ବଢ଼ାଇଥିଲା।

ଆଦାନି ପ୍ରସଙ୍ଗ ନେଇ ବିତର୍କର ଝଡ଼ ସୃଷ୍ଟି ହୋଇଥିବା ବେଳେ ଆମେରିକୀୟ ବ୍ୟବସାୟୀ ଜର୍ଜ ସୋରୋସ୍‌ଙ୍କ ସଂସ୍ଥା ସହ ସୋନିଆ ଗାନ୍ଧିଙ୍କ ସମ୍ପର୍କ ଓ ତାଙ୍କର ଭାରତ ବିରୋଧୀ କାର୍ଯ୍ୟକଳାପ ନେଇ ବିଜେପି ପକ୍ଷରୁ କଠୋର ସମାଲୋଚନା କରାଯାଇଥିଲା। ତେଣୁ ୟୁଏସ୍‌ଏଡ୍ ସହାୟତା ରାଶି ସହ ବିରୋଧୀଙ୍କୁ ସଂଯୁକ୍ତ କରି ରାଜନୈତିକ ଫାଇଦା ହାସଲ ସକାଶେ ଏବେ ଯେଉଁ ସୁଯୋଗ ସୃଷ୍ଟି ହୋଇଛି, ତାହାକୁ ସରକାର ନିଶ୍ଚୟ ହାତଛଡ଼ା କରିବେନି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଷ୍ଟ୍ରପତି ଟ୍ରମ୍ପ ନିଜେ ଭାରତ ନିର୍ବାଚନରେ ଆମେରିକାର ହସ୍ତକ୍ଷେପକୁ କଡ଼ା ସମାଲୋଚନା କରିଛନ୍ତି। ଏହାର ପ୍ରତିକ୍ରିୟା ସ୍ୱରୂପ ଭାରତୀୟ ରାଜନୀତିରେ ଏବେ ନିଆଁ ଲାଗିଯାଇଛି। ସେ ଯାହାହେଉ ଆମର ଏଠାରେ କହିବାର କଥା ଯେ ଏହାଠାରୁ ଯଥେଷ୍ଟ ଅଧିକ ପାଣ୍ଠି ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରରେ ବିନିଯୋଗ ହୋଇଛି। ତାହା ମଧ୍ୟ ସରକାରଙ୍କ ତଦନ୍ତ ପରିସରକୁ ଆସିବା ଉଚିତ। ଆଶା କରିବା ଉଭୟ କ୍ଷେତ୍ରରେ ମାନବୀୟ ଆଭିମୁଖ୍ୟ ଅନ୍ତତଃ ବଳି ନ ପଡୁ। ●

# ସମବାୟ: ଦାରିଦ୍ର୍ୟ ଦୂରୀକରଣ ଓ ଆତ୍ମନିଯୁକ୍ତିର ବଳିଷ୍ଠ ମାଧ୍ୟମ

**ପ୍ରତାପ ଚନ୍ଦ୍ର ସାମଲ**

ସମବାୟ ହେଉଛି ଅର୍ଥନୈତିକ ବିକାଶ ପ୍ରକ୍ରିୟାର ବିରାମହୀନ ସୁଦୀର୍ଘ ପଥର ଦୁଃସାହସିକ ରୋମାଞ୍ଚକର ଯାତ୍ରା ଓ ଅୟମାରମ୍ଭ। ଭାରତର ପରାଧୀନ ବେଳାର ତିମିରାଚ୍ଛନ୍ନ ସାମାଜିକ ଓ ଆର୍ଥିକ ଘନଘଟାର ସରହଦୀ ମଧ୍ୟରେ ଅକଳନୀୟ ଜିଗିଷା, ପ୍ରତିଶ୍ରୁତିବଦ୍ଧତା ଓ ପ୍ରତ୍ୟାଶାକୁ ନେଇ ଏହି ଯାତ୍ରା ଥିଲା ଏକ ଶୁଭ ସଂକେତର ସାହାନାଇ। ଯାହାର ଦୁନ୍ଦୁଭି ସ୍ୱରରେ ଜାଗ୍ରତ ହୋଇ ଉଠିଥିଲା ଖଟିଖିଆ ଶ୍ରମିକ ଶ୍ରେଣୀର ଏକ ସମଷ୍ଟିଗତ ପ୍ରଚେଷ୍ଟାର ଉତ୍ତୁଙ୍ଗ ନିର୍ମାଣ। ଯାହାଥିଲା ତତ୍କାଳୀନ ସମାଜର ଅର୍ଥନୈତିକ ପୃଷ୍ଠଭୂମି ଉପରେ ଜୀବନଧାରଣ ପାଇଁ ସ୍ୱାବଲମ୍ବନଶୀଳତାର ନିଚ୍ଛକ ପ୍ରତିଧ୍ୱନୀ। ଆଉ ଏହା ହିଁ ଥିଲା ମାନବବାଦର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ନିଷ୍ପେସିତ ନିରୀହ ଜନତାମାନଙ୍କର ବଞ୍ଚିରହିବା ନିମନ୍ତେ ମୂଲ୍ୟବୋଧଭିତ୍ତିକ ଏକ ସମ୍ଭାବନାର ସ୍ୱର।

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଖ୍ୟାକାର 'ଜାକେବ୍ ଜର୍ଜ ହିଲିଓକ୍'ଙ୍କ ଭାଷାରେ ସମବାୟ ହେଉଛି ଏକ ସ୍ୱେଚ୍ଛାକୃତ ସମ୍ମେଳନ, ଯହିଁରେ ସମସ୍ତଙ୍କ ସହଭାଗୀ, ଯୋଗଦାନ ଓ କର୍ତ୍ତୃତ୍ୱ ମଧ୍ୟରେ ଏକ ଐକ୍ୟବଦ୍ଧ ଉଦ୍ୟୋଗଟି ପରିପୂର୍ଣ୍ଣ ପଥରେ ଅଗ୍ରସର ହୋଇଥାଏ।' ଭାରତର ବହୁପ୍ରାଚୀନ କାଳରୁ ସମବାୟର ପ୍ରବାହମାନ ଧାରା ସଂଘବଦ୍ଧ ଜୀବନ ଯାପନରେ ପ୍ରବାହ ସହିତ କେବଳ ସମନ୍ୱିତ ହୋଇନଥିଲା, ବରଂ ସାମାଜିକ ଜୀବନ ବିନ୍ୟାସ ଓ ସମ୍ମିଳିତ ଉଦ୍ୟୋଗ ମଧ୍ୟରେ ଏହା ଅବିଚ୍ଛେଦ୍ୟ ଭାବେ ନିମଜ୍ଜିତ ରହିଆସିଥିଲା। ପ୍ରାଚୀନ ବୈଦିକ ଯୁଗର ଏକତ୍ର ଜୀବନଧାରଣର ମନ୍ତ୍ରତା ମଧ୍ୟରେ ସମବାୟର ପରିପ୍ରକାଶ ଘଟି ତାହାର ଏକ ସ୍ୱତନ୍ତ୍ର ପରିଚୟକୁ ସୃଷ୍ଟି କରିଥିଲା ଚେତନାର ଏକ ମାର୍ମିକ ପରିପ୍ରକାଶ ମଧ୍ୟରେ। ଓଡ଼ିଆ ପୁଅ ମଧୁବାବୁଙ୍କ ଇଂଲଣ୍ଡ ଭ୍ରମଣ ପଥରେ ୧୮୯୭ ମସିହାରେ କୃଷିଭିତ୍ତିକ ସମବାୟ ବ୍ୟାଙ୍କ ସ୍ଥାପନର ବାସ୍ତବ ପରିକଳ୍ପନା ଅବଶେଷରେ ୧୮୯୮ ମସିହାରେ ରୂପ ନେଇଥିଲା 'କଟକ କୋ-ଅପରେଟିଭ୍ ଷ୍ଟୋର' ଭାବରେ ଏବଂ ମଧୁବାବୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ୧୯୦୩ ମସିହାରେ ବାଙ୍କୀ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସମବାୟ କୃଷି ସମିତିମାନ ସ୍ଥାପିତ ହୋଇଥିଲା। ଏହାର ଅଳ୍ପ କେଇଟା ଦିନ ପରେ ସମଗ୍ର ଭାରତବର୍ଷକୁ ସମବାୟ ଆନ୍ଦୋଳନର ଉତ୍ତୋଳନ ପାଇଁ ତା ୨୫.୦୩.୧୯୦୪ ମସିହାରେ ଋଣ ସମବାୟ ସମିତି ଆଇନ୍‌ର ପ୍ରଥମ ଭିତ୍ତିଭୂମି ସୃଷ୍ଟି ହୋଇଥିଲା।

ଆଇନଗତ ଭାବରେ ୧୨୦ ବର୍ଷ ଅତିକ୍ରମ କରିସାରିଛି ଏହି ସମବାୟ ଆନ୍ଦୋଳନ। ୧୨୦ ବର୍ଷର ଇତିହାସ ଯେକୌଣସି ଜାତିପାଇଁ ଅନେକ କିଛି ସ୍ମରଣୀୟତାର ଚିହ୍ନକୁ ବହନ କରିଥାଏ। ବିଂଶଶତାବ୍ଦୀର ଅୟମାରମ୍ଭରେ ଯେଉଁ ଆନ୍ଦୋଳନ ଜମିଦାର ଓ ସାହୁକାରମାନଙ୍କ ଶୋଷଣରୁ ଭାରତର ଗରିବ ଅବହେଳିତମାନଙ୍କୁ ସହାୟତା ଯୋଗାଇ ପାରିଥିଲା, ସେଦିନର ସେହି ଜନ୍ମିତ ଶିଶୁଟି ଆଜି ଅନେକ କିଛି ସ୍ମୃତିର ବର୍ଣ୍ଣିଳ ଶୋଭାକୁ ନେଇ ସମଗ୍ର ବିଶ୍ୱରେ ସୃଷ୍ଟି କରିଛି ଏକ ନିରବ ଆକର୍ଷଣ। ଉନବିଂଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ପରେ ଆର୍ଥିକ ଅନଟନରେ ସାଉଁଟି ହେଉଥିବା ମଣିଷଟି ବଞ୍ଚିବା ପାଇଁ ଯେଉଁ ରାହା ଖୋଜୁଥିଲା ସେଥିରୁ ଜନ୍ମ ନେଇଥିଲା 'ରକଡେଲ'ର ସମବାୟ। ସମବାୟ ଆନ୍ଦୋଳନ ବହୁ ବିଫଳ ପ୍ରୟାସକୁ ପରାହିତ କରି ତା'ର ବିକଶିତ ନିନାଦିତ ଧାରାରେ କେବେବି ପୂର୍ଣ୍ଣଚ୍ଛେଦ ଟାଣିନି।

ଆତ୍ମ ନିଯୁକ୍ତିର ମାଧ୍ୟମ ରୂପରେ ଏବଂ ବ୍ୟକ୍ତିର ଆର୍ଥିକ ସ୍ୱାଧୀନତାକୁ ଏକ ସଫଳ ପଥରେ ରୂପାୟନ କରିବାରେ ସମବାୟ ଆନ୍ଦୋଳନ ଅନେକ କ୍ଷେତ୍ରରେ ତା'ର ସଫଳତାର ଚିହ୍ନକୁ ବହନ କରିସାରିଛି। ପୃଥିବୀର ସର୍ବବୃହତ୍ ଅର୍ଥନୈତିକ ଆନ୍ଦୋଳନ ଭାରତର ସମବାୟ ଆନ୍ଦୋଳନ। ଭାରତର ମୋଟ ସମବାୟ ସମିତି ସଂଖ୍ୟା ତା୨୪.୧୧.୨୦୦୩ ମସିହା ସୁଦ୍ଧା ୭ ଲକ୍ଷ ୯୪ ହଜାର ୮୬୬, ଯାହାର ସଭ୍ୟ ସଂଖ୍ୟା ୨୯ କୋଟି ୭ ଲକ୍ଷ ୬୦ ହଜାର ୫୩୭। ୪୦୦୫୪୨.୫ କୋଟି ଟଙ୍କା କାର୍ଯ୍ୟକାରୀ ମୂଳଧନକୁ ନେଇ ଭାରତର ସମବାୟ ଆନ୍ଦୋଳନ ଆଜି ଦଣ୍ଡାୟମାନ। ସମଗ୍ର ଭାରତ ବର୍ଷରେ ସମବାୟ ଋଣ ଅନୁଷ୍ଠାନମାନେ ମୋଟ ଋଣର ପ୍ରାୟ ୫୬.୨୫% କୃଷିଋଣ ଓ ୪୬ ପ୍ରତିଶତରୁ ଊର୍ଦ୍ଧ୍ୱ ରାସାୟନିକ ସାର ବିତରଣ କରୁଛନ୍ତି। ଚିନି ଉତ୍ପାଦନ କ୍ଷେତ୍ରରେ ସମବାୟର ଅବଦାନ ୫୪% ଓ ହସ୍ତତନ୍ତରେ ୭% ଅଟେ। ସମବାୟ ଦେଶର ଶତପ୍ରତିଶତ ଗ୍ରାମ ଏବଂ ୭୫% ପରିବାର ସହିତ ପରିବ୍ୟାପ୍ତ। ଭାରତର ଅର୍ଥନୈତିକ ଜୀବନ କ୍ଷେତ୍ରରେ ସମବାୟର ଏକ ପ୍ରମୁଖ ଭୂମିକା ରହିଛି। ଦେଶର ଗ୍ରାମାଞ୍ଚଳରେ ଗରିବ ଜନସାଧାରଣଙ୍କ ସାମାଜିକ, ଆର୍ଥିକ ବିକାଶ କ୍ଷେତ୍ରରେ ସମବାୟର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅର୍ଥନୀତିର ପରିବର୍ତ୍ତିତ ପରିସ୍ଥିତିରେ ଗ୍ରାମାଞ୍ଚଳର ଅଣକୃଷିକ୍ଷେତ୍ର ଓ କ୍ଷୁଦ୍ର ବ୍ୟବସାୟ କ୍ଷେତ୍ରରେ ପ୍ରଗତି ଆଣିବା ଓ ତିଷ୍ଠି ରହିବା ପାଇଁ ସମବାୟ ବ୍ୟାଙ୍କର ସାହାଯ୍ୟ ଅବିସ୍ମରଣୀୟ।

କୃଷି ହେଉଛି ଭାରତୀୟ ଅର୍ଥନୀତିର ପ୍ରକୃଷ୍ଟ କ୍ଷେତ୍ର। କୃଷି ଓ ଏହାର ସଂଲଗ୍ନ କ୍ଷେତ୍ର ଜାତୀୟ ମୋଟ ଆୟର ଏକକ ସର୍ବବୃହତ୍ ଅବଦାନ। ଭାରତର ମୋଟ ଘରୋଇ ଆୟର ୧୮%ରୁ ଊର୍ଦ୍ଧ୍ୱ ହେଉଛି କୃଷିର ଅବଦାନ। ନିଯୁକ୍ତି କ୍ଷେତ୍ରରେ କୃଷି ହେଉଛି ସର୍ବବୃହତ୍ ଶିଳ୍ପ ଏବଂ ଉତ୍ପାଦିତ ସାମଗ୍ରୀର ବୃହତ୍ ଘରୋଇ ବଜାର ହେଉଛି କୃଷିକ୍ଷେତ୍ର। ଏହି କୃଷିକ୍ଷେତ୍ର ଭାରତର ରପ୍ତାନୀରେ ୧୫% ସ୍ଥାନ ଗ୍ରହଣ କରିପାରିଛି। ସମବାୟ ସମଗ୍ର ଭାରତବର୍ଷକୁ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ସହିତ ସବୁଜ ବିପ୍ଳବ ଓ ଶ୍ୱେତ ବିପ୍ଳବର ସଫଳତା ଆଣିଦେଇଥିଲା। ବାସ୍ତବିକ୍ ଭାରତର ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଆଜି ଏହି ସବୁଜ ବିପ୍ଳବକୁ ସାକାର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସମବାୟ ଆନ୍ଦୋଳନର ଅବଦାନ ହିଁ ଦେଶକୁ ସ୍ୱାବଲମ୍ବୀ କରିବାରେ ସୁନିଶ୍ଚିତ କରିପାରିଛି। ବର୍ତ୍ତମାନ ସମୟରେ ଦେଶର ଉତ୍ପାଦନ ହ୍ରାସ, ଜଳସ୍ତର ନିମ୍ନଗାମୀ ଓ ବର୍ଦ୍ଧିତ କୃଷି ଉତ୍ପାଦନ ଖର୍ଚ୍ଚ ଯୋଗୁଁ କୃଷକ ପାଇଁ ମୃତ୍ୟୁବରଣ ଭଳି ସମସ୍ୟା ଦେଖାଦେଇଛି। ଭବିଷ୍ୟତରେ ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ଦେଶକୁ ଆଉ ଏକ ସବୁଜ ବିପ୍ଳବର ପଥରେ ଅଗ୍ରସର ହେବାକୁ ପଡ଼ିବ। ଏଥିପାଇଁ ଆନ୍ତଃରାଜ୍ୟ ସମବାୟ କୋଠଚାଷ, ବଜାରରୁ ଉତ୍ପାଦନ ସାମଗ୍ରୀର ଏକତ୍ରୀକରଣ ଓ ସଂରକ୍ଷଣ ବର୍ତ୍ତମାନ ସମୟରେ ଏକମାତ୍ର ଆବଶ୍ୟକତା।

ଗ୍ରାମୀଣ ଋଣ ସମବାୟ ପଦ୍ଧତିର ସଶକ୍ତୀକରଣ କରିବା ସହିତ ସମବାୟକୁ ଅଣକୃଷି କ୍ଷେତ୍ରରେ ନିୟୋଜିତ କରାଇ ସବୁଜ ବିପ୍ଳବକୁ କୃତକାର୍ଯ୍ୟ କରିବାରେ ସହାୟକ ହେବା ପାଇଁ ସମବାୟକୁ ଦୃଢ଼ କରିବା ଦରକାର। ମହିଳା ଓ ଯୁବ ଶକ୍ତିର ସଶକ୍ତୀକରଣ କ୍ଷେତ୍ରରେ ସମବାୟ ଏକ ନିଚ୍ଛକ ରୂପରେଖକୁ ନିର୍ବାହ କରି ସାମାଜିକ ନ୍ୟାୟ ପ୍ରତିଷ୍ଠା ସହ ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟିରେ ଏକ ଶୁଭସଂକେତକୁ ବହନ କରୁ। ସମବାୟ ପ୍ରତ୍ୟକ୍ଷ ଭାବରେ ଓ ଆତ୍ମନିଯୁକ୍ତିର ସୃଷ୍ଟି କରିବାରେ ନିଜର କାର୍ଯ୍ୟଧାରାକୁ ସଫଳ ଭାବରେ ବଜାୟ ରଖି ପ୍ରାୟ ୨୫.୯ ନିୟୁତ ବ୍ୟକ୍ତିବିଶେଷଙ୍କୁ କର୍ମନିଯୁକ୍ତି ଯୋଗାଇ ଦେଇଛି।

ସମବାୟ ହେଉଛି ଏକ ସ୍ୱୟଂଶାସିତ ସଂଘ, ଯେଉଁଥିରେ ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ଭାବେ ଏକତ୍ରିତ ହୋଇ ସେମାନଙ୍କ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଆବଶ୍ୟକତା ଓ ଯୁଗ୍ମ ଚାହିଦାର ଅଧିକାର ତଥା ଗଣତନ୍ତ୍ର ଭିତ୍ତିରେ ନିୟନ୍ତ୍ରଣ କରିଥା'ନ୍ତି। ମାତ୍ର ସମବାୟର ନୀତି, ମୂଲ୍ୟବୋଧ ଏବଂ ସଜ୍ଞାକୁ ସରକାରମାନେ ସମ୍ମାନ ଦେଇ ସମବାୟ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଧାରା ନିର୍ବାହ କରିବା ପାଇଁ ସଭ୍ୟମାନଙ୍କ ହାତରେ ସ୍ୱାଧୀନ ଭାବେ ପରିଚାଳନା ଦାୟିତ୍ୱ ଦେଇ ସମବାୟର ପୁନରୁଦ୍ଧାର ପାଇଁ କାର୍ଯ୍ୟଭାର ନ୍ୟସ୍ତ କରିବା ଆଜି ସମୟର ଆହ୍ୱାନ। ବୈଦ୍ୟନାଥନ୍ କମିଟିର ସୁପାରିସ ସମବାୟ ଅନୁଷ୍ଠାନଗୁଡ଼ିକର ଗଣତାନ୍ତ୍ରିକ ଧାରାର କଣ୍ଠରୋଧ ବୋଲି ଅଭିଯୋଗ ହେଉଛି। ଜାତିର ସ୍ୱାର୍ଥ, ରାଜ୍ୟର ବିକାଶ, ଆତ୍ମନିଯୁକ୍ତି କ୍ଷେତ୍ରର ବଳିଷ୍ଠ ମାଧ୍ୟମ ଏବଂ ବେକାରୀ ଦୂରୀକରଣର ଯାଦୁକାରୀ ମନ୍ତ୍ର ସମବାୟକୁ ଆଉ ଉପେକ୍ଷିତ ନକରି ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟିରେ ଏହାର ସଫଳ ପ୍ରୟାସକୁ ପ୍ରତିପାଦିତ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଏକାନ୍ତ ଆବଶ୍ୟକ। ଆମେ ମନେରଖିବା ଉଚିତ୍ ଯେ ରାଜନୀତିର ବହୁ ଊର୍ଦ୍ଧ୍ୱରେ ହେଉଛି ସମବାୟ। ଏବେବି ଓଡ଼ିଶା ସମବାୟ ଆଇନ୍ ୧୯୬୨ ଅନୁସାରେ ସମବାୟ ଅନୁଷ୍ଠାନଗୁଡ଼ିକ କୃଷକ ଓ ଖଟିଖିଆ ମଣିଷମାନଙ୍କର ଏକମାତ୍ର ଆଶା ଓ ଭରସାର ଅନୁଷ୍ଠାନ। ତେଣୁକରି ସମବାୟରେ ଦାରିଦ୍ର୍ୟ ଦୂରୀକରଣ ଏବଂ ଆତ୍ମନିଯୁକ୍ତି ସଫଳ ପଥରେ ଆଗେଇ ପାରିଲେ ସମବାୟର ବଳିଷ୍ଠ ଅବଦାନ ଦେଶ ଓ ରାଜ୍ୟ ଶାସନକୁ ସୁଦୃଢ଼ କରିପାରିବ। ●

(ବରିଷ୍ଠ ସମବାୟବିତ୍),
ମୋ.: ୯୦୯୦୩୨୫୮୦୨

# ଚାପମୁକ୍ତ ବୋର୍ଡ ପରୀକ୍ଷା ସମ୍ପର୍କରେ

**ଡ. ଆଶୁତୋଷ ଦେବୀପ୍ରସାଦ ରାଉତ**

ଏବେ ପରୀକ୍ଷା ଋତୁ ଆରମ୍ଭ ହୋଇଯାଇଛି। ଫେବୃୟାରୀ ୨୧ ରୁ ମାର୍ଚ୍ଚ ୬ ଯାଏଁ ମାଟ୍ରିକ ପରୀକ୍ଷା ଏବଂ ଫେବୃୟାରୀ ୧୮ ରୁ ମାର୍ଚ୍ଚ ୨୭ ଯାଏଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା +୨ ପରୀକ୍ଷା ଚାଲିବ। ତେଣୁ ପରୀକ୍ଷାର୍ଥୀ କିପରି ଚାପମୁକ୍ତ ରହିବେ ସେଥିପାଇଁ ପଦକ୍ଷେପ ଗ୍ରହଣ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏଥିପାଇଁ ଏକ ପୁସ୍ତକ ପ୍ରସ୍ତୁତି କରାଯାଇଛି। ପରୀକ୍ଷା ପୂର୍ବରୁ ଅଳ୍ପ ଚାପ ଭଲ, କିନ୍ତୁ ଅଧିକ ଚାପଗ୍ରସ୍ତ ନହୋଇ ଶିକ୍ଷକମାନଙ୍କ ପରାମର୍ଶ ମାନି ସମୟର ସଠିକ ଉପଯୋଗ କରି ସର୍ବଦା ଆଗକୁ ବଢ଼ିବାର ଇଚ୍ଛା ନେଇ ଆତ୍ମବିଶ୍ୱାସର ସହ କଠୋର ପରିଶ୍ରମ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ।

ମୁଁ ଜଣେ ଶିକ୍ଷକ ଭାବରେ ପରାମର୍ଶ ଦେବି ଯେ ବୋର୍ଡ ପରୀକ୍ଷା ଜୀବନର ସବୁ କିଛି ନୁହେଁ। ତେଣୁ ପରୀକ୍ଷାକୁ ନେଇ ଚିନ୍ତାଗ୍ରସ୍ତ ହେବା ଉଚିତ ନୁହେଁ। କଷ୍ଟ ପାଠକୁ ପ୍ରଥମେ ସାରି ସହଜ ପାଠକୁ ପରେ ପଢ଼। ଛାତ୍ରଛାତ୍ରୀ ନିଜେ ନିଜର ଦକ୍ଷତା ଚିହ୍ନିବା ଦରକାର। ଏଥିପାଇଁ ଅଭିଭାବକମାନେ ପିଲାଙ୍କୁ ପାଇଁ ସମୟ ଦେବା ଜରୁରୀ। ପଛରେ ରହିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ଉତ୍ସାହିତ କରାଇବା ଆବଶ୍ୟକ ରହିଛି। ପରୀକ୍ଷା ସମୟରେ ପିଲାମାନଙ୍କୁ ଆବେଗିକ ଓ ମାନସିକ ସହାୟତା କରିବାରେ ଏବଂ ଘରେ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ନିଜ ପିଲାଙ୍କୁ ଅନ୍ୟ ପିଲାଙ୍କ ସହିତ ତୁଳନା ନକରିବା ଆବଶ୍ୟକ। ଏକକାଳୀନ ଦୀର୍ଘ ସମୟ ଧରି ନ ପଢ଼ି ଏକ ଘଣ୍ଟା ବ୍ୟବଧାନରେ ୫ରୁ ୧୦ ମିନିଟ ବିରତି ନେବା ଉଚିତ୍। ଏହି ବିରତି ସମୟରେ ଗୀତ ଶୁଣିବା, ଚିତ୍ର ଆଙ୍କିବା ଆଦି ନିଜ ପସନ୍ଦର କାର୍ଯ୍ୟ କରିବା ଜରୁରୀ। ଦିନକୁ ବହୁତ୍ କମ୍ ସମୟ ଇଣ୍ଟରନେଟ ଓ ମୋବାଇଲ ବ୍ୟବହାର କରନ୍ତୁ। ଛାତ୍ରଛାତ୍ରୀ ଦିନକୁ ଅତିକମରେ ୨.୫ ଲିଟର ପାଣି ପିଇବା ଜରୁରୀ। ଶିକ୍ଷକଶିକ୍ଷୟିତ୍ରୀମାନେ ପିଲାଙ୍କ ସହ ନିୟମିତ ଭାବରେ ଯୋଗାଯୋଗ କରିବା ପାଇଁ ଏକ ହ୍ୱାଟ୍ସଆପ୍ ଗ୍ରୁପ ପ୍ରସ୍ତୁତ କରିବା ଉଚିତ, ଯେଉଁଥିରେ ପରୀକ୍ଷାକୁ ନେଇ ବିଷୟବସ୍ତୁ ସମ୍ବନ୍ଧରେ ଆଲୋଚନା କରାଯାଇପାରିବ। ପିଲାମାନଙ୍କ ପାଠପଢ଼ାରେ ଏକାଗ୍ରତା ଆଣିବା ପାଇଁ ଛୋଟଛୋଟ କୌଶଳ ବିଷୟରେ ଅବଗତ କରିବା ଆବଶ୍ୟକ ରହିଛି।

ବୋର୍ଡ ପରୀକ୍ଷା ସବୁ ଛାତ୍ରଛାତ୍ରୀଙ୍କ ଲାଗି ଏକ ଆହ୍ୱାନପୂର୍ଣ୍ଣ ସମୟ। ସମସ୍ତେ ଭଲ ମାର୍କ ରଖିବାକୁ ଚାହାନ୍ତି ଏବଂ ଏଥିପାଇଁ ରାତିଦିନ କଠିନ ପରିଶ୍ରମ କରନ୍ତି। ପରୀକ୍ଷା ପ୍ରସ୍ତୁତି ମଧ୍ୟରେ ଅନେକ ପିଲା ଅତ୍ୟଧିକ ଚାପଗ୍ରସ୍ତ ହୋଇପଡ଼ନ୍ତି। ଏହା ସେମାନଙ୍କର ମାନସିକ ଓ ଶାରିରୀକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ବିଶେଷକରି ଯୁକ୍ତଦୁଇ ପିଲାଙ୍କ ପାଇଁ ଏହି ସମୟ ଖୁବ୍ ଚାପପୂର୍ଣ୍ଣ ହୋଇଥାଏ। କାରଣ ସେମାନଙ୍କୁ ବୋର୍ଡ ପରୀକ୍ଷା ସହ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବି ପ୍ରସ୍ତୁତି କରିବାକୁ ପଡ଼ିଥାଏ। ଏହି ସମୟରେ ଅଧିକାଂଶ ପିଲା ମାନସିକ ଚାପର ସମ୍ମୁଖୀନ ହୁଅନ୍ତି, ଯାହାର ପ୍ରଭାବ ସେମାନଙ୍କ ଶାରୀରିକ ସ୍ୱାସ୍ଥ୍ୟ ଓ ବ୍ୟବହାରରେ ପରିଲକ୍ଷିତ ହୁଏ। ଏମିତି ମଧ୍ୟ କିଛି ପିଲା ଥା'ନ୍ତି, ଅତ୍ୟଧିକ ମାନସିକ ଚାପ ସେମାନଙ୍କ ପଢ଼ିବା ଓ ମନେରଖିବା କ୍ଷମତାକୁ ପ୍ରଭାବିତ କରେ। ଏହାଛଡ଼ା ଅନେକ ପିଲାଙ୍କ ମୁଣ୍ଡବିନ୍ଧା, ଦେହ ଖରାପ ହେବା, ଚିଡ଼ଚିଡ଼ାପଣ, ଜଲଦି ରାଗିଯିବା, ଅସ୍ଥିରତା ଓ ଡର ଭଳି ସମସ୍ୟା ବଢ଼ିବାରେ ଲାଗେ। କିଛି ପିଲା ଏତେ ମାତ୍ରାରେ ଅବସାଦଗ୍ରସ୍ତ ରୁହନ୍ତି ଯେ ସେମାନଙ୍କ ଭିତରେ ଆତ୍ମହତ୍ୟା ପ୍ରବୃତ୍ତି ଦେଖାଯାଏ।

ଭଲ ପରୀକ୍ଷା ଫଳ ପାଇଁ ୩ଟି ଜିନିଷ ଆବଶ୍ୟକ - ଧୈର୍ଯ୍ୟ, ସିଦ୍ଧାନ୍ତ ଓ ବିଶ୍ୱାସ। କେବେ କେବେ ନିଜ ସହ ମଧ୍ୟ କଥା ହେବା ଉଚିତ୍। ଏମିତିରେ କିପରି ପିଲାଙ୍କୁ ପରୀକ୍ଷା ଚାପରୁ ମୁକ୍ତ ରଖିବେ ତାହା ବାପାମାଆଙ୍କ ପାଇଁ ବଡ଼ ଆହ୍ୱାନ। ବାପାମାଆ ଓ ଶିକ୍ଷକ ପିଲାମାନଙ୍କୁ ପରୀକ୍ଷାର ଗୁରୁତ୍ୱ ବୁଝାଇବା ଦରକାର। ପିଲାମାନଙ୍କ ସହ କଥାବାର୍ତ୍ତା କରନ୍ତୁ, ତା'ର ବିଚାର ବୁଝନ୍ତୁ ଓ ଉଚିତ୍ ପରାମର୍ଶ ଦିଅନ୍ତୁ। ଏହାଦ୍ୱାରା ପିଲାକୁ ମାନସିକ ଶାନ୍ତି ମିଳେ। ସେ ପରୀକ୍ଷାରେ ଭଲ ପ୍ରଦର୍ଶନ କରେ। ସବୁ ପିଲା ସମାନ ନୁହନ୍ତି ଏବଂ ସମସ୍ତଙ୍କର କ୍ଷମତା ଭିନ୍ନ। ସେଥିପାଇଁ ପିଲାମାନେ ପରୀକ୍ଷାର ପରିଣାମ ବିଷୟରେ ଅଧିକ ନ ଭାବି ପରୀକ୍ଷା ପ୍ରସ୍ତୁତି ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ। ବାପାମାଆ ପିଲାଙ୍କ ଉପରେ ପରୀକ୍ଷା ଚାପ ପକାନ୍ତୁ ନାହିଁ। ପିଲାଠୁ ଅଧିକ ଆଶା ରଖିବା ବଦଳରେ ତା' ପରିଶ୍ରମର ପ୍ରଶଂସା କରନ୍ତୁ। ଏହି ସମୟରେ ପିଲାମାନେ ସକାରାତ୍ମକ ଚିନ୍ତାଧାରା ରଖିବା ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ଭଲ ଚିନ୍ତା କରିବା, ତା'ହେଲେ ଭଲ ହେବ। ସବୁବେଳେ ଖାଲି ପାଠ ପଢ଼ିବା ଏବଂ ପରୀକ୍ଷାରେ ପ୍ରଥମ ହେବାର ଚାପ ନ ପକାଇବା ଉଚିତ୍। ପିଲାଙ୍କୁ ନିଜର ପରିଶ୍ରମ ଉପରେ ବିଶ୍ୱାସ ରଖିବାକୁ ପରାମର୍ଶ ଦିଅନ୍ତୁ। ଏହି ସମୟରେ ପିଲାଙ୍କୁ ପାଠପଢ଼ା ପାଇଁ ଏକ ଶାନ୍ତ ପରିବେଶ ଦରକାର। ପାଠ ପଢ଼ିବା ସହ ଆରାମ ଜରୁରୀ। ଏହାବ୍ୟତୀତ କିଛି ସତର୍କତା ଅବଲମ୍ବନ ଦ୍ୱାରା ପିଲାମାନେ ପରୀକ୍ଷା ଚାପ ଓ ଅବସାଦକୁ ଏଡ଼ାଇବାରେ ସକ୍ଷମ ହୋଇପାରିବେ।

ସମୟକୁ ଠିକ୍ ଭାବେ ପରିଚାଳନା କରି ଶିଖିବା ଦରକାର। ପାଠପଢ଼ା ସମୟ ଅଲଗା ଓ ବିଶ୍ରାମ ସମୟ ଅଲଗା ରଖିବାକୁ ହେବ। ପଢ଼ା ଭିତରେ କିଛି ସମୟ ବିରତି ନିଅ। ଏହା ମନ ଓ ମସ୍ତିଷ୍କକୁ ବିଶ୍ରାମ ଦିଏ ଏବଂ ପାଠପଢ଼ାରେ ମନ ଲାଗେ। ଏକାଗ୍ରତା ପାଇଁ ପ୍ରତିଦିନ ୧୦ରୁ ୧୫ ମିନିଟ୍ ଧ୍ୟାନ କରିବା ଦରକାର। ପିଲାମାନେ ପୌଷ୍ଟିକ ଖାଦ୍ୟ ଯେପରି ଫଳ, ସବୁଜ ପନିପରିବା, ବାଦାମ ଖାଇବା ଉଚିତ୍। ଚା' ଓ କଫି ଭଳି ପାନୀୟ ପଦାର୍ଥରୁ ଦୂରେଇ ରହିବାକୁ ହେବ ଏହା ଶରୀରରେ ଉତ୍ତେଜନା ବଢ଼ାଇବା ସହ ନିଦକୁ ପ୍ରଭାବିତ କରିପାରେ।

କେବଳ ପରୀକ୍ଷା ଫଳ ଉପରେ ଧ୍ୟାନ କେନ୍ଦ୍ରିତ ନ କରି ପରୀକ୍ଷା ପ୍ରସ୍ତୁତି ଉପରେ ଅଧିକ ଗୁରୁତ୍ୱ ଦେଲେ ହିଁ ସଫଳତା ମିଳିବ। ଯେଉଁ ବିଷୟରେ ପରୀକ୍ଷା ଦେବେ ପରୀକ୍ଷା ପୂର୍ବରୁ ତାହାର ସାରାଂଶ ପ୍ରସ୍ତୁତ କରିବା ଦରକାର। ଏହାକୁ ବାରମ୍ବାର ଅଭ୍ୟାସ କରି ପରୀକ୍ଷା ଦେବାକୁ ଗଲେ ପିଲାମାନେ ଭୟଭୀତ ହେବେ ନାହିଁ। ଲେଖିବା ଅଭ୍ୟାସ ଥିଲେ ପରୀକ୍ଷାରେ ଲେଖିବାକୁ କଷ୍ଟ ହେବନାହିଁ। ବର୍ତ୍ତମାନ ସମୟରେ ଅଧିକ ନଭାବି ପାଠ ଉପରେ ଧ୍ୟାନ ଦେଲେ ସଫଳତା ନିଶ୍ଚିତ ମିଳିବ। ●

ଚଣ୍ଡିଖୋଲ(ଯାଜପୁର),
ମୋ: ୯୯୩୮୮୮୮୪୭୫

# ବନ୍ଦର-ମାଳିନୀ କଳିଙ୍ଗ

**ସତ୍ୟଜ୍ୟୋତି**

ସାତଦରିଆପାରେ

(ପୂର୍ବପ୍ରକାଶିତ ଉତ୍ତାରୁ...)

ଗବେଷଣାଲବ୍ଧ ତଥ୍ୟାନୁଯାୟୀ, ମଙ୍ଗଳକାବ୍ୟ, ବଙ୍ଗଳାର ପାଲ୍ଲା ସାହିତ୍ୟ ଗୀତରେ 'ପୁରୀ' ବନ୍ଦରର ନାମ ଉଲ୍ଲେଖ ଥିବା ବେଳେ 'କଟିକର୍ଦ୍ଦମା' ବା 'କୋଟିକର୍ଦ୍ଦମା' ନାମରେ ଏକ ବନ୍ଦର କାକଟପୁରର କାଦୁଆ ନଦୀ ନିକଟରେ ଥିଲା। 'ଜନ୍ମଗର' ବା 'କୋନଗର-ଜନ୍ମଗର' ବା 'କୋଣନଗର' ବା 'କୋଣାର୍କ ବନ୍ଦର' ନିକଟରୁ ଚୀନ୍‌ରେ ବ୍ୟବହୃତ ସିଲାଡନ, ପୋରସିଲିନ ଆଦି ପାତ୍ର ମିଳିଥିବାରୁ ଚୀନ୍ ସହିତ ଏହି ବନ୍ଦରର ବାଣିଜ୍ୟ ସମ୍ପର୍କ ଥିବା ଏବଂ ଏଠାରୁ ଆଖୁ, ଚାଉଳ, କପା ଆଦି କୃଷିଜାତ ସାମଗ୍ରୀ ରପ୍ତାନି ହେଉଥିବା ଅନୁମାନ କରାଯାଉଛି। ଟଲେମୀଙ୍କ ମାନଚିତ୍ରରେ 'ମାନଦା'କୁ ଏକ ନଦୀ-ବନ୍ଦର ରୂପେ ବର୍ଣ୍ଣନା କରାଯାଇଛି। ଗବେଷକଙ୍କ ମତରେ ଏହା ହିଁ ମହାନଦୀ। ମହାନଦୀର ଜଳପଥରେ ବଙ୍ଗୋପସାଗର ଉପକୂଳ ବନ୍ଦରକୁ ଛୋଟ ଛୋଟ ଡଙ୍ଗା ସାହାଯ୍ୟରେ ପଣ୍ୟଦ୍ରବ୍ୟ ପରିବହନ କରାଯାଉଥିଲା ଏବଂ କଟକ ସହର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଓ ଦୁର୍ଗ ଥିଲା। ଟଲେମୀଙ୍କ ଉଲ୍ଲେଖିତ 'କୋଉବର ବନ୍ଦର', ପୁରୀ ଜିଲ୍ଲାର ନିମାପଡ଼ା ଅଧୀନ 'ଅଗର କୋଠବାଡ଼' ଓ 'ସିପାରା' ବନ୍ଦର ବା କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳର 'ସିପୁର' ବା 'ଶ୍ରୀପୁର' (ସୁନ୍ଦର ସହର) ନୌବାଣିଜ୍ୟ କାରବାର ସ୍ଥଳ ଥିଲା। ଯାଜପୁର ସହରର 'ଦୋସାରନ ମୁହାଁଣ' ବା ବ୍ରାହ୍ମଣୀ-ବୈତରଣୀ ମୁହାଁଣରେ 'ମିନାଗରା' ଓ 'ଦୋସାରନ' ନାମକ ଏକ ବନ୍ଦର ଥିଲା, ଯାହା ପରବର୍ତ୍ତୀ କାଳରେ ସମୁଦ୍ରରେ ଲୀନ ହୋଇଯାଇଥିବା ଅନୁମାନ କରାଯାଉଛି। ସୁବର୍ଣ୍ଣରେଖା ନଦୀର ପଶ୍ଚିମ ଉପକୂଳରେ ବାଲେଶ୍ୱର ଜିଲ୍ଲାରେ 'ଅମର୍ଦ୍ଦା', 'କୋରିଙ୍ଗା' ବା 'କୋଡ଼ିଙ୍ଗା' ବା 'କୋଟିଗ୍ରାମ', 'କୋସମ୍ବା' ନାମରେ ବନ୍ଦର ଥିବା ବିଭିନ୍ନ ଭ୍ରମଣ କାହାଣୀରେ ଉଲ୍ଲେଖ ରହିଛି।

ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରୁ ବଂଶଧାରା ନଦୀ ମୁହାଁଣରେ 'କଳିଙ୍ଗପତ୍ତନମ୍' ଏକ ବୃହତ୍ ବନ୍ଦର ରୂପେ କାର୍ଯ୍ୟକ୍ଷମ ଥିଲା। ବର୍ତ୍ତମାନ ଏହା ଏକ କ୍ଷୁଦ୍ର ବନ୍ଦର ରୂପେ କାର୍ଯ୍ୟ କରୁଛି। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହର ନିକଟରେ ବଙ୍ଗୋପସାଗର ଉପକୂଳରେ 'ଗୋପାଳପୁର' ବନ୍ଦର ନିକଟରେ ଥିବା ଆର୍ଯ୍ୟପଲ୍ଲୀ ଆର୍ଯ୍ୟମାନଙ୍କର ଏକ ବସତି ଥିଲା। ଏଠାରେ ଥିବା ଅନେକ କୁଦରୁ ବହୁ ପୁରାତନ ମୁଦ୍ରା, ଟେରାକୋଟା, ମାଟି ପାତ୍ର, ମାଟିର ଦୀପ ଆଦି ମିଳିଛି। ସପ୍ତଦଶ ଶତାବ୍ଦୀରେ ସମୃଦ୍ଧିଶାଳୀ 'ପିପିଲି' ବନ୍ଦର କ୍ରୀତଦାସ ଶ୍ରମିକ କିଣାବିକାର ଏକ ପ୍ରମୁଖ ବଜାର ଥିଲା। ଏଠାରେ ପ୍ରତିବର୍ଷ ଗୋଟିଏ ବଡ଼ ଜାହାଜ ନିର୍ମାଣ କରାଯାଇ ଢାକାସ୍ଥିତ ମୋଗଲ ନବାବଙ୍କୁ ଭେଟି ଦିଆଯାଉଥିବା ଏବଂ ସେଠାରୁ ଚିନି ରପ୍ତାନୀ ହେଉଥିବା ଆବୁଲ ପାଜଲଙ୍କ ପୁସ୍ତକ 'ଆଇନ୍ ଇ ଆକବରୀ', ଷ୍ଟିଫେନ୍‌ଙ୍କ ରଚିତ 'କରମଣ୍ଡଳ କୋଷ୍ଟ' ଆଦି ପୁସ୍ତକରେ ବିବରଣୀ ରହିଛି। ସେହିପରି ପ୍ରାଚୀ ନଦୀ ଅବବାହିକାରେ 'ହରିଶପୁର' ବନ୍ଦରଠାରେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ଡଚ୍ କମ୍ପାନୀ ପ୍ରଥମେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ ବୋଲି ଗବେଷକମାନେ ମତ ଦିଅନ୍ତି। ପ୍ରାଚୀ ଓ ଦେବୀ ନଦୀ ମଧ୍ୟଭାଗରେ ବହୁ ଲୁଣ ପୋକ୍ତାନ ଥିଲା। ହରିଶପୁରରେ ଏକ ଜାହାଜ ନିର୍ମାଣ ଓ ମରାମତି କାରଖାନା ମଧ୍ୟ ଥିଲା, ଯେଉଁଠାରୁ ଚାଉଳ ଓ ସୂତାବସ୍ତ୍ର ରପ୍ତାନୀ ହେଉଥିଲା। ଦେବୀନଦୀ ମୁହାଁଣରେ 'ମରୀଚିପୁର' ଏବଂ ବଙ୍ଗୋପସାଗର ଉପକୂଳରେ 'ବାଲେଶ୍ୱର' ସେ ସମୟରେ ପ୍ରମୁଖ ବନ୍ଦର ରୂପେ କାର୍ଯ୍ୟକ୍ଷମ ଥିଲା। ସେଠାରୁ ମୁଖ୍ୟତଃ ସୂକ୍ଷ୍ମ ରେଶମ ବସ୍ତ୍ର, ହୀରା, ହସ୍ତତନ୍ତ, ଲୁହା, ପ୍ରସ୍ତର ମୂର୍ତ୍ତି ଓ ବାସନ ଆଦି ରପ୍ତାନୀ ହେଉଥିବା ଜଣାଯାଏ। ଭଦ୍ରକ ଜିଲ୍ଲାର ବୈତରଣୀ ନଦୀ ମୁହାଁଣରେ 'ଚାନ୍ଦବାଲି' ଓ 'ଧାମରା' ବନ୍ଦରରୁ ସପ୍ତଦଶ ଶତାବ୍ଦୀରେ ଧାନ, ଚାଉଳ, ସୂତାବସ୍ତ୍ର, ଥାନଲୁଗା, ଟସର ବସ୍ତ୍ର, ଲୁଣ, ଚିନି, ଗୁଡ଼, ଲାଖ ଆଦି ବିଦେଶକୁ ରପ୍ତାନୀ ହୋଇ ମାଳଦୀପରୁ କଉଡ଼ି, ଶୁଖୁଆ, ଧାତୁ ଆଦି ଆମଦାନୀ ହେଉଥିଲା। ଗଞ୍ଜାମ ଜିଲ୍ଲା ଋଷିକୂଲ୍ୟା ନଦୀ ମୁହାଁଣରେ 'ଗଞ୍ଜା ବନ୍ଦର', ରମ୍ଭା ଅନ୍ତର୍ଗତ 'ସୁବଳୟା' ବା 'ସାବିଳୟା' ବନ୍ଦର, ବାଣପୁର ବ୍ଲକର ଗୋପୀନାଥପୁର ନିକଟରେ 'ବୋଇତହୁଡା', ମଠପାଟଣା, ଅଲାଇଡିହ ପାଟଣା, କୁମ୍ଭକାରଡିହ, ବିଷ୍ଣୁଡିହ, ତେନ୍ତୁଳିଡିହ, ଢେପଡ଼ିପ ନୂଆଁଗା(ପଦନପୁର), ଓସ୍ତମୁଣ୍ଡା(ରାମପୁର) ଆଦି ପୋତାଶ୍ରୟ ରୂପେ କାର୍ଯ୍ୟ କରୁଥିଲା। ପଞ୍ଚଦଶ ଶତାବ୍ଦୀରେ ପୁରୀ ବନ୍ଦର ବେଶ୍ ସୁନାମ ଅର୍ଜନ କରିଥିଲା। ଜଗତ୍‌ସିଂହପୁର ଜିଲ୍ଲାର ମହାନଦୀ ମୁହାଁଣରେ 'ପାରାଦୀପ' ବନ୍ଦର ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା। ଏବେ ଏହାକୁ ଅତ୍ୟାଧୁନିକ ବନ୍ଦର ରୂପେ ନିର୍ମାଣ କରାଯାଇଛି। ●

ମୋ: ୯୩୩୮୦୮୭୯୦୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଗେ ଥଇଥାନ ପରେ ବିସ୍ଥାପନ
# କୁଠୁରୀ ଗ୍ରାମବାସୀଙ୍କ ବିସ୍ଥାପନ ପାଇଁ ବସିଲା ସ୍ୱତନ୍ତ୍ର ଗ୍ରାମସଭା

ଗଣିଆ, ୨୧।୨(ସମିସ):



ଓଡିଶାର ପ୍ରମୁଖ ଅଭୟାରଣ୍ୟ ସାତକୋଶିଆରେ ବ୍ୟାଘ୍ର ବଂଶ ବୃଦ୍ଧି କରିବା ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ତଥା ରାଜ୍ୟ ସରକାରଙ୍କ ବନ୍ୟପ୍ରାଣୀ ବିଭାଗ ତରଫରୁ ପ୍ରଚେଷ୍ଟା ଜାରି ରହିଛି। ଏ ନେଇ ସଙ୍କଟାପନ୍ନ ବ୍ୟାଘ୍ର ଆବାସସ୍ଥଳୀ ( କୋର ଏରିଆ) ମଧ୍ୟରେ ଥିବା ଜନବସତିଗୁଡିକୁ ଅନ୍ୟତ୍ର ବିସ୍ଥାପନ କରାଯିବା ପାଇଁ ପ୍ରୟାସ ଜାରି ରହିଛି। ସାତକୋଶିଆ ଅଭୟାରଣ୍ୟର ଅନୁଗୁଳ ବନ୍ୟପ୍ରାଣୀ ବନଖଣ୍ଡରେ ୬ଟି ଗ୍ରାମକୁ ବିସ୍ଥାପନ କରାଯାଇଥିବା ବେଳେ ନୟାଗଡ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ୪ଟି ଗ୍ରାମକୁ ବିସ୍ଥାପନ ପାଇଁ ବନ୍ୟପ୍ରାଣୀ ବିଭାଗ ତରଫରୁ ଉଦ୍ୟମ ଜାରି ରହିଛି। ଏଥି ମଧ୍ୟରେ ନୟାଗଡ ଜିଲ୍ଲା ଗଣିଆ ବ୍ଲକର କୁଠୁରୀ, ସଳପଗଣ୍ଡା , ମୁସୁଗୁଡା ଓ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ମାରଡା ଗ୍ରାମ ରହିଥିବା ଜଣାପଡିଛି। ତେବେ ଏହି ବିସ୍ଥାପନ ପ୍ରକ୍ରିୟା ନେଇ ଶୁକ୍ରବାର ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର କୁଠୁରୀ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଛାମୁଣ୍ଡିଆ ସରପଞ୍ଚ ଦିପ୍ତୀରେଖା ସେନାପତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ପ୍ରଥମେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ସହକାରୀ ବନ ସଂରକ୍ଷକ ଦେବୀ ପ୍ରସାଦ ରାଉତ ସରକାରଙ୍କ ବିସ୍ଥାପନ ନୀତି ଓ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ପରେ ଗ୍ରାମବାସୀ ଆଲୋଚନା ମାଧ୍ୟମରେ ବିସ୍ଥାପନର ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବିସ୍ଥାପନ କରାଯିବାର ପୂର୍ବରୁ କୁଠୁରୀ ଗ୍ରାମବାସୀଙ୍କର ଥଇଥାନ ଓ ଜୀବନ ଜିବୀକାକୁ ସୁନିଶ୍ଚିତ କରିବା ଦିଗରେ ଅନେକ ପ୍ରଶ୍ନ କରିଥିଲେ। ପରେ ଗ୍ରାମବାସୀମାନେ ପ୍ରତି ପରିବାରର ମୁଣ୍ଡ ପିଛା ୬୦ଲକ୍ଷ, ବାସଗୃହ ପାଇଁ ୧୫ ଡିସିମିଲ ଜାଗା, ଘରବାରୀ ପଟ୍ଟା ସହ ୨ବଖରା ପକ୍କାଘର, ସମସ୍ତ ପରିବାରକୁ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ, ସମସ୍ତ ପରିବାରକୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପରି ୨୦ଟି ଦାବି ଉପସ୍ଥାପନ କରିଥିଲେ। ସୂଚନାଥାଉକି, କୁଠୁରୀ ଗ୍ରାମବାସୀ ଅଭୟାରଣ୍ୟର କଟକଣା ଓ ବିଭିନ୍ନ ମୌଳିକ ସମସ୍ୟାରେ ଛନ୍ଦି ହୋଇଯାଇଥିବା ବେଳେ ବିସ୍ଥାପନ ହେବା ପାଇଁ ଗତ ୨୦୨୪ ମସିହା ଅକ୍ଟୋବର ମାସରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଓ ନୟାଗଡ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଆବେଦନ କରିଥିଲେ। ତେବେ ଏ ନେଇ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡ ତରଫରୁ ଶୁକ୍ରବାର କୁଠୁରୀ ଗ୍ରାମରେ ବିସ୍ଥାପନ ସମ୍ପର୍କିତ ଗ୍ରାମସଭା ଆୟୋଜନ କରାଯାଇଥିଲା। ଏହି ଗ୍ରାମସଭାରେ ଛାମୁଣ୍ଡିଆ ସରପଚଂ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସହକାରୀ ବନ ସଂରକ୍ଷକଙ୍କ ସମେତ ଗଣିଆ ଜିପିଡିଓ ପ୍ରମୋଦ କୁମାର ସାହାଣୀ, ଛାମୁଣ୍ଡିଆ ପିଇଓ ମଳୟ ରଞ୍ଜନ ପଟ୍ଟନାୟକ, ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଚଂଳ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା, ବନପାଳ କାଳନ୍ଦୀ ଚରଣ ସାଥୁଆ, ମନୋରଞ୍ଜନ କହଁର ଓ କୁଠୁରୀ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୧୧ ପରୀକ୍ଷା କେନ୍ଦ୍ରରେ ୧୮୧୧ ପରୀକ୍ଷାର୍ଥୀ; ୨୭ ଅନୁପସ୍ଥିତ

ଓଡ଼ଗାଁ,୨୧।୨(ସମିସ): ଓଡ଼ଗାଁ ବ୍ଲକର ୧୧ଟି ପରୀକ୍ଷା କେନ୍ଦ୍ରରେ ୧୮୧୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ ବାଳିକା ଏବଂ ୮ ଜଣ ବାଳକଙ୍କୁ ମିଶାଇ ମୋଟ ୨୭ଜଣ ଅନୁପସ୍ଥିତ ରହିଥିବା ବେଳେ ସମୁଦାୟ ୧୭୮୪ ଜଣ ପରୀକ୍ଷା ଦେଇଥିବା ବ୍ଲକ ଶିକ୍ଷାଧିକାରୀ ତଥା ଆଞ୍ଚଳିକ ପରୀକ୍ଷା କେନ୍ଦ୍ରର ଭାରପ୍ରାପ୍ତ ତତ୍ତ୍ୱାବଧାରକ ଗୀତାଞ୍ଜଳି ସାହୁ ସୂଚନା ଦେଇଛନ୍ତି। ପ୍ରଥମ ଦିନ ମାତୃଭାଷା ବିଷୟ ଥିବାବେଳେ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା ହଲ ମଧ୍ୟରେ ପ୍ରବେଶ କରିବା ସହ ଶାନ୍ତି ଶୃଙ୍ଖଳାରେ ପରୀକ୍ଷା ଦେଇଥିଲେ। ରଘୁନାଥ ବିଦ୍ୟାପୀଠ ନୋଡାଲ ସେଣ୍ଟରରୁ ଓଡ଼ଗାଁ ବ୍ଲକର ୧୦ ଏବଂ ନୂଆଗାଁ ବ୍ଲକର ବାହାଡାଝୋଲା, ବେରୁହାଁବାରୀ ୨ ପରୀକ୍ଷା ସେଣ୍ଟରକୁ ୭.୩୦ ମିନିଟ ସୁଦ୍ଧା ପ୍ରଶ୍ନପତ୍ର ପଠାଇବା ନିମନ୍ତେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଓଡ଼ଗାଁ ବ୍ଲକର ସୋଲପଟା ପରୀକ୍ଷା କେନ୍ଦ୍ରକୁ ସୁବିଧା ଦୃଷ୍ଟିରୁ ନୟାଗଡ଼ ହବରୁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲା।

### ତ୍ରିମୂର୍ତ୍ତି ଶିବ ଜୟନ୍ତୀ

ଓଡ଼ଗାଁ ୨୧।୨(ସମିସ): ଓଡ଼ଗାଁ ବ୍ଲକ କୁରୁମବାଙ୍କତରା ଗାଁରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୮୯ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ବିଡିଓ ଜିତେନ୍ଦ୍ର ନାୟକ ଶିବ ପତାକା ଉତ୍ତୋଳନ କରିଥିବା ବେଳେ ଆଦର୍ଶ ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁ ଏବଂ ବ୍ରହ୍ମାକୁମାରୀ ଲକ୍ଷ୍ମୀ ଭଉଣୀ ଅତିଥି ଭାବେ ଯୋଗ ଦେଇଥିଲେ। କଳ୍ପନା ମଞ୍ଚ ପରିଚାଳନା କରିଥିବା ବେଳେ କୌଶଲ୍ୟା ସଂସ୍ଥା ପରିଚୟ ଏବଂ ରଞ୍ଜିତା ଅତିଥି ସମ୍ମାନ କରିଥିଲେ। ଶିବ ଭଗବାନଙ୍କ କଥା ଶ୍ରବଣ କରି ସନାତନଙ୍କ ଜୀବନରେ ଆସିଥିବା ପରିବର୍ତ୍ତନ ଘଟଣା ଶୁଣି ସମସ୍ତେ ଅବାକ୍ ହୋଇଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ



ଖଣ୍ଡପଡ଼ା, ୨୧।୨(ସମିସ): ଅନ୍ତର୍ଜାତୀୟ ମାତୃଭାଷା ଦିବସ ଖଣ୍ଡପଡ଼ା ବ୍ଲକ ଅଧୀନ ସମସ୍ତ ବିଦ୍ୟାଳୟରେ ପାଳନ କରାଯାଇଛି। "ବିବିଧତା ମଧ୍ୟରେ ଏକତା' ସିଦ୍ଧାନ୍ତକୁ ନେଇ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ରେ ପରିଚୟ ସୃଷ୍ଟି କରିଛି ବୋଲି ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ସେହିପରି ଏହାର ସମୃଦ୍ଧ ସାଂସ୍କୃତିକ ପରିବେଶ କ୍ଷେତ୍ରରେ ଭାଷାର ଭୂମିକା ଗୁରୁତ୍ୱ ଥିବାରୁ ଭାରତରେ ଏହି ଦିବସ ପାଳନ କରାଯିବା ସହିତ ମାତୃଭାଷାର ସୁରକ୍ଷା କରି ଏହାକୁ ସମୃଦ୍ଧ କରାଯାଇପାରିଲେ ବିଶ୍ୱରେ ଶାନ୍ତି, ବିକାଶ ଓ ଏକତା ସହଜରେ ପ୍ରତିଷ୍ଠା ହୋଇପାରିବ ବୋଲି ଆଲୋଚନା ହୋଇଥିଲା।

## ୩ଟି ପରୀକ୍ଷା କେନ୍ଦ୍ରରେ ୪୦୨ ଛାତ୍ରୀଛାତ୍ର ଦେଲେ ପରୀକ୍ଷା

ଗଣିଆ,୨୧।୨(ସମିସ): ଚଳିତ ବର୍ଷ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷାରେ ଗଣିଆ ବ୍ଲକର ୩ଟି ପରୀକ୍ଷାକେନ୍ଦ୍ରରେ ପ୍ରଥମ ଦିବସ ଶୁକ୍ରବାର ୪୦୨ଜଣ ଛାତ୍ରୀଛାତ୍ର ମାତୃଭାଷା ପରୀକ୍ଷା ଦେଇଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗଣିଆସ୍ଥିତ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୧୪୭ଜଣ, ରାସଙ୍ଗସ୍ଥିତ ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୧୦୬ଜଣ ଓ ଆଡକଟାସ୍ଥିତ ପଦ୍ମନାଭ ସରକାରୀ ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୧୪୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ରାସଙ୍ଗସ୍ଥିତ ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାପୀଠ ଓ ଆଡକଟାସ୍ଥିତ ପଦ୍ମନାଭ ସରକାରୀ ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ଜଣେ ଲେଖାଏଁ ପରୀକ୍ଷାର୍ଥୀ ଅନୁସ୍ଥିତ ଥିବା ଜଣାପଡିଛି। ତେବେ ପରୀକ୍ଷା କେନ୍ଦ୍ର ଗୁଡିକରେ କଡାକଡି ଭାବେ ବ୍ୟାପକ ବନ୍ଦୋବସ୍ତ ହୋଇଥିବା ବେଳେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିବସରେ ୩ଟି ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ହୋଇଥିବା ଜଣାପଡିଛି।

## ୧୦୬୧ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଲେ

ଭାପୁର,୨୧।୨(ସମିସ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆଜି ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ମାତୃଭାଷା ସାହିତ୍ୟରେ ଭାପୁର ବ୍ଲକରେ ମାଟ୍ରିକ ବୋର୍ଡ ପରୀକ୍ଷା ମୋଟ ୧୦୬୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। କୌଣସି କାରଣରୁ ୨୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରହିଥିଲେ। ଭାପୁର ବ୍ଲକର ଆଠଗୋଟି ସେଣ୍ଟରରେ ଏହି ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଆଠ ଗୋଟି ସେଣ୍ଟରୁ ଫତେଗଡ ସେଣ୍ଟରରେ ୧୪୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଭାପୁର ବାଲୁଙ୍କେଶ୍ୱର ବିଦ୍ୟାପୀଠ ସେଣ୍ଟରର ୧୦୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଗୋଳାପୋଖରୀ ସେଣ୍ଟରରେ ୧୪୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଜଣେ ଅନୁପସ୍ଥିତ ଥିଲେ।, ଜାମୁସାହୀ ସେଣ୍ଟରରେ ୧୨୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। କରବର ସେଣ୍ଟରରେ ୧୨୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପଦ୍ମାବତୀରେ ୧୬୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ବାଇଗୁଣୀଆ ତନ୍ତୁବାୟ ସହଯୋଗ ସେଣ୍ଟରରେ ୧୩୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ଓ ବଳଦିଆ ନୂଆଗାଁ ସେଣ୍ଟରରେ ୧୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ବେଳେ ୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଶୁକ୍ରବାର ପ୍ରଥମ ଦିନ ମାତୃଭାଷା ସାହିତ୍ୟ ପରୀକ୍ଷାରେ ୧୦୯୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସମସ୍ତ ସେଣ୍ଟରରେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ନୟାଗଡ଼ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ବିଜ୍ଞାନ ପରିଦର୍ଶକ ଶରତ କୁମାର ସାହୁ ନିରୀକ୍ଷକ ଭାବରେ ବାଇଗୁଣୀଆ ତନ୍ତବାୟ ସହଯୋଗ ବିଦ୍ୟାଳୟ ଓ ବଳଦିଆନୂଆଗାଁ ସେଣ୍ଟରରେ ବୁଲି ଦେଖିଥିଲେ। ଉକ୍ତ ସେଣ୍ଟରରେ ପରିଦର୍ଶକ ଭାବରେ ଭାପୁର ତହସିଲଦାର ଅର୍ଜୁନ କୁମାର ପ୍ରଧାନ ରହିଥିଲେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀଣୀ ମୋନାଲିସା ରଥଙ୍କ ଠାରୁ ସୂଚନା ମିଳିଛି।

### ■ ପୁରୁଣା ସ୍ମୃତି ମନେ ପକାଇଲେ ପୁରାତନ ଛାତ୍ର
# ବିଦ୍ୟାଳୟର ନାମ ପରିବର୍ତ୍ତନକୁ ନେଇ ଦୁଃଖ ପ୍ରକାଶ



ଓଡ଼ଗାଁ୨୧।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ରଘୁନାଥ ବିଦ୍ୟାପୀଠ, ଓଡ଼ଗାଁ ବର୍ତ୍ତମାନ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ବ୍ଲକ ରୋଡ଼ ସରକାରୀ କଲ୍ୟାଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକଙ୍କ ବୟସ ପ୍ରାୟ ୬୪ ଅତିକ୍ରମ କରିଥିବା ବେଳେ ସପରିବାର ପୁରାତନ ବନ୍ଧୁମାନେ ପୁରୁଣା ଦିନର ସ୍ମୃତିକୁ ମନେ ପକାଇଥିଲେ। ରଘୁନାଥଙ୍କ କୃପାରୁ ଏବେ ନାତିନାତୁଣୀ ଗହଣରେ ସମୟ ବିତିଯାଉ ବୋଲି ପରସ୍ପର ମଧ୍ୟରେ ସାଧାରଣ ଭାବେ ବାର୍ତ୍ତାଳାପ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଧିବାସ ପଣ୍ଡା ହାଇସ୍କୁଲର ନାମ ପରିବର୍ତ୍ତନ ନେଇ ଆଲୋଚନା କରିଥିବା ବେଳେ ଏନେଇ ସମସ୍ତ ବନ୍ଧୁମାନେ ଦୁଃଖ ପ୍ରକାଶ କରିଥିଲେ। ପୂର୍ବ ନାମକୁ ଫେରେଇ ଆଣିବା ପାଇଁ ଉଦ୍ୟମ ଆରମ୍ଭ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ବାଇଧର ସ୍ୱାଇଁଙ୍କ ଆବାହନରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବେଣୁଧର ଦାସ, ରବି ପୃଷ୍ଟି, ପୂର୍ଣ୍ଣ ସେନାପତି, ଅର୍ଜୁନ ଜେନା ପ୍ରମୁଖ ୨୫ରୁ ଅଧିକ ପୁରାତନ ବନ୍ଧୁ ସପତ୍ନୀକ ଯୋଗ ଦେଇଥିଲେ।

## ମାଟ୍ରିକ ପରୀକ୍ଷା ଆରମ୍ଭ; ୬ ଜଣ ଅନୁପସ୍ଥିତ



ଖଣ୍ଡପଡ଼ା,୨୧।୨(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ସୂଚନା ଅନୁଯାୟୀ ପ୍ରଥମ ଦିନ ଖଣ୍ଡପଡ଼ା ବ୍ଲକରେ ମୋଟ ୧୨୮୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬ ଜଣ ଅନୁପସ୍ଥିତ ରହିଛନ୍ତି। ସମଗ୍ର ବ୍ଲକରେ ମୋଟ ୯ ଟି କେନ୍ଦ୍ର କରାଯାଇଥିବା ବେଳେ ଖଣ୍ଡପଡ଼ା ଏନଏସି ଅଧୀନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସର୍ବାଧିକ ୧୮୦ ଜଣ, ଶିଖରପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୭୫ ଜଣ, ବନମାଳିପୁର ଉଚ୍ଚ ବିଦ୍ୟାଳୟରେ ୧୪୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ନେଇ ସୂଚନା ମିଳିଛି।

## ୨୪ ତାରିଖରେ ଜିଲ୍ଲାପାଳଙ୍କ ଜନଶୁଣାଣି

ଖଣ୍ଡପଡ଼ା,୨୧।୨(ସମିସ): ଖଣ୍ଡପଡା ପଞ୍ଚାୟତ ସମିତି ସଭାଗୃହରେ ଆସନ୍ତା ୨୪ ତାରିଖ ସୋମବାର ସକାଳ ୧୦ଟା ସମୟରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାପାଳ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହିତ ତୁରନ୍ତ ସମାଧାନ ନିମନ୍ତେ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି ଜଣାଯାଇଛି। ବ୍ଲକ ଅଧୀନ ୨୨ଗୋଟି ପଞ୍ଚାୟତ ସମେତ ଖଣ୍ଡପଡ଼ା ଏନଏସି ର ଜନସାଧାରଣଙ୍କ ଅବଗତି ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ଏନେଇ ନୋଟିସ ଜାରି କରାଯାଇଅଛି।

## ବଜେଟ୍ ପ୍ରତିବାଦ
# ସିପିଆଇ-ଏମ୍‌ର ପଥପ୍ରାନ୍ତ ସଭା



ରଣପୁର, ୨୧।୨(ସମିସ) : ସିପିଆଇ-ଏମ ରଣପୁର ଆଞ୍ଚଳିକ କମିଟି ତରଫରୁ ବାର୍ଷିକ କେନ୍ଦ୍ର ବଜେଟର ପ୍ରତିବାଦ କରାଯାଇଛି। ରଣପୁର ପଞ୍ଚୁଦୋଳ ପଡିଆରେ ସୁରେଶ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭାରେ ବକ୍ତାମାନେ ବିଜେପି ନେତୃତ୍ୱାଧୀନ ମୋଦୀ ସରକାରଙ୍କ ପୁଞ୍ଜିପତି ପ୍ରୀତି ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ରାଷ୍ଟ୍ରାୟତ୍ତ ଶିଳ୍ପକୁ ଘରୋଇକରଣ, ନରେଗା ଯୋଜନାର ସଂକୋଚନ ଆଦି ନୀତି ଯୋଗୁଁ ସାଧାରଣ ଜନତା ଅଧିକରୁ ଅଧିକ କ୍ଷତି ଗ୍ରସ୍ତ ହେବେ ମାଲିକ ଗୋଷ୍ଠୀ ଅଧିକ ଲାଭ ପାଇବେ ବୋଲି ବକ୍ତା ନାନେ ସମାଲୋଚନା କରିଥିଲେ। ଏକ ପ୍ରତିନିଧିମଣ୍ଡଳୀ ମଣ୍ଡଳ ଉନ୍ନୟନ ଅଧିକାରୀ ମନୋଜ ନାୟକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। କମିଟି ସମ୍ପାଦକ ନିତ୍ୟାନନ୍ଦ ପରିଡା, ଦୁଃଶାସନ ଜେନା, ମହିଳା ନେତ୍ରୀ ସଂଯୁକ୍ତା ସେଠୀ, ସୁଶୀଲ ମହାନ୍ତି, କୁଳମଣି ପଲେଇ ଓ ରଜତ ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ଓଡ଼ଗାଁ ରଘୁନାଥ ଜୀଉଙ୍କ ହୁଣ୍ଡିରୁ ୩ ଲକ୍ଷ ୫୪ ହଜାର ମିଳିଲା

ଓଡ଼ଗାଁ,୨୧।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀରଘୁନାଥ ଜିଉଙ୍କ ମନ୍ଦିର ହୁଣ୍ଡି ଦେବୋତ୍ତର ବିଭାଗ, ରାଜସ୍ୱ ବିଭାଗ, ପୁଲିସ ଏବଂ ପାଳିଆ ପୂଜକ ସୁଆର ସେବକ ପ୍ରତିନିଧିଙ୍କ ଉପସ୍ଥିତିରେ ଶୁକ୍ରବାର ଖୋଲାଯାଇଛି। ଦୀର୍ଘ ସମୟଧରି ଗଣତି ସରିବା ପରେ ହୁଣ୍ଡିରୁ ୩ ଲକ୍ଷ ୫୪ ହଜାର ୫ଶହ ୬୦ଟଙ୍କା ସହିତ ସମେତ ସୁନା ୩ ଗ୍ରାମ ୭ଶହ ମିଲିଗ୍ରାମ, ରୂପା ୧୦ ଗ୍ରାମ ୫୦୦ ମିଲିଗ୍ରାମ ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ମିଳିଛି। ଅତିରିକ୍ତ ତହସିଲଦାର ଜି ଶ୍ରୀନୁ ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ, ମନ୍ଦିର ସୁପର ଭାଇଜର ଜିତେନ୍ଦ୍ର କୁମାର ମିଶ୍ରଙ୍କ ସହିତ ଅନ୍ୟମାନେ ଗଣତିରେ ଅଂଶଗ୍ରହଣ କରିବା ସହିତ ସହଯୋଗ କରିଥିଲେ।

## ମାଣ୍ଡିଆ ପ୍ରସ୍ତୁତ ପାରମ୍ପରିକ ଖାଦ୍ୟମେଳା



ଭାପୁର,୨୧।୨(ସମିସ): କିଛି ବର୍ଷ ପୂର୍ବେ ଓଡ଼ିଶାର ପ୍ରତ୍ୟେକ ପରିବାରର ଖାଦ୍ୟ ସାରଣୀରେ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ ଦେଖିବାକୁ ମିଳୁଥିଲା। ପରବର୍ତ୍ତୀ ସମୟରେ ଗାଁ ଗଣ୍ଡାର ଢ଼ିପ ଜମି ଓ ପଡିଆ ଜମିରେ ମାଣ୍ଡିଆ ବଦଳରେ ସହଜରେ ଓ ସୁସ୍ୱାଦୁ ଶସ୍ୟ ଚାଷ ହେବା ପରେ ଆସ୍ତେ ଆସ୍ତେ ମାଣ୍ଡିଆ ବିଲୁପ୍ତପ୍ରାୟ ହୋଇଯାଇଥିଲା। ମାତ୍ର ଗବେଷକ ମାନେ ମାଣ୍ଡିଆ ଏକ ଶ୍ରେଷ୍ଠ ପୁଷ୍ଟିଯୁକ୍ତ ଓ ଶରୀର ପାଇଁ ଅତ୍ୟନ୍ତ ଉପାଦେୟ ଖାଦ୍ୟ ବୋଲି ଘୋଷଣା କରିବା ପରେ ଓଡିଶାର ଯୁବ ସମାଜ ଏହି ଖାଦ୍ୟ ପ୍ରତି କିଛିଟା ଆଗ୍ରହ ଦେଖାଇଛନ୍ତି। ଏହାକୁ ଅଧିକ ଆଦୃତ କରିବା ପାଇଁ ରାଜ୍ୟର ପୂର୍ବ ସରକାର 'ମିଲେଟ ମିଶନ' ଯୋଜନା ଆରମ୍ଭ କରିଥିଲେ। ବର୍ତ୍ତମାନ ସରକାର ଏହାର ନାମ ପରିବର୍ତ୍ତନ କରି 'ଶ୍ରୀଅନ୍ନ ଯୋଜନା' ନାମ କରଣ କରି ଏହାକୁ ପ୍ରୋତ୍ସାହିତ କରୁଛନ୍ତି। ଭାପୁର ବ୍ଲକ ଫତେଗଡ ଶ୍ରୀରାମ ମନ୍ଦିର ପରିସରରେ ଶୁକ୍ରବାର ନିଗମ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି ମାଣ୍ଡିଆ ପ୍ରସ୍ତୁତ ବୃହତ୍ତ ପାରମ୍ପରିକ ଖାଦ୍ୟ ମେଳା। ଏହାକୁ ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଉଦଘାଟନ କରିଥିଲେ। ସିଡିପିଓ ତୃପ୍ତି ମହାପାତ୍ର, ସହକାରୀ କୃଷି ଅଧିକାରୀ ପ୍ରସାଦ ସୁବୁଦ୍ଧି, କୃଷି ବିଭାଗ ଯନ୍ତ୍ରୀ ବିଷ୍ଣୁ ଚରଣ ରଥ, ଡୁମୁଣୀ ଦେଇ, ମିଶନଶକ୍ତି ବିପିସି ଭାରତୀ ପଟ୍ଟନାୟକ ଓ ମସିହା କଲ ଉପସ୍ଥିତ ଥିଲେ। ଶ୍ରୀଅନ୍ନ ଯୋଜନାର ବ୍ଲକ ସଂଯୋଜକ ଦୀପକ କୁମାର ସାହୁ, ସସ୍ମିତା ବେହେରା, ବିପିସି ଜୟଦେବ ସ୍ୱାଇ, ପାଞ୍ଚ ଜଣ କମ୍ୟୁନିଟି ରିସୋର୍ସପର୍ସନ ଓ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଫାର୍ମସ ପ୍ରଡ୍ୟୁସରର ଅର୍ଗାନାଇଜରସ ଦଣ୍ଡପାଣି ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ। ଏହି ଖାଦ୍ୟ ମେଳାରେ ମାଣ୍ଡିଆ ପ୍ରସ୍ତୁତ ଆରିସା, ଲଡୁ, ଖୁରୁମା, ଦହିବୁନ୍ଦି ନିମିକି, କେକ, ନଭକିନ ଖାଦ୍ୟ ମନ୍ଦିର ଆସିଥିବା ଶହ ଶହ ପର୍ଯ୍ୟଟକଙ୍କୁ ମାଗଣାରେ ପରସା ଯାଇଥିଲା।

# ଅଙ୍ଗନବାଡ଼ି କେନ୍ଦ୍ରକୁ ଆସିଥିବା ଚେୟାରକୁ ବୋହିନେଲେ ପ୍ରାକ୍ତନ ସିଡିପିଓ

ଖଣ୍ଡପଡ଼ା, ୨୧।୨(ସମିସ):

ଖଣ୍ଡପଡ଼ା ବ୍ଲକ ପ୍ରାକ୍ତନ ସିଡିପିଓ ସତ୍ୟଭାମା ଦେବୀ ପୂର୍ବରୁ ଅପୁଷ୍ଟିକର ଖାଦ୍ୟ ଯୋଗାଣ, ବିଭିନ୍ନ ଅଙ୍ଗନବାଡି ସେଣ୍ଟରରେ ସହାୟିକା ନିଯୁକ୍ତିରେ ଅନିୟମିତତା ଭଳି ଘଟଣାରେ ନିନ୍ଦିତ ହୋଇଥିବା ବେଳେ ଏବେ ଆଉ ଏକ ଘଟଣା ତାଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ୨୦୨୩ ମସିହା ମେ ୨୩ ତାରିଖରେ ସେ ଅବସର ଗ୍ରହଣ କରିଥିବା ବେଳେ ତା ପୂର୍ବରୁ ପାଖାପାଖି ୯୦ରୁ ଅଧିକ ପ୍ଲାଷ୍ଟିକ ଚେୟାର ବ୍ଲକ ଅଧୀନ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ବଣ୍ଟନ ନିମନ୍ତେ ତାଙ୍କ ତତ୍ତ୍ୱାବଧାନରେ ଆସିଥିଲା। ତେବେ ଚେୟାରଗୁଡ଼ିକ ବଣ୍ଟନ ପୂର୍ବରୁ କିଛିଦିନ ପାଇଁ ବ୍ଲକ ପରିସରରେ ଥିବା ମିଶନଶକ୍ତି ଗୃହରେ ରଖିବା ପାଇଁ ପୂର୍ବରୁ କାର୍ଯ୍ୟରତ ଥିବା ବିପିସି ସୌମ୍ୟଶାସତ ମିଶ୍ରଙ୍କୁ ସତ୍ୟଭାମା ଦେବୀ କହିଥିଲେ। ପରବର୍ତ୍ତୀ ସମୟରେ ମାସ ମାସ ବିତି ଯାଇଥିଲେ ମଧ୍ୟ ସେଗୁଡ଼ିକ ସେମିତି ପଡ଼ି ରହିବା ସହ କୌଣସି ଅଙ୍ଗନବାଡି କେନ୍ଦ୍ରକୁ ଦିଆଗଲା ନାହିଁ। ଏନେଇ ବିପିସି ଶ୍ରୀ ମିଶ୍ର ଚେୟାରଗୁଡ଼ିକୁ ଖାଲି କରିବା ପାଇଁ ସତ୍ୟଭାମା ଦେବୀଙ୍କୁ ବାରମ୍ବାର କହିଥିଲେ ହେଁ ସେ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନଥିଲେ। ପରେ ସତ୍ୟଭାମା ଦେବୀ ଅବସର ଗ୍ରହଣ କରି ଖଣ୍ଡପଡ଼ାରୁ ଯିବା ପୂର୍ବରୁ ସିଡିପିଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା କୌଣସି କର୍ମଚାରୀଙ୍କୁ ଚେୟାର ଗୁଡ଼ିକ ହସ୍ତାନ୍ତର କରିନଥିବା ସୂଚନା ମିଳିଛି। ତେବେ ସତ୍ୟଭାମା ଦେବୀ ଅବସର ଗ୍ରହଣକରି ବ୍ଲକ ଛାଡିବାର ପାଖାପାଖି ଦେଢ଼ ବର୍ଷ ପରେ ଆଜି ସଂଧ୍ୟା ସମୟରେ କିଛି ଲୋକଙ୍କୁ ପଠାଇ ଗୋଟିଏ ଡାଲା ଅଟୋରେ(ଓଡି ୨୫ ଏ ୧୩୯୯) ବ୍ଲକ ପରିସରରେ ଥିବା ମିଶନଶକ୍ତି ଗୃହରୁ ୪୦ଟି ଚେୟାର ନେଇ ଯାଇଥିବା ବର୍ତ୍ତମାନ କାର୍ଯ୍ୟରତ ଥିବା ବିପିସି ଦିଲ୍ଲୀପ କୁମାର ନାୟକଙ୍କ ଠାରୁ ସୂଚନା ମିଳିଛି। ଏନେଇ ବର୍ତ୍ତମାନ କାର୍ଯ୍ୟରତ ସିଡିପିଓ କେ କୋଟେଶ୍ୱରୀ କିଛି ଜାଣିନଥିବା କହିଛନ୍ତି। ତେବେ ଏତେଦିନ ଧରି ପଡ଼ି ରହିଥିବା ହଜାର ହଜାର ଟଙ୍କାର ମୂଲ୍ୟବାନ ଚେୟାରଗୁଡ଼ିକ ସେ କାହିଁକି ନେଲେ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗୀୟ ଜିଲ୍ଲା ଅଧିକାରୀ ଏବଂ ବ୍ଲକ ପ୍ରଶାସନ ଏ ଦିଗରେ ତୁରନ୍ତ ହସ୍ତକ୍ଷେପ କରି ଘଟଣାର ସତ୍ୟତା ଲୋକଲୋଚନକୁ ଆଣିବା ପାଇଁ ସାଧାରଣରେ ଦାବି ହୋଇଛି।



# ମହାକୁମ୍ଭରେ ୟୁଟ୍ୟୁବରଙ୍କ ଉତ୍ପାତ; ୩ ଗିରଫ

- ମହିଳା ବୁଡ଼ ପକାଇବା ସମୟରେ ଗୋପନୀୟ ଭାବେ ଭିଡିଓ ସୁଟ୍ କରିଥିଲେ
- ଅନ୍ୟ ଚ୍ୟାନେଲକୁ ଏହି ଭିଡିଓ ବିକି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ
- ୬୦-୭୦ ହସ୍ପିଟାଲର ସିସିଟିଭି ହ୍ୟାକ୍ କରିଥିଲେ ୩ ଅଭିଯୁକ୍ତ
- ରୋମାନିଆ ଓ ଆଟଲାଣ୍ଟାର ହ୍ୟାକରଙ୍କ ସହ ଯୋଗାଯୋଗରେ ଥିଲା ଅଭିଯୁକ୍ତ



ପ୍ରୟାଗରାଜ/ଅହମଦାବାଦ, ୨୧।୨ (ଏଜେନ୍ସି): ଟଙ୍କା ପାଇଁ ମହିଳାଙ୍କ ସମ୍ମାନ ସହ ଖେଳାଯାଉଛି। ବିଶ୍ୱର ସବୁଠୁ ବଡ଼ ମେଳା ମହାକୁମ୍ଭରେ ମହିଳା ଗାଧୋଉଥିବାର ଭିଡିଓକୁ ଗୋପନରେ ସୁଟ୍ କରାଯାଉଛି। ପରେ ଏହାକୁ ବିକ୍ରି କରାଯାଉଛି। ଏହି ସବୁ ଭିଡିଓକୁ ୟୁଟ୍ୟୁବ ଏବଂ ଟେଲିଗ୍ରାମରେ ଅପଲୋଡ୍ କରି ଟଙ୍କା ରୋଜଗାର କରାଯାଉଛି। ଏହି ମାମଲାରେ ପ୍ରୟାଗରାଜରୁ ଜଣେ ୟୁଟ୍ୟୁବରଙ୍କୁ ଶୁକ୍ରବାର ଗୁଜରାଟ ପୁଲିସ ଗିରଫ କରିଛି। ତଦନ୍ତରୁ ସମୟରେ ତା ପାଖରୁ ମହିଳାଙ୍କ ଆପତ୍ତିଜନକ ଫୁଟେଜ ମିଳିଛି। ସୂଚନା ଅନୁଯାୟୀ ଗତ ୧୯ ତାରିଖରେ ରାଜକୋଟର ପାୟଲ ହସ୍ପିଟାଲରେ ମହିଳାଙ୍କ ଚେକ୍ଅପ୍ର ଏକ ଭିଡିଓ ୟୁଟ୍ୟୁବ୍ରେ ଅପଲୋଡ ହୋଇଥିବା ଜଣାପଡ଼ିଥିଲା। ଗୁଜରାଟ ପୁଲିସ ଏହି ମାମଲାର ଯାଞ୍ଚ କରୁଛି। ଏହି ମାମଲାରେ ପୁଲିସ ମହାରାଷ୍ଟ୍ର ଲାତୁରରୁ ପ୍ରଜ୍ୱଳ ଅଶୋକ ତେଲି ଏବଂ ସାଙ୍ଗଲୀରୁ ପ୍ରଜ ରାଜେନ୍ଦ୍ର ପାଟିଲକୁ ଗିରଫ କରିଛି। ଉଭୟଙ୍କୁ ଜେରା କରିବା ପରେ ପ୍ରୟାଗରାଜରୁ ୟୁଟ୍ୟୁବର ଚନ୍ଦ୍ରପ୍ରକାଶ କୁଲଚନ୍ଦକୁ ଗିରଫ କରାଯାଇଥିଲା। ସେ ନିଜ ଚ୍ୟାନେଲରେ ମହାକୁମ୍ଭର ୫-୫ରୁ ୬୦ ଭିଡିଓ ଅପଲୋଡ କରିଥିଲା।

ଅହମଦାବାଦ ସାଇବର କ୍ରାଇମ ଡିସିପି ଲଭିନା ସିହ୍ନା କହିଛନ୍ତି ଯେ ମହାକୁମ୍ଭରେ ମହିଳା ସ୍ନାନ କରୁଥିବାର ଭିଡିଓକୁ ଏହି ତିନି ଜଣ ଅଲଗା ଚ୍ୟାନେଲକୁ ବିକ୍ରି କରିଥିଲେ। ଚନ୍ଦ୍ରପ୍ରକାଶ ନିଜେ ଏହି ଭିଡିଓ ସୁଟ୍ କରୁଥିଲା। ଏହାକୁ ନିଜ ଚ୍ୟାନେଲରେ ଅପଲୋଡ କରି ଅନ୍ଲାଇନରେ ବିକ୍ରି କରୁଥିଲା। ତା ୟୁଟ୍ୟୁବ୍ ଓ ଟେଲିଗ୍ରାମ ଚ୍ୟାନେଲରେ ଶହେରୁ ଅଧିକ ସବ୍ସ୍କ୍ରାଇବର ଅଛନ୍ତି। ଏହା ମାଧ୍ୟମରେ ସେ ଭିଡିଓ ବିକ୍ରି କରି ବିପୁଳ ଟଙ୍କା ଆୟ କରୁଥିଲା। ଏହି ଅଭିଯୁକ୍ତମାନେ ଦେଶର ୬୦-୭୦ ହସ୍ପିଟାଲର ସିସିଟିଭି ହ୍ୟାକ୍ କରିଥିବା ସନ୍ଦେହ କରାଯାଉଛି। ଏହା ପୂର୍ବରୁ ଗତ ବର୍ଷ ଫେବୃଆରୀ-ମାର୍ଚ୍ଚରେ ପାୟଲ ହସ୍ପିଟାଲର ସିସିଟିଭି ହ୍ୟାକ୍ କରାଯାଇଥିଲା। ହସ୍ପିଟାଲର ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ଚ୍ୟାମ୍ବରରେ ମହିଳା ଚେକ୍ଅପ୍ କରାଉଥିବାର ଭିଡିଓକୁ ଏମାନେ ଲିକ୍ କରାଉ ଥିଲେ। ଏ ସବୁକୁ ବିକ୍ରି ପାଇଁ ୟୁଟ୍ୟୁବ ଏବଂ ଟେଲିଗ୍ରାମରେ ପୋଷ୍ଟ କରାଯାଇଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଥିଲା ଯେ ହସ୍ପିଟାଲର ଆଇପି ଆଡ୍ରେସକୁ ରୋମାନିଆ ଏବଂ ଆଟଲାଣ୍ଟାରୁ ହ୍ୟାକ୍ କରାଯାଇଥିଲା। ପ୍ରଜ୍ୱଳ ଏହି ହ୍ୟାକ୍ରଙ୍କ ସହ ଯୋଗାଯୋଗରେ ଥିଲା।

ବର୍ଷେ ହେଲା ଏହି ତିନି ଅଭିଯୁକ୍ତ ଭିଡିଓ ବିକ୍ରି ର୍ୟାକେଟ ଚଳାଇ ଆସୁଥିଲେ। ଅହମଦାବାଦ କ୍ରାଇମବ୍ରାଞ୍ଚ ତଦନ୍ତରୁ ଜଣାପଡ଼ିଥିଲା ଯେ ଏହି ଟେଲିଗ୍ରାମ ଚ୍ୟାନେଲ ମହାରାଷ୍ଟ୍ରର ସାଙ୍ଗଲି ଏବଂ ଲାତୁରରୁ ପରିଚାଳିତ ହେଉଥିଲା। ଏହା ଜାଣିବା ପରେ କ୍ରାଇମବ୍ରାଞ୍ଚ ମହାରାଷ୍ଟ୍ର ଏବଂ ପ୍ରୟାଗରାଜରେ ଚଢ଼ଉ କରିଥିଲା। ପ୍ରଜ୍ୱଳ ତେଲି ଏହି ମାମଲାର ମୁଖ୍ୟ ଅଭିଯୁକ୍ତ। ତିନି ଅଭିଯୁକ୍ତ ମିଶି ୮ ମାସରେ ଅନେକ ଭିଡିଓ ବିକ୍ରି କରିଛନ୍ତି। ସେମାନେ ଭିଡିଓକୁ ୮୦୦ରୁ ୨୦ ହଜାର ଟଙ୍କାରେ ବିକ୍ରି କରୁଥିଲେ।

# କୋଟିଏ ଟଙ୍କାର ଡ୍ରଗ୍ସ ସହ ଧରାପଡ଼ିଲା ଲେଡି ଡନ୍



ନୂଆଦିଲ୍ଲୀ, ୨୧।୨ (ଏଜେନ୍ସି): ଦିଲ୍ଲୀ ପୁଲିସକୁ ବଡ଼ ସଫଳତା ମିଳିଛି। ଦୀର୍ଘ ଦିନ ହେଲା ଫେରାର ଥିବା ଗ୍ୟାଙ୍ଗଷ୍ଟର ହାସିମ ବାବାର ତୃତୀୟ ପତ୍ନୀ ତଥା ଲେଡି ଡନ୍ ଜୋୟା ଖାନ୍ (୩୩)କୁ ଦିଲ୍ଲୀର ୱେଲକମ୍ ଅଞ୍ଚଳରୁ ଗୁରୁବାର ଗିରଫ କରାଯାଇଛି। ତା ନିକଟରୁ ୨୭୦ ଗ୍ରାମ ହେରୋଇନ ମିଳିଛି। ଏହାର ମୂଲ୍ୟ ପ୍ରାୟ କୋଟିଏ ଟଙ୍କା ହେବ। ସେ ଉତ୍ତର ପ୍ରଦେଶ ମୁଜାଫରନଗରରୁ ଏହି ହେରୋଇନ ବିକ୍ରି ଉଦ୍ଦେଶ୍ୟରେ ଆଣିଥିଲା ବୋଲି ଜଣାପଡ଼ିଛି।

ପୁଲିସ ଅନେକ ଦିନ ହେଲା ଜୋୟା ଉପରେ ନଜର ରଖି ଆସିଥିଲା। କିନ୍ତୁ ସେ ସବୁବେଳେ ବର୍ତ୍ତି ଯାଉଥିଲା। ଜୋୟା ଆଇନକୁ ଚକ୍‌ମା ଦେଇ ସ୍ୱାମୀର କଳା ସାମ୍ରାଜ୍ୟକୁ ଚଳାଉ ଥିଲା। ପୁଲିସ ଏହା ଜାଣି ମଧ କିଛି କରିପାରୁ ନ ଥିଲା। କାରଣ ଜୋୟା ବିରୋଧରେ କିଛି ପ୍ରମାଣ ନ ଥିଲା। ଏବେ ଠୋସ୍ ପ୍ରମାଣ ସହ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଜୋୟାକୁ ଗିରଫ କରିଛି। ସେହିପରି ତାଙ୍କ ସ୍ୱାମୀ ହାସିମ ବାବା ନାମରେ ଅନେକ ମାମଲା ରହିଛି। ହତ୍ୟାଠୁ ନେଇ ବଟି ଆଦାୟ, ବେଆଇନ ଅସ୍ତ୍ରଶସ୍ତ୍ର କାରବାର ପର୍ଯ୍ୟନ୍ତ ମାମଲାରେ ସେ ସମ୍ପୃକ୍ତ ରହିଛି। ୨୦୧୭ରେ ହାସିମ-ଜୋୟା ପ୍ରେମ ବିବାହ କରିଥିଲେ। ଏହା ହାସିମର ତୃତୀୟ ଏବଂ ଜୋୟାଙ୍କ ଦ୍ୱିତୀୟ ବିବାହ ଥିଲା। ଉଭୟେ ଉତ୍ତର ପୂର୍ବଦିଲ୍ଲୀରେ ରହୁଥିଲେ।

ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମର ସାନ ଭଉଣୀ ହସୀନା ପାରକର ସହ ଜୋୟାକୁ ତୁଳନା କରାଯାଉଛି। ହାସିମ ଗ୍ୟାଙ୍ଗର ବଟି ଆଦାୟ ଓ ନିଶା କାରବାରରେ ସେ ସଂପୃକ୍ତ ଥିଲା। ନିଜେ ସବୁ ବୁଝାସୁଝା କରୁଥିଲା। ଏକ ଅପରାଧିକ ସାମ୍ରାଜ୍ୟ ଚଳାଉଥିବା ସତ୍ତ୍ୱେ ଜୋୟା ଅନ୍ୟମାନଙ୍କଠାରୁ ଟିକେ ଭିନ୍ନ ଥିଲା। ସେ ହାଇ-ପ୍ରୋଫାଇଲ ପାର୍ଟିରେ ସାମିଲ ହେଉଥିଲା। ଦାମୀ ପୋଷାକ ପିନ୍ଧୁଥିଲାବେଳେ ନାମୀଦାମୀ ବ୍ରାଣ୍ଡର ଗାଡି ଚଢୁଥିଲା। ସୋଶିଆଲ ମିଡିଆରେ ସେ ସେୟାର କରୁଥିବା ପୋଷ୍ଟରୁ ଏହା ଜଣାପଡୁଥିଲା। ସ୍ୱାମୀକୁ ଦେଖା କରିବାକୁ ଜୋୟା ନିୟମିତ ବାବେ ତିହାର ଜେଲ୍‌କୁ ଯାଉଥିଲା। ସେଠାରେ ଅପରାଧିକ ସାମ୍ରାଜ୍ୟ ପରିଚାଳନା ନେଇ ଉଭୟେ କୋଡ୍ ୱାର୍ଡରେ କଥାବାର୍ତ୍ତା ହେଉଥିଲେ। ହାସିମର ସହଯୋଗୀ ତଥା ଅନ୍ୟ ଅପରାଧୀଙ୍କ ସହିତ ଜୋୟା ସିଧାସଳଖ ଯୋଗାଯୋଗରେ ରହୁଥିଲା। ୨୦୨୪ ସେପ୍ଟେମ୍ବରର ଜିମ୍ ମାଲିକ ନାଦିର ଶାହା ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଜୋୟା ଲୁଚାଇ ରଖିଥିବା ମଧ ଅଭିଯୋଗ ହୋଇଥିଲା। ଏଥିରେ ହାସିମ ବାବାର ମଧ ସମ୍ପୃକ୍ତି ରହିଛି।

ଜୋୟା ପାଇଁ ଅପରାଧ ଏକ ପାରିବାରିକ ବ୍ୟବସାୟ ଥିଲା। ୨୦୨୪ରେ ଯୁବତୀ ଚାଲାଣ ମାମଲାରେ ଏହି ଲେଡି ଡନ୍‌ର ମା'ଙ୍କୁ ଗିରଫ କରାଯାଇଥିଲା। ଏବେ ସେ ଜାମିନରେ ଅଛନ୍ତି। ଜୋୟାର ବାପା ମଧ ନିଶା କାରବାରରେ ସମ୍ପୃକ୍ତ। ଜୋୟାକୁ ସବୁବେଳେ କଡ଼ା ସୁରକ୍ଷା ଦିଆଯାଉଥିଲା। ସ୍ୱାମୀ ହାସିମ ବାବାର ୪-୫ ଜଣ ବନ୍ଧୁକଧାରୀ ତାଙ୍କୁ ଘେରି ରହୁଥିଲେ। ଏହି ଗ୍ୟାଙ୍ଗ ଆଦାୟ କରୁଥିବା ଟଙ୍କାର ସିଂହ ଭାଗ ଜୋୟା ଖାତାକୁ ଯାଉଥିଲା। ସେହିପରି ଲରେନ୍ସ ଗ୍ୟାଙ୍ଗର ସହ ହାସିମ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ମଧ ସାମ୍ନାକୁ ଆସିଥିଲା। ୨୦୨୧ରୁ ହାସିମ ବାବା ଓ ଲରେନ୍ସ ବିଷ୍ଣୋଇ ମଧ୍ୟରେ ସଂପର୍କ ଗଢ଼ି ଉଠିଥିଲା। ସେତେବେଳେ ଉଭୟ ଭିନ୍ନ ଭିନ୍ନ ଜେଲ୍‌ରେ ଥିଲେ। ଏହା ସତ୍ତ୍ୱେ ବେଆଇନ ଫୋନ୍ ମାଧ୍ୟମରେ ପରସ୍ପରକୁ ଯୋଗାଯୋଗ କରୁଥିଲେ।

● ୪ ବର୍ଷ ପରେ...

## ଭାରତ-ପାକିସ୍ତାନ ମଧ୍ୟରେ ଫ୍ଲାଗ ମିଟିଂ; ୭୫ ମିନିଟ୍ ଚର୍ଚ୍ଚା

ନୂଆଦିଲ୍ଲୀ, ୨୧।୨ (ଏଜେନ୍ସି): ସୀମା (ଏଲଓସି)ରେ ଉତ୍ତେଜନା ଲାଗି ରହିଥିବାବେଳେ ଚାରି ବର୍ଷ ପରେ ଶୁକ୍ରବାର ଭାରତ ଏବଂ ପାକିସ୍ତାନ ସେନା ମଧ୍ୟରେ ଫ୍ଲାଗ ମିଟିଂ ହୋଇଛି। ପୁଞ୍ଚ କ୍ଷେତ୍ରର 'ଚାକା ଦା ବାଗ' (ଏଲଓସି ବାଣିଜ୍ୟ କେନ୍ଦ୍ର) ରେ ଅନୁଷ୍ଠିତ ଏହି ବୈଠକରେ ଉଭୟ ସେନାର ବ୍ରିଗେଡିୟର ର୍ୟାଙ୍କର ଅଧିକାରୀ ସାମିଲ ହୋଇଛନ୍ତି। ଅଧିକାରୀଙ୍କ ମଧ୍ୟରେ ପ୍ରାୟ ୭୫ ମିନିଟ୍ ପର୍ଯ୍ୟନ୍ତ ଚର୍ଚ୍ଚା ହୋଇଛି। ଶେଷ ଥର ପାଇଁ ୨୦୨୧ରେ ଫ୍ଲାଗ ମିଟିଂ ବସିଥିଲା। ଆଜିର ଏହି ବୈଠକରେ ଦୁଇ ସୀମାରେ ଶାନ୍ତି ପ୍ରତିଷ୍ଠା କରିବାକୁ ରାଜି ହୋଇଥିଲେ। ଅସ୍ତ୍ରବିରତି ଉପରେ ସହମତି ପ୍ରକାଶ କରିଥିଲେ ବୋଲି ଜଣାପଡ଼ିଛି। ଗତ କିଛି ସପ୍ତାହ ହେଲା ଏଲ୍ଓସିରେ ଉତ୍ତେଜନା ଲାଗି ରହିଛି। ଗତ ୪ ତାରିଖରେ ଭାରତୀୟ ସେନା ପାକିସ୍ତାନର ୭ ଅନୁପ୍ରବେଶକାରୀଙ୍କୁ ନିହତ କରିଥିଲା।

# ପରୀକ୍ଷାରେ କପି ପାଇଁ ଛାତ୍ରଙ୍କୁ ଗୁଳିକରି ହତ୍ୟା

ପାଟନା, ୨୧।୨ (ଏଜେନ୍ସି): ମାତୃଭାଷା (ହିନ୍ଦୀ, ଉର୍ଦ୍ଦୁ)ରେ ମାଟ୍ରିକ ପରୀକ୍ଷା ଚାଲିଥିଲା। ଜଣେ ପରୀକ୍ଷାର୍ଥୀ ପାଖରେ ବସିଥିବା ଅନ୍ୟ ଦୁଇ ପରୀକ୍ଷାର୍ଥୀଙ୍କୁ ଖାତା ଦେଖାଇବାକୁ କହିଥିଲେ। କିନ୍ତୁ କେହି ତାଙ୍କ କଥା ଶୁଣି ନ ଥିଲେ। ଖାତା ବି ଦେଖାଇ ନ ଥିଲେ। ପରୀକ୍ଷା ସରିବା ପରେ କପି ଦେଖାଇବାକୁ କହିଥିବା ଛାତ୍ର ବାହାରକୁ ଆସିଥିଲା। ସେ ଅନ୍ୟ ଦୁଇ ଜଣଙ୍କ ସହ ପାଟିତୁଣ୍ଡ କରିଥିଲା। ପରେ ନିଜ ସହଯୋଗୀଙ୍କୁ ଧରି ପହଞ୍ଚି ଥିଲା। ଉକ୍ତ ଦୁଇ ଛାତ୍ର ଅଟୋରେ ଯାଉଥିବାବେଳେ ଅତର୍କିତ ଗୁଳିମାଡ଼ କରିଥିଲା। ଏଥିରେ ଘଟଣାସ୍ଥଳରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ବିହାର ରୋହତାସ ଜିଲ୍ଲାର ସାସାରାମରେ ଏହି ଘଟଣା ଘଟିଛି। ମୃତ ଛାତ୍ର ଅମିତ କୁମାରଙ୍କ ଘର ଶମ୍ଭୁ ବିଘା ଗାଁରେ ବୋଲି ଜଣାପଡ଼ିଛି। ଆହତ ସଞ୍ଜିତ କୁମାରଙ୍କ ଗୋଡରେ ଗୁଳି ବାଜିଛି। ଉଭୟେ ଗୁରୁବାର ମୋଡ ସ୍ଥିତ ଅନ୍ନା ସ୍କୁଲ୍‌ରେ ପରୀକ୍ଷା ଦେଉଥିଲେ। ଏହି ଘଟଣାକୁ ନେଇ ବିହାରର ଆଇନ ଶୃଙ୍ଖଳା ସ୍ଥିତି ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଘଟଣାସ୍ଥଳରେ ଉପସ୍ଥିତ ଅମିତ କୁମାରଙ୍କ ଅନ୍ୟ ଜଣେ ସାଙ୍ଗ ନୀରଜ କୁମାର କହିଛନ୍ତି ଯେ ଅଭିଯୁକ୍ତ ଜମାରୁ ପଢ଼ାପଢ଼ି କରେନାହିଁ। ସେ ପରୀକ୍ଷାରେ କିଛି ଲେଖିପାରୁ ନ ଥିଲା। ତେଣୁ ଆମକୁ ଖାତା ଦେଖାଇବାକୁ କହିଥିଲା। କିନ୍ତୁ କେହି ତାକୁ ଖାତା ଦେଖାଇ ନ ଥିଲେ। ତେଣୁ ସେ ବୋମାରେ ଉଡ଼ାଇ ଦେବ ବୋଲି ଧମକ ଦେଇଥିଲା। ଏହି କଥାକୁ ନେଇ ପରୀକ୍ଷା ପରେ ପାଟିତୁଣ୍ଡ ହୋଇଥିଲା। ପୁଲିସ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକକୁ ଜବତ କରାଯାଇଛି।

ଅଭିଯୁକ୍ତ ଏହାକୁ ଏକ ବୁଦାରେ ଫୋପାଡ଼ି ଦେଇଥିଲା। ଏବେ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଶୁକ୍ରବାର ସକାଳେ ମୃତ ଅମିତ କୁମାରଙ୍କ ପରିବାର ଓ ତାଙ୍କ ଗାଁ ଲୋକେ ରାସ୍ତାରୋକ କରିଛନ୍ତି। ପୁଲିସ ବହୁ ବୁଝାସୁଝା କରିବା ପରେ ସେମାନେ ରାସ୍ତାରୁ ଉଠିଥିଲେ। ଏବେ ମାମଲାର ତଦନ୍ତ ଜାରି ରହିଛି।

■ ମହାକୁମ୍ଭରୁ ଯିବାଆସିବା ସମୟରେ ଦୁର୍ଘଟଣା

## ଡାକ୍ତରଙ୍କ ସମେତ ୧୬ ମୃତ

ନୂଆଦିଲ୍ଲୀ, ୨୧।୨ (ଏଜେନ୍ସି): ମହାକୁମ୍ଭରୁ ଯିବାଆସିବା ସମୟରେ ବିଭିନ୍ନ ସ୍ଥାନରେ ତିନୋଟି ପୃଥକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଡାକ୍ତରଙ୍କ ସମେତ ୧୬ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଉତ୍ତର ପ୍ରଦେଶରେ ଦୁଇଟି ଏବଂ ବିହାରରେ ଗୋଟିଏ ଦୁର୍ଘଟଣା ଘଟିଛି। ୨ଟି ମାମଲାରେ ଲୋକେ ମହାକୁମ୍ଭରୁ ବୁଡ଼ ପକାଇ ଫେରୁଥିବାବେଳେ ଗୋଟିଏ ପରିବାର ସ୍ନାନ ପାଇଁ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ସୂଚନା ଅନୁଯାୟୀ ମହାକୁମ୍ଭରୁ ଫେରୁଥିବା ଏକ କାର୍ ବିହାର ଭୋଜପୁରରେ ଟ୍ରକ୍କୁ ପଛପଟୁ ଧକ୍କା ଦେଇଛି। ଏଥିରେ ଗୋଟିଏ ପରିବାରର ୪ ଜଣଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ବାରାଣସୀର ପ୍ରୟାଗରାଜ ହାଇୱେରେ କର୍ଣ୍ଣାଟକ ଶ୍ରଦ୍ଧାଳୁଙ୍କ ଏକ କାର୍ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଟ୍ରକ୍ ସହ ମାଡ଼ ହୋଇଛି। ଏଥିରେ ସ୍ୱାମୀସ୍ତ୍ରୀଙ୍କ ସମେତ ୬ ଜଣ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ ଗୁରୁବାର ରାତିରେ ମହାକୁମ୍ଭରୁ ଫେରୁଥିବା ଏକ କାର୍ ଉତ୍ତର ପ୍ରଦେଶ ଗାଜିପୁରର ବାରାଣସୀ-ଗୋରଖପୁର ମାର୍ଗରେ ଛିଡ଼ା ହୋଇଥିବା ଏକ ଟ୍ରଲିକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ପୂର୍ଣ୍ଣିଆ ସାଂସଦ ପପୁ ଯାଦବଙ୍କ ଡାକ୍ତର ଭାଣେଜୀ ସୋନି ଯାଦବଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି।

# ଇସ୍ରାଏଲରେ ସିରିଏଲ ଆତଙ୍କବାଦୀ ଆକ୍ରମଣ

ତେଲ ଆଭିଭ, ୨୧।୨ (ଏଜେନ୍ସି): ଇସ୍ରାଏଲ ରାଜଧାନୀ ତେଲ ଆଭିଭରେ ଗୁରୁବାର ବିଳମ୍ବିତ ରାତିରେ ତିନୋଟି ବସ୍ରେ ସିରିଜ ବିସ୍ଫୋରଣ ହୋଇଛି। ଏହି ସବୁ ବସ ବାଟ ୟାମ ଏବଂ ହୋଲୋନ ଅଞ୍ଚଳରେ ପାର୍କିଂରେ ଛିଡ଼ା ହୋଇଥିଲା। ଏହି ସମୟରେ ଗୋଟିଏ ପରେ ଗୋଟିଏ ବସ୍ରେ ବିସ୍ଫୋରଣ ହୋଇଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଏହା ଆତଙ୍କବାଦୀ ଆକ୍ରମଣ ଥିଲା ବୋଲି ପୁଲିସ ଆଶଙ୍କା କରୁଛି। ଆଉ ଦୁଇଟି ବସ୍ରୁ ବୋମା ମଧ ଉଦ୍ଧାର କରାଯାଇଛି। ମୋଟ ପାଞ୍ଚଟି ବୋମା ବସ୍‌ରେ ଥିଲା ବୋଲି ପୁଲିସ ପକ୍ଷରୁ

**ବସ୍ ଓ ଟ୍ରେନ୍ ସେବା ବନ୍ଦ**

କୁହାଯାଇଛି। ସବୁଗୁଡିକ ଏକା ଭଳି ଦିଶୁଥିବା ଏହି ବୋମାରେ ଟାଇମର ଲଗା ଯାଇଥିଲା। ଦୁଇ ବୋମାକୁ ନିଷ୍କ୍ରିୟ କରିଦିଆଯାଇଛି। ଏ ସବୁକୁ ଶୁକ୍ରବାର ସକାଳେ ବିସ୍ଫୋରଣ କରିବା ପାଇଁ ରଖାଯାଇଥିଲା। କିନ୍ତୁ ଭୁଲ୍ ଭାବେ ଟାଇମର ଲଗାଯାଇଥିବାରୁ ରାତିରେ ବିସ୍ଫୋରଣ ହୋଇଥିଲା। ଏହି ଆକ୍ରମଣ ପରେ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ସାରା ଦେଶରେ ବସ୍ ଏବଂ ଟ୍ରେନ ସେବାକୁ ବନ୍ଦ କରିଦେଇଛନ୍ତି।

ଏହାକୁ ଦେଖି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଇସ୍ରାଏଲ ଡିଫେନ୍ସ ଫୋର୍ସକୁ ୱେଷ୍ଟ ବ୍ୟାଙ୍କର ଆତଙ୍କବାଦୀ ଠିକଣାରେ ଅଭିଯାନ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏଫ୍‌ଡିଆଇ ନିୟମ ଉଲ୍ଲଙ୍ଘନ ମାମଲାରେ ଇଡି କାର୍ଯ୍ୟାନୁଷ୍ଠାନ

# ବିବିସି ଇଣ୍ଡିଆ ଉପରେ ଲଗାଇଲା ୩.୪୪ କୋଟି ଜୋରିମାନା

ନୂଆଦିଲ୍ଲୀ, ୨୧।୨ (ଏଜେନ୍ସି): ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫଡିଆଇ) ନିୟମ ଉଲ୍ଲଙ୍ଘନ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିବିସି ଇଣ୍ଡିଆ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି କମ୍ପାନୀ ବିରୋଧରେ ୩.୪୪ କୋଟି ଟଙ୍କା ଜୋରିମାନା ଲଗାଇଛି। ସେହିପରି ଏହାର ତିନି ନିର୍ଦ୍ଦେଶକଙ୍କ ଉପରେ ୧.୧୪ କୋଟିରୁ ଅଧିକ ଟଙ୍କାର ଜୋରିମାନା ଲଗାଯାଇଛି। ଫେମା ନିୟମ ଉଲ୍ଲଙ୍ଘନ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ରିପୋର୍ଟ ଅନୁଯାୟୀ ବିବିସି ୱାର୍ଲ୍ଡ ସର୍ଭିସ ଇଣ୍ଡିଆ ଶହେ ପ୍ରତିଶତ ଏଫ୍‌ଡିଆଇ ଥିବା କମ୍ପାନୀ। ବିବିସି ଏକ ଡିଜିଟାଲ ନ୍ୟୁଜ ମିଡିଆ। କିନ୍ତୁ ଏହି କମ୍ପାନୀ ଶତ ପ୍ରତିଶତ ଏଫଡିଆଇକୁ ବଜାୟ ରଖିଛି। ଏହା ୨୦୧୯ରେ କେନ୍ଦ୍ର ସରକାର ଜାରି କରିଥିବା ନିର୍ଦ୍ଦେଶର ଉଲ୍ଲଙ୍ଘନ କରୁଛି। ଏଥିରେ ସରକାର ଡିଜିଟାଲ ମିଡିଆ ପାଇଁ ଏଫଡିଆଇ ୨୬ ପ୍ରତିଶତ ରଖିଛନ୍ତି। କମ୍ପାନୀ ଏହି ନିୟମକୁ ଅଣଦେଖା କରିଛି। ଏ ନେଇ ଇଡି ୨୦୨୩ ଅଗଷ୍ଟ ୪ରେ ବିବିସି ଇଣ୍ଡିଆ ଏବଂ ଏହାର ତିନି ନିର୍ଦ୍ଦେଶକ, ଆର୍ଥିକ ମୁଖ୍ୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ବିବିସି ଇଣ୍ଡିଆ ବିରୋଧରେ ମୋଟ ୩ କୋଟି ୪୪ ଲକ୍ଷ ୪୮ ହଜାର ୮୫୦ ଟଙ୍କା ଜୋରିମାନା ଲଗାଯାଇଛି। ଏହା ବ୍ୟତୀତ ଫେମା ନିୟମ ଉଲ୍ଲଙ୍ଘନ ମାମଲାରେ ୨୦୨୧ ଅକ୍ଟୋବର ୧୫ ପରେ ପ୍ରତ୍ୟେକ ଦିନ ପାଇଁ ୫ ହଜାର ଟଙ୍କା ଲେଖାଏଁ ଜୋରିମାନା ଲଗାଯାଇଛି।



# ରାକ୍ଷୀ ସାୱନ୍ତଙ୍କୁ ସମନ



ମୁମ୍ବାଇ, ୨୧।୨ (ଏଜେନ୍ସି): ଅଭିନେତ୍ରୀ ରାକ୍ଷୀ ସାୱନ୍ତଙ୍କ ସମସ୍ୟା ବଢ଼ିବାରେ ଲାଗିଛି। 'ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ' ସୋ' ସମ୍ବନ୍ଧିତ ମାମଲାରେ ତାଙ୍କୁ ମହାରାଷ୍ଟ୍ର ସାଇବର ସେଲ୍ ସମନ ପଠାଇଛି। ୨୭ ତାରିଖରେ ହାଜର ହୋଇ ବୟାନ ରେକର୍ଡ କରିବା ପାଇଁ ଅଭିନେତ୍ରୀଙ୍କୁ କୁହାଯାଇଛି। ଏହା ପୂର୍ବରୁ ଆଶିଷ ଚଞ୍ଚଲାନି ଏବଂ ରଣବୀର ଆଲ୍ଲାହାବାଦିଆଙ୍କୁ ସମନ ଜାରି କରାଯାଇଥିଲା। ଉଭୟଙ୍କୁ ୨୪ ତାରିଖରେ ହାଜର ହେବାକୁ କୁହାଯାଇଥିଲା। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ସମୟ ରୈନା ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ସମୟ ମାଗିଥିଲେ। କିନ୍ତୁ ମହାରାଷ୍ଟ୍ର ସାଇବର ସେଲ୍ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଅଭଦ୍ର ମନ୍ତବ୍ୟ ଦେବା ମାମଲାରେ ସାଇବର ସେଲ୍ ୟୁଟ୍ୟୁବର ଆଶିଷ ଚଞ୍ଚଲାନି, ରଣବୀର ଆଲ୍ଲାହାବାଦିଆ ଏବଂ ସୋ'ର ଆୟୋଜକ ସମୟ ରୈନାଙ୍କ ସମେତ ୩୦ ରୁ ଅଧିକ ଲୋକଙ୍କ ବିରୋଧରେ ମାମଲା ରୁଜୁ କରିଛି। ଆଶିଷ ଚଞ୍ଚଲାନି ଖାର ପୁଲିସ ଷ୍ଟେସନରେ ତାଙ୍କର ବୟାନ ରେକର୍ଡ କରିଥିବା ବେଳେ ସମୟ ରୈନା ବିଦେଶରେ ଥିବା ଜଣାପଡିଛି। ସମୟ ରୈନାଙ୍କ ସହ ଯୋଗାଯୋଗ କରାଯାଇଛି। ଫେରିବା ପରେ ତାଙ୍କୁ ପଚରାଉଚରା କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି। ଏହା ସହିତ ପୁଲିସ ରଣବୀର ଆଲ୍ଲାହାବାଦିଆଙ୍କ ମ୍ୟାନେଜରଙ୍କ ସହ ମଧ ଯୋଗାଯୋଗ କରିଛି। ସେ ଖୁବଶୀଘ୍ର ବୟାନ ରେକର୍ଡ କରିବେ ବୋଲା ଆଶା। ପୂର୍ବରୁ ସେ ଫେରାର ଥିବା ସୂଚନା ଆସିଥିଲା। ପୁଲିସ ତାଙ୍କ ଘରକୁ ଯାଇ ଖାଲି ହାତରେ ଫେରିଥିଲା। ଏହି ବିବାଦ ପରେ ସୋ'ର ସମସ୍ତ ଏପିସୋଡ୍ ୟୁଟ୍ୟୁବ୍‌ରୁ ହଟାଇ ଦିଆଯାଇଛି। ଏହା ବ୍ୟତୀତ ଜାତୀୟ ମହିଳା କମିଶନ ରଣବୀର ଆଲ୍ଲାହାବାଦିଆ, ସମୟ ରୈନା ଏବଂ ଅନ୍ୟମାନଙ୍କୁ ସମନ ଜାରି କରିଛନ୍ତି।

ପୁଣି ବିସ୍ଫୋରକ ମନ୍ତବ୍ୟ ଦେଲେ ଟ୍ରମ୍ପ

# ୧୮୨ କୋଟି ପଛରେ ଲାଞ୍ଚ କାରବାର




- ଭାରତକୁ ନିର୍ବାଚନୀ ସହାୟତା ବେଆଇନ
- ଗମ୍ଭୀର ଚିନ୍ତାର ବିଷୟ କହିଲା ବୈଦେଶିକ ମନ୍ତ୍ରାଳୟ
- ପାଣ୍ଠି ପାଉଥିବା ଲୋକଙ୍କ ତଥ୍ୟ ସାର୍ବଜନୀନ କରାଯାଉ: ଉପ-ରାଷ୍ଟ୍ରପତି

ୱାଶିଂଟନ, ୨୧।୨ (ଏଜେନ୍ସି): ଆମେରିକାର ନିର୍ବାଚନୀ ସହାୟତାକୁ ନେଇ ଭାରତରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଶାସକ ଦଳ ବିଜେପି ଏବଂ ବିରୋଧୀ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ପରସ୍ପର ବିରୋଧରେ ଦୁଇ ଦଳ ଦୋଷ ଲଦି ଚାଲିଛନ୍ତି। ବିଜେପି ଏଥିପାଇଁ କଂଗ୍ରେସକୁ ଦାୟୀ କରୁଛି। ତେବେ କଂଗ୍ରେସ ଏହାକୁ ବିରୋଧ କରି ସରକାର ଶ୍ୱେତପତ୍ର ଜାରି କରନ୍ତୁ ବୋଲି ଦାବି କରିଛି। ଏପରି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ୟୁଏସ୍ଏଡ୍‌ର ନିର୍ବାଚନୀ ସହାୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କ୍ରମାଗତ ତୃତୀୟ ଥର ପାଇଁ ପୂର୍ବତନ ଜୋ ବାଇଡେନ ପ୍ରଶାସନର ଏପରି ପାଣ୍ଠି ସହାୟତାକୁ ସମାଲୋଚନା କରିଛନ୍ତି। ଭାରତକୁ ଦିଆଯାଇଥିବା ୧୮୨ କୋଟି ଟଙ୍କାର ନିର୍ବାଚନୀ ସହାୟତାକୁ ଟ୍ରମ୍ପ ବେଆଇନ କହିଛନ୍ତି। ସେ ଏହାକୁ ଲାଞ୍ଚ କାରବାର ବୋଲି ଅଭିହିତ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଏହା ଉପରେ ଆଶ୍ଚର୍ଯ୍ୟ ପ୍ରକଟ କରି କହିଛନ୍ତି ଯେ ଏତେ ଟଙ୍କା ପାଇ ଭାରତ କ'ଣ ଭାବୁଥିବ? ଏହା ଏକ କିକ୍-ବ୍ୟାକ୍( ଲାଞ୍ଚ କାରବାର) ଯୋଜନା। ଯେଉଁମାନେ ଏହି ଟଙ୍କା ଭାରତକୁ ପଠାଉ ଥିଲେ ସେମାନେ ଏଥିରୁ କିଛି ଅଂଶ ପାଉଥିଲେ। ଟ୍ରମ୍ପ କହିଛନ୍ତି ଯେ ମୁଁ କାହିଁକି ଭାରତର ଭୋଟ ହାର ବିଷୟରେ ଚିନ୍ତା କରିବି? ଆମର ବହୁତ ସମସ୍ୟା ରହିଛି। ଆମେରିକାକୁ ନିଜର ଟର୍ଣ୍ଣଆଉଟ (ସମସ୍ୟା) ଉପରେ ଧ୍ୟାନ ଦେବାକୁ ହେବ। ଆମେ ଏ ସବୁ ଯୋଜନାକୁ ବନ୍ଦ କରିଦେଇଛୁ। ଏବେ ସଠିକ୍ ମାର୍ଗରେ ଚାଲିଛୁ।

ଅନ୍ୟପକ୍ଷରେ ନିର୍ବାଚନରେ ୟୁଏସ୍ଏଡ୍‌ର ସହାୟତା ଉପରେ ଭାରତ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ଏହାକୁ ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ ଭାବେ ଦେଖାଯାଉଛି। ଏହି ପ୍ରସଙ୍ଗରେ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଶୁକ୍ରବାର କହିଛନ୍ତି ଯେ ଏହି ସହାୟତା ରିପୋର୍ଟ ଅତ୍ୟନ୍ତ ଚିନ୍ତାର ବିଷୟ। ଆଭ୍ୟନ୍ତରୀଣ ମାମଲାରେ ବିଦେଶୀ ହସ୍ତକ୍ଷେପର ଏହି ମାମଲା ଉପରେ ସମ୍ବନ୍ଧିତ ବିଭାଗ ଏବଂ ଏଜେନ୍ସିଗୁଡିକ ନଜର ରଖିଛନ୍ତି। ତେଣୁ ଏବେ ଏହା ଉପରେ ମନ୍ତବ୍ୟ ଦେବା ଉଚିତ ହେବନାହିଁ। ଏହା ମଧ୍ୟରେ ଭାରତୀୟ ନିର୍ବାଚନ ପ୍ରକ୍ରିୟାରେ ଏଭଳି ହସ୍ତକ୍ଷେପକୁ ଭାରତର ଉପ-ରାଷ୍ଟ୍ରପତି ଜଗଦୀପ ଧନଖର ବିରୋଧ କରିଛନ୍ତି। ସେ ଆଜି ଭାରତର ମଣ୍ଡପମରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଏହାକୁ ଗଣତନ୍ତ୍ର ଉପରେ କ୍ରୁର ଆକ୍ରମଣ ବୋଲି କହିଛନ୍ତି। ଏହି ମାମଲାର ସଠିକ୍ ତଦନ୍ତ କରି ଏଥିରେ ସାମିଲ ଥିବା ଲୋକଙ୍କ ତଥ୍ୟକୁ ସାର୍ବଜନୀନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟପଟେ ଏହି ମାମଲାକୁ ନେଇ ବିଜେପି କଂଗ୍ରେସକୁ ତୀବ୍ର ସମାଲୋଚନା କରିଛି। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାରତ ବିରୋଧୀ ଶକ୍ତିର ଅଂଶବିଶେଷ ବୋଲି ଅଭିଯୋଗ କରାଯାଇଛି। ରାହୁଲ ଭାରତ ବିରୋଧୀ କାର୍ଯ୍ୟକଳାପରେ ସାମିଲ ଥିବା କୁହାଯାଇଛି।

# ଯୋଜନାର ନା ବଦଳିଛି, ୫୯୯ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନି

ଖୋର୍ଦ୍ଧା,୨୧।୨(ରଞ୍ଜିତ ସାମନ୍ତରାୟ)

ଖୋର୍ଦ୍ଧା ଜିଲ୍ଲା ରାଜ୍ୟର ସବୁଠାରୁ ବିକଶିତ ଜିଲ୍ଲା ଭାବେ ପରିଚିତ। ରାଜ୍ୟ ରାଜଧାନୀ ଭୁବନେଶ୍ୱର ଏହି ଜିଲ୍ଲା ଅନ୍ତର୍ଭୁକ୍ତ। ପୂର୍ବ ସରକାର ସମୟରେ ୨୦୨୩ ମସିହା ଅକ୍ଟୋବର ୨୬ ତାରିଖରେ ଖୋର୍ଦ୍ଧା ଜିଲ୍ଲାରେ ଆରମ୍ଭ ହୋଇଥିବା 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଜିଲ୍ଲାର ୧୦ଟି ବ୍ଲକରେ ଥିବା ସମସ୍ତ ପଞ୍ଚାୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। ଗାଁର ବିକାଶ ପାଇଁ ଅନେକ ପ୍ରକଳ୍ପ ଏହି ଯୋଜନାରେ ସ୍ଥାନ ପାଇଥିଲା। ଗ୍ରାମବାସୀ ପଞ୍ଚାୟତରେ ଏକାଠି ହୋଇ ନିଜ ଅଞ୍ଚଳରେ ଆବଶ୍ୟକ ହେଉଥିବା ମନ୍ଦିର ଉନ୍ନତିକରଣ, ପୋଖରୀ ପୁନରୁଦ୍ଧାର, ରାସ୍ତା ନିର୍ମାଣ, ବୈଠକ ଘର, ମିଶନ ଶକ୍ତି ଗୃହ ନିର୍ମାଣ ସହିତ ଆହୁରି ଅନେକ ପ୍ରକଳ୍ପ ସମ୍ପନ୍ନ କରିବାକୁ ଅର୍ଥ ମଞ୍ଜୁର କରାଯାଇଥିଲା। ଜିଲ୍ଲାରେ ୧୦ଟି ବ୍ଲକରେ ମୋଟ ୨୭୫୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ୯୫କୋଟି ଟଙ୍କା ନବୀନ ସରକାରଙ୍କ ସମୟରେ ମଞ୍ଜୁରୀ ପ୍ରଦାନ ହୋଇଥିଲା। ନିଜ ଅଞ୍ଚଳର ବିକାଶ ପାଇଁ ଗ୍ରାମାଞ୍ଚଳର ଲୋକମାନେ କାର୍ଯ୍ୟ ଆରମ୍ଭ ମଧ୍ୟ କରିଥିଲେ।

## ବିକାଶ କେବଳ ପ୍ରଚାର ସଦୃଶ !

ସରକାରୀ ତଥ୍ୟ ଅନୁଯାୟୀ ୨୧୫୪ ପ୍ରକଳ୍ପ କାମ ଚାଲିଥିଲା। ନିର୍ବାଚନ ପରେ ସମସ୍ତ ପ୍ରକଳ୍ପକୁ ହଠାତ୍ ବନ୍ଦ କରିଦିଆଗଲା। ଅନେକ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଁଚିଥିଲେ ମଧ୍ୟ ନୂଆ ସରକାରଙ୍କ ନିଷ୍ପତି ଯୋଗୁ ହଠାତ୍ ବନ୍ଦ ହୋଇଯାଇଛି। ଏ ପର୍ଯ୍ୟନ୍ତ ଜିଲ୍ଲାରେ ବିଭିନ୍ନ ବ୍ଲକରେ ୫୯୯ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଯେଉଁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ସରିଛି ତାହାର ପ୍ରାପ୍ୟ ପ୍ରଦାନ ପାଇଁ ଠିକାଦାରମାନେ ବ୍ଲକରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନିରାଶ ହୋଇ ସାରିଲେଣି।

ସରକାର ବଦଳିବା ପରେ ଯୋଜନା ମଧ୍ୟ ବଦଳିଛି। ତେଣୁ ପୂର୍ବ ଯୋଜନାରେ କାର୍ଯ୍ୟ କରିଥିବା ପ୍ରକଳ୍ପ ପ୍ରାପ୍ୟ ପାଇବା ନେଇ ଏବେ ବି ପ୍ରଶାସନ ତରଫରୁ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଠିକାଦାରମାନଙ୍କୁ ମିଳିନାହିଁ। ତେବେ ଦୀର୍ଘ ୭ମାସ ପରେ ଅର୍ଥାତ୍ ଗତ ୫ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧାର ଜଙ୍କିଆ ଠାରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ପୂର୍ବ ସରକାରଙ୍କ ଯୋଜନା ଆମ ଓଡ଼ିଶା ନବୀନ ଓଡ଼ିଶାର ସମସ୍ତ ପ୍ରକଳ୍ପ ଏହି ଯୋଜନାରେ ସ୍ଥାନ ପାଇବ। ଶେଷ ପର୍ଯ୍ୟାୟରେ ପହଁଚିଥିବା ପ୍ରକଳ୍ପ ମଧ୍ୟ ମଞ୍ଜୁର ମିଳିବ। ତେବେ ମୁଖ୍ୟମନ୍ତ୍ରୀଙ୍କ ଯୋଜନା ଶୁଭାରମ୍ଭ କରିବାର ୧୫ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଫାଇଲ ଖୋଲିନଥିବା ଜଣାଯାଇଛି। ଜିଲ୍ଲାର ୧୦ଟି ବ୍ଲକରେ ଏହିଭଳି ଅବସ୍ଥା ଲାଗି ରହିଛି। ବିଭିନ୍ନ ବ୍ଲକର ପ୍ରଶାସନିକ ଅଧିକାରୀ ନିଜ ପରିଚୟ ଲୁଚାଇ କହିଛନ୍ତି ଯେ ଆମ ଓଡ଼ିଶା ନବୀନ ଓଡ଼ିଶାର ସମସ୍ତ ପ୍ରକଳ୍ପ ବନ୍ଦ କରି ବିଲ୍ ନ କରିବାକୁ ଅଲିଖିତ ନିର୍ଦ୍ଦେଶ ମିଳିଛି। ୫ବର୍ଷରେ ଗଣତାନ୍ତ୍ରିକ ପଦ୍ଧତିରେ ସରକାର ବଦଳିବା ଏକ ଚିରନ୍ତନ ପ୍ରକ୍ରିୟା। ମାତ୍ର ଲୋକଙ୍କ ବିକାଶ ପାଇଁ ଡିଣ୍ଡିମ୍ ପିଟୁଥିବା ସରକାର ବିକାଶ କାର୍ଯ୍ୟରେ ରୋକ୍ ଲଗାଇବା କେତେଦୂର ଠିକ୍ ତାହା ଗ୍ରାମାଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### 'ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା'ର ବାସ୍ତବ ସ୍ଥିତି

| ବ୍ଲକ | ପ୍ରକଳ୍ପ ସଂଖ୍ୟା | ଅନୁଦାନ ମଞ୍ଜୁର | ନିର୍ମାଣାଧିନ ପ୍ରକଳ୍ପ | ଆରମ୍ଭ ହୋଇନି |
|---|---|---|---|---|
| ବାଲିଅନ୍ତା | ୨୬୬ | ୮କୋଟି | ୧୮୫ | ୮୧ |
| ବାଲିପାଟଣା | ୨୪୮ | ୮.୫୦କୋଟି | ୨୦୯ | ୩୯ |
| ବାଣପୁର | ୨୪୪ | ୮.୫୦କୋଟି | ୨୦୬ | ୩୮ |
| ଭୁବନେଶ୍ୱର | ୨୨୪ | ୧୦କୋଟି | ୧୬୧ | ୬୩ |
| ବେଗୁନିଆ | ୩୪୬ | ୧୦.୫୦କୋଟି | ୩୦୬ | ୪୦ |
| ବୋଲଗଡ | ୩୫୧ | ୯.୫୦କୋଟି | ୩୦୦ | ୫୧ |
| ଚିଲିକା | ୨୦୯ | ୮.୫୦କୋଟି | ୨୦୦ | ୦୯ |
| ଜଟଣୀ | ୨୦୩ | ୭.୫୦କୋଟି | ୧୫୬ | ୪୭ |
| ଖୋର୍ଦ୍ଧା | ୨୯୫ | ୧୧କୋଟି | ୧୯୭ | ୯୮ |
| ଟାଙ୍ଗି | ୩୬୭ | ୧୩କୋଟି | ୨୩୪ | ୧୩୩ |
| ମୋଟ | ୨୭୫୩ | ୯୫କୋଟି | ୨୧୫୪ | ୫୯୯ |

# ଲିମ୍ବ ଗଛରୁ ଝରୁଛି କ୍ଷୀର





ନିରାକାରପୁର,୨୧।୨(ସମିସ): ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ୍ୟ। ଲିମ୍ବ ଗଛରୁ ଅହରହ ଝରୁଛି କ୍ଷୀର। ଲିମ୍ବ ଗଛ ମୂଳରେ ଫୁଲ, ଚନ୍ଦନ, ଦୁବ ଓ କ୍ଷୀର ଦେଇ ଲୋକେ କରୁଛନ୍ତି ପୂଜାର୍ଚ୍ଚନା। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ପଞ୍ଚାୟତ ଅଧିନସ୍ଥ ତାଳପଡା ଗ୍ରାମରେ। ତାଳପଡା ଗ୍ରାମ ନିକଟରେ ଥିବା ଏକ ଲିମ୍ବ ଗଛରୁ କ୍ଷୀର ଝରିବା ଘଟଣା ପ୍ରଘଟ ହେବାରେ ଏହାକୁ ଦେଖିବା ପାଇଁ ପାଇଁ ଲୋକଙ୍କ ଧାଡି ଲାଗିଛି। ଲୋକମାନେ ଗଛ ପାଖରେ ପହଞ୍ଚି ଅଲୌକିକ ଘଟଣା ଦେଖିବା ସହିତ ମୁଣ୍ଡିଆ ମାରି ପୂଜାର୍ଚ୍ଚନା କରୁଛନ୍ତି। ଏନେଇ ସ୍ଥାନୀୟ ଲୋକେ ଠାକୁରଙ୍କ ଆବିର୍ଭାବ ବୋଲି ବିଶ୍ୱାସ କରୁଛନ୍ତି।

# ୭୫ ବୋତଲ ଦେଶୀ ମଦ ଜବତ

ଜଟଣୀ,୨୧।୨(ସମିସ) : ଜଟଣୀ ପୁଲିସ ଗତକାଲି ଶ୍ରୀଧର ଆଚାର୍ଯ୍ୟ ନାମକ ଜଣେ ପେଷାଦାର ଚୋରା ମଦ ବେପାରୀଙ୍କ ଠାରୁ ୭୫ ବୋତଲ ଆସ୍କା ୪୦ ଜବତ କରି କୋର୍ଟ ଚାଲାଣ କରିଛି। ନୂତନ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ଯୋଗଦାନ ପରେ ଚୋରା ମଦ କାରବାର ଉପରେ କଡ଼ା ନଜର ଦେଇଛନ୍ତି।

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

# ୧୩୬ କେନ୍ଦ୍ରରେ ପରୀକ୍ଷା ଦେଲେ ୨୬୭୭୦ ଛାତ୍ରଛାତ୍ରୀ

### ପରୀକ୍ଷା ସମୟରେ ମେଳା ମହୋତ୍ସବ ନେଇ ଉଦ୍‌ବେଗ

**ଖୋର୍ଦ୍ଧା:** ଜିଲ୍ଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ସଦର ମହକୁମାରେ ଆରମ୍ଭ ହୋଇଛି ଜିଲ୍ଲା ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା। ଏହା ଚଳିତ ମାସ ୨୦ରୁ ୨୪ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳା ମହୋତ୍ସବ ଖୋର୍ଦ୍ଧା ସହର ମଧ୍ୟରେ ହାବେଳୀ ପଡିଆରେ ଆୟୋଜିତ ହୋଇଛି। ବର୍ତ୍ତମାନ ପରୀକ୍ଷା ଋତୁ ଚାଲୁଥିବାରୁ ଏହି ମେଳା ମହୋତ୍ସବକୁ ନେଇ ବୁଦ୍ଧିଜୀବୀ, ଶିକ୍ଷାବିତ୍ ମହଲରେ ଘୋର ଉଦବେଗ ପ୍ରକାଶ ପାଇଛି। ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମେଲୋଡି ପ୍ରୋଗ୍ରାମ ଚାଲୁଥିବାରୁ ଆଖପାଖ ଅଞ୍ଚଳରେ ଛାତ୍ର ଛାତ୍ରୀମାନଙ୍କ ପାଠପଢ଼ାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଜିଲ୍ଲା ପ୍ରଶାସନ ଏଭଳି ସମୟରେ ମହୋତ୍ସବ ସହିତ ପଲ୍ଲୀଶ୍ରୀ ମେଳା ଏବଂ ପୁସ୍ତକ ମେଳା ଆୟୋଜନ କରିବାର ଉଦ୍ଦେଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଖୋର୍ଦ୍ଧା,୨୧।୨(ସମିସ): ଆଜିଠାରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷାରେ ଚଳିତ ବର୍ଷ ଜିଲ୍ଲାରେ ୩୩୬ ହାଇସ୍କୁଲର ରେଗୁଲାର ୨୬୯୦୭ ଏବଂ ଏକ୍ସରେଗୁଲାର ୨୯ ପରୀକ୍ଷାର୍ଥୀଙ୍କୁ ମିଶାଇ ମୋଟ ୨୭୦୦୯ଜଣ ପରୀକ୍ଷାର୍ଥୀ ଅଛନ୍ତି। ପ୍ରଥମ ଦିନରେ ରେଗୁଲାର ଏକ୍ସରେଗୁଲାରରେ ୨୩୯ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ପକ୍ଷରୁ ସୂଚନା ମିଳିଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟର ରେଗୁଲାର ଓ ଏକ୍ସ ରେଗୁଲାରରେ ୧୯୫ଜଣ



ପ୍ରଥମ ଦିନରେ ୨୩୯ ଅନୁପସ୍ଥିତ

ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୧୨ଜଣ ଅନୁପସ୍ଥିତ ରହିଛନ୍ତି। ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଇଁ ୨ଟି କେନ୍ଦ୍ର ସମେତ ଜିଲ୍ଲାରେ ମୋଟ ୧୩୬ କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେଉଛି। କପି ରୋକିବା ଲାଗି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ୩ଟି ସ୍କ୍ୱାର୍ଡ ଗଠନ କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନସ୍ତରରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇସ୍କ୍ୱାର୍ଡ ରହିଛି। ବୋର୍ଡ ପକ୍ଷରୁ ମଧ୍ୟ ସ୍ପେଶାଲ ସ୍କ୍ୱାର୍ଡ ଗଠନ କରାଯାଇଥିଲା। ପ୍ରଶ୍ନପତ୍ର ରଖିବା ପାଇଁ ୧୨ଟି ନୋଡାଲ କେନ୍ଦ୍ର ରହିଛି। ସମସ୍ତ କେନ୍ଦ୍ରରେ ଜଣେ ସୁପରିନଟେଣ୍ଡେଣ୍ଟ ଏବଂ ସହାୟକ ସୁପରିନଟେଣ୍ଡେଣ୍ଟ ରହିଛନ୍ତି।

### ଜଟଣୀରେ ୧୩୪୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଅନୁପସ୍ଥିତ ୬୬

ଜଟଣୀ,୨୧।୨(ସମିସ): ଜଟଣୀ ବ୍ଲକ ଅଧୀନରେ ସମସ୍ତ ୨୨ ଟି ୫-ଟି ଉଚ୍ଚ ବିଦ୍ୟାଳୟର ମୋଟ ୧୩୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି। ଚଳିତ ଥର ୯ ଟି ପରୀକ୍ଷା କେନ୍ଦ୍ରରେ ୧୩୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ଦିବ୍ୟାଙ୍ଗ ପରୀକ୍ଷାର୍ଥୀମାନଙ୍କୁ ପ୍ରତି ଘଣ୍ଟାରେ ୨୦ ମିନିଟ ଲେଖାଏଁ ଅଧିକ ସମୟ ଦିଆଯାଇଥିବା ଗୋଷ୍ଠୀ ଶିକ୍ଷାଧିକାରିଣୀ ରଶ୍ମିବାଳା ପରିଡାଙ୍କ ସୂଚନା ଦେଇଛନ୍ତି।

# ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ; ବିହାର ସେମିରେ

ବେଗୁନିଆ,୨୧।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶୁପଲ୍ଲା ଆଥଲେଟିକ ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଛତିଶଗଡ଼ ବିଏମୱାଇ ଫୁଟବଲ କ୍ଲବ ଓ ବିହାର କାମାକ୍ଷା ସ୍ପୋର୍ଟସ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ବିହାର ଦଳ ଟାଇବ୍ରେକର ସହାୟତାରେ ୪-୩ ଗୋଲରେ ବିହାର ଦଳ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ସରପଞ୍ଚ ଅସିତ କୁମାର ତ୍ରିପାଠୀ, ପ୍ରଦୀପ କୁମାର ବାରିକ, କବିତା ମଞ୍ଜରୀ ତ୍ରିପାଠୀ ଓ ପୂର୍ବତନ କ୍ରୀଡା ଶିକ୍ଷକ ନୀଳମଣି ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ କମିଶନର ଦୟାନ ଖାଁଙ୍କ ନେତୃତ୍ୱରେ ରେଫରୀ ପ୍ରସନ୍ନ କୁମାର ନାୟକ ଖେଳ ପରିଚାଳନା କରିଥିବା ବେଳେ ଲାଇନ ମ୍ୟାନ ପ୍ରଫୁଲ୍ଲ ବେହେରା, ସାଇରାମ୍ କିସ୍କୋ ଓ ସଗିର୍ ଅହମ୍ମଦ ସହଯୋଗ କରିଥିଲେ। ଆସନ୍ତା କାଲି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ କୋଲକତା ହାଓଡା ଫ୍ରେଣ୍ଡସ କ୍ଲବ ଓ ବିହାର ମା' କାମାକ୍ଷା ଫୁଟବଲ୍ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

# ସାମ୍ବାଦିକଙ୍କୁ ଆକ୍ରମଣ; ଥାନାରେ ମାମଲା

■ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଭିନ୍ନ ସଂଘ

ଖୋର୍ଦ୍ଧା,୨୧।୨(ସମିସ): ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ପୁଲିସକୁ ଚକମା ଦେଇ ମାଫିଆମାନେ ବେଆଇନ ଖଣି ଚଳାଉଥିବା ବେଳେ ଏନେଇ କିଛିଦିନ ତଳେ ଖବର ପରିବେଷଣ କରିଥିବାରୁ ସାମ୍ବାଦିକଙ୍କୁ ମାଫିଆମାନେ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏଥିରେ ସାମ୍ବାଦିକ ନୂଆଗାଁର ଆକାଶ ବିଶ୍ୱାଳଙ୍କ ସମେତ ତାଙ୍କ ସମ୍ପର୍କୀୟମାନେ ଆହତ ହୋଇଛନ୍ତି।

ସୂଚନା ଅନୁସାରେ, ଶୁକ୍ରବାର ଆକାଶ ଅପରାହ୍ନ ୪ଟାରେ ଘରକୁ ଫେରୁଥିବାବେଳେ ସାମ୍ନାରୁ ଏକ ବାହାଘର ଶୋଭାଯାତ୍ରା ଆସୁଥିଲା। ଉକ୍ତ ଶୋଭାଯାତ୍ରାରୁ ବାହାରି ଖଣି ମାଫିଆ÷ମାନେ ପ୍ରାୟ ୧୫ଜଣ ସଂଘବଦ୍ଧ ହୋଇ ତାଙ୍କୁ ଗାଳିମନ୍ଦ କରିବା ସହ ବିଧା ଗୋଇଠା ମାରି ଆକ୍ରମଣ କରିଥିଲେ। ଏପରିକି ମାରିକି ଖଣିରେ ପୋତିଦେବାକୁ ଧମକ ଦେଇଥିଲେ। ଇଟାରେ ତାଙ୍କ ପିଠିକୁ ଛେଚିଥିଲେ। ଖବର ପାଇ ଆକାଶଙ୍କ ସମ୍ପର୍କୀୟ ତାଙ୍କୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶିକାର ହୋଇଛନ୍ତି। ଆହତ ଅବସ୍ଥାରେ ସମସ୍ତଙ୍କୁ ଖୋର୍ଦ୍ଧା ମେଡିକାଲ ନିଆଯାଇଥିଲା। ପରେ ଆକାଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାକୁ ଓୟୁଡବ୍ଲ୍ୟୁଜେ ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ ହାତୀ, ଓୟୁଜେ ଖୋର୍ଦ୍ଧା ଜିଲ୍ଲା ସଭାପତି ତପନ ନାୟକ, ଉତ୍କଳ ସଂଘ ଖୋର୍ଦ୍ଧା ଜିଲ୍ଲା ଅବ୍ୟକ୍ତ ହରିହର ଖାଡଙ୍ଗା, ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ ପ୍ରମୁଖ ନିନ୍ଦା କରିବା ସହ ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଚିଲିକାରେ ୧୪୧୫ ଓ ବାଣପୁରରେ ୧୯୪୩ ପରୀକ୍ଷାର୍ଥୀ

ବାଲୁଗାଁ, ୨୧।୨ (ସମିସ): ଶୁକ୍ରବାର ଠାରୁ ମାଟ୍ରିକ୍ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଯାଇଛି। ପ୍ରଥମ ଦିବସରେ ସାହିତ୍ୟ ପରୀକ୍ଷାରେ ଚିଲିକା ବ୍ଲକର ୯ଟି କେନ୍ଦ୍ରରେ ଫର୍ମ ପୂରଣ କରିଥିବା ୧୪୨୪ ଜଣକ ମଧ୍ୟରୁ ୧୪୧୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାସ୍ଥଳେ ୯ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି। ବାଲୁଗାଁ ଉଚ୍ଚ ବିଦ୍ୟାଳୟକୁ ନୋଡ଼ାଲ ସେଣ୍ଟର ଭାବେ ଚିହ୍ନଟ କରାଯାଇଥିବା ବେଳେ ବାଲୁଗାଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ଶହ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଚିଲିକା ନୋଡାଲ ହାଇସ୍କୁଲ ବଡ଼କୁଳ କେନ୍ଦ୍ରରେ ୧୯୪, ଲକ୍ଷ୍ମୀଧର ନୋଡ଼ାଲ ହାଇସ୍କୁଲ ହରିପୁର ଶାସନ ୧୬୫, ଚିଲିକା ଉଚ୍ଚ ବିଦ୍ୟାପୀଠ ହାଟବରଡ଼ି ୧୨୨, ଭଗବତୀ ବିଦ୍ୟାପୀଠ ସୋରଣ ୨୨୨, କାଳୁପଡ଼ା ଘାଟ ନୋଡାଲ ହାଇସ୍କୁଲ ୧୮୬, ପଞ୍ଚୁପଲ୍ଲି ସୋମନାଥ ନୋଡାଲ ହାଇସ୍କୁଲ ଆଙ୍କୁଲାଚଟି କେନ୍ଦ୍ରରେ ୧୦୩ ଜଣ, ଭାଲେରୀ ଉଚ୍ଚ ବିଦ୍ୟାଳୟ, ଚାଷଙ୍ଗରା ୧୨୫ ଜଣ ଓ ଯୁଗଳ ଚରଣ ବାଳିକା ବିଦ୍ୟାପୀ. ବାଲୁଗାଁ କେନ୍ଦ୍ରରେ ୧୦୭ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ବାଲୁଗାଁ ଉଚ୍ଚ ବିଦ୍ୟାଳୟ ନୋଡ଼ାଲ ସେଣ୍ଟରରୁ ପ୍ରଶ୍ନପତ୍ର କଡ଼ାସୁରକ୍ଷା ମଧ୍ୟରେ ବିଭିନ୍ନ କେନ୍ଦ୍ରରେ ପହଞ୍ଚିବାର ସୁବ୍ୟବସ୍ଥା କରାଯାଇଥିବା ନୋଡ଼ାଲ ସେଣ୍ଟର ପରିଚାଳିକା ସ୍ୱାଧିନା ମଞ୍ଜରୀ ବେହେରା ସୂଚନା ଦେଇଛନ୍ତି। ମାଟ୍ରିକ୍ ପରୀକ୍ଷାକୁ ବିଇଓ ଚିଲିକା କିଶୋରଚନ୍ଦ୍ର ଦାଶ ଓ ଏବିଇଓ ନିଳାଦ୍ରି ଭୂଷଣ ଦାଶ ତଦାରଖ କରୁଛନ୍ତି। ସେହିପରି ବାଣପୁର ବ୍ଲକର ୮ଟି କେନ୍ଦ୍ରରେ ସମୁଦାୟ ୧୯୬୦ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ମୋଟ ୧୯୪୩ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ସ୍ଥଳେ ୧୭ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି। ବାଣପୁର ଗୋଦାବରୀଶ ବିଦ୍ୟାପୀଠକୁ ନୋଡ଼ାଲ ସେଣ୍ଟର କରାଯାଇଥିବା ବେଳେ ଏଠାରେ ୨୯୪ ପରିକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ-୧ କେନ୍ଦ୍ରରେ ୨୦୬, ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ-୨ କେନ୍ଦ୍ରରେ ୨୭୦, ବାନାମ୍ବର ଏକାଡ଼େମୀ ଭୀମପୁର କେନ୍ଦ୍ରରେ ୨୬୨, ଭେଟିନାଥ ଦେବ ଉଚ୍ଚ ବିଦ୍ୟାଳୟ ଭେଟେଶ୍ୱର କେନ୍ଦ୍ରରେ ୩୨୫, ପତିତପାବନ ବାଣୀମନ୍ଦିର ଗମ୍ଭାରୀମୁଣ୍ଡା କେନ୍ଦ୍ରରେ ୨୫୧, ଗୋଦାବରୀଶ ଉଚ୍ଚ ବିଦ୍ୟାଳୟ ନାଚୁଣୀ କେନ୍ଦ୍ରରେ ୧୮୮ ଜଣ ଓ ଖଣନ୍ତ ଅପଗ୍ରେଡେଡ ହାଇସ୍କୁଲ କେନ୍ଦ୍ରରେ ୧୪୭ ପରିକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଉଥିବା ଜଣାଯାଇଛି।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ଗିରଫ

ବାଣପୁର: ୨୧।୨(ସମିସ) ; ବାଣପୁର ଥାନା ଅନ୍ତର୍ଗତ ଚମ୍ପାଦେଇପୁର ବାଲୁଙ୍କେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ସ୍ୱପ୍ନା ନାୟକ (ଛଦ୍ମନାମ) ଙ୍କୁ ଅସଦାଚରଣ ଅଭିଯୋଗରେ ଉକ୍ତ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ସେଠୀ ଗିରଫ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଛାତ୍ରୀ ଜଣକ ଏକାକି ଶ୍ରେଣୀ ଗୃହରେ ଥିବା ବେଳେ ଏହାର ସୁଯୋଗ ନେଇ ଶିକ୍ଷକ ଶ୍ରୀ ସେଠୀ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଚିତ୍କାର କରିବାରୁ ପାଟି କଲେ ଜୀବନରୁ ମାରିଦେବାକୁ ଉକ୍ତ ଶିକ୍ଷକ ଧମକ ମଧ୍ୟ ଦେଇଥିଲେ। ଛାତ୍ରୀ ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବାରେ ପରିବାର ପକ୍ଷରୁ ବାଣପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନା ଅଧିକାରୀ ରାମଶ କୁମାର ଦେବତା ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

● କାଇପଦର ୩ୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ରାଇଜିଂ ଷ୍ଟାର୍ କୁମାରବସ୍ତ

ଖୋର୍ଦ୍ଧା,୨୧।୨(ସମିସ): ଖୋର୍ଦ୍ଧା ଉପକଣ୍ଠ କାଇପଦରଠାରେ ଚାଲିଥିବା ୩ୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ମ୍ୟାଚ ରାଇଜିଂଷ୍ଟାର କୁମାରବସ୍ତ ଓ ଇଗଲ ସ୍ପୋର୍ଟିଂ ମେଣ୍ଟାଶାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଇଗଲ ସ୍ପୋର୍ଟିଙ୍ଗ ମେଣ୍ଟାଶାଳ ଦଳ ବ୍ୟାଟିଂ କରି ୨୦ ଓଭର ଖେଳି ସମସ୍ତ ୱିକେଟ୍ ବିନିମୟରେ ୧୪୦ ରନ୍ କରିଥିଲା। ଦଳ ପକ୍ଷରୁ ଲକ୍ଷ୍ମୀଧର ସାହୁ ୩୩ ବଲରୁ ୪୬ ରନ କରିଥିଲେ।



ଜବାବରେ ରାଇଜିଂଷ୍ଟାର କୁମାରବସ୍ତ ୧୨.୫ ଓଭର ଖେଳି ୭ ୱିକେଟ ହରାଇ ୧୪୨ ରନ୍ କରିଥିଲା। ଫଳରେ ରାଇଜିଂଷ୍ଟାର କୁମାରବସ୍ତ ୩ ୱିକେଟରେ ଇଗଲ ସ୍ପୋର୍ଟିଙ୍ଗ ମେଣ୍ଟାଶାଳକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ରାଇଜିଂ ଷ୍ଟାର କୁମାରବସ୍ତ ଦଳର ଅଭିଷେକ ପଟ୍ଟନାୟକ ୪୭ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ସୁରେନ୍ଦ୍ର ଚମ୍ପତିରାୟ ଓ ଝଜ କିଶୋର ସାମନ୍ତରାୟ ପରିଚାଳନା କରିଥିବାବେଳେ ସ୍କୋରର ସୌମ୍ୟରଞ୍ଜନ ପାଇକରାୟ ଓ ସନ୍ଦିପ ଛୋଟରାୟ ଏବଂ ଭାଷ୍ୟକାର ପ୍ରଦୀପ ସିଂ, ହୃଦାନନ୍ଦ ପ୍ରଧାନ ରହିଥିଲେ। ଆଜିର ମ୍ୟାଚ୍‌ରେ ଅତିଥି ଭାବେ ପ୍ରଦିପ ଛୋଟରାୟ, ନିରଞ୍ଜନ ସାମନ୍ତରାୟ, ମିନତି ହରିଚନ୍ଦନ, ସମାଜସେବୀ ଶୁଭ୍ରାଂଶୁ ଚମ୍ପତିରାୟ, ପ୍ରମୋଦ ସିଂ, ପାର୍ଥସାରଥୀ ରାଉତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

# 'ମାତୃଭାଷାର ବହୁଳ ବ୍ୟବହାର ଓଡ଼ିଆ ଭାଷାକୁ ଦୀର୍ଘସ୍ଥାୟୀ କରିବ'








ଖୋର୍ଦ୍ଧା,୨୧।୨(ସମିସ): ଆନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ଆଜି ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ମାନଙ୍କରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ଏହି ଦିବସକୁ ପାଳନ କରାଯାଇଛି।

**କୋଣାର୍କ ସାହିତ୍ୟ ସଂସଦ :** କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ବିଡ଼ିଏ କଲୋନୀ ଗାୟତ୍ରୀ ପ୍ରଜ୍ଞାପୀଠ ପରିସରରେ ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟିକ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଓଡ଼ିଆ ଭାଷାର ପ୍ରାଚୀନତା, ମୌ÷ଳିକତା ଓ ଓଡ଼ିଆ ବର୍ଣ୍ଣମାଳାର ବୈଜ୍ଞାନିକ ଉଚ୍ଚାରଣ ସମ୍ପର୍କରେ ମତ ରଖିଥିଲେ। ବିଶିଷ୍ଟ ଗାଳ୍ପିକ ସୁନୀଲ କୁମାର ବୋଷ, ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକ ପ୍ରମୁଖ ମାତୃଭାଷାର ବହୁଳ ବ୍ୟବହାର ଓଡ଼ିଆ ଭାଷାକୁ ଦୀର୍ଘସ୍ଥାୟୀ କରିବ ବୋଲି ମତ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠନାଥ ରାଜଗୁରୁ, ଶାନ୍ତିଲତା ବଳିଆରସିଂହ, ଡ. ବୃନ୍ଦାବନ ପଣ୍ଡା, ରାଜକିଶୋର ବଳିଆରସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଅଧ୍ୟାପକ ତୁଷାର ପାଲଟାସିଂହ, ଦେବରାଜ ପ୍ରଧାନ, ରାଜେନ୍ଦ୍ର କୁମାର ନରେନ୍ଦ୍ର, ଜ୍ଞାନ ରଞ୍ଜନ ଦାଶ, ସୁରେଶ ଚନ୍ଦ୍ର ବିଶ୍ୱାଳ, ବିକ୍ରମ କେଶରୀ ଚମ୍ପତି, ବଂଶୀଧର ଦାସ, ସତ୍ୟବାନ ଶ୍ରୀଚନ୍ଦନ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଫୁଲ୍ଲ କୁମାର ଦାସ, ନଳିନୀ ଦାଶ ଓ ନୀଳାଦ୍ରିନାଥ ଜଗଦ୍ଦେବ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବି ଗୋବିନ୍ଦଚନ୍ଦ୍ର ମହାରଣା, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ, ଚପଳା କୁମାରୀ ପଣ୍ଡାଙ୍କ ସଂଯୋଜନାରେ ଶାନ୍ତିଲତା ଦେବୀ, ଦିବ୍ୟଲୋଚନ ଭାରିମଲ୍ଲ, କୈଳାସ ଚନ୍ଦ୍ର ପୃଷ୍ଟି, ପ୍ରହଲ୍ଲାଦ ବାରିକ, ପ୍ରଫୁଲ୍ଲ ଦାସ, ନରୋତମ ମାହାନ୍ତା, ଜ୍ୟୋତିରଞ୍ଜନ ସାହୁ ପ୍ରମୁଖ ୧୨ଜଣ କବିତା ପାଠ କରିଥିଲେ।

**ସିଗମା ପବ୍ଲିକ ସ୍କୁଲ:** ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ସିଗମା ପବ୍ଲିକ ସ୍କୁଲ ପକ୍ଷରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ଶିକ୍ଷୟତ୍ରୀ ସୁମିତା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ସ୍କୁଲର ପ୍ରତିଷ୍ଠାତା ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଏବଂ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଯୋଗ ଦେଇଥିଲେ। ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆନ୍ତର୍ଜାତୀୟ ମାତୃଭାଷା ସଂଜ୍ଞା ସମ୍ପର୍କିତ ବକ୍ତୃତା, ଓଡ଼ିଆ ଭାଷାରେ ସମ୍ବାଦ ପତ୍ର ପଠନ, ପୁସ୍ତକ ପଠନ, ଓଡ଼ିଶାର ୩୦ଟି ଜିଲ୍ଲା ସମ୍ପର୍କରେ ଶ୍ରୁତଲିଖନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ବ୍ୟତୀତ ବଙ୍ଗାଳୀ ଏବଂ ଭୋଜପୁରୀ ଭାଷାଭିତ୍ତିକ ଛାତ୍ରଛାତ୍ରୀ, ଶିକ୍ଷୟତ୍ରୀ ନିଜ ନିଜର ମାତୃଭାଷା ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। ଶେଷରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

**ଭାଟପଡା ସରକାରୀ ଉ.ପ୍ରା. ବିଦ୍ୟାଳୟ:** କାଇପଦ କ୍ଲଷ୍ଟର ଅଧୀନ ଭାଟପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଟୁକୁନା ପାତାଳ ସିଂହଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ମାତୃ ଭାଷା ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ସଭାପତି ଶ୍ରୀ ପାତାଳସିଂ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଅଗାଧୁ ସେଠୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ମନୋଜ ବାସିନୀ ପାଇକରାୟ ଓ ତୃପ୍ତିଲତା ସାମନ୍ତସିଂହାର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ପ୍ରସନ୍ କୁମାର ରଥ ଧନ୍ୟବାଦ୍ ଦେଇଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୮
- ପାଉଣ୍ଡ ୧୦୯.୫୪
- ୟୁରୋ ୮୧.୧୭
- ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୦,୭୦୦ (ଭୁବନେଶ୍ୱର)
- ରୁପା : ୧,୦୦,୦୧୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୩୧୧.୦୦
- ନିଫ୍ଟି ୨୨,୭୯୫.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

● ଛୋଟ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ

# କେନ୍ଦ୍ର ସରକାର ଆଣିବେ ୫ ଲକ୍ଷ ସୀମାଥିବା କ୍ରେଡିଟ୍ କାର୍ଡ

**ନୂଆଦିଲ୍ଲୀ,୨୧।୨(ଏଜେନ୍ସି):** ଛୋଟ ବ୍ୟବସାୟକୁ ପ୍ରୋତ୍ସାହନ ଦେବା ନିମନ୍ତେ କେନ୍ଦ୍ର ସରକାର କ୍ଷୁଦ୍ର ଉଦ୍ୟୋଗ ପାଇଁ ୫ଲକ୍ଷ ଟଙ୍କା ସୀମା ଥିବା କ୍ରେଡିଟ୍ କାର୍ଡ ଜାରି କରିବେ। ନିକଟରେ ବଜେଟ୍ ଉପସ୍ଥାପନ ସମୟରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଏ ସମ୍ପର୍କରେ ଘୋଷଣା କରିଥିଲେ । ଏହି ଅନୁଯାୟୀ, ଆମେ ଉଦ୍ୟମ ପୋର୍ଟାଲରେ ରେଜିଷ୍ଟର୍ଡ ମାଇକ୍ରୋ ଅର୍ଥାତ ଅଣୁ ଉଦ୍ୟୋଗଙ୍କ ନିମନ୍ତେ ୫ଲକ୍ଷ ଟଙ୍କା ସୀମା ଥିବା ବିଶେଷ କଷ୍ଟମାଇଜଡ୍ କ୍ରେଡିଟ୍ କାର୍ଡ ଆରମ୍ଭ କରିବୁ। ପ୍ରଥମ ବର୍ଷ ଏହି ଯୋଜନାରେ ୧୦ ଲକ୍ଷ କାର୍ଡ ଜାରି କରାଯିବ। ସରକାର ଅଣୁ ଓ ଲଘୁ ଉଦ୍ୟମ ନିମନ୍ତେ କ୍ରେଡିଟ ଗ୍ୟାରେଣ୍ଟି କଭରକୁ ୫ କୋଟିରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି।

# ଡିପ୍‌ସିକ୍ ଭଳି ଏଆଇ ଆଣିବ ଭାରତ

ନୂଆଦିଲ୍ଲୀ,୨୧।୨(ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ନେଇ ସାରା ବିଶ୍ୱରେ ବର୍ତ୍ତମାନ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଚୀନ୍, ଆମେରିକା, ଜାପାନ ଭଳି ଦେଶ ଏଥିରେ ଆଗରେ ରହିଛନ୍ତି । ଚୀନ୍ ଡିପ୍‌ସିକ ଲଞ୍ଚ୍ କରିବା ପରେ ପୂରା ବିଶ୍ୱରେ ଏହାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି। ବେଜିଂର ଏହି ସଫଳତା ପରେ ସବୁଠୁ ଅଧିକ ଚିନ୍ତାରେ ପଡ଼ିଯାଇଛି ଆମେରିକା। ଭାରତ ଏବେ ଏହି ସମାନ ଧରଣର ଏଆଇ ଆବିଷ୍କାର ଦିଗରେ ଗବେଷଣା ଆରମ୍ଭ କରିଦେଇଛି। କୁହାଯାଇଛି, ଆଗାମୀ ୧୦ ମାସ ଭିତରେ ଭାରତ ଏଆଇ ଦୁନିଆରେ ବଡ଼ ବିସ୍ଫୋରଣ କରିବ। ଭାରତ ସରକାର ବର୍ତ୍ତମାନ ଏହି ମହତ୍ୱାକାଂକ୍ଷୀ ଏଆଇ ମିଶନରେ ଲାଗିପଡ଼ିଛନ୍ତି।

**୮ମ ବେତନ ଆୟୋଗ**

# ୫୦% ବଢ଼ିବ ସବୁ କର୍ମଚାରୀଙ୍କ ଦରମା

**ନୂଆଦିଲ୍ଲୀ,୨୧।୨(ଏଜେନ୍ସି):**




କେନ୍ଦ୍ର ସରକାର ଚଳିତଥର ବଜେଟ୍ ଉପସ୍ଥାପନ ପୂର୍ବରୁ କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ୮ମ ବେତନ ଆୟୋଗ ଗଠନକୁ ଅନୁମୋଦନ ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କେନ୍ଦ୍ରୀୟ କର୍ମଚାରୀମାନେ ଏହାର ଗଠନ ଘୋଷଣା ଏବଂ ସରକାରଙ୍କଠାରୁ ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକୁ ଅପେକ୍ଷା କରିଛନ୍ତି। ଯଦି ଆମେ ପୂର୍ବ ବେତନ ଆୟୋଗ ଗଠନ ପାଇଁ ଲାଗିଥିବା ସମୟକୁ ଦେଖିବା, ତେବେ ଏହା ଅନୁମୋଦନର ୨ରୁ ୫ ମାସ ମଧ୍ୟରେ ଗଠନ କରାଯାଇଥିଲା। ହେଲେ ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ଅନେକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କେନ୍ଦ୍ରୀୟ କର୍ମଚାରୀଙ୍କୁ ପ୍ରତିନିଧିତ୍ୱ କରୁଥିବା କିଛି ସଂଗଠନ ସମସ୍ତ ଚାକିରି ସ୍ତରରେ ସମାନ ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହାର ଅର୍ଥ ହେଉଛି ସମସ୍ତ କର୍ମଚାରୀଙ୍କ ଦରମା ବୃଦ୍ଧି ସମାନ ଫିଟମେଣ୍ଟ ଫ୍ୟାକ୍ଟର ଅଧୀନରେ କରାଯିବା ଉଚିତ୍। ଏକ ରିପୋର୍ଟରେ ନ୍ୟାସନାଲ କାଉନ୍‌ସିଲ୍ ଅଫ୍ ଜଏଣ୍ଟ କନସଲଟେଟିଭ୍ ମେସିନେରୀ (ଏନ୍‌ସି-ଜେସିଏମ୍) ସଚିବ ଶିବ ଗୋପାଳ ମିଶ୍ର କହିଛନ୍ତି, ଆମେ ଚାହୁଁଛୁ ଯେ ଫିଟମେଣ୍ଟ ଫ୍ୟାକ୍ଟର ସମସ୍ତ ପେ ବ୍ୟାଣ୍ଡରେ ସମାନ ହେଉ, ତାହା ପେ ବ୍ୟାଣ୍ଡ ୧ ହେଉ କିମ୍ବା ପେ ବ୍ୟାଣ୍ଡ ୪। ଏହା ୮ମ ବେତନ ଆୟୋଗ ପୂର୍ବରୁ ଆମର ଦାବି ହେବ। ଏପରି ପରିସ୍ଥିତିରେ ପ୍ରଶ୍ନ ଉଠୁଛି ଯେ ଅଷ୍ଟମ ବେତନ ଆୟୋଗ ଅନୁଯାୟୀ ସମସ୍ତ କେନ୍ଦ୍ରୀୟ କର୍ମଚାରୀଙ୍କ ଦରମା ୫୦ ପ୍ରତିଶତ ବୃଦ୍ଧି ପାଇବ କି ?

ଏଠାରେ ସୂଚନାଯୋଗ୍ୟ ଯେ, ଚଳିତବର୍ଷ ଜାନୁଆରୀରେ କେନ୍ଦ୍ରୀୟ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ୮ମ ବେତନ ଆୟୋଗ ଗଠନକୁ ମଞ୍ଜୁରୀ ଦେଇଥିଲେ, ଯେତେବେଳେ ୭ମ ବେତନ ଆୟୋଗ ଏହି

## ସମସ୍ତ ପେ' ବ୍ୟାଣ୍ଡ ପାଇଁ ସମାନ ଫିଟ୍‌ମେଣ୍ଟ ଫ୍ୟାକ୍ଟର ଦାବି

ବର୍ଷ ଶେଷ ହେଉଛି। ନୂତନ ଆୟୋଗର ସର୍ତ୍ତାବଳୀ ଏବଂ ସଦସ୍ୟମାନଙ୍କ ନାମ ସରକାର ଘୋଷଣା କରିବେ। ତଥାପି, ଯଦି ସରକାର ୧୦ ବର୍ଷର ବ୍ୟବସ୍ଥାକୁ ଅନୁସରଣ କରନ୍ତି, ତେବେ ନୂତନ ବେତନ ଆୟୋଗ ୨୦୨୬ ଜାନୁଆରୀ ପହିଲାରେ କାର୍ଯ୍ୟକାରୀ ହେବା ଉଚିତ।

ଉଲ୍ଲେଖଯୋଗ୍ୟ ଯେ, ୭ମ ବେତନ ଆୟୋଗ ସମୟରେ, ବ୍ୟାଣ୍ଡ ୧ ଅଧୀନରେ କର୍ମଚାରୀଙ୍କ ଦରମା ସଂଶୋଧନ ପାଇଁ ୨.୫୭ ଫିଟମେଣ୍ଟ ଫ୍ୟାକ୍ଟର ଥିଲା। ତଥାପି, ଆୟୋଗ ପେ ବ୍ୟାଣ୍ଡ ୨ ପାଇଁ ୨.୬୨, ପେ ବ୍ୟାଣ୍ଡ ୩ ପାଇଁ ୨.୬୭ ଏବଂ ପେ ବ୍ୟାଣ୍ଡ ୪ ପାଇଁ ୨.୭୨ ଫିଟମେଣ୍ଟ ଫ୍ୟାକ୍ଟର ବ୍ୟବହାର କରିଥିଲେ, ଯାହା ପେ ବ୍ୟାଣ୍ଡ ୪ ଅଧୀନରେ ଆସୁଥିବା କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ସର୍ବାଧିକ ଦରମା ବୃଦ୍ଧି ହୋଇଥିଲା। ତେବେ ଏକ ରିପୋର୍ଟ ଅନୁଯାୟୀ, ୮ମ ବେତନ ଆୟୋଗ ପାଇଁ କମିଟି ୨.୨୮ ଏବଂ ୨.୮୬ ମଧ୍ୟରେ ଫିଟମେଣ୍ଟ ଫ୍ୟାକ୍ଟର ସ୍ଥିର କରିପାରେ। ଯଦି ଏହା ହୁଏ, ତେବେ କେନ୍ଦ୍ରୀୟ କର୍ମଚାରୀଙ୍କ ମୂଳ ଦରମା ୪୦-୫୦ ପ୍ରତିଶତ ବୃଦ୍ଧି ହେବାର ସମ୍ଭାବନା ରହିଛି।

**କାଙ୍ଗାଳ କଲେ ବିଦେଶୀ ନିବେଶକ**

# ୨୧ ଦିନରେ ଉଠାଇନେଲେ ୨୩ ହଜାର କୋଟି



**ମୁମ୍ବଇ,୨୧।୨(ଏଜେନ୍ସି):** ଗତ କିଛି ମାସ ଧରି ଭାରତୀୟ ଷ୍ଟକ୍ ବଜାରରେ ହ୍ରାସ ଧାରା ଦେଖିବାକୁ ମିଳିଛି, ଯାହା ଫେବୃଆରୀ ମାସରେ ମଧ୍ୟ ଜାରି ରହିଛି। କାରଣ ଫେବୃଆରୀ ମାସ ଭାରତୀୟ ଷ୍ଟକ୍ ବଜାର ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇନାହିଁ। ଏମିତିକି ଗତ ୨୧ ଦିନରେ ସେନସେକ୍ସରେ ୨୦୦୦ ପଏଣ୍ଟ ହ୍ରାସ ଘଟିଛି। କେବଳ ଏତିକି ନୁହେଁ, ୨୧ ଦିନରେ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ ୨୩ ହଜାର କୋଟି ଟଙ୍କାର ସେୟାର ବିକ୍ରି କରିଛନ୍ତି। ଏହି ବିକ୍ରି ଭାରତୀୟ ଷ୍ଟକ୍ ବଜାର ଉପରେ ସିଧାସଳଖ ପ୍ରଭାବ ପକାଉଛି, ଯାହା ଫଳରେ ନିବେଶକଙ୍କ ପୋର୍ଟଫୋଲିଓ ଲାଲ୍ ହୋଇଯାଉଛି। ଜାନୁଆରୀ ପୂର୍ବରୁ ମଧ୍ୟ ବିଦେଶୀ ନିବେଶକମାନେ ଘରୋଇ ପୁଞ୍ଜି ବଜାରରେ ବହୁଳ ପରିମାଣରେ ଷ୍ଟକ୍ ବିକ୍ରି କରି ୭୮,୦୨୭ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। ଏଥିରେ ସ୍ମଲ୍ କ୍ୟାପ୍ ଏବଂ ମିଡ୍ କ୍ୟାପ୍ ଷ୍ଟକ୍ ନିବେଶକମାନଙ୍କୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇଛି। ବିଶ୍ୱ ଏବଂ ଘରୋଇ ପ୍ରତିକୂଳ ପରିସ୍ଥିତିର ମିଶ୍ରଣ ପୁଞ୍ଜି ବଜାରରେ ଆତଙ୍କ ସୃଷ୍ଟି କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ, ଚୀନରେ ଏଫଆଇଆଇମାନଙ୍କୁ ଆକର୍ଷିତ କରୁଥିବା ହ୍ୟାଙ୍ଗ ସେଙ୍ଗର ରାଲି ଏବଂ ଘରୋଇ ଭାବେ ତୃତୀୟ ତ୍ରୈମାସିକ କର୍ପୋରେଟ୍ କ୍ଷତି ବଜାରକୁ ବଡ଼ ଝଟ୍‌କା ଦେଉଛି। ବଜାର ଏହାର ରେକର୍ଡ ସର୍ବୋଚ୍ଚ ସ୍ତରରୁ ୧୧,୦୦୦ ପଏଣ୍ଟ ହ୍ରାସ ପାଇଛି। ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠେ ଯେ ବଜାରର ସବୁଠାରୁ ଖରାପ ପର୍ଯ୍ୟାୟ ଶେଷ ହୋଇଗଲାଣି, ନା ଆଗକୁ ଆହୁରି କ୍ଷତି ବାକି ଅଛି ? ଜିଓଜିତ ଫାଇନାନ୍ସିଆଲ୍ ସର୍ଭିସେସର ମୁଖ୍ୟ ନିବେଶ ରଣନୀତିଜ୍ଞ ଡ. ଭିକେ ବିଜୟକୁମାର କହିଛନ୍ତି ଯେ, ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଶୁଳ୍କ ବୟାନବାଜି ନିବେଶକମାନଙ୍କୁ ଭୟଭୀତ କରୁଛି। ବଜାର ଅଟୋ ଏବଂ ଔଷଧ ଭଳି ସମ୍ଭାବ୍ୟ ଶୁଳ୍କ ଲକ୍ଷ୍ୟ ପ୍ରତି ନକାରାତ୍ମକ ପ୍ରତିକ୍ରିୟା ଦେଉଛି। ତଥାପି, ଟ୍ରମ୍ପଙ୍କ ରଣନୀତି ସର୍ବଦା ପ୍ରଥମେ ଧମକ ଦେବା ଏବଂ ପରେ ଆଲୋଚନା କରିବା। ଶୁଳ୍କର ପ୍ରକୃତ ପ୍ରଭାବ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଜଣାନାହିଁ। ଅଧିକ ଶୁଳ୍କ ଆମେରିକାରେ ମୁଦ୍ରାସ୍ଫୀତି ବୃଦ୍ଧି କରିବ, ଯାହା ଫେଡେରାଲ ରିଜର୍ଭର ନିଷ୍ପତ୍ତିକୁ ପ୍ରଭାବିତ କରିବ। ଏପରି ପରିସ୍ଥିତିରେ, ଫେଡ୍ ରିଜର୍ଭ ଏପରି ନିଷ୍ପତ୍ତି ନେଇପାରେ ଯାହା ଆମେରିକୀୟ ଷ୍ଟକ୍ ବଜାରକୁ ପ୍ରଭାବିତ କରିପାରେ। ଟ୍ରମ୍ପଙ୍କ ଇତିହାସକୁ ଦୃଷ୍ଟିରେ ରଖି, ସେ କହିଛନ୍ତି ଯେ ବର୍ତ୍ତମାନର ଅସ୍ଥିରତା କ୍ଷଣସ୍ଥାୟୀ ହୋଇପାରେ, କିନ୍ତୁ ନିକଟ ଭବିଷ୍ୟତରେ ଏଫ୍‌ଆଇଆଇମାନେ ସତର୍କ ରହିବାର ସମ୍ଭାବନା ରହିଛି। ଫେବୃଆରୀରେ ସେନସେକ୍ସ କ୍ରାସ୍ ନିବେଶକମାନଙ୍କୁ ହତଚକିତ କରିଦେଇଥିଲେ ମଧ୍ୟ, ଇତିହାସ ଦର୍ଶାଉଛି ଯେ ଏପରି ତୀକ୍ଷ୍ଣ ସଂଶୋଧନ ପ୍ରାୟତଃ ପୁନରୁଦ୍ଧାର ପାଇଁ ପଥ ପ୍ରଶସ୍ତ କରିଥାଏ। ଗତ ୨୧ ଦିନରେ ବିଦେଶୀ ନିବେଶକମାନେ ଘରୋଇ ବଜାରରୁ ୨୩,୦୦୦ କୋଟି ଟଙ୍କାର ସେୟାର ବିକ୍ରି କରିଛନ୍ତି। ଟ୍ରମ୍ପଙ୍କ ପରବର୍ତ୍ତୀ ଶୁଳ୍କ ପଦକ୍ଷେପ, ଆଗାମୀ ତ୍ରୈମାସିକରେ ଏଫଆଇଆଇଙ୍କ ବିକ୍ରି ଏବଂ କର୍ପୋରେଟ୍ ଆୟରେ ବୃଦ୍ଧି ହେଉଛି ବଜାର ହ୍ରାସ ଜାରି ରହିବ ନା ବନ୍ଦ ହେବ ତାହା ଦେଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ କାରଣ। ବିଶେଷଜ୍ଞଙ୍କ ମତରେ, ବର୍ତ୍ତମାନ ପାଇଁ ନିବେଶକମାନେ ସତର୍କତାର ସହିତ ଆଗକୁ ବଢ଼ିବା ଉଚିତ।

# କାନାରା ବ୍ୟାଙ୍କ ପକ୍ଷରୁ ଭେଟେରାନ୍ସ ମିଟ୍




ଭୁବନେଶ୍ୱର,୨୧।୨(ସମିସ): କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱର ଆଇସିଏମ୍‌ଆର୍ ଅଡିଟୋରିୟମ୍ ହଲ୍‌ଠାରେ ଏହାର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ନିମନ୍ତେ "ଭେଟେରାନ୍ସ ମିଟ୍-୨୦୨୫" ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦର ଅଧ୍ୟକ୍ଷତା କରିଥିଲେ। ଏଥିରେ ୧୫୪ରୁ ଅଧିକ ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ। କିମ୍ସ ହସ୍‌ପିଟାଲର ଅର୍ଥୋଜେରିଆଟ୍ରିକ୍ସ ଡଃ ଶୁଭ୍ରକାନ୍ତ ଚୌଧୁରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅବସର ପରେ ସୁସ୍ଥ ଜୀବନଯାପନ ଅତିବାହିତ କରିବାର ବିଭିନ୍ନ ଉପାୟ ସମ୍ପର୍କରେ ବୁଝାଇ କହିଥିଲେ। ଏଥିରେ କାନାରା ଏଚ୍‌ଏସ୍‌ବିସି ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀର କ୍ଲଷ୍ଟର ଟ୍ରେନିଂ ମ୍ୟାନେଜର ଦୁର୍ଗା ଚରଣ ଚାଟାର୍ଜୀ ଏବଂ କାନାରା ରୋବେକୋ ମ୍ୟୁଚୁଆଲ ଫଣ୍ଡର ଶାଖା ମୁଖ୍ୟ ଶାନ୍ତି ସ୍ୱରୁପ ମିଶ୍ର ବ୍ୟାଙ୍କର ସମ୍ପତ୍ତି ପରିଚାଳନା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଆଇସିଏଆଇ ଭୁବନେଶ୍ୱର ଶାଖାର ନୂତନ ସଦସ୍ୟ ନିର୍ବାଚନ

ଭୁବନେଶ୍ୱର,୨୧।୨(ସମିସ): ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ(ଆଇସିଏଆଇ) ଭୁବନେଶ୍ୱର ଶାଖାରେ ୨୦୨୫-୨୬ର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏ ମହେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷ, ସିଏ ଗୌତମ ଲେଙ୍କା ଉପାଧ୍ୟକ୍ଷ, ସିଏ ପୃଥ୍ୱୀ ରଞ୍ଜନ ପାଢ଼ୀ ସଚିବ , ସିଏ ସୌମ୍ୟ ସୁନୀଲ ସାହୁ କୋଷାଧ୍ୟକ୍ଷ ତଥା ଛାତ୍ର ସଂଗଠନର ଅଧ୍ୟକ୍ଷ, ସିଏ ଗଗନ ବିହାରୀ ଦାସ ପରିଚାଳନା ସମିତି ସଦସ୍ୟ , ସିଏ ପ୍ରଣବ କିଶୋର ଦାସ ଏବଂ ସିଏ ଶାଶ୍ୱତ ତ୍ରିପାଠୀ ନୂତନ ମନୋନୀତ ପାର୍ଥୀ ହୋଇଛନ୍ତି। ନୂତନ ପରିଚାଳନା କମିଟି ସଦସ୍ୟମାନେ ଆଇସିଏଆଇର ସାମଗ୍ରିକ ଉନ୍ନତି ପାଇଁ ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ତୁଲାଇବା ତଥା ସିଏ କ୍ଷେତ୍ରରେ ସମାଜ କଲ୍ୟାଣ ଦିଗରେ ସହଯୋଗ କରିବାରେ ସେମାନଙ୍କର ସର୍ବୋତ୍ତମ ପ୍ରୟାସ ଜାରି ରଖିବେ ବୋଲି ସଂକଳ୍ପ ନେଇଛନ୍ତି।

# ଆଶୀର୍ବାଦ ସୋୟା ଚଙ୍କସ୍‌ର ନୂତନ ଟେଲିଭିଜନ ବିଜ୍ଞାପନ



**ଭୁବନେଶ୍ୱର,୨୧।୨(ସମିସ):** ଆଶୀର୍ବାଦ ସୋୟା ଚଙ୍କସ ଲୋକପ୍ରିୟ ସେଲିବ୍ରିଟି ଦମ୍ପତି ଅର୍ଚ୍ଚିତା ଏବଂ ସବ୍ୟସାଚୀଙ୍କୁ ନେଇ ଏହାର ନୂତନ ଟେଲିଭିଜନ ବିଜ୍ଞାପନ (ଟିଭିସି) ଆରମ୍ଭ କରିଛି। ଏହାର ବିଷୟବସ୍ତୁ ମ୍ୟାକ୍କାନ୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହି ବିଜ୍ଞାପନରେ ଦମ୍ପତିଙ୍କ ଜୀବନ୍ତ କେମେଷ୍ଟ୍ରି ପ୍ରଦର୍ଶିତ ହୋଇଛି କାରଣ ସେମାନେ ରୋଷେଇ ଘରେ ଏକାଠି ହୋଇ ଆଶୀର୍ବାଦ ସୋୟା ଚଙ୍କସ ଦ୍ୱାରା ପ୍ରସ୍ତୁତ ସ୍ୱାଦିଷ୍ଟ ଖାଦ୍ୟ ରୋଷେଇ କରିବା ସହିତ ଉପଭୋଗ କରୁଛନ୍ତି ଯାହା ଅତ୍ୟନ୍ତ ସୁଆଦିଆ। ଏହାର ଆକର୍ଷଣୀୟ ଟ୍ୟାଗ୍ ଲାଇନ୍ 'ଜୁସି ଯେତେ, ବଢ଼ିଆ ସେତେ' ସହିତ ଟିଭିସି ଆଶୀର୍ବାଦ ସୋୟା ଚଙ୍କସର ଜୁସି ଏବଂ ଆନନ୍ଦଦାୟକ ସ୍ୱାଦକୁ ପାଳନ କରିଥାଏ, ଯାହା ପ୍ରତ୍ୟେକ ରୋଷେଇ ଘରେ ଏହା ଏକ ଅତ୍ୟାବଶ୍ୟକ ଖାଦ୍ୟ। ସୁସ୍ଥ ଖାଦ୍ୟକୁ ନେଇ ଆନନ୍ଦ ଓ ସମ୍ପର୍କର ମିଳିତ ମୁହୂର୍ତ୍ତ ସମଗ୍ର ପରିବାର ପାଇଁ ଆଶୀର୍ବାଦର ସ୍ୱାଦିଷ୍ଟ ଭୋଜନ ପ୍ରତିଶ୍ରୁତିକୁ ପ୍ରତିଫଳିତ କରିଥାଏ।

# ଆଇଡିବିଆଇ ପକ୍ଷରୁ ଆଲିମ୍‌କୋରେ ସିଏସ୍‌ଆର୍ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୧।୨ (ସମିସ):** ଆଇଡିବିଆଇ ଲିମିଟେଡ୍ ପକ୍ଷରୁ ସିଏସ୍‌ଆର୍ (କମ୍ପାନୀ ସାମାଜିକ ଦାୟିତ୍ୱବୋଧ) କାର୍ଯ୍ୟକ୍ରମ ଅନ୍ତର୍ଗତ ମଞ୍ଚେଶ୍ୱରସ୍ଥିତ ଆର୍ଟିଫିସିଆଲ୍ ଲିମ୍ବସ ମାନୁଫାକ୍‌ଚରିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଆଲିମ୍‌କୋ)ରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଆଇଡିବିଆଇ ଭୁବନେଶ୍ୱରର ଜୋନାଲ୍ ହେଡ୍ ସୁଜିତ୍ କୁମାର ଏବଂ ଡେପୁଟି ଜୋନାଲ ହେଡ୍ ନିହାର ରଞ୍ଜନ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଖୋର୍ଦ୍ଧା ଡିଏସ୍‌ଏସ୍‌ଓ ଦିଲ୍ଲୀପ କୁମାର ହିଆଲ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ ମାଗଣା ଉପକରଣ ଆଦି ସହାୟତା ପ୍ରଦାନ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଆଲିମ୍‌କୋ ହେଉଛି କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧିନସ୍ଥ ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ।

# ୨୦୪୭ ସୁଦ୍ଧା ଭାରତ ହେବ ଉଚ୍ଚ ଆୟକାରୀ ରାଷ୍ଟ୍ର

**ମାନବ ସମ୍ବଳରେ ଯୋଡି ହେବେ ୨୦ କୋଟି ଲୋକ**

● ନାସ୍‌କମ୍ ରିପୋର୍ଟ



**ନୂଆଦିଲ୍ଲୀ,୨୧।୨(ଏଜେନ୍ସି):**

ଭାରତ ୨୦୪୭ ସୁଦ୍ଧା ୨୩-୩୫ ଟ୍ରିଲିୟନ ଡଲାର ଜିଡିପି ସହିତ ବିଶ୍ୱର ଉଚ୍ଚ-ଆୟକାରୀ ଦେଶମାନଙ୍କ ମଧ୍ୟରେ ସାମିଲ ହେବ। ତେବେ ୮-୧୦ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ସହିତ ଏହା ସମ୍ଭବ ହୋଇପାରିବ। ଏଥିରେ ପାଞ୍ଚଟି ପ୍ରମୁଖ କ୍ଷେତ୍ର ଇଲେକ୍ଟ୍ରୋନିକ୍ସ, ଶକ୍ତି, ରାସାୟନିକ ପଦାର୍ଥ, ଅଟୋମୋଟିଭ୍ ଏବଂ ସେବା ରଣନୈତିକ ବିକାଶ ରୂପରେ କାର୍ଯ୍ୟ କରିବ। ବେନ୍ ଆଣ୍ଡ କମ୍ପାନୀ ଏବଂ ନାସ୍‌କମ୍‌ର ଏକ ରିପୋର୍ଟ ଅନୁଯାୟୀ, ଭାରତ ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ଆଞ୍ଚଳିକ ପରିବର୍ତ୍ତନରୁ ଲାଭ ପାଇବ। ଆଗାମୀ ଦଶନ୍ଧିଗୁଡ଼ିକରେ ଭାରତର ୨୦୦ ନିୟୁତ ବା ୨୦ କୋଟି ଲୋକ କର୍ମଶକ୍ତିରେ ପ୍ରବେଶ କରିବେ ବୋଲି ଆଶା କରାଯାଉଛି। ଏହା ଭାରତ ପାଇଁ ଉଚ୍ଚ-ମୂଲ୍ୟର ନିଯୁକ୍ତି ସୃଷ୍ଟିକୁ ବୃଦ୍ଧି କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସମ୍ଭାବନାକୁ ହାସଲ କରିବାର ଏକ ସୁଯୋଗ ପ୍ରଦାନ କରେ। ବୃଦ୍ଧି ପାଉଥିବା ଆୟ , କୁଶଳୀ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ଏବଂ ଭିତ୍ତିଭୂମିରେ ଉନ୍ନତି ହେଉଛି ଅଭିବୃଦ୍ଧିକୁ ବୃଦ୍ଧି କରୁଥିବା କିଛି ପ୍ରମୁଖ କାରଣ।ରିପୋର୍ଟରେ କୁହାଯାଇଛି ଯେ ଏଆଇ-ସକ୍ଷମ ଚିପ୍ ଡିଜାଇନ୍ ଏବଂ ଉପାଦାନ ନିର୍ମାଣରେ ଅଗ୍ରଗତି ମୂଲ୍ୟ ପ୍ରତିଯୋଗିତା ଏବଂ ନବସୃଜନକୁ ବୃଦ୍ଧି କରିପାରିବ। ଏହି କାରଣରୁ, ୨୦୪୭ ସୁଦ୍ଧା ଏହି କ୍ଷେତ୍ରର ରପ୍ତାନି ୨୪ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି ପାଇବ। ଅର୍ଥନୀତିରେ ଏହାର ଯୋଗଦାନ ୩ ପ୍ରତିଶତରୁ ୧୦ ପ୍ରତିଶତକୁ ବୃଦ୍ଧି ପାଇପାରିବ। ମୋଟ ଶକ୍ତି ଉତ୍ପାଦନରେ ଭାରତର ନବୀକରଣୀୟଯୋଗ୍ୟ ଶକ୍ତିର ଅଂଶ ୨୦୪୭ ସୁଦ୍ଧା ୭୦ ପ୍ରତିଶତରେ ପହଞ୍ଚିପାରେ, ଯାହା ୨୦୨୩ରେ ୨୪ ପ୍ରତିଶତ ରହିଥିଲା। ୨୦୪୭ ସୁଦ୍ଧା ଅଟୋ ଯନ୍ତ୍ରାଂଶ ରପ୍ତାନି କ୍ଷେତ୍ର ୨୦୦-୨୫୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି।

# ଟାଟା ପାୱାର ଓଡ଼ିଶା ଡିସ୍‌କମ୍‌କୁ ଏ+ ରେଟିଂ




**ଭୁବନେଶ୍ୱର,୨୧।୨(ସମିସ):** ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ବିଦ୍ୟୁତ ବିତରଣ କମ୍ପାନୀ (ଡିସ୍‌କମ୍)ଗୁଡ଼ିକ ଭାରତର ୬୩ଟି ବିଦ୍ୟୁତ୍ ୟୁଟିଲିଟି ମଧ୍ୟରେ ଶ୍ରେଷ୍ଠ ଜାତୀୟ ର୍ୟାଙ୍କିଙ୍ଗ ହାସଲ କରିଛନ୍ତି, ଯାହା ଏହି କ୍ଷେତ୍ରରେ ଏହାର ନେତୃତ୍ୱକୁ ଦୋହରାଉଛି। ଆର୍ଥିକ ସ୍ଥାୟିତ୍ୱ, ପ୍ରଦର୍ଶନ ଉତ୍କର୍ଷତା ଓ ବାହ୍ୟ ପରିବେଶ ଭଳି ମାନଦଣ୍ଡ ଆଧାରରେ ୟୁଟିଲିଟିଗୁଡ଼ିକର ଅନୁଶୀଳନ କରି ପ୍ରସ୍ତୁତ କରାଯାଇଥିବା ଏହି ରିପୋର୍ଟକୁ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଉନ୍ମୋଚନ କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ବିଦ୍ୟୁତ୍ କ୍ଷେତ୍ରର ଏକ ଆଞ୍ଚଳିକ ସମୀକ୍ଷା ବୈଠକରେ ଏହି ରାଙ୍କିଙ୍ଗ୍‌କୁ ଜାରି କରାଯାଇଥିଲା। ୬୩ ବିତରଣ ୟୁଟିଲିଟିଗୁଡ଼ିକର ତ୍ରୟୋଦଶ ସମନ୍ୱିତ ରେଟିଂ (୨୦୨୩-୨୪ ଆର୍ଥିକ ବର୍ଷ) ରିପୋର୍ଟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ୟୁଟିଲିଟିଗୁଡ଼ିକ ମଧ୍ୟରେ ଟିପିସିଓଡିଏଲ୍, ଟିପିଏନଓଡିଏଲ ଏବଂ ଟିପିଡବ୍ଲୁଓଡିଏଲ୍ ଏ+ ରେଟିଂ ବଜାୟ ରଖିଛନ୍ତି। ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗରେ ପରିଚାଳିତ ହେଉଥିବା ଏହି ଡିସକମ୍‌ଗୁଡ଼ିକ ପରିଚାଳନା ଦକ୍ଷତା ଓ ଆର୍ଥିକ ପ୍ରଦର୍ଶନରେ ଉଲ୍ଲେଖନୀୟ ଉନ୍ନତି ଆଣି ବିଦ୍ୟୁତ୍ ବଂଟନରେ ସହଯୋଗିତା ଭିତ୍ତିକ ପ୍ରଶାସନର ସଫଳତା ପାଇଁ ଉଦାହରଣ ପାଲଟିଛନ୍ତି। ଏହି ସଫଳତା ସମ୍ପର୍କରେ ଟାଟା ପାୱାରର ଏମ୍‌ଡି ଓ ସିଇଓ ଡ.ପ୍ରବୀର ସିହ୍ନା କହିଛନ୍ତି ଯେ, ଏହି ଜାତୀୟ ମାନ୍ୟତା ଦେଶର ଅଗ୍ରଣୀ ସରକାରୀ-ଘରୋଇ ବିଦ୍ୟୁତ ବିତରଣ କମ୍ପାନୀ ଭାବେ ଓଡ଼ିଶା ଡିସକମଗୁଡ଼ିକର ସ୍ଥିତିକୁ ଦୃଢ଼ କରିଛି।

# ଅଲଗା ହେଲେ ଚହଲ-ଧନଶ୍ରୀ

ନୂଆଦିଲ୍ଲୀ,୨୧।୨(ଏଜେନ୍ସି): ଆଉ ଜଣେ ଭାରତୀୟ କ୍ରିକେଟର ତାଙ୍କ ପତ୍ନୀଙ୍କୁ ଛାଡପତ୍ର ଦେଇ ଅଲଗା ହୋଇଛନ୍ତି। ସେ ହେଉଛନ୍ତ ୩୪ ବର୍ଷୀୟ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ। ଚହଲ ଓ ପତ୍ନୀ ଧନଶ୍ରୀ ବର୍ମାଙ୍କ ଆନୁଷ୍ଠାନିକ ଭାବେ ପରସ୍ପରଠାରୁ ଅଲଗା ହୋଇଛନ୍ତି। ଆଇନଗତ ଭାବେ ଅଲଗା ହୋଇଛନ୍ତି ବୋଲି ଦୁହେଁ ଶୁକ୍ରବାର ଘୋଷଣା କରିଛନ୍ତି। ଧନଶ୍ରୀ ଜଣେ ଜଣାଶୁଣା ନର୍ତ୍ତକୀ ଓ କୋରିଓଗ୍ରାଫ୍ ମଧ୍ୟ।

୧୮ ମାସ ହେବ ଦୁହେଁ ଅଲଗା ରହୁଥିଲେ। ୨୦୨୦ ଡିସେମ୍ବର ୧୧ରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ପରସ୍ପର ସହମତିରେ ଏହି ବିବାହ ବିଚ୍ଛେଦ ହୋଇଛି ବୋଲି ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଗତ କିଛି ଦିନ ହେବ ଦୁହେଁ ଛାଡପତ୍ର ଦେବେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଦୁହେଁ ଆନୁଷ୍ଠାନିକ ଭାବେ ଏ ନେଇ କୌଣସି ମନ୍ତବ୍ୟ ଦେଇ ନଥିଲେ। ଜଣାଶୁଣା ରିୟଲିଟି ଶୋ 'ଝଲକ ଦିଖଲାଜା-୧୧'ରେ ଦୁଇଜଣ ପରସ୍ପରକୁ ଭେଟିଥିଲେ ଓ ଦୁହିଁଙ୍କ ପ୍ରେମକାହାଣୀ ଏହିଠାରୁ ଆରମ୍ଭ ହୋଇଥିଲା।

କୋଭିଡ୍-୧୯ ପାଇଁ ଜାରି କରାଯାଇଥିବା ଲକ୍‌ଡାଇନ୍ ଅବସରରେ ଧନଶ୍ରୀଙ୍କଠାରୁ ନାଚ ଶିଖିବାକୁ ଇଚ୍ଛା ଜାହିର କରିଥିଲେ ଚହଲ। ଧନଶ୍ରୀ ମଧ୍ୟ ତାଙ୍କ ନାଚ ଶିଖାଇବାକୁ ପ୍ରତିଦିନ ଆସୁଥିଲେ। ୨୦୨୩ରେ ଧନଶ୍ରୀ ନିଜ ସୋସିଆଲ ମିଡିଆ ଏକାଉଣ୍ଟର ୟୁଜର ନେମରୁ ଚହଲ ଟାଇଟଲ ହଟାଇଥିଲେ। ଏହାପରଠାରୁ ବିବାହ ବିଚ୍ଛେଦ ନେଇ ଆରମ୍ଭ ହୋଇଥିଲା ଚର୍ଚ୍ଚା। ଉଲ୍ଲେଖଥାଉ କି, ଚହଲ ଏବେ ଭାରତୀୟ ଦଳରୁ ବାଦ୍ ପଡିଆସୁଛନ୍ତି। ସେ ୨୦୨୪ ଟି-୨୦ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଥିଲେ। କିନ୍ତୁ ତାଙ୍କୁ ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନଥିଲା। ଚହଲ ଏପର୍ଯ୍ୟନ୍ତ ଭାରତ ପାଇଁ ୭୨ ଦିନିକିଆ ଓ ୮୦ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୧୨୧ ଓ ୯୬ ୱିକେଟ ନେଇଛନ୍ତି।



# ରଣଜୀ ଟ୍ରଫି: କେରଳ-ବିଦର୍ଭ ଫାଇନାଲ

ନାଗପୁର,୨୧।୨(ଏଜେନ୍ସି):



ଦେଶର ସର୍ବବୃହତ୍ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟୁର୍ଣ୍ଣାମେଣ୍ଟର ୨୦୨୪-୨୫ ସଂସ୍କରଣର ଟାଇଟଲ ପାଇଁ କେରଳ ଓ ବିଦର୍ଭ ପରସ୍ପରକୁ ଭେଟିବେ। ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଫେବୃଆରୀ ୨୬ରୁ ମାର୍ଚ୍ଚ ୨ ତାରିଖ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଠାରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ବିଦର୍ଭ ୮୦ ରନରେ ୪୨ଥର ଚାମ୍ପିଅନ ମୁମ୍ବଇକୁ ପରାସ୍ତ କରି ଫାଇନାଲକୁ ଉଠିଛି। ସେହିପରି ଗୁଜରାଟ ବିପକ୍ଷ ପ୍ରଥମ ସେମିଫାଇନାଲରେ ପ୍ରଥମ ଇନିଂସ ଅଗ୍ରଣୀକୁ ଭିତ୍ତିକରି କେରଳ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛି।

## ମୁମ୍ବାଇ ୮୦ ରନରେ ପରାସ୍ତ

ରଣଜୀ ଟ୍ରଫିରେ ମୁମ୍ବଇ ଏଥର ସେମିଫାଇନାଲରେ ହାରିଛି। ପ୍ରଥମ ପାଳିରେ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିବା ମୁମ୍ବାଇକୁ ଶେଷରେ ମୂଲ୍ୟ ଦେବାକୁ ପଡିଛି। ଟସ୍ ଜିତି ବିଦର୍ଭ ପ୍ରଥମ ପାଳିରେ ୧୦୭.୫ ଓଭରରେ ୩୮୩ ରନ ସଂଗ୍ରହ କରିଥିଲା। ଜବାବରେ ମୁମ୍ବଇ ୯୨ ଓଭରରେ ୨୭୦ ରନ ସଂଗ୍ରହ କରି ୧୧୩ ରନ ପଛରେ ପଡିଥିଲା। ଦ୍ୱିତୀୟ ପାଳିରେ ବିଦର୍ଭ ୧୧୦.୧ ଓଭରରେ ୨୯୨ ରନକରି ଅଲଆଉଟ ହେବା ପରେ ମୁମ୍ବାଇ ସମ୍ମୁଖରେ ୪୦୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ମୁମ୍ବଇ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶୁକ୍ରବାର ୫ମ ଦିବସରେ ୯୭.୫ ଓଭରରେ ୩୨୫ ରନକରି ଅଲଆଉଟ ହେବା ସହ ବିଜୟଠାରୁ ୮୧ ରନ ଦୂରରେ ରହିଯାଇଥିଲା। ପ୍ରଥମ ପାଳିରେ ୫୪ ଓ ଦ୍ୱିତୀୟରେ ୧୫୧ ରନର ଶତକୀୟ ପାଳି ଖେଳିଥିବା ବିଦର୍ଭର ୟଶ ରୋଠୋଡ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଅସମାପ ଦ୍ୱିତୀୟ ଇନିଂସ ସ୍କୋର ୮୩/୩ରୁ ମୁମ୍ବଇ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟର ଆକାଶ ଆନନ୍ଦ ୨୭ ଓ ଶିବମ୍ ଦୁବେ ୧୨ ରନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୩୯ ଓ ୧୨ ରନକରି ଆଉଟ ହୋଇଥିଲେ। ଦଳ ତରଫରୁ ଶାର୍ଦ୍ଦୁଳ ଠାକୁର ସର୍ବାଧିକ ୬୬, ଶାମ୍ସ ମୁଲାନୀ ୪୬, ମୋହିତ ଅବସ୍ଥୀ ୩୪ ରନକରି ଆଉଟ ହୋଇଥିବା ବେଳେ ରଏଷ୍ଟୋନ ଡାଏସ ୨୩ ରନ କରି ଅପରାଜିତ ରହିଛନ୍ତି। ବୋଲିଂରେ ବିଦର୍ଭ ତରଫରୁ ହର୍ଷ ଦୁବେ ସର୍ବାଧିକ ୫, ୟଶ ଠାକୁର ଓ ପାର୍ଥ ରେଖାଡେ ୨ଟି ଲେଖାଏ ୱିକେଟ ନେଇଥିଲେ।

### ■ ଇତିହାସ ସୃଷ୍ଟି କଲା କେରଳ

କେରଳ ପ୍ରଥମଥର ପାଇଁ ରଣଜୀ ଟ୍ରଫି ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛି। ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦି ଷ୍ଟାଡିୟମରେ କେରଳ ଓ ଘରୋଇ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମି ଅମୀମାଂସିତ ରହିଥିଲା। ତେବେ ମାତ୍ର ୨ ରନରେ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରି ଫାଇନାଲ ଟିକଟ ହାସଲ କରି ସମସ୍ତଙ୍କୁ ଚକିତ କରିଛି। ପ୍ରଥମ ପାଳିରେ ଅପରାଜିତ ୧୭୭ ରନର ଶତକୀୟ ପାଳି ଖେଳିଥିବା ମହମ୍ମଦ ଆଝାରୁଦ୍ଦିନ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟସ୍ ଜିତି କେରଳ ପ୍ରଥମ ପାଳିରେ ୧୮୭ ଓଭରରେ ୪୫୭ ରନ ସଂଗ୍ରହ କରିଥିଲା। ଜବାବରେ ଗୁଜରାଟ ୧୭୪. ୪ ଓଭରରେ ୪୫୫ ରନକରି ମାତ୍ର ୨ ରନ ପଛରେ ପଡିଥିଲା। ଏହାପରେ କେରଳ ଦ୍ୱିତୀୟ ପାଳି ଆରମ୍ଭ କରି ଶୁକ୍ରବାର ୫ମ ଦିବସ ଖେଳ ଶେଷ ସୁଦ୍ଧା ୪୬ ଓଭରରେ ୪ ୱିକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲା। ଜଲାଜ ସାକ୍‌ସେନା ୩୭ ଓ ଅହମ୍ମଦ ଇମରାନ ୧୪ ରନକରି ଅପରାଜିତ ରହିଥିଲେ। ଓପନର ରୋହନ କନୁମାଲ ୩୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ଗୁଜରାଟ ତରଫରୁ ସିଦ୍ଧାର୍ଥ ଦେଶାଇ ଓ ମନନ୍ ହିଙ୍ଗ୍ରାଜିଆ ୨ଟି ଲେଖାଏ ୱିକେଟ ନେଇଥିଲେ।

■ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ

# ଅଧିକ ଚାପରେ ପାକିସ୍ତାନ

ଦୁବାଇ,୨୧।୨(ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫି ଗ୍ରୁପ୍-ଏ'ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନକୁ ସ୍ଥାନ ମିଳିଛି। ଉଭୟ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍ ଖେଳିସାରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ନିକଟରୁ ୬୦ ରନ୍‌ରେ ପାକିସ୍ତାନ ପରାଜିତ ହୋଇଛି। କିନ୍ତୁ ଭାରତ ପ୍ରଥମ ମ୍ୟାଚରେ ବାଂଲାଦେଶକୁ ୬ ୱିକେଟରେ ହରାଇଦେଇଛି। ଏହା ଫଳରେ ଭାରତକୁ ପୂରା ପଏଣ୍ଟ ମିଳିଥିଲାବେଳେ ପାକିସ୍ତାନ କୌଣସି ପଏଣ୍ଟ ପାଇନାହିଁ। ଗ୍ରୁପ୍‌ରେ ସ୍ଥାନ ପାଇଥିବା ପ୍ରତ୍ୟେକ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିସାରିବା ପରେ ପଏଣ୍ଟ ଟେବଲରେ ନ୍ୟୁଜିଲାଣ୍ଡ ଉନ୍ନତ ରନ୍‌ରେଟ୍‌ରେ ପ୍ରଥମ ସ୍ଥାନରେ ରହିଛି। ଭାରତ ଦ୍ୱିତୀୟରେ ରହିଛି। ବାଂଲାଦେଶ ତୃତୀୟ ଓ ପାକିସ୍ତାନ ଚତୁର୍ଥ ତଥା ଶେଷ ସ୍ଥାନରେ ରହିଛି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଗୋଟିଏ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯିବେ। ଏଣୁ ଭାରତ ବିପକ୍ଷ ମୁକାବିଲା ପାକିସ୍ତାନ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ। ରବିବାର ମୁକାବିଲାରେ ପାକିସ୍ତାନ ଯଦି ଭାରତକୁ ହରାଇ ନ ପାରେ ତେବେ ସେମିଫାଇନାଲ ଖେଳିବା ସମ୍ଭବ ହୋଇ ନ ପାରେ। ଏଣୁ ଭାରତକୁ ହରାଇବା ଦଳର ପ୍ରାଥମିକତା ହୋଇଛି। ଯଦି ପରାଜିତ ହୁଏ, ତେବେ ଦଳ ଶୀଘ୍ର ପ୍ରତିଯୋଗିତାରୁ ଶୀଘ୍ର ବାଦ୍ ପଡ଼ିବାର ଆଶଙ୍କା ରହିଛି। ଏଣୁ ପାକିସ୍ତାନ ଅଧିକ ଚାପରେ ରହିବା ସ୍ୱାଭାବିକ୍ ବୋଲି ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

## 'ଭାରତ ପାଖରେ ଅଧିକ ମ୍ୟାଚ୍ ବିଜେତା ଅଛନ୍ତି'

ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଭାରତ-ପାକିସ୍ତାନ ମୁକାବିଲା ପୂର୍ବର ଏକାଧିକ ତାରକା ଖେଳାଳି ଏ ସମ୍ପର୍କରେ କିଛି ମତ ରଖୁଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ଅଲରାଉଣ୍ଡର ସାହିଦ୍ ଆଫ୍ରିଦୀ। ତାଙ୍କ ମତରେ ଭାରତ ବିଶ୍ୱରେ ନଂ-୧ ଟିମ୍ ହେବାର ମୁଖ୍ୟ କାରଣ ହେଲା ଏହି ଦଳ ପାଖରେ ଅଧିକ ମ୍ୟାଚ୍ ବିଜେତା ରହିଛନ୍ତି। ଏମାନେ ଭଲ ଭାବେ ଜାଣିଛନ୍ତି ଯେ, ଏକା ଏକା ଗୋଟିଏ ମ୍ୟାଚ୍ କିପରି ଜିତିହେବ। ଆମ ବା ପାକିସ୍ତାନ ପାଖରେ ଏଭଳି ଖେଳାଳିଙ୍କ ଅଭାବ ରହିଛି। ଏଣୁ ଏହି ମୁକାବିଲାରେ ମୁଁ ଭାରତ ବିଜୟୀ ହେବ ବୋଲି ଜିଓଷ୍ଟାରକୁ ସାକ୍ଷାତକାର ଦେଇ କହିଛନ୍ତି ସାହିଦ୍ ଆଫ୍ରିଦୀ। ଭାରତ ନିକଟରେ ଆରମ୍ଭରୁ ଶେଷଯାଏ ମ୍ୟାଚ୍ ବିଜେତା ରହିଛନ୍ତି। ଜଣେ ବିଫଳ ହେଲେ ଆଉ ଜଣେ ସଫଳ ହେଉଛନ୍ତି। ଯାହା ଫଳରେ ଅତିଭଲ ନ ଖେଳିଲେ ଏହି ଦଳକୁ ହରାଇବା ସହଜ ନୁହେଁ ବୋଲି ସେ କହନ୍ତି।

# ଅଷ୍ଟ୍ରେଲିଆକୁ ହାଲୁକାଭାବେ ନେଇହେବ ନାହିଁ- ବଟ୍ଲର



ଲାହୋର,୨୧।୨(ଏଜେନ୍ସି): ଅଷ୍ଟ୍ରେଲିଆର କ୍ରିକେଟ ପରମ୍ପରା ଉଚ୍ଚକୋଟୀର। ଏହି ଦଳ ନିକଟରେ ଅନେକ ଖେଳାଳି ବିଶ୍ୱରେ ପ୍ରତିଷ୍ଠା ପାଇଛନ୍ତି। ଏବେ ଦଳରେ ୩ଜଣ ପ୍ରମୁଖ ଫାଷ୍ଟ ବୋଲରଙ୍କ ସମେତ ଅଧାଡଜନ ପ୍ରଥମ ପସନ୍ଦର ଖେଳାଳି ଆଘାତ, ଅବସର ଓ ଅନ୍ୟ କାରଣରୁ ଏହି ଟୁର୍ଣ୍ଣାମେଣ୍ଟ ଖେଳୁ ନାହାନ୍ତି। ଏହା ସତ୍ତ୍ୱେ ଏହି ଦଳକୁ ଆଦୌ ହାଲୁକା ଭାବେ ନେଇ ହେବ ନାହିଁ ବୋଲି ଆସନ୍ତାକାଲିର ମୁକାବିଲା ପୂର୍ବରୁ କହନ୍ତି ଇଂଲଣ୍ଡ ଅଧିନାୟକ ଜୋଶ ବଟ୍ଲର। ଉଭୟ ଦଳ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଆସିବା ପୂର୍ବରୁ ଶୋଚନୀୟ ପରାଜୟ ବରଣ କରିଛନ୍ତି। ଭାରତ ନିକଟରୁ ଇଂଲଣ୍ଡ ୩-୦ରେ ଓ ଶ୍ରୀଲଙ୍କା ନିକଟରୁ ଅଷ୍ଟ୍ରେଲିଆ ୨-୦ରେ ସିରିଜ୍ ପରାଜିତ ହୋଇଛି। ଏଣୁ ଉଭୟ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ନୈରାଶ୍ୟରୁ ଅଭିଯାନ ଆରମ୍ଭ କରିବେ। କ୍ରିକେଟରେ ଭାରତ-ପାକିସ୍ତାନ ମୁକାବିଲାକୁ ଯେପରି ଗ୍ରହଣ କରାଯାଇଥାଏ, ସେହିପରି ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ବେଶ ରୋମାଞ୍ଚକ ହୋଇଥାଏ। ଷ୍ଟିଭେନ୍ ସ୍ମିଥ୍‌ଙ୍କ ନେତୃତ୍ୱରେ ଗଠିତ ଦଳରେ ଅଧା ଖେଳାଳି ନ ଥିବାରୁ ଏହାକୁ ଦୁର୍ବଳ ମନେକରାଯାଉଛି। ସେହିପରି ନବାଗତ ତଥା ପ୍ରତିଭାବାନ ଖେଳାଳିଙ୍କୁ ନେଇ ଇଂଲଣ୍ଡ ଦଳ ଗଠିତ ହୋଇଥିଲେ ମଧ୍ୟ ଭାରତ ମାଟିରେ ସେମାନଙ୍କ ପ୍ରଦର୍ଶନ ଦକ୍ଷତା ଉପରେ ସନ୍ଦେହ ସୃଷ୍ଟି କରିଛି। ଏଠିକାର ପିଚ୍ ଭାରତ ଭଳି। କିନ୍ତୁ ପ୍ରତିଦ୍ୱନ୍ଦ୍ୱୀ ଅଲଗା। ଏଣୁ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ଏହି ମ୍ୟାଚ୍‌ରେ ବିଜୟୀ ହେବ ବୋଲି କୁହାଯାଇପାରେ।

# ମହିଳା ଜିମ୍ନାଷ୍ଟ ରତିକାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୧।୨(ସମିସ): ରାଜ୍ୟର ଉଦୀୟମାନ ମହିଳା ଜିମ୍ନାଷ୍ଟ ଜେଏମ୍ ରତିକା ଦାସଙ୍କୁ ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘ ସଭାପତି ସୁରେଶ କୁମାର ରାଉତରାୟ,



ଉପ- ସଭାପତି ମୀରାରାଣୀ ଦାସ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁ ପ୍ରସାଦ ପଟ୍ଟନାୟକ, ରାଜ୍ୟ ଜଣାଶୁଣା ଲୌହମାନବ ତଥା ବରିଷ୍ଠ ପର୍ବତାରୋହୀ ସିଦ୍ଧାର୍ଥ କୁମାର ରାଉତରାୟ ଓ ଅନ୍ୟ କାର୍ଯ୍ୟକାରୀ ସମସ୍ୟମାନେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଚ୍ଚକୋଟୀର ପ୍ରଦର୍ଶନ ଓ ସଫଳତା ପାଇଁ ରତିକାଙ୍କୁ ସମ୍ମାନୀତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥିସହ ସମସ୍ତେ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁଙ୍କୁ ଜିମ୍ନାଷ୍ଟିକ୍‌ରେ ରାଜ୍ୟର ସଫଳତା ପାଇଁ ସମସ୍ତ ଶ୍ରେୟ ପ୍ରଦାନ କରାଯିବ ସହ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଥିଲେ। ୧୮ ବର୍ଷୀୟା ରତିକା ଚଳିତମାସ ୭ରୁ ୧୩ ତାରିଖ ମଧ୍ୟରେ ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଆୟୋଜିତ ୩୮ତମ ଜାତୀୟ କ୍ରୀଡ଼ାରେ ଜିମ୍ନାଷ୍ଟିକ୍ସରେ ଓଡ଼ିଶା ଓମେନ ଆର୍ଟିଷ୍ଟିକ ଦଳ ୧୧୬.୬୫ ସ୍କୋର କରି ଦଳଗତ ଭାବେ କାଂସ୍ୟ ପଦକ ହାସଲ କରିଥିଲା। ରତିକା ଏହି ଦଳର ସଦସ୍ୟ ଥିଲେ ଓ ପ୍ରଥମଥର ପାଇଁ ଜାତୀୟ କ୍ରୀଡ଼ାରେ ପଦକ ଜିତିବା ଗୌରବ ଅର୍ଜନ କରିଛନ୍ତି। ମାତ୍ର ୬ ବର୍ଷରୁ ଜିମ୍ନାଷ୍ଟରେ ପ୍ରଶିକ୍ଷଣ ଆରମ୍ଭ କରିଥିବା ରତିକା ସିବିଏସ୍‌ଇ ସ୍କୁଲ ଗେମ୍ସ, ଏସ୍‌ଜିଏଫ୍‌ଆଇ ସ୍କୁଲ ଗେମ୍ସ ଓପନ ନ୍ୟାସନାଲ, ଜାତୀୟ କ୍ରୀଡ଼ାକୁ ମିଶାଇ ମୋଟ ୧୬ଟି ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବେଶ୍ ସଫଳତା ଅର୍ଜନ କରିଛନ୍ତି। ସେ ତାଙ୍କ ପ୍ରାଥମିକ ପ୍ରଶିକ୍ଷଣ କେନ୍ଦ୍ର ସମେଇ ଗାଡିଆ ସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଟ୍ରେନିଂ ଆରମ୍ଭ କରି କଳିଙ୍ଗ ଷ୍ଟାଡିୟମ ହାଇପରଫର୍ମାନ୍ସ ସେଣ୍ଟରେ ଅଭ୍ୟାସ ଜାରି ରଖିଛନ୍ତି।

# ସର୍ବଭାରତୀୟ ଜଳକ୍ରୀଡ଼ା / ଓଡ଼ିଶା ପୁଲିସ୍‌କୁ ୫ ସ୍ୱର୍ଣ୍ଣପଦକ



କଟକ, ୨୧।୨(ସମିସ): ୨୪ତମ ସର୍ବଭାରତୀୟ ପୁଲିସ୍ ଜଳକ୍ରୀଡ଼ା ଚାମ୍ପିୟନସିପ୍ ୨୦୨୪-୨୫ରେ ଓଡ଼ିଶା ପୁଲିସ ପାଇଁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି। ଗତ ଫେବୃଆରୀ ୧୭ରୁ ୨୧ତାରିଖ ପର୍ଯ୍ୟନ୍ତ ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ଏହି ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶା ପୁଲିସ୍ ୱାଟରସ୍ପୋର୍ଟସ ଦଳ ବିଭିନ୍ନ ପ୍ରତିଯୋଗିତାରେ ୫ଟି ସ୍ୱର୍ଣ୍ଣପଦକ, ଗୋଟିଏ ରୌପ୍ୟପଦକ, ୪ କାଂସ୍ୟ ପଦକ ଜିତି ସଫଳତା ହାସଲ କରିଛନ୍ତି। ଏହି ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପଦକ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ, ରୋଇଂ ମହିଳା ବିଭାଗ (୨୦୦୦ ମିଟର) ଦଳଗତ ପ୍ରତିଯୋଗିତାରେ ରିତୁ କଉଡି, ରିଚେଲ ଲାକ୍ରା, ସୋନାଲିକା ଦାସ, ରେଶମ ଲାକ୍ରା ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ରୋଇଂ ମହିଳା ବିଭାଗ (୫୦୦ ମିଟର)ରେ ମଧ୍ୟ ଦଳଗତ କାଂସ୍ୟ ପଦକ ବିଜେତା ହୋଇଛନ୍ତି। ସେହିପରି ରୋଇଂ କୋକ୍ସଲେସ ଯୋଡ଼ି ୫୦୦ ମିଟର ପ୍ରତିଯୋଗିତାରେ ଦୀପିକା ଖେସ୍ ଓ ଝରଣା ହସ୍ତୀ ସ୍ୱର୍ଣ୍ଣପଦକ ଲାଭ କରିଥିଲା ବେଳେ ଉଭୟେ ରୋଇଂ କୋକ୍ସଲେସ ଯୋଡ଼ି ୨୦୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି। କାନୋଇଂ ସି-୨ (୧୦୦୦ ମିଟର) ପ୍ରତିଯୋଗିତାରେ ସଚିମା କେରକେଟା ଓ ରଶ୍ମିତା ସାହୁ ସ୍ୱର୍ଣ୍ଣପଦକ ଲାଭ କରିଥିବା ବେଳେ ଉଭୟେ କାନୋଇଂ ସି-୨ (୨୦୦ ମିଟର)ରେ ରୌପ୍ୟପଦକ ବିଜୟୀ ହୋଇଛନ୍ତି। ଏହାବ୍ୟତୀତ (କାନୋଇଂ ସି-୧ (୨୦୦ ମିଟର) ଏବଂ (୧୦୦୦ ମିଟର) ପ୍ରତିଯୋଗିତାରେ ରଶ୍ମିତା ସାହୁ ଦୁଇଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। କ୍ୟାନୋଇଂ ସି-୧ (୫୦୦ ମିଟର)ରେ ସଚିମା କେରକେଟା ଓ ସି -୨ (୫୦୦ ମିଟର) ବିଭାଗରେ ରଶ୍ମିତା ସାହୁ ଏବଂ ମଧୁସ୍ମିତା ନାୟକ ବ୍ରୋଞ୍ଜ ପଦକ ବିଜୟୀ ହୋଇ ଓଡ଼ିଶା ପୁଲିସ୍ ପାଇଁ ଗୌରବ ଆଣିଛନ୍ତି।

# ସେକ୍ରେଟାରିଏଟ୍, ଓପିସିବିର ବିଜୟ





ଭୁବନେଶ୍ୱର,୨୧।୨(ସମିସ): ସ୍ଥାନୀୟ ହାଇ-ଟେକ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ସେକ୍ରେଟାରୀଏ କ୍ରିକେଟ ଆସୋସିଏସନ (ଓଏସ୍‌ସିଏ) ଆନୁକୂଲ୍ୟରେ ଚାଲିଥିବା ବିଂଶତମ ସେକ୍ରେଟାରୀଏଟ୍ କପ୍ କ୍ରିକେଟରେ ଶୁକ୍ରବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ଆୟୋଜକ ସେକ୍ରେଟାରୀଏଟ୍ ଓ ଓପିସିବି (ଓଡ଼ିଶା ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ) ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ସେକ୍ରେଟାରୀଏଟ୍ ୬ ୱିକେଟରେ ଏକ୍ସିସ୍ ବ୍ୟାଙ୍କକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟରେ ଓପିସିବି ୬ ୱିକେଟରେ କିଟ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ଏକ୍ସିସ୍ ବ୍ୟାଙ୍କ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ୱିକେଟ ହରାଇ ୮୪ ରନ ସଂଗ୍ରହ କରିଥିଲା। ଜବାବରେ ସେକ୍ରେଟାରୀଏଟ୍ ୯.୩ ଓଭରରେ ୪ ୱିକେଟ ହରାଇ ୮୭ ରନକରି ବିଜୟୀ ହୋଇଥିଲା। ୩୧ ରନ କରିଥିବା ବିଜୟୀ ଦଳର ଅବିନାଶ ଖଣ୍ଡୁଆଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ହାରି କିଟ୍ ପ୍ରଥମେ ବ୍ୟାଟିଂ କରି ୧୮.୩ ଓଭରରେ ୯୨ ରନକରି ଅଲଆଉଟ ହୋଇଥିଲା। ଜବାବରେ ଓପିସିବି ୧୩.୧ ଓଭରରେ ୪ ୱିକେଟ ହରାଇ ୯୩ ରନକରି ବିଜୟୀ ହୋଇଥିଲା। ଓପିସିବିର ଦୀଲିପ ଦାଶ ୪ ଓଭର ବୋଲିଂ କରି ୧୭ ରନ ଦେଇ ମୂଲ୍ୟବାନ ୩ ୱିକେଟ ନେବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ନିଖିଳ ଓଡ଼ିଶା ଆଇନଜୀବୀ କ୍ରିକେଟ

# ହାଇକୋର୍ଟ, ଭୁବନେଶ୍ୱର ଓକିଲ ସଂଘ ବିଜୟୀ



ଭୁବନେଶ୍ୱର,୨୧।୨(ସମିସ): ହାଇକୋର୍ଟ ଓକିଲ ସଂଘ ଓ ଭୁବନେଶ୍ୱର ଓକିଲ ସଂଘ ସ୍ଥାନୀୟ ବିଜେବି କଲେଜ୍ ପଡ଼ିଆରେ ଚାଲିଥିବା ନିଖିଳ ଓଡ଼ିଶା ପ୍ରଶାନ୍ତ ମେମୋରିଆଲ ଆଇନଜୀବୀ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଏହି ମ୍ୟାଚ୍‌ରେ ହାଇକୋର୍ଟ ୬ ୱିକେଟରେ ମୋଟରଯାନ ଓକିଲ ସଂଘକୁ ଏବଂ ଭୁବନେଶ୍ୱର ୭ ୱିକେଟରେ ରାଜସ୍ୱ ପର୍ଷଦ ଓକିଲ ସଂଘକୁ ୬ ୱିକେଟରେ ପରାସ୍ତ କରିଛି। ରାଜସ୍ୱ ପର୍ଷଦ ସଂଘ ପକ୍ଷରୁ ସୁମନ୍ତ ନାୟକ ୨୧ ରନ୍ କରିବା ସହ ୩ୱିକେଟ ଏବଂ ମୋଟରଯାନ ସଂଘ ପକ୍ଷରୁ ଦୀପ ୬୧ ରନ୍ କରିବା ସହ ୨ ୱିକେଟ ନେଇ ଅଲରାଉଣ୍ଡ ସଫଳତା ପାଇଥିଲେ ମଧ୍ୟ ଦଳକୁ ଜିତାଇବାରେ ସମର୍ଥ ହୋଇ ପାରି ନାହାନ୍ତି।

ପ୍ରଥମ ମ୍ୟାଚ୍‌ରେ ମୋଟରଯାନ ସଂଘ ପ୍ରଥମେ ବ୍ୟାଟିଂ କରି ୫ ୱିକେଟରେ ୧୨୨ ରନ୍ କରିଥିଲା। ଦଳ ପକ୍ଷରୁ ଦୀପକଙ୍କ ୬୧ ରନ୍ ବ୍ୟତୀତ ସଞ୍ଜୟ ଜେନା ୩୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସରୋଜ ବେହେରାଙ୍କୁ ୩ ୱିକେଟ ମିଳିଥିଲା। ଜବାବରେ ହାଇକୋର୍ଟ ଓକିଲ ସଂଘ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଭକ୍ତିପ୍ରସାଦ ସାମଲ ୪୫ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ବିଶ୍ୱନାଥ ସ୍ୱର୍ଣ୍ଣକାର ୨୬ ରନ୍ କରିଥିଲେ।

ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଜସ୍ୱ ପର୍ଷଦ ୭ ୱିକେଟରେ ୧୦୪ ରନ୍ କରିଥିଲା। ଦଳ ପକ୍ଷରୁ ସୁମନ୍ତଙ୍କ ୨୧ ରନ୍ ବ୍ୟତୀତ ଗିରିଜାଶଙ୍କର ମିଶ୍ର ୧୬ ରନ୍‌ର ଯୋଗଦାନ ଦେଇଥିଲେ। ପ୍ରତିପକ୍ଷ ଦଳର ପ୍ରିୟବ୍ରତ ପ୍ରିୟରଞ୍ଜନ ସାହୁଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ଭୁବନେଶ୍ୱର ଓକିଲ ସଂଘ ୩ ୱିକେଟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସୁମନ ରାଉତରାୟ ଶେଷଯାଏ ଅପରାଜିତ ରହି ୫୯ ରନ୍ କରିଥିଲେ।

■ ସର୍ବଭାରତୀୟ ସିଭିଲ ସର୍ଭିସ ଆଥଲେଟିକ୍ସ

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ ସହ ୬ ପଦକ




ଭୁବନେଶ୍ୱର,୨୧।୨(ସମିସ): ଚଣ୍ଡିଗଡଠାରେ ଚାଲିଥିବା ସର୍ବଭାରତୀୟ ସିଭିଲ ସର୍ଭିସ ଆଥଲେଟିକ୍ସ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫେବୃଆରୀ ୧୯ରୁ ୨୧ ତାରିଖ ଯାଏ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ ସହ ୬ଟି ପଦକ ମିଳିଛି। ଏହା ମଧ୍ୟରୁ ମନୀଷା ମେରେଲ ଏକାକୀ ୨ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେ ୧୦୦ ମିଟର ଦୌଡ ଓ ଲମ୍ବ ଡିଆଁରେ ଏହି ପଦକ ହାସଲ କରିଛନ୍ତି। ପୁରୁଷ ୧୦୦ ମିଟର ଦୌଡରେ ଟୁକୁ ସେଠୀ ତୃତୀୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୁରୁଷ ଡିସ୍‌କସ୍ ଥ୍ରୋରେ ହରି ବେହେରା ରୌପ୍ୟ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ଦଳକୁ ଆଉ ୨ଟି କାଂସ୍ୟ ପଦକ ମିଳିଛି। ପୁରୁଷ ସଟ୍‌ପୁଟ ଥ୍ରୋ'ରେ ରଞ୍ଜନ ସାହୁ ଓ ଟ୍ରିପଲ ଜମ୍ପରେ ଲକ୍ଷ୍ମୀଧର ମହାନ୍ତି ଏହି କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରଯତ୍ନ ବରାଳ ଏହି ଟିମ୍‌ର ପ୍ରଶିକ୍ଷକ ତଥା ପରିଚାଳକ ଭାବେ ଦଳ ସହ ଯାଇଥିଲେ।

### ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍

# କଳିଙ୍ଗରେ ଭାରତର ୩ୟ ବିଜୟ



**ଭୁବନେଶ୍ୱର, ୨୧।୨ (ସମିସ)**

ଚଳିତ ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍‌ରେ ଘରୋଇ ଭାରତୀୟ ହକି ଦଳ କଳିଙ୍ଗ ଷ୍ଟାଡିୟମରେ ୩ୟ ବିଜୟ ହାସଲ କରିଛି। ଶୁକ୍ରବାର ରାତିରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୩-୧ ଗୋଲରେ ବିଶ୍ୱମାନ୍ୟତାର ୧୦ମ ସ୍ଥାନରେ ରହିଥିବା ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଏଥିସହ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ଏଠାରେ ୫ମ ମ୍ୟାଚରୁ ୩ ବିଜୟ ଓ ୨ ପରାଜୟ ସହ ୯ ପଏଣ୍ଟ ପାଇ ୫ମ ସ୍ଥାନକୁ ଉଠିଛି। ପୂର୍ବରୁ ଭାରତ ଏଠାରେ ଚଳିତ ସିଜନର ପ୍ରଥମ ମ୍ୟାଚରେ ସ୍ପେନ ନିକଟରୁ ୩-୧ ଗୋଲରେ ପରାସ୍ତ ହୋଇଥିଲା। କିନ୍ତୁ ସେହି ସ୍ପେନକୁ ପରବର୍ତ୍ତୀ ମ୍ୟାଚରେ ୨-୦ ଗୋଲରେ ହରାଇ ପ୍ରତିଶୋଧ ନେଇଥିଲା। ଏହାପରେ ଜର୍ମାନୀ ବିପକ୍ଷରେ ପ୍ରଥମ ମ୍ୟାଚରେ ୪-୧ ଗୋଲରେ ହାରିଥିଲେ ମଧ୍ୟ ପରଦିନ ୧-୦ରେ ଜିତିଥିଲା। ଅପରପକ୍ଷରେ ଆୟର୍ଲାଣ୍ଡ ୫ମ ମ୍ୟାଚରୁ ୪ର୍ଥ ପରାଜୟବରଣ କରିଛି। ଭାରତୀୟ ପୁରୁଷ ଦଳ ପରବର୍ତ୍ତୀ ମ୍ୟାଚରେ ଶନିବାର ସମାନ ଆୟର୍ଲାଣ୍ଡ ସହ ରାତି ୭ଟା ୩୦ରେ ଖେଳିବାର କାର୍ଯ୍ୟସୂଚୀ ରହିଛି।

ଏଫ୍‌ଆଇଏଚ୍ ର୍ୟାଙ୍କିଙ୍ଗ୍‌ରେ ୫ମ ସ୍ଥାନରେ ରହିଥିବା ଭାରତ କିନ୍ତୁ ଏହି ମ୍ୟାଚର ପ୍ରଥମ କ୍ୱାର୍ଟରରେ ପଛୁଆ ରହିଥିଲା। ୮ମ ମିନିଟ୍‌ରେ ଜେରେମୀ ଡନକାନ ଫିଲ୍ଡ ଗୋଲ୍ ଦେଇ ଭ୍ରମଣକାରୀ ଆୟର୍ଲାଣ୍ଡକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରରେ ମନଦୀପ୍ ସିଂହଙ୍କ ଚିତ୍ତାକର୍ଷକ ଗୋଲ୍ ବଳରେ ଭାରତ ମ୍ୟାଚକୁ ୧-୧ସ୍ତରକୁ ଆଣିଥିଲା। ୨୨ତମ ମିନିଟ୍‌ରେ ମନଦୀପ୍ ଡି ଏରିଆରେ ମାରିଥିବା ଏକ ଜୋର୍‌ଦାର ସଟ୍ ଆୟର୍ଲାଣ୍ଡ ଗୋଲରକ୍ଷକ ଜାମି କାର୍‌ଙ୍କୁ ଚକ୍‌ମା ଦେଇଥିଲା। ପ୍ରଥମାର୍ଦ୍ଧ ୧-୧ରେ ବରାବର୍ ରହିବା ପରେ ଭାରତ ପରବର୍ତ୍ତୀ ୩୦ ମିନିଟ୍‌ରେ ଦମଦାର ପ୍ରଦର୍ଶନ କରି ଆଉ ୨ଟି ଗୋଲ୍ ଦେଇଥିଲା। ତୃତୀୟ କ୍ୱାର୍ଟରର ଶେଷ ମିନିଟ୍ (୪୫ତମ)ରେ ଜରମନପ୍ରୀତ୍ ସିଂହ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ରୂପାନ୍ତରିତ କରିଥିଲେ। ଫଳରେ ଭାରତ ୨-୧ରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ୫୮ତମ ମିନିଟ୍‌ରେ ସୁଖଜିତ୍ ସିଂହ ଭାରତ ପାଇଁ ୩ୟ ଗୋଲଟି ଦେଇଥିଲେ। ଶେଷରେ ଭାରତ ୩-୧ରେ ମ୍ୟାଚ୍ ଜିତି ୩ ପଏଣ୍ଟ ଅର୍ଜନ କରିଥିଲା।

# ଜର୍ମାନୀଠାରୁ ହାରିଲା ଭାରତ

### ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍



**ଭୁବନେଶ୍ୱର, ୨୧।୨ (ସମିସ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ମହିଳା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଘରୋଇ ଭାରତୀୟ ଦଳ ୩ୟ ପରାଜୟବରଣ କରିଛି। ଶୁକ୍ରବାର ଅପରାହ୍ଣରେ ଖେଳାଯାଇଥିବା ଏକପାଖିଆ ମୁକାବିଲାରେ ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ଥିବା ଜର୍ମାନୀ ୪-୦ ଗୋଲରେ ଘରୋଇ ଭାରତୀୟ ଦଳକୁ ମାତ୍ ଦେଇଛି। ମ୍ୟାଚର ପ୍ରଥମ ଦୁଇ କ୍ୱାର୍ଟରରେ ଲଗାଣ ବର୍ଷା ହୋଇଥିଲେ ମଧ୍ୟ ଜର୍ମାନୀ ଦଳ ଏହାକୁ ଭ୍ରୁକ୍ଷେପ ନ କରି ଆଟାକିଂ ଖେଳର ନମୁନା ଦେଖାଇ ୨ଟି ଗୋଲ୍ ଦେଇଥିଲା। ୩ୟ ମିନିଟ୍‌ରେ ଆମେଲି ୱର୍ଟମାନ୍ନ ଫିଲ୍ଡ ଗୋଲ୍ ଦେଇ ଜର୍ମାନୀର ଖାତା ଖୋଲିଥିଲେ। ୧୮ତମ ମିନିଟ୍‌ରେ ସୋଫିଆ ଟ୍ୱାବେ ଏହି ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇଥିଲେ। ତୃତୀୟ କ୍ୱାର୍ଟରରେ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଲଢୁଆ ପ୍ରଦର୍ଶନ କରିଥିଲା। ଏପରିକି ୨ଟି ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଏହାକୁ ଗୋଲରେ ରୂପାନ୍ତରିତ କରିପାରି ନ ଥିଲେ। ଏହି ୧୫ ମିନିଟ୍‌ରେ କିନ୍ତୁ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ତେବେ ନିର୍ଣ୍ଣାୟକ ତଥା ୪ର୍ଥ କ୍ୱାର୍ଟରରେ ୪୭ତମ ମିନିଟ୍‌ରେ ସୋଫିଆ ଦଳ ପାଇଁ ୨ୟ ଗୋଲ୍ ଦେଇଥିଲେ। ଫଳରେ ଜର୍ମାନୀର ସ୍କୋର ୩-୦ରେ ପହଞ୍ଚିଥିଲା। ସେହିଭଳି ମ୍ୟାଚ୍ ଶେଷ ହେବାକୁ ଗୋଟିଏ ମିନିଟ ବାକି ଥିବାବେଳେ ଜର୍ମାନୀକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଜୋହାନ ହେଟେନବର୍ଗ ବଲକୁ ସଫଳତାର ସହ ଭାରତର ନେଟ୍ସ ମଧ୍ୟକୁ ପଠାଇ ଦଳକୁ ୪-୦ରେ ସହଜରେ ଜିତାଇଥିଲେ। ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ସୋଫିଆଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

ଭାରତୀୟ ମହିଳା ଦଳର କଳିଙ୍ଗରେ ଏହା ୫ମ ମ୍ୟାଚରୁ ୩ୟ ପରାଜୟ। ଭାରତ ଏଥିପୂର୍ବରୁ ସ୍ପେନଠାରୁ ଦୁଇଥର ୪-୩ ଓ ୧-୦ ଗୋଲରେ ହାରିଥିଲା। ୫ ମ୍ୟାଚରୁ ୪ ପଏଣ୍ଟ ପାଇ ଭାରତ ସର୍ବନିମ୍ନ ୯ମ ସ୍ଥାନକୁ ଖସିଯାଇଛି। ଅପରପକ୍ଷରେ ଜର୍ମାନୀ ୭ମ ମ୍ୟାଚରୁ ୪ ପରାଜୟ ପରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି।

# ନେଦରଲାଣ୍ଡ୍‌ସର ଏକତରଫା ଜିତ୍



ଏଠାରେ ଚାଲିଥିବା ମହିଳା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଶକ୍ତିଶାଳୀ ନେଦରଲାଣ୍ଡସ ବିଜୟରେ ଚୌକା ମାରିଛି। ଶୁକ୍ରବାର ଅପରାହ୍ଣରେ ଖେଳାଯାଇଥିବା ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ନେଦରଲାଣ୍ଡସ ୫-୧ ଗୋଲରେ ଏକପାଖିଆ ଭାବେ ଇଂଲଣ୍ଡକୁ ମାତ୍ ଦେଇଥିଲା। ଏହି ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତେବେ ୨ୟ କ୍ୱାର୍ଟର ତଥା ୨୭ତମ ମିନିଟ୍‌ରେ ଜୋଶଜୀ ବର୍ଗ ଫିଲ୍ଡ ଗୋଲ୍ ଦେଇ ନେଦରଲାଣ୍ଡସ ପାଇଁ ଖାତା ଖୋଲିଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରର ୫ ମିନିଟ୍ ବ୍ୟବଧାନରେ ନେଦରଲାଣ୍ଡସ ୩ଟି ଗୋଲ ଦେଇ ମ୍ୟାଚକୁ ନିୟନ୍ତ୍ରଣକୁ ନେଇଥିଲା। ପିଏନ୍ ଡିକି (୩୩ତମ), ଲୁନା ଫୋକି (୩୭ତମମ) ଓ ଫେଡରିକ ମାଟଲା (୩୮ତମ) ଏହି ୩ଟି ଗୋଲ୍ ଦେଇ ନେଦରଲାଣ୍ଡସକୁ ୪-୦ ଗୋଲରେ ଆଗୁଆ କରାଇଥିଲେ। ଅନ୍ତିମ କ୍ୱାର୍ଟର ତଥା ୫୦ତମ ମିନିଟ୍‌ରେ ଫାଏ ଭାନ ଡର୍ ଏଲଷ୍ଟ ଡଟ୍ ଦଳ ପାଇଁ ୫ମ ଗୋଲ୍ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ହେବାକୁ ୩ ମିନିଟ୍ ବାକି ଥିବାବେଳେ ଓଲିଭିଆ ହାମିଲଟନ ଇଂଲଣ୍ଡ ପାଇଁ ସାନ୍ତ୍ୱନାମୂଳକ ଏକମାତ୍ର ଗୋଲଟି ଦେଇ ପରାଜୟ ବ୍ୟବଧାନକୁ ୫-୧କୁ କମାଇଥିଲେ। ନେଦରଲାଣ୍ଡସ ୫ମ ମ୍ୟାଚରୁ ୪ର୍ଥ ବିଜୟ ସହ ୧୨ ପଏଣ୍ଟ ପାଇ ଚାଇନା (୧୬) ଓ ସ୍ପେନ (୧୪) ପଛକୁ ୩ୟ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ୭ମ ମ୍ୟାଚରୁ ୫ମ ପରାଜୟ ସହ ୫ ପଏଣ୍ଟ ପାଇ ୮ମ ସ୍ଥାନକୁ ଖସିଯାଇଛି।

### ଦୁବାଇ ଟେନିସ୍ ଚାମ୍ପିଅନସିପ୍

## ସେମିରେ ରିବାକିନା, ସ୍ୱିଆଟେକଙ୍କ ବିପର୍ଯ୍ୟୟ



**ଦୁବାଇ,୨୧।୨(ଏଜେନ୍ସି):** ଦୁବାଇ ଟେନିସ ଚାମ୍ପିଅନସିପ୍‌ର ମହିଳା ଏକକ ପ୍ରତିଯୋଗିତାରେ କାଜାଖସ୍ତାନର ଏଲିନା ରିବାକିନା ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସିଡ୍ ପୋଲାଣ୍ଡର ଇଗା ସ୍ୱାଆଟକ କ୍ୱାର୍ଟରଫାଇନାଲରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ରିବାକିନା ୬-୨, ୭-୬ ସିଧାସଳଖ ସେଟ୍‌ରେ ଆମେରିକାର ସୋଫିଆ କେନିନ୍‌ଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଅନ୍ୟପଟେ ସ୍ୱିଆଟେକ କ୍ୱାର୍ଟରଫାଇନାଲରେ ୩-୬, ୩-୬ ସିଧାସଳଖ ସେଟ୍‌ରେ ଦ୍ୱାଦଶ ସିଡ୍ ୧୭ ବର୍ଷୀୟ ରୁଷୀୟ ଖେଳାଳି ମୀରା ଆନ୍ଦ୍ରିଭାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛି। ସେହିପରି ଅନ୍ୟ ଦୁଇଟି କ୍ୱାର୍ଟରରେ ୧୪ତମ ସିଡ୍ ଚେକ ଗଣରାଜ୍ୟର କାରୋଲିନା ମୁଚୋଭା ୬-୨, ୭-୫ ସେଟ୍‌ରେ ରୋମାନିଆର ସୋରାନା ସର୍ଷ୍ଟିଆଙ୍କୁ ଏବଂ ଡେନମାର୍କର କ୍ଲାରା ଟସନ ୭-୬, ୬-୪ ସେଟ୍‌ରେ ଚେକ୍ ଖେଳାଳି ଲିଣ୍ଡା ନୋସ୍କୋଭାଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି।

# ବୃହତ୍ ବିଜୟ ସହ ଦକ୍ଷିଣ ଆଫ୍ରିକାର ଅଭିଯାନ

**କରାଚୀ,୨୧।୨(ଏଜେନ୍ସି):** ଚଳିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫିର ତୃତୀୟ ମ୍ୟାଚ୍‌ରେ ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ୧୦୭ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। କରାଚୀ ନ୍ୟାସନାଲ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ମୁକାବିଲାରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୧୬ ରନ ସଂଗ୍ରହ କରିଥିଲା। ଜବାବରେ ଆଫଗାନିସ୍ତାନ ୪୩.୩ ଓଭରରେ ୨୦୮ ରନରେ ଅଲଆଉଟ ହୋଇଥିଲା। ଏଥିସହ ଦକ୍ଷିଣ ଆଫ୍ରିକା ବିଜୟରୁ ଅଭିଯାନ ଆରମ୍ଭ

### ଆଇସିସି ଚାମ୍ପିଅନ୍ସ ଟ୍ରଫି

କରିଛି। ଦୁଇଟି କ୍ୟାଚ୍ ନେବ ସହ ୧୦୩ ରନର ଶତକୀୟ ପାଳି ଖେଳିଥିବା ଦକ୍ଷିଣ ଆଫ୍ରିକା ଓପନର ରିଆନ ରିକ୍ଲେଟନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



### ଏକା ଲଢେଇ କଲେ ରହମତ

ଆଫଗାନିସ୍ତାନ ପକ୍ଷରୁ ରହମଦ ଶାହା ଏକା ଲଢେଇ କରି ଦକ୍ଷିଣ ଆଫ୍ରିକା ବିଜୟକୁ ବିଳମ୍ବିତ କରିଥିଲେ। ସେ ୯୨ ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ୧ ଛକା ସହ ୯୦ ରନକରି ଆଉଟ ହେବାପରେ ଆଫଗାନ ଇନିଂସର ସମାପ୍ତି ଘଟିଥିଲା। ବାକି ୧୦ଜଣ ବ୍ୟାଟର ୨୦ ରନ ପାର କରିପାରି ନଥିଲେ। ଦଳ ତରଫରୁ ଆଜମାତୁଲ୍ଲା ଓମରଜାଇ, ରସିଦ ଖାନ୍ ୧୮ ରନ ଲେଖାଏ ସଂଗ୍ରହ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ଇବ୍ରାହିମ୍ ଜଡ୍ରାନ ୧୭, ସେଦିକୁଲ୍ଲା ଅଟଳ ୧୬, ଗୁଲବଦ୍ଦିନ ନାଇବ ୧୩, ରହମାନୁଲ୍ଲା ଗୁରବାଜ ୧୦ ରନକରି ଆଉଟ ହୋଇଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ଦ୍ରୁତ ବୋଲର କାଗିସୋ ରାବାଡ଼ା ୩, ଲୁନ୍‌ଗି ଏନ୍‌ଗିଡି ଓ ୱିଆନ ମୁଲ୍ଡର ୨ଟି ଲେଖାଏ, ମାର୍କୋ ଜାନସେନ୍ ଓ କେଶବ ମହାରାଜ ଗୋଟିଏ ଲେଖାଏ ୱିକେଟ ଅକ୍ତି÷ଆର କରିଥିଲେ।

### ରିକ୍ଲେଟନଙ୍କ ପ୍ରଥମ ଶତକ

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ଓପନର ରିଆନ ରିକ୍ଲେଟନ ୧୦୬ ବଲରୁ ସମ୍ମୁଖୀନ ହୋଇ ୭ ଚୌକା ଓ ୧ ଛକା ସହ ୧୦୩ ରନକରି କ୍ୟାରିଅରର ପ୍ରଥମ ଦିନିକିଆ ଶତକ ଅର୍ଜନ କରିଛନ୍ତି। ସେହିପରି ଅଧିନାୟକ ବଭୁମା ୫୮ ଓ ରାସି ଭାନ ଡେର ଡୁସେନ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଅଭିଜ୍ଞ ବ୍ୟାଟର ଏଡେନ ମାରକ୍ରାମ ୫୨ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଗୋଟିଏ ଶତକ ଓ ୩ ଟି ଅର୍ଦ୍ଧଶତକ ବଳରେ ଦକ୍ଷିଣ ଆଫ୍ରିକା ସ୍କୋର ୩୦୦ ରନ ପାର କରିଥିଲା। ଟନୀ ଡି ଜୋର୍ଜି ୧୧ ଓ ଅଭିଜ୍ଞ ବ୍ୟାଟର ଡେଭିଡ୍ ମିଲର ୧୪ ରନକରି ଆଉଟ ହୋଇଥିବା ବେଳେ ୱିଆନ ମୁଲ୍ଡର ୧୨ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ମହମ୍ମଦ ନବୀ ସର୍ବାଧିକ ୨, ଫାଜଲହକ ଫାରୁକି, ଅଜାମାତୁଲ୍ଲା ଓମରଜାଇ ଓ ନୁର ଅହମ୍ମଦ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

**ଆଜିର ମ୍ୟାଚ୍**

**ଅଷ୍ଟ୍ରେଲିଆ- ଇଂଲଣ୍ଡ**
ସ୍ଥାନ: ଲାହୋର

ସିଧା ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ ୧୮, ଜିଓ ହଟ୍‌ଷ୍ଟାର

### ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍

# ବେଙ୍ଗାଲୁରୁକୁ ହରାଇଲା ମୁମ୍ବାଇ



**ବେଙ୍ଗାଲୁରୁ,୨୧।୨(ଏଜେନ୍ସି):** ଅମନଜୋତ କୌରଙ୍କ ବିସ୍ଫୋରକ ବ୍ୟାଟିଂ ଓ ଅଧିନାୟିକା ହରମନପ୍ରୀତ୍ କୌରଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୪ ୱିକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପେରୀ ୩୦ ବଲ୍‌ରେ ୫୦ ଓ ୪୩ ବଲ୍‌ରେ ୮୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟରେ ୧୬୭ ରନ୍ ସଂଗ୍ରହ କରିଥିଲା। ଜବାବରେ ରୋମାଞ୍ଚକ ମୁକାବିଲାରେ ମୁମ୍ବାଇ ୧୯.୫ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ହରମନପ୍ରୀତ ୩୮ ବଲ୍‌ରେ ୫୦ ଓ ନାଟ ସିଭର-ବ୍ରଣ୍ଟ ୨୧ ବଲ୍‌ରୁ ୪୨ ରନ୍ କରି ଦଳକୁ ବିଜୟ ଆଡକୁ ନେଇଯାଇଥିଲେ। କିନ୍ତୁ ଅମନଜୋତ କୌର ୨୭ ବଲ୍‌ରୁ ୨ ଚୌକା ଓ ୨ ଛକା ସହ ୩୪ ରନ୍ କରିବା ଫଳରେ ଦଳ ଏହି ରୋମାଞ୍ଚକ ବିଜୟ ହାସଲ କରିଥିଲା। ୱେୟାରହାମ ୩ଟି ଓ ଗାର୍ଥ ୨ଟି ୱିକେଟ ନେଇଥିଲେ। ଏହା ଫଳରେ ବେଙ୍ଗାଲୁରୁ ତୃତୀୟ ମ୍ୟାଚ୍‌ରୁ ପ୍ରଥମ ପରାଜୟ ବରଣ କରିଥିଲାବେଳେ ମୁମ୍ବାଇ ସମାନ ସଂଖ୍ୟକ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରିଛି।

ପୂର୍ବରୁ ମୁମ୍ବାଇ ଅଧିନାୟିକା ଟସ୍ ଜିତିବା ପରେ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବେଙ୍ଗାଲୁରୁ ଅଧିନାୟିକା ଦ୍ରୁତ ରନ୍ ବା ୧୩ ବଲ୍‌ରେ ୪ ଚୌକା ଓ ୧ ଛକା ସହ ୨୬ ରନ୍ କରି ପ୍ରଥମେ ଆଉଟ ହୋଇଥିଲେ। ୪୮ ରନ୍‌ରେ ତାଙ୍କ ଓପନିଂ ପାର୍ଟନର ୱାୟାଟ-ହଜ୍ ମଧ୍ୟ ପାଭିଲିୟନ ଫେରିଯାଇଥିଲେ। ନଂ-୩ରେ ବ୍ୟାଟିଂ କରିବାକୁ ଆସିଥିବା ଏଲିସ ପେରୀ ଗୋଟିଏ ପଟେ ମଙ୍ଗ ସମ୍ଭାଳିଥିଲେ। କିନ୍ତୁ ଅନ୍ୟପଟେ ୱିକେଟ ପଡ଼ିବାରୁ ଦଳ ୫୭ ରନ୍‌ରେ ୪ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ପେରୀଙ୍କୁ ସହଯୋଗ କରିଥିଲେ ରିଚା ଘୋଷ। ଉଭୟ ୫ମ ୱିକେଟରୁ ୩୮ ବଲ୍ ଖେଳି ୫୦ ରନ୍ ଉଠାଇଥିଲେ। ରିଚା ୨୫ ବଲ୍‌ରୁ ୨୮ ଓ ୱେୟାରହାମ୍ ୬ ରନ୍‌ରେ ଆଉଟ ହେବା ପରେ ପେରୀଙ୍କୁ ମିଳିଥିଲା କିମ୍ ଗାର୍ଥଙ୍କ ସହଯୋଗ। ଏମାନେ ୮ମ ୱିକେଟରୁ ୨୫ ବଲ୍‌ରେ ୪୬ ରନ୍ ଉଠାଇବା ଫଳରେ ବେଙ୍ଗାଲୁରୁ ଦେଢ଼ଶ ରନ୍ ଅତିକ୍ରମ କରିଥିଲା। ପେରି ସର୍ବାଧିକ ୮୧ ରନ୍ କରି ଆଉଟ ହୋଇଥିଲେ। ସେ ମାତ୍ର ୪୩ ବଲ୍ ଖେଳି ୧୧ ଚୌକା ଓ ୨ଛକା ସହ ଏହି ରନ୍ ସଂଗ୍ରହ କରିଥିଲେ। ମୁମ୍ବାଇର କିମ୍ ଗାର୍ଥ ସର୍ବାଧିକ ୩ଟି ୱିକେଟ ପାଇଥିଲେ।

### ଜାତୀୟ ବରିଷ୍ଠ କବାଡି ଚାମ୍ପିଅନସିପ୍

# ଓଡ଼ିଶାର ଦ୍ୱିତୀୟ ବିଜୟ



**କଟକ,୨୧।୨(ସମିସ):** ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଖେଳାଯାଉଥିବା ୭୧ତମ ବରିଷ୍ଠ ପୁରୁଷ ଜାତୀୟ କବାଡି ଚାମ୍ପିଅନସିପ୍‌ରେ ଘରୋଇ ଓଡ଼ିଶା ଦଳର ବିଜୟ ଧାରା ଅବ୍ୟାହତ ରହିଛି। ପୁଲ-ଏଫରେ ସ୍ଥାନ ପାଇଥିବା ଓଡ଼ିଶା ଲିଗ୍ ପର୍ଯ୍ୟାୟରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଦର୍ଭକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିବା ଆୟୋଜକ ଓଡ଼ିଶା ଆଜି ଦ୍ୱିତୀୟ ମୁକାବିଲାରେ ଝାଡଖଣ୍ଡକୁ ଭେଟିଥିଲା। ଦଳ ୫୪-୨୮ ପଏଣ୍ଟରେ ବିଜୟୀ ହୋଇଛି।

ଓଡ଼ିଶା କବାଡି ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆଜି ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସଂଘର ପ୍ରତିନିଧି ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ କବାଡି ମହାସଂଘର ନିର୍ଦ୍ଦେଶକ ତେଜସ୍ୱୀ ଗେଲଟ୍, ଭାରତୀୟ ଆର୍ମେଚର କବାଡି ସଂଘର ସଭାପତି ବିଭୋର ରିନୀତ ଜୈନ୍, ତାମିଲନାଡୁ କବାଡି ସଂଘର ସଭାପତି ମୋଲେ ରାଜା, ସଂପାଦକ ସଫି ଉଲ୍ଲା, ଏସିଆନ କବାଡି ଫେଡେରସନର ବୈଶୟିକ ନିର୍ଦ୍ଦେଶକ କୁଲଦୀପ୍ ଗୁପ୍ତା, ଉତ୍ତରପ୍ରଦେଶ କବାଡି ସଂଘର ସଭାପତି ବିକାଶ ସିଂହ, ସଂପାଦକ ରାଜେଶ ସିଂହ, ଛତିଶଗଡ କବାଡି ସଂଘର ସଭାପତି ଶଶୀ ବାଗଲ, ଅନ୍ତର୍ଜାତୀୟ କବାଡି ଫେଡେରସନର ବୈଷୟିକ ନିର୍ଦ୍ଦେଶକ ଇଂ ପ୍ରସାଦ ରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କଟକରେ ଏଭଳି ଆୟୋଜନକୁ ପ୍ରଶଂସା କରିଥିଲେ। ଓଡ଼ିଶା କବାଡି ସଂଘର ସଭାପତି ଡଃ ଶରତ କୁମାର ସାହୁ, ସଂପାଦକ ଅଜୟ ବେହେରା, ଉପସଭାପତି ପାର୍ଥଭୀର ଭୂୟାଁ ଓ ସଦସ୍ୟ ବିରେନ୍ଦ୍ର ସ୍ୱାଇଁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଆଜି ଅନୁଷ୍ଠିତ ଅନ୍ୟ ମ୍ୟାଚରେ ସର୍ଭିସେସ୍ ଦଳ ଛତିଶଗଡକୁ ୩୭ ପଏଣ୍ଟରେ, ଗୋଆ ୮ ପଏଣ୍ଟରେ ଜମ୍ମୁ-କଶ୍ମୀରକୁ, ରାଜସ୍ଥାନ ୨୯ ପଏଣ୍ଟରେ ଝାଡଖଣ୍ଡକୁ, କର୍ଣ୍ଣାଟକ ୨୦ ପଏଣ୍ଟରେ ଉତ୍ତରାଖଣ୍ଡକୁ, ପଞ୍ଜାବ ୨୫ ପଏଣ୍ଟରେ ବେଙ୍ଗାଲୁରୁକୁ, ଉତ୍ତରପ୍ରଦେଶ ୧୬ ପଏଣ୍ଟରେ ଆସାମକୁ, ତାମିଲନାଡୁ ୨୨ ପଏଣ୍ଟରେ ପଣ୍ଡିଚେରୀକୁ, ହରିୟାଣା ୨୦ ପଏଣ୍ଟରେ ଦିଲ୍ଲୀକୁ, ରେଲୱେ ୧୮ ପଏଣ୍ଟରେ ବିହାରକୁ, ମହାରାଷ୍ଟ୍ର ୧୩ ପଏଣ୍ଟରେ ହିମାଚଳ ପ୍ରଦେଶକୁ, ଚଣ୍ଡିଗଡ ୧୯ ପଏଣ୍ଟରେ ମଧ୍ୟଦେଶକୁ, ଆନ୍ଧ୍ରପ୍ରଦେଶ ୧ ପଏଣ୍ଟରେ ଗୁଜରାଟକୁ, ସର୍ଭିସେସ୍ ୧୧ ପଏଣ୍ଟରେ ଗୋଆକୁ, ଛତିଶଗଡ ୩ ପଏଣ୍ଟରେ ଜମ୍ମୁ ଓ କଶ୍ମୀରକୁ, ରାଜସ୍ଥାନ ୨୮ ପଏଣ୍ଟରେ ବିଦର୍ଭକୁ, ହିମାଚଳ ପ୍ରଦେଶ ୧୯ ପଏଣ୍ଟରେ କେରଳକୁ ହରାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS